

‘ହାଉସ୍‌ଫୁଲ୍-୫’ରେ ଅନୀଲ-ନାନା

▶ଭିତର ପୃଷ୍ଠାରେ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-261 •BHUBANESWAR •SATURDAY •16 MARCH 2024 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୨୬୧ •ଭୁବନେଶ୍ୱର •ଶନିବାର •୧୬ ମାର୍ଚ୍ଚ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦


# ଆଜି ବାଜିବ ନିର୍ବାଚନୀ ବିଗୁଲ୍

## ଅପରାହ୍ଣ ୩ଟାରେ ତାରିଖ ଘୋଷଣା କରିବେ ନିର୍ବାଚନ କମିଶନ

■ **ନୂଆଦିଲ୍ଲୀ, ୧୫।୩ (ସମିସ):** ଆସନ୍ତାକାଲି ବାଜିବ ୨୦୨୪ ସାଧାରଣ ନିର୍ବାଚନର ପ୍ରଥମ ଦୁନ୍ଦୁଭି। ଅପରାହ୍ଣ ୩ଟା ସମୟରେ ନିର୍ବାଚନ କମିଶନ ସାଧାରଣ ନିର୍ବାଚନ ସହ ଓଡ଼ିଶା, ସିକିମ୍, ଅରୁଣାଚଳ ପ୍ରଦେଶ ଓ ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନ ନିମନ୍ତେ ତାରିଖ ଘୋଷଣା କରିବେ। ପ୍ରଥମ ଥର ପାଇଁ ଦେଶର ୨ କୋଟି ନୂଆ ଭୋଟରଙ୍କ ସହ ୯୭.୮୮ କୋଟି ଭୋଟର ୨୦୨୪ରେ ଦିଲ୍ଲୀ ସିଂହାସନ ନିମନ୍ତେ ନିଜର ମତାଧିକାର ସାବ୍ୟସ୍ତ କରିବେ।



- ସାରା ଦେଶରେ ୭ରୁ ୮ ପର୍ଯ୍ୟାୟରେ ହେବ ଭୋଟ ଗ୍ରହଣ
- ଓଡ଼ିଶା ସହ ୪ ରାଜ୍ୟରେ ବିଧାନସଭା ନିର୍ବାଚନ ବିଜ୍ଞପ୍ତି
- ପ୍ରଥମଥର ଭୋଟ ଦେବେ ଦେଶର ୨ କୋଟି ନୂଆ ଭୋଟର
- ସାରା ଦେଶରେ ମତାଧିକାର ସାବ୍ୟସ୍ତ କରିବେ ୯୭.୮ କୋଟି

ଆସନ୍ତାକାଲି ନିର୍ବାଚନ କମିଶନଙ୍କ ଘୋଷଣା ସହ ସାରା ଦେଶରେ ଆଦର୍ଶ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଯିବ। କୁହାଯାଉଛି ଯେ ୫୪୩ ଲୋକସଭା ଆସନ ପାଇଁ ସାରା ଦେଶରେ ୭ରୁ ୮ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ କମିଶନ ଗତ ୮ ଫେବୃଆରୀରେ ୨୮ ରାଜ୍ୟ ଓ ୮ କେନ୍ଦ୍ରଶାସିତ ପ୍ରଦେଶର ଭୋଟରଙ୍କ ସୂଚୀ ଜାରି କରି ସାରିଛନ୍ତି । ୧୮ରୁ ୨୯ ବର୍ଷ ବୟସ ବର୍ଗର ପ୍ରାୟ ୨ କୋଟି ନୂଆ ଭୋଟର ଏହି ସୂଚୀରେ ସାମିଲ ହୋଇଛନ୍ତି । ୨୦୧୯ ଲୋକସଭା ନିର୍ବାଚନ ତୁଳନାରେ ଅଧିକ ୬% ଭୋଟର ଅର୍ଥାତ ୯୭.୮୮ କୋଟି ମତଦାତା ଆଗାମୀ ନିର୍ବାଚନରେ ନିଜର ମତାଧିକାର ସାବ୍ୟସ୍ତ କରିବେ । ଯାହା ସାରା ବିଶ୍ୱରେ ସର୍ବାଧିକ। ସେହିପରି ଆଗାମୀ ନିର୍ବାଚନରେ ପୁରୁଷ-ମହିଳା ଭୋଟର ଅନୁପାତ ୨୦୧୯ରେ ୧୦୦୦: ୯୪୦ରୁ ବୃଦ୍ଧି ପାଇ ୧୦୦୦: ୯୪୮ରେ ପହଞ୍ଚିଥିବା ନିର୍ବାଚନ କମିଶନ ସୂଚନା ଦେଇଥିଲେ ।

ଦେଶରେ ସାଧାରଣ ନିର୍ବାଚନ ସହ ସିକିମ୍‌ର ୩୨, ଅରୁଣାଚଳ ପ୍ରଦେଶର ୬୦, ଓଡ଼ିଶାର ୧୪୭ ଓ ଆନ୍ଧ୍ରପ୍ରଦେଶର ୧୭୫ ବିଧାନସଭା ଆସନ ନିମନ୍ତେ ମଧ ନିର୍ବାଚନ ଅନୁଷ୍ଠିତ ହେବ । ବଡ଼ ରାଜ୍ୟ ଓ ଆଇନଶୃଙ୍ଖଳା ଦୃଷ୍ଟିରୁ ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ପରି କେତେକ ରାଜ୍ୟରେ ୭ରୁ ୮ ପର୍ଯ୍ୟାୟରେ ନିର୍ବାଚନ ହୋଇପାରେ। ମାତ୍ର ବିଧାନସଭା ନିର୍ବାଚନ ହେଉଥିବା ୪ ରାଜ୍ୟ ଓଡ଼ିଶା, ସିକିମ୍, ଆନ୍ଧ୍ରପ୍ରଦେଶ ▶ପୃଷ୍ଠା-୯

# ସରଳ ହେଲା ଶିକ୍ଷକ ଓ ଅଣଶିକ୍ଷକଙ୍କ ଏମ୍‌ଏସିପିଏସ୍ ଓ ପିଏଚ୍‌ଡି ନିୟମ

**ପିଏଚ୍‌ଡି ପାଇଁ ପ୍ରଦାନ କରାଯିବ ୨ଟି ଅଗ୍ରୀମ ବୃଦ୍ଧି**

**‘୫-ଟି’ ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ ମିଳିଥିଲା ପ୍ରସ୍ତାବ**

■ **ଭୁବନେଶ୍ୱର, ୧୫।୩ (ସମିସ):** ପୂର୍ଣ୍ଣ ସହାୟତା ପାଉଥିବା ବେସରକାରୀ ମହାବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ସୁବିଧା ପାଇଁ ଓଡ଼ିଶା ସଂଶୋଧିତ ବେତନ ହାର ନିୟମ ୨୦୧୭ ଅନୁଯାୟୀ ପ୍ରଦାନ କରାଯାଉଥିବା ପରିବର୍ତ୍ତିତ ନିଶ୍ଚିତ କ୍ୟାରିୟର ପ୍ରଗତି ଯୋଜନା (ଏମ୍‌ଏସିପିଏସ୍)କୁ ସରଳ କରାଯାଇଛି। ପୂର୍ବରୁ ଶତପ୍ରତିଶତ ଦରମା ପାଇବା ପରେ ଏମ୍‌ଏସିପିଏସ୍ ନିର୍ଣ୍ଣୟ କରାଯାଉଥିଲା। ଏଣିକି ଏଥିରେ ପରିବର୍ତ୍ତନ କରାଯାଇ ପ୍ରଥମ ଅନୁଦାନ ପାଇବା ଦିନକୁ ଭିତ୍ତି କରି ଏମ୍‌ଏସିପିଏସ୍ ନିର୍ଣ୍ଣୟ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ▶ପୃଷ୍ଠା-୯

# ବନ୍ୟପ୍ରାଣୀଙ୍କ ସହ ସେଲ୍‌ଫି, ଭିଡିଓ କଲେ ୭ ବର୍ଷ ଜେଲ୍

**କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସବୁ ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ ଦେଲେ ପିସିସିଏଫ୍**

**ଆକାଉଣ୍ଟ ଡିଲିଟ୍ ପାଇଁ ୟୁ-ଟ୍ୟୁବ୍‌କୁ ଚିଠି ଲେଖିବ ବନ୍ୟପ୍ରାଣୀ ମୁଖ୍ୟାଳୟ**

■ **ଭୁବନେଶ୍ୱର, ୧୫।୩ (ସମିସ):** ଏଣିକି ବନ୍ୟପ୍ରାଣୀଙ୍କ ସହ ସେଲ୍‌ଫି କିମ୍ବା ଭିଡିଓ କଲେ, ଆଉ ନିସ୍ତାର ନାହିଁ। ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ବନ୍ୟପ୍ରାଣୀ ସୁରକ୍ଷା ଆଇନ-୧୯୭୨ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଏପରିକି ୭ବର୍ଷ ପର୍ଯ୍ୟନ୍ତ ଜେଲ୍ ମଧ ହୋଇପାରେ। ଏନେଇ ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟାଳୟ ପକ୍ଷରୁ ବିଧିବଦ୍ଧ ଭାବେ ନିର୍ଦ୍ଦେଶନାମା ଜାରି କରାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟର ବିଭିନ୍ନ ସ୍ଥାନରେ ବନ୍ୟପ୍ରାଣୀଙ୍କ ସହ ସେଲ୍‌ଫି/ଫଟୋ କିମ୍ବା ଭିଡିଓ କରି ଏହାକୁ ସୋସିଆଲ୍ ମିଡିଆରେ ପୋଷ୍ଟ କରାଯାଉଛି। ବହୁ ୟୁ-ଟ୍ୟୁବର୍ ନିଜର ସୋସିଆଲ୍ ମିଡିଆ ଆକାଉଣ୍ଟରେ ସାପଧରା ଭିଡିଓଠୁ ଆରମ୍ଭ କରି ମାଙ୍କଡ଼ ଓ ଶୁଆ ଆଦି ପଶୁପକ୍ଷୀଙ୍କ ସହ ଭିଡିଓ ପୋଷ୍ଟ କରୁଛନ୍ତି। ଏହାକୁ ବନ ବିଭାଗ ଗୁରୁତ୍ୱର ସହ ନେଇ କଡ଼ା କଟକଣା ଜାରି କରିଛି। ଏଭଳି ଘଟଣା ପଦାକୁ ଆସିଲେ, ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି। ଏ ସଂପର୍କରେ ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ ▶ପୃଷ୍ଠା-୯

# ଦୁର୍ଘଟଣାରେ ପ୍ରସନ୍ନ ଆଚାର୍ଯ୍ୟ ଗୁରୁତର

■ **ସମ୍ବଲପୁର/ଭୁବନେଶ୍ୱର, ୧୫।୩ (ସମିସ):** ସମ୍ବଲପୁର-ଅନୁଗୋଳ ଜାତୀୟ ରାଜପଥର ରେଢ଼ାଖୋଲ ଲୁହାପଙ୍କ ନିକଟସ୍ଥ ବୁଲାଣିରେ ଏକ ଦୁର୍ଘଟଣାରେ ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଗୁରୁତର ଆହତ ହୋଇଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଥିଲା। ତାଙ୍କୁ ଏକ ଘରୋଇ ମେଡିକାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ହେଲେ ଅବସ୍ଥାରେ ସୁଧାର ନ ଆସିବାରୁ ଶୁକ୍ରବାର ତାଙ୍କୁ ଏୟାରଲିଫ୍ଟ କରାଯାଇ ଭୁବନେଶ୍ୱର ଅଣାଯାଇଛି। ଶ୍ରୀ ଆଚାର୍ଯ୍ୟଙ୍କ ମୁହଁ ସମ୍ମୁଖ ଭାଗରେ ଗୁରୁତର ଆଘାତ ଲାଗିଛି। ୩୫ ଗୋଟି ଷ୍ଟିଚ୍ ପଡ଼ିଛି। ତାଙ୍କ ଅବସ୍ଥା ସ୍ଥିର ରହିଥିବା ଡାକ୍ତର କହିଛନ୍ତି। ଅପରପକ୍ଷେ ଏହି ଦୁର୍ଘଟଣାରେ କାର୍‌ର ଆଗ ସିଟ୍‌ରେ ବସିଥିବା ପିଏସ୍‌ଓ ରାଘବ ପ୍ରଧାନଙ୍କ ବାମ ଗୋଡ଼ରେ ଆଘାତ ଲାଗିଥିଲା। ଗାଡ଼ି ଚାଳକ ଶେଖ୍ ଅବଦୁଲାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଡାକ୍ତରଖାନା ସୂତ୍ରରୁ ପ୍ରକାଶ।

ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ବିଜେଡିର ବରିଷ୍ଠ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ପୂର୍ବତନ ରାଜ୍ୟସଭା ସାଂସଦ ତଥା ବିଜେଡି ଉପସଭାପତି ଶ୍ରୀ ଆଚାର୍ଯ୍ୟ ଦୁର୍ଘଟଣାର ଶିକାର ହୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ଖବର ପାଇ ମୁଖ୍ୟମନ୍ତ୍ରୀ ଚିନ୍ତାବ୍ୟକ୍ତ ▶ପୃଷ୍ଠା-୯



- ରେଢ଼ାଖୋଲର ଲୁହାପଙ୍କ ଛକରେ ଟ୍ୟାଙ୍କର୍-କାର୍ ଧକ୍କା
- ସମ୍ବଲପୁରରୁ ଏୟାରଲିଫ୍ଟିଂରେ ଅଣାଗଲା ଭୁବନେଶ୍ୱର
- ପ୍ରସନ୍ନଙ୍କ ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ
- ଡାକ୍ତରଖାନାରେ ଭେଟିଲେ ପାଣ୍ଡିଆନ ଓ ପ୍ରଣବ ପ୍ରକାଶ










## ଦୁଇ ଇସିଙ୍କ ନିଯୁକ୍ତିକୁ ନେଇ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

# ମାମଲା ବିଚାରାଧୀନ ଥିବାବେଳେ କେମିତି ହେଲା ନିଯୁକ୍ତି

ନୂଆଦିଲ୍ଲୀ, ୧୫ ।୩(ଏଜେନ୍ସି)

ସିଇସି ଓ ଇସି,ଆଇନ-୨୦୨୩ ଆଇନ ଅଧିନରେ ଦୁଇ ନୂଆ ନିର୍ବାଚନ କମିଶନର(ଇସି)ଙ୍କ ନିଯୁକ୍ତି ରଦ୍ଦ କରିବା ଆବେଦନକୁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ନୂଆ ଆଇନର ବୈଧତାକୁ ଚ୍ୟାଲେଞ୍ଜ କରାଯାଇଥିବା ମାମଲା ବିଚାରାଧୀନ ଥିବା ବେଳେ ନୂଆ ଇସି ନିଯୁକ୍ତି କିପରି କରାଗଲା ବୋଲି ଜଷ୍ଟିସ ସଞ୍ଜୀବ ଖାନ୍ନା, ଦୀପଙ୍କର ଦତ୍ତା ଓ ଅଗଷ୍ଟାଇନ ଜର୍ଜ ମାସିହଙ୍କ ଖଣ୍ଡପୀଠ କେନ୍ଦ୍ରକୁ ପ୍ରଶ୍ନ କରିଛନ୍ତି। ଏହା ଉପରେ ୨୧ ତାରିଖ ସୁଦ୍ଧା ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୧ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କୋର୍ଟ କହିଛନ୍ତି। ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର) ପକ୍ଷରୁ ଏହି ଆବେଦନ ଦାଏର କରାଯାଇଥିଲା। ଏଡିଆର ଓକିଲ ଜୟା ଠାକୁର ସୁପ୍ରିମକୋର୍ଟରେ ଏକ ରିଟ୍ ପିଟିସନ ଦାଖଲ କରି ନୂଆ ଇସି ଦ୍ୱୟଙ୍କ ନିଯୁକ୍ତି ଉପରେ ରହିତାଦେଶ ଦିଆଯିବା ନିମନ୍ତେ ପ୍ରାର୍ଥନା କରିଥିଲେ। ତେବେ ମାମଲାର ଶୁଣାଣି କରି ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ଭାବେ କୌଣସି ଆଇନ ଉପରେ ରହିତାଦେଶ ଦିଆଯାଇ ନ ଥାଏ ବୋଲି ସୁପ୍ରିମକୋର୍ଟ କହିଥିଲେ।

ସିଇସି ଓ ଇସି ଚୟନ ପ୍ରକ୍ରିୟାରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି(ସିଜେଆଇ)ଙ୍କର କୌଣସି ଭୂମିକା ଯେପରି ନରହେ ତାହା ନିଶ୍ଚିତ କରାଯିବା ଲକ୍ଷ୍ୟରେ କେନ୍ଦ୍ର ସରକାର ୨୦୨୩ରେ ସଂସଦରେ ନୂଆ ଆଇନ ପ୍ରଣୟନ କରି ତଦନୁଯାୟୀ ଗତକାଲି ନୂଆ ଦୁଇ ଇସି ଜ୍ଞାନେଶ କୁମାର ଓ ସୁଖବୀର ସାନ୍ଧୁଙ୍କୁ ନିଯୁକ୍ତି ଦେବାକୁ ରାଷ୍ଟ୍ରପତିଙ୍କୁ ସୁପାରିସ କରିଛନ୍ତି। ପୂର୍ବରୁ ଥିବା ଆଇନରେ ବ୍ୟବସ୍ଥା ଥିଲା ଯେ ସିଇସି ଓ ଇସି ଚୟନକର୍ତ୍ତାମଣ୍ଡଳୀରେ ପ୍ରଧାନମନ୍ତ୍ରୀ, ସିଜେଆଇ ଓ ବିରୋଧୀ ଦଳ ନେତା-ଏହି ତିନି ଜଣ ରହିବେ। ନୂଆ ଆଇନରେ ବ୍ୟବସ୍ଥା ଅଛି, ଚୟନକର୍ତ୍ତା ୩ଜଣଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ତୃତୀୟ ସଦସ୍ୟ ଭାବେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମନୋନୀତ ଜଣେ କେନ୍ଦ୍ର ମନ୍ତ୍ରୀ ରହିବେ। ସରକାର ଯାହାକୁ ଚାହିଁବେ ତାଙ୍କୁ ଅର୍ଥାତ ସରକାରଙ୍କ ଇସାରାକୁ ବୁଝି କାର୍ଯ୍ୟ କରିବାକୁ ସମ୍ମତ ଥିବା ୟେସ ମ୍ୟାନଙ୍କୁ ସିଇସି କିମ୍ବା ଇସି ଭାବେ ନିଯୁକ୍ତି ଦେଇପାରିବେ।



### ଇସିଙ୍କ ଦାୟିତ୍ୱ ଗ୍ରହଣ

ନୂଆ ନିର୍ବାଚନ କମିଶନର (ଇସି) ଜ୍ଞାନେଶ କୁମାର ଏବଂ ସୁଖୀବର ସିଂହ ସନ୍ଧୁ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଗତ ୧୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଚୟନ କମିଟି ଉଭୟଙ୍କ ନିଯୁକ୍ତିକୁ ମୋହର ମାରିଥିଲା। ଗତ ୯ ତାରିଖରେ ଅଚାନକ ଅରୁଣ ଗୋୟଲଙ୍କ ଇସ୍ତଫା ପରେ ୨ଟି ଇସି ପଦବୀ ଖାଲି ରହିଥିଲା। ଜ୍ଞାନେଶ କୁମାର ଫେବୃଆରୀରେ ସମବାୟ ମନ୍ତ୍ରାଳୟର ସଚିବ ପଦରୁ ଅବସରଗ୍ରହଣ କରିଥିଲେ। ସେହିପରି ସୁଖବୀର ସିଂହ ସନ୍ଧୁ ଉତ୍ତରଖଣ୍ଡ ସରକାରଙ୍କ ପୂର୍ବତନ ମୁଖ୍ୟ ସଚିବ ଥିଲେ। ସେ ଚଳିତ ବର୍ଷ ଜାନୁଆରୀ ୩୧ରେ ମୁଖ୍ୟ ସଚିବ ପଦରୁ ଅବସରଗ୍ରହଣ କରିଥିଲେ।

■ ତଥ୍ୟରେ ନାହିଁ ନିର୍ବାଚନୀ ବଣ୍ଡ ନମ୍ବର

## ଏସ୍‌ବିଆଇକୁ ସୁପ୍ରିମକୋର୍ଟଙ୍କ ନୋଟିସ୍

ସୁପ୍ରିମକୋର୍ଟ ଆଜି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସବିଆଇ)କୁ ନୋଟିସ୍ ଦେଇ ବିକ୍ରି ହୋଇ ଭଙ୍ଗା ଯାଇଥିବା ଓ ବିକ୍ରି ହୋଇ ମଧ୍ୟ ଭଙ୍ଗା ଯାଇନଥିବା ପ୍ରତିଟି ନିର୍ବାଚନୀ ବଣ୍ଡ(ଇଲେକଟୋରାଲ ବଣ୍ଡ ବା ଇବି)ର ଅଦୃଶ୍ୟ(ଖାଲିଆଖିରେ ଦେଖାଯାଉନଥିବା) ଆଲଫାନ୍ୟୁମେରିକ୍ ନମ୍ବର କାହିଁକି ଇଲେକ୍ସନ୍ କମିଶନ ଅଫ୍ ଇଣ୍ଡିଆ(ଇସିଆଇ)ଙ୍କୁ ଦେଇନାହିଁ ତାହାର ଜବାବ ଆସନ୍ତା ସୋମବାର ଦିନ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ବିଚାରପତି ସଞ୍ଜୀବ ଖାନ୍ନା, ବିଆର୍ ଗାଭାଇ, ଜେବି ପର୍ଦ୍ଦିୱାଲା ଓ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କୁ ଆଡଭୋକେଟ୍ ପ୍ରଶାନ୍ତଭୂଷଣ କହିଥିଲେ ଯେ ଇସିଆଇଙ୍କୁ ଏସବିଆଇ ଯେଉଁ ନିର୍ବାଚନୀ ବଣ୍ଡ ତଥ୍ୟ ଦେଇଛି ଓ ଯାହା ଇସିଆଇ ୱେବସାଇଟରେ ଅପଲୋଡ୍ ହୋଇଛି ସେଥିରେ ବଣ୍ଡଗୁଡ଼ିକର ଆଲଫାନ୍ୟୁମେରିକ୍ ନମ୍ବର ସମ୍ପର୍କିତ ସୂଚନା ନାହିଁ। ଇସିଆଇଙ୍କୁ ଏସବିଆଇ ଏହି ନମ୍ବରଗୁଡ଼ିକର ସୂଚନା ଦେଇନାହିଁ। ସୁପ୍ରିମକୋର୍ଟ ସିବିଆଇକୁ ନିର୍ବାଚନୀ ବଣ୍ଡ ସଂକ୍ରାନ୍ତୀୟ ସମ୍ପୂର୍ଣ୍ଣ ତଥ୍ୟ ଇସିଆଇଙ୍କୁ ଦେବାକୁ ନିର୍ଦ୍ଦେଶ ଦେଇଥିଲେ, ଅଥଚ ଏସବିଆଇ ସମ୍ପୂର୍ଣ୍ଣ ତଥ୍ୟ ଦେଇନାହିଁ। ଅର୍ଥାତ କିଏ କେତେ ନମ୍ବର ବଣ୍ଡ କିଣିଛନ୍ତି ଓ ସେହି ନମ୍ବରର ବଣ୍ଡ କେଉଁ ରାଜନୈତିକ ଦଳ ଭଙ୍ଗାଇଛି ସେ ତଥ୍ୟ ଏସବିଆଇ ଦେଇନାହିଁ। ଶୁଣାଣି ବେଳେ ଆଡଭୋକେଟ୍ କପିଲ ସିବଲ କହିଥିଲେ ଯେ ୨ଜି ମାମଲାରେ ସର୍ବୋଚ୍ଚ ଅଦାଲତ ଯେପରି ଏକ ସ୍ପେଶାଲ ଇନଭେଷ୍ଟିଗେସନ୍ ଟିମ୍(ଏସଆଇଟି) ଗଠନ କରି ତଦନ୍ତ ଭାର ସମର୍ପିଥିଲେ ଏବେ ନିର୍ବାଚନୀ ବଣ୍ଡ ବିଷୟରେ ଯାଞ୍ଚ କରିବାକୁ ଅନୁରୂପ ଏକ ଏସଆଇଟି ଗଠନ କରାଯିବା ଠିକ୍ ହେବ। ଏସଆଇଟି ଯାଞ୍ଚ କରିବ ଏସବିଆଇ ଦେଇଥିବା ତଥ୍ୟ ପୂର୍ଣ୍ଣାଙ୍ଗ ତଥା ବ୍ୟବସ୍ଥିତ କି ନୁହେଁ। କେଉଁ ରାଜନୈତିକ ଦଳ କେତେ ପାଣ୍ଠି ପାଇଛି ତାହା ତଦନ୍ତର ବିଷୟ। ପୁଣି ପ୍ରଧାନମନ୍ତ୍ରୀଙ୍କ କେୟାର ଫଣ୍ଡକୁ କେଉଁ କମ୍ପାନୀସବୁ ଓ ବ୍ୟକ୍ତିମାନେ କେତେ ଦାନ ଦେଇଛନ୍ତି ତାହା ମଧ୍ୟ ଜଣାପଡ଼ିବା ଦରକାର।

## ପୂର୍ବତନ ନୌସେନା ମୁଖ୍ୟ ରାମଦାସଙ୍କ ପରଲୋକ

ହାଇଦରାବାଦ, ୧୫।୩ (ଏଜେନ୍ସି)



ପୂର୍ବତନ ନୌସେନା ମୁଖ୍ୟ ଆଡମିରାଲ ଲକ୍ଷ୍ମୀନାରାୟଣ ରାମଦାସଙ୍କ ଶୁକ୍ରବାର ସକାଳେ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୯୦ ବର୍ଷ ହୋଇଥିଲା। ସିକନ୍ଦରାବାଦର ମିଲିଟାରୀ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଥିଲା। ସେ ୧୯୩୩ ସେପ୍ଟେମ୍ବର ୫ରେ ବମ୍ବେର ମଟୁଙ୍ଗାରେ ଜନ୍ମଗ୍ରହଣ କରିଥିଲେ। ୧୯୫୩ରେ ନୌସେନାରେ ସାମିଲ ହୋଇଥିଲେ। ଆଡମିରାଲ ରାମଦାସ ୧୯୯୦-୯୩ରେ ନୌସେନା ମୁଖ୍ୟ ପଦରୁ ଅବସରଗ୍ରହଣ କରିଥିଲେ। ତାଙ୍କ ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ମିଳିଥିଲା। କୋଚିନରେ ନାଭାଲ ଏକାଡେମି ପ୍ରତିଷ୍ଠା ସହିତ ସେ ଆଇଏନଏସ ବିଜ୍‌ର ନେତୃତ୍ୱ ନେଇଥିଲେ। ଏହି ଜାହାଜ ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ସେ ୧୯୭୩-୭୬ରେ ପଶ୍ଚିମ ଜର୍ମାନୀର ବନ୍‌ରେ ଭାରତୀୟ ନୌସେନାର ଆଟାଚେ ମଧ୍ୟ ନିଯୁକ୍ତ ଥିଲେ।

## ଲଟେରୀ ସଂସ୍ଥା ମାଲିକ କିଣିଛନ୍ତି ୧୩୬୮ କୋଟିର ନିର୍ବାଚନୀ ବଣ୍ଡ

ନୂଆଦିଲ୍ଲୀ, ୧୫ ।୩(ଏଜେନ୍ସି)

ତାମିଲନାଡୁର ଫ୍ୟୁଚର ଗେମିଂ ଆଣ୍ଡ ହୋଟେଲ ସର୍ଭିସେସ ପିଆର ନାମକ ସଂସ୍ଥା ୧୩୬୮ କୋଟି ଟଙ୍କାର ନିର୍ବାଚନୀ ବଣ୍ଡ କିଣିଛି। ସବୁଠାରୁ ଅଧିକ ଟଙ୍କାର ନିର୍ବାଚନୀ ବଣ୍ଡ କିଣିଥିବା ସଂସ୍ଥା/ବ୍ୟକ୍ତିଙ୍କ ତାଲିକାରେ ଏହି ଲଟେରୀ ସଂସ୍ଥା ପ୍ରଥମ ସ୍ଥାନରେ ରହିଛି। ଇଲେକ୍ସନ୍ କମିଶନ ଅଫ୍ ଇଣ୍ଡିଆ(ଇସିଆଇ)ଙ୍କ ୱେବସାଇଟରେ ଅପଲୋଡ୍ ହୋଇଥିବା ନିର୍ବାଚନୀ ବଣ୍ଡ ସଂକ୍ରାନ୍ତୀୟ ତଥ୍ୟରୁ ଏହା ଜଣାପଡ଼ିଛି। ସେହିଭଳି ୧୧୮୬ କୋଟି ଟଙ୍କାର ବଣ୍ଡ କିଣି ତେଲେଙ୍ଗାନାର ମେଘା ଇଜିନିୟରିଂ ଆଣ୍ଡ ଇନଫ୍ରାଷ୍ଟ୍ରକଚରର୍ସ ଲିଃ ଓ ଏହାର ସହଯୋଗୀ କମ୍ପାନୀ ଦ୍ୱିତୀୟ ସ୍ଥାନରେ, ୪୧୦ କୋଟି ଟଙ୍କାର ବଣ୍ଡ କିଣି ଥାନେର କ୍ୱିକ୍ ସପ୍ଲାଇ ଚେନ୍ ପ୍ରା ଲିଃ ତୃତୀୟ ସ୍ଥାନରେ, ୪୦୦ କୋଟି ୭୦ଲକ୍ଷ ଟଙ୍କାର ବଣ୍ଡ କିଣି ବେଦାନ୍ତ ଲିଃ ଚତୁର୍ଥ ସ୍ଥାନରେ ଓ ୩୭୭ କୋଟି ଟଙ୍କାର ବଣ୍ଡ କିଣି ହଳଦିଆ ଏନର୍ଜି ଲିଃ ପଞ୍ଚମ ସ୍ଥାନରେ ରହିଛି। ସର୍ବାଧିକ ଟଙ୍କାର ବଣ୍ଡ କିଣିଥିବା ଏହି ପ୍ରଥମ ୫ କମ୍ପାନୀ ମଧ୍ୟରୁ ତିନିଟି କମ୍ପାନୀ ଫ୍ୟୁଚର ଗେମିଂ, ମେଘା ଇଜିନିୟରିଂ ଓ ବେଦାନ୍ତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଓ ଆୟକର ବିଭାଗର ଚଢ଼ଉ, ସର୍ବେକ୍ଷଣ ବା ନୋଟିସ୍ ପାଇବା ପରେ ନିର୍ବାଚନୀ ବଣ୍ଡ କିଣିଛନ୍ତି। ୨୦୧୯ରୁ ୨୦୨୪ ମଧ୍ୟରେ ୧୨ହଜାର ୧୫୬ କୋଟି ଟଙ୍କାର ବଣ୍ଡ ବିକ୍ରି କରାଯାଇଥିବା ବେଳେ ପ୍ରଥମ ୨୦ ବଡ଼ କ୍ରେତା ପ୍ରାୟ ୬ହଜାର କୋଟି ଟଙ୍କାର ବଣ୍ଡ କିଣିଛନ୍ତି। ବିଜେପି ସବୁଠାରୁ ଅଧିକ ୬୦୬୧ କୋଟି ଟଙ୍କାର ବଣ୍ଡ ପାଇଥିବା ବେଳେ ୧୬୧୦ କୋଟି ଟଙ୍କାର ବଣ୍ଡ ପାଇ ତୃଣମୂଳ କଂଗ୍ରେସ ଦ୍ୱିତୀୟ ସ୍ଥାନରେ, ୧୪୨୨ କୋଟି ଟଙ୍କା ବଣ୍ଡ ପାଇ କଂଗ୍ରେସ ତୃତୀୟ ସ୍ଥାନରେ ରହିଛି। ଲଟେରୀ କିଙ୍ଗ ଭାବେ ଜଣାଶୁଣା ସାଣ୍ଟିଆଗୋ ମାର୍ଟିନ୍ ହେଉଛନ୍ତି ଫ୍ୟୁଚର ଗେମିଂ ଆଣ୍ଡ ହୋଟେଲ ସର୍ଭିସେସ ପିଆର’ର ମାଲିକ। ସେ ସବୁଠାରୁ ବଡ଼ ପରିମାଣ ୧୩୬୮ କୋଟି ଟଙ୍କାର ବଣ୍ଡ କିଣି ତାହାକୁ ବିଭିନ୍ନ ରାଜନୈତିକ ଦଳଙ୍କୁ ଦାନ ଆକାରରେ ଦେଇଛନ୍ତି। ମାର୍ଟିନ୍ ପ୍ରଥମେ ତାମିଲନାଡୁରେ ତାଙ୍କ ଲଟେରୀ ବ୍ୟବସାୟ ୧୯୯୧ରେ ଖୋଲିଥିଲେ। ତାମିଲନାଡୁରେ ଲଟେରୀ ବ୍ୟାନ୍ ହେବା ପରେ ସେ ତାଙ୍କ ବ୍ୟବସାୟ କେରଳ ଓ କର୍ଣ୍ଣାଟକକୁ ଉଠାଇନେଇଥିଲେ। ବର୍ତ୍ତମାନ ଫ୍ୟୁଚର ଗେମିଂ ଅରୁଣାଚଳ ପ୍ରଦେଶ, ଆସାମ, ଗୋଆ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ମଣିପୁର, ମେଘାଳୟ, ମିଜୋରାମ, ନାଗାଲ୍ୟାଣ୍ଡ, ପଞ୍ଜାବ, ସିକ୍କିମ, ଓ ପଶ୍ଚିମବଙ୍ଗ-ଏହି ୧୩ଟି ରାଜ୍ୟରେ ଲଟେରୀ ବ୍ୟବସାୟ ଚଳାଇଛି। ଏହି ୧୩ ରାଜ୍ୟରେ ଲଟେରୀ ବ୍ୟବସାୟ ଏବେବି ଆଇନସଙ୍ଗତ ରହିଛି। ମାର୍ଟିନ୍ ହେଉଛନ୍ତି ଅଲ୍ ଇଣ୍ଡିଆ ଫେଡେରେସନ୍ ଅଫ୍ ଲଟେରୀ ଟ୍ରେଡ ଆଣ୍ଡ ଏଲାଇଡ ଇଣ୍ଡଷ୍ଟ୍ରିଜର ପ୍ରେସିଡେଣ୍ଟ। ଇଡିର ନଜରକୁ ଆସିଥିଲା ଯେ ମାର୍ଟିନ୍ ତାଙ୍କ ଲଟେରୀ ବ୍ୟବସାୟରୁ ଯାହା ଲାଭାର୍ଜନ କରୁଛନ୍ତି ତାହାର ଏକ ବଡ଼ ଅଂଶ ସେ ଖୁଚୁରା ଲଟେରୀ ଟିକେଟ ବିକ୍ରେତାଙ୍କୁ ଉପହାର ଓ ପ୍ରୋତ୍ସାହନ ବାବଦରେ ଦେଉଛନ୍ତି ଓ ତାହାକୁ ବ୍ୟବସାୟ ପରିଚାଳନା ଖର୍ଚ୍ଚ ଭାବେ ଦେଖାଉଛନ୍ତି। କିନ୍ତୁ ଅସଲରେ ସେ ଉପହାର ବା ପ୍ରୋତ୍ସାହନ ରାଶି ଦେବା ବାବଦରେ ବେଶି କିଛି ଖର୍ଚ୍ଚ ନକରି ସେ ଅର୍ଥକୁ ଅନ୍ୟତ୍ର ପ୍ରେରଣ କରୁଛନ୍ତି, ଅର୍ଥାତ୍ ମନିଲଣ୍ଡରିଂ କରୁଛନ୍ତି। ଇଡି ଯାଞ୍ଚ ଆରମ୍ଭ କରିବା ପରେ ମାର୍ଟିନ୍ ୧୩୬୮ କୋଟି ଟଙ୍କାର ନିର୍ବାଚନୀ ବଣ୍ଡ କିଣି ବିଭିନ୍ନ ରାଜନୈତିକ ଦଳଙ୍କୁ ଦାନ କରିଛନ୍ତି। ସେ ହିଁ ଏକମାତ୍ର ଦାତା ଯିଏ ୧୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ନିର୍ବାଚନୀ ବଣ୍ଡ କିଣିଛନ୍ତି।

## ଅମିତାଭ ବଚ୍ଚନଙ୍କ ହେଲା ଆଞ୍ଜିଓପ୍ଲାଷ୍ଟି

ମୁମ୍ବାଇ, ୧୫।୩ (ଏଜେନ୍ସି): ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ବଲିଉଡ ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ଶୁକ୍ରବାର ସକାଳେ ମୁମ୍ବାଇର କୋକିଳାବେନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କ ଆଞ୍ଜିଓପ୍ଲାଷ୍ଟି ହୋଇଛି। ଏବେ ସେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ଅଛନ୍ତି। ସୂଚନା ଅନୁଯାୟୀ ଅମିତାଭଙ୍କ ପାଦରେ ରକ୍ତ ଜମାଟ ବାନ୍ଧିଥିଲା। ଏହାର ଚିକିତ୍ସା ସଠିକ୍ ସମୟରେ ନ ହେଲେ ହୃଦ୍‌ଘାତର ଆଶଙ୍କା ବୃଦ୍ଧି ପାଇଥାନ୍ତା ବୋଲି ମେଡିକାଲ ବିଶେଷଜ୍ଞ କହିଥିଲେ। ତେବେ ଏ ପର୍ଯ୍ୟନ୍ତ ତାଙ୍କର କେଉଁ ପାଦର ଅସ୍ତ୍ରୋପଚାର ହୋଇଛି ତାହା ଜଣାପଡ଼ି ନାହିଁ। ବିଗ୍ ବି ଦ୍ୱିପହରେ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ଧନ୍ୟବାଦ ଦେଇଥିଲେ। ସେ ଅସ୍ତ୍ରୋପଚାର ପରେ ଶୁଭେଚ୍ଛୁଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିବା ଅନୁମାନ କରାଯାଉଛି।

## ଇସ୍ରାଏଲର ଆକ୍ରମଣ; ୨୯ ମୃତ

ଗାଜା, ୧୫।୩ (ଏଜେନ୍ସି): ଉତ୍ତର ଗାଜାର ଏକ ସହାୟତା କେନ୍ଦ୍ରକୁ ଖାଇବା ପାଇଁ ଯାଇଥିବା ପାଲେଷ୍ଟାଇନ ନାଗରିକଙ୍କ ଉପରେ ଇସ୍ରାଏଲ ସେନା ଆକ୍ରମଣ କରିଛି। ଏଥିରେ ୨୧ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଗାଜାର ଅଲ-ନୁସରତ କ୍ୟାମ୍ପ ନିକଟରେ ଥିବା ସହାୟତା ବିତରଣ କେନ୍ଦ୍ରରେ ଇସ୍ରାଏଲ ସେନା ଏୟାରଷ୍ଟ୍ରାଇକ କରିଛି। ଏହି ଆକ୍ରମଣରେ ୮ ଜଣ ପାଲେଷ୍ଟିନୀୟଙ୍କ ଜୀବନ ଯାଇଛି। ଅନ୍ୟପକ୍ଷରେ ନଭେମ୍ବର ୧୯ରେ କାର୍ଗୋ ସିପ୍ ଗ୍ୟାଲେକ୍ସିକୁ ଆକ୍ରମଣ କରି ଏହାର ୨୫ କ୍ରୁ ସଦସ୍ୟଙ୍କୁ ବନ୍ଦୀ ବନାଇ ଥିବା ହୁତି ବିଦ୍ରୋହୀ ଧମକ ଦେଇଛନ୍ତି। ଏହି ବନ୍ଦୀଙ୍କ ଜୀବନ ହମାସ ହାତରେ ରହିଛି ବୋଲି ବିଦ୍ରୋହୀ କହିଛନ୍ତି। ଇସ୍ରାଏଲ-ହମାସ ଯୁଦ୍ଧ ଆରମ୍ଭ ହେବା ପରଠାରୁ ହୁତି ବିଦ୍ରୋହୀ କ୍ରମାଗତ ଭାବେ ଲୋହିତ ସାଗର ଏବଂ ଆରବ ସାଗର ଦେଇ ଯାଉଥିବା ଜାହାଜ ଉପରେ ଆକ୍ରମଣ ଜାରି ରଖିଛନ୍ତି।

## ରାଷ୍ଟ୍ରପତିଙ୍କୁ ଭେଟିଲେ ସନ୍ଦେଶଖାଲି ହିଂସା ପୀଡ଼ିତ

ନୂଆଦିଲ୍ଲୀ, ୧୫।୩ (ଏଜେନ୍ସି): ପଶ୍ଚିମବଙ୍ଗ ସନ୍ଦେଶଖାଲି ହିଂସାର ଶିକାର ହୋଇଥିବା ୫ ମହିଳାଙ୍କ ସମେତ ୧୧ ପୀଡ଼ିତ ଶୁକ୍ରବାର ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି। ଏମାନେ ରାଜ୍ୟରେ ଅନୁସୂଚିତ ଜାତି (ଏସ୍‌ସି) ଏବଂ ଅନୁସୂଚିତ ଜନଜାତି (ଏସ୍‌ଟି) ସମ୍ପ୍ରଦାୟର ସୁରକ୍ଷା ପାଇଁ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଦାବି କରିଛନ୍ତି। ପୀଡ଼ିତମାନେ ରାଷ୍ଟ୍ରପତିଙ୍କୁ ଏକ ଦାବିପତ୍ର ଦେଇଛନ୍ତି ବୋଲି ସେଣ୍ଟର ଫର୍ ଏସ୍‌ସି/ ଏସ୍‌ଟି ସପୋର୍ଟ ଆଣ୍ଡ ରିସର୍ଚ୍ଚର ନିର୍ଦ୍ଦେଶକ ଡ. ପାର୍ଥ ବିଶ୍ୱାସ କହିଛନ୍ତି।

## ମହମ୍ମଦ ମୁସ୍ତଫା ପାଲେଷ୍ଟାଇନର ନୂଆ ପ୍ରଧାନମନ୍ତ୍ରୀ ନିଯୁକ୍ତ

ତେଲ ଆଭିଭ, ୧୫।୩ (ଏଜେନ୍ସି): ମହମ୍ମଦ ମୁସ୍ତଫା ପାଲେଷ୍ଟାଇନର ନୂଆ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ପୂର୍ବ ପ୍ରଧାନମନ୍ତ୍ରୀ ମହମ୍ମଦ ସାତାୟେହଙ୍କ ସମେତ ସମ୍ପୂର୍ଣ୍ଣ କ୍ୟାବିନେଟ ଇସ୍ତଫା ଦେବାର ୧୮ ଦିନ ପରେ ରାଷ୍ଟ୍ରପତି ମହମ୍ମଦ ଅବାସ ତାଙ୍କୁ ନିଯୁକ୍ତ କରିଛନ୍ତି। ସୂଚନା ଅନୁଯାୟୀ ରାଷ୍ଟ୍ରପତି ପାଲେଷ୍ଟାଇନ ଅଥରିଟିର ପ୍ରମୁଖ ହୋଇଥାନ୍ତି। ୱେଷ୍ଟ ବ୍ୟାଙ୍କ ଏବଂ ପୂର୍ବ ଜେରୁଜେଲମରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ରାଷ୍ଟ୍ରପତି ନିର୍ବାଚନ ହୋଇଥାଏ। ୨୦୦୫ରୁ ଅବାସ ପାଲେଷ୍ଟାଇନର ନେତୃତ୍ୱ ନେଉଛନ୍ତି। ସେ ନିଜ ଇଚ୍ଛାରେ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଥାନ୍ତି।

## ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲା

# ୮ ଘଣ୍ଟାର ଚଢ଼ଉ ପରେ କବିତା ଗିରଫ

ହାଇଦରାବାଦ, ୧୫।୩ (ଏଜେନ୍ସି)

ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଲୋକସଭା ନିର୍ବାଚନ ପୂର୍ବରୁ ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେସିଆରଙ୍କ ଝିଅ ତଥା ଏମଏଲସି କେ. କବିତାଙ୍କୁ ୮ ଘଣ୍ଟାର ଜେରା ପରେ ଶୁକ୍ରବାର ସନ୍ଧ୍ୟାରେ ଗିରଫ କରାଯାଇଛି। କେନ୍ଦ୍ରୀୟ ଏଜେନ୍ସି ତାଙ୍କୁ ଜେରା ପାଇଁ ଦିଲ୍ଲୀ ନେଇଯାଇଛି। ଏହା ପୂର୍ବରୁ ଇଡି ସକାଳ ୧୧ଟାରେ କବିତାଙ୍କ ହାଇଦରାବାଦ ସ୍ଥିତ ଘରେ ଚଢ଼ଉ କରିଥିଲା। ପ୍ରାୟ ୮ ଘଣ୍ଟାର ତଲାସୀ ଏବଂ ଜେରା ପରେ ରାତି ୭ଟାରେ ତାଙ୍କୁ ପ୍ରଥମେ ହେପାଜତକୁ ନିଆଯାଇଥିଲା। ଏହାର କିଛି ସମୟ ପରେ ଗିରଫ କରାଯାଇଥିଲା। ଗିରଫ ପାଇଁ ଇଡି ଅଧିକାରୀଙ୍କୁ କଡ଼ା ବିରୋଧର ସାମ୍ନା କରିବାକୁ ପଡ଼ିଥିଲା। ବିଏରଆସ କର୍ମୀ ଏଜେନ୍ସିର ଗାଡ଼ିକୁ ଘେରି ହୋହାଲ୍ଲା କରିଥିଲେ। ଏହି ମାମଲାରେ କବିତାଙ୍କୁ ପୂର୍ବରୁ ଦୁଇ ଥର ସମନ ଜାରି କରାଯାଇଥିଲା। ମାତ୍ର ସେ କୌଣସି ଥର ହାଜର ହୋଇ ନ ଥିଲେ। ଏହି ମାମଲାରେ ୨୦୨୨ରେ ପ୍ରଥମ ଥର ପାଇଁ ତାଙ୍କ ନାମ ସାମ୍ନାକୁ ଆସିଥିଲା।



ବିଆରଏସ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଶାନ୍ତ ରେଡ୍ଡୀ କହିଛନ୍ତି ଯେ ଗିରଫ ପରେ କବିତାଙ୍କୁ ଦିଲ୍ଲୀ ନେବା ପାଇଁ ପୂର୍ବରୁ ପ୍ରସ୍ତୁତି କରାଯାଇଥିଲା। ଏଥିପାଇଁ ଆଗରୁ ବିମାନ ଟିକଟ ବୁକିଂ କରାଯାଇଥିଲା। ରାତି ୮ଟା ୪୫ରେ ଥିବା ବିମାନରେ କବିତାଙ୍କୁ ଦିଲ୍ଲୀ ନିଆଯାଇଛି। ଅନ୍ୟପଟେ ଝିଅ ଘରେ ଚଢ଼ଉର ସୂଚନା ମିଳିବା ପରେ ବାପା କେସିଆର, ଭାଇ କେଟିଆର ତାଙ୍କ ଘରେ ପହଞ୍ଚି ଥିଲେ। ମାତ୍ର ଅଧିକାରୀ ଏବଂ ସିଆରପିଏଫ ଯବାନ ଉଭୟଙ୍କୁ ଯିବାକୁ ଦେଇ ନ ଥିଲେ। ଟ୍ରାଞ୍ଜିଟ ୱାରେଣ୍ଟ ବିନା କେମିତି ଗିରଫ କରିପାରିବେ ବୋଲି କେସିଆର ଯାଞ୍ଚ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। କୋର୍ଟରେ ଅଧିକାରୀଙ୍କ ପାଇଁ ସମସ୍ୟା ସୃଷ୍ଟି ହେବ ବୋଲି କହିଥିଲେ। ଜାଣିଶୁଣି ଶୁକ୍ରବାର ଝିଅକୁ ଗିରଫ କରାଯାଇଛି ବୋଲି ଅଭିଯୋଗ କରିଥିଲେ। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହାଇଦରାବାଦରେ ସୁବୁର୍ବରେ ରାଲି କରିଥିଲେ।

## ୧୬ରେ ହାଜର ହେବା ପାଇଁ କେଜ୍ରିୱାଲଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୫।୩ (ଏଜେନ୍ସି)

ମଦ ନୀତି ଦୁର୍ନୀତି ମାମଲାରେ ୧୬ ତାରିଖରେ ହାଜର ହେବା ପାଇଁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହା ପୂର୍ବରୁ ତାଙ୍କୁ ଗତ ୭ ତାରିଖରେ ସମନ ଜାରି କରାଯାଇଥିଲା। ଏ ପର୍ଯ୍ୟନ୍ତ କେଜ୍ରିୱାଲଙ୍କୁ ଇଡି ୮ ଥର ସମନ ଜାରି କରିସାରିଲାଣି। ମାତ୍ର ସେ କୌଣସି ଥର ହାଜର ହୋଇନାହାନ୍ତି। ଏଥିପାଇଁ ଏଜେନ୍ସି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଶୁକ୍ରବାର ଦ୍ୱିପହରେ ସ୍ୱତନ୍ତ୍ର ବିଚାରପତି ରାକେଶ ସୟାଲ ଉଭୟ ପକ୍ଷର ଓକିଲଙ୍କ ଯୁକ୍ତି ଶୁଣିବା ପରେ ରାୟକୁ ସଂରକ୍ଷିତ ରଖିଥିଲେ।

## ପୂର୍ବତନ ମୁଖ୍ୟମନ୍ତ୍ରୀ ୟେଦ୍ୟୁରପ୍ପାଙ୍କ ଉପରେ ଯୌନ ଉତ୍ପୀଡ଼ନ ମାମଲା

ବେଙ୍ଗାଲୁରୁ, ୧୫।୩ (ଏଜେନ୍ସି)



କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ବିଏସ୍ ୟେଦ୍ୟୁରପ୍ପାଙ୍କ ବିରୋଧରେ ବେଙ୍ଗାଲୁରୁରେ ପକ୍ସୋ ଆଇନ ଅଧିନରେ ଏତଲା ରୁଜୁ କରାଯାଇଛି। ସେ ଜଣେ ନାବାଳିକାଙ୍କୁ ଯୌନ ଉତ୍ପୀଡ଼ନ ଦେଇଥିବା ଅଭିଯୋଗ ଲାଗିଛି। ଏହି ମାମଲା ଫେବୃଆରୀ ୨ ତାରିଖର। ୧୭ ବର୍ଷୀୟ ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ବେଙ୍ଗାଲୁରୁର ସଦାଶିବନଗର ଥାନାରେ ୟେଦ୍ୟୁରପ୍ପାଙ୍କ ବିରୋଧରେ ପକ୍ସୋ ଏବଂ ୩୫୪ (ଏ) ଅଧିନରେ ମାମଲା ରୁଜୁ କରାଯାଇଥିଲା। ତେବେ କର୍ଣ୍ଣାଟକ ଡିଆଇଜି ଏହି ମାମଲାକୁ ଏଡିଜିପି ଅଧିନରେ ସିଆଇଡିକୁ ହସ୍ତାନ୍ତର କରିଦେଇଛନ୍ତି। ଅନ୍ୟପକ୍ଷରେ ନିଜ ବିରୋଧରେ ଲାଗିଥିବା ଅଭିଯୋଗକୁ ୟେଦ୍ୟୁରପ୍ପା ମିଥ୍ୟା କହିଛନ୍ତି। ଏହା ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଛି କି ନାହିଁ ତାହା ଏବେ କହିହେବ ନାହିଁ ବୋଲି ଉଲ୍ଲେଖ କରିଛନ୍ତି। ଏଫଆଇଆର ଅନୁଯାୟୀ ଫେବୃଆରୀ ୨ରେ ପୀଡ଼ିତା ନିଜ ସହ ହୋଇଥିବା ଯୌନ ଉତ୍ପୀଡ଼ନ ମାମଲାରେ ସହାୟତା ଲାଗି ୟେଦ୍ୟୁରପ୍ପାଙ୍କ ବେଙ୍ଗାଲୁରୁର ଡଲାର୍ସ କଲୋନୀ ସ୍ଥିତ ଘରକୁ ଯାଇଥିଲେ। ସେଠାରେ ସେ ପୀଡ଼ିତାଙ୍କୁ ଯୌନ ଉତ୍ପୀଡ଼ନ ଦେଇଥିବା ଅଭିଯୋଗ ହୋଇଛି। ପୀଡ଼ିତା ପ୍ରକୋଷ୍ଠରୁ ବାହାରି ନିଜ ମାଆଙ୍କୁ ଏ ବିଷୟରେ ଜଣାଇ ଥିଲେ। ମାଆଙ୍କ ଅଭିଯୋଗ ଆଧାରରେ ଏଫଆଇଆର ରୁଜୁ ହୋଇଥିଲା। ମହିଳା ଅଭିଯୋଗ କରିଥିଲେ ଯେ ସେ ଏ ବିଷୟରେ ୟେଦ୍ୟୁରପ୍ପାଙ୍କୁ ପଚାରି ଥିଲେ। ଉତ୍ତରରେ ଯୁବତୀଙ୍କ ସହ ଦୁଷ୍କର୍ମ ହୋଇଛି କି ନାହିଁ ତାହା ଦେଖିଥିବା କହିଥିଲେ। ପରେ କ୍ଷମା ମାଗି ଚୁପ୍ ରହିବାକୁ ମହିଳାଙ୍କୁ ଅନୁରୋଧ କରିଥିଲେ। ମାତ୍ର ମାମଲା ସାମ୍ନାକୁ ଆସିବା ପରେ ୟେଦ୍ୟୁରପ୍ପାଙ୍କ କାର୍ଯ୍ୟାଳୟ ପକ୍ଷରୁ କିଛି କାଗଜପତ୍ର ଜାରି କରାଯାଇଛି। ଅଭିଯୋଗ କରିଥିବା ମହିଳା ଏ ପର୍ଯ୍ୟନ୍ତ ଅଲଗା ଅଲଗା ଲୋକଙ୍କ ଉପରେ ୫୩ କେସ୍ କଲେଣି ବୋଲି ଏଥିରେ କୁହାଯାଇଛି।

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-261 ◆BHUBANESWAR ◆SATURDAY ◆16 MARCH 2024 ◆PAGE-16 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୬୧ ◆ଭୁବନେଶ୍ୱର ◆ଶନିବାର ◆୧୬ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

# ସକାଳ THE SAKALA

## ଆଇପିଏସ୍ ସାରା ଶର୍ମା ସିବିଆଇ ଡିଆଇଜି



■ **ଭୁବନେଶ୍ୱର, ୧୫ ।୩(ସମିସ):** ଓଡ଼ିଶା କ୍ୟାଡର୍‌ର ବରିଷ୍ଠ ଆଇପିଏସ୍ ଅଫିସର୍ ସାରା ଶର୍ମାଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ଡେପୁଟି ଇନ୍ସପେକ୍ଟର ଜେନେରାଲ (ଡିଆଇଜି) ଭାବେ ୫ବର୍ଷ ପାଇଁ ନିଯୁକ୍ତି ଦିଆଯାଇଛି। କେନ୍ଦ୍ରରେ ନୂତନ ଦାୟିତ୍ୱ ଗ୍ରହଣ କରିବା ପାଇଁ ତାଙ୍କୁ ତୁରନ୍ତ ରିଲିଫ୍ କରିବାକୁ କେନ୍ଦ୍ର ଗୃହ ମନ୍ତ୍ରାଳୟ ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛି। ମାର୍ଚ୍ଚ ୧୨ତାରିଖର ଏହି ସରକାରୀ ଚିଠିରେ ତାଙ୍କ କେନ୍ଦ୍ରୀୟ ଡେପୁଟେସନ୍‌କୁ ଆନୁଷ୍ଠାନିକ ରୂପ ଦିଆଯାଇଛି। ଏହି ନିଯୁକ୍ତି ପୂର୍ବରୁ ସେ ସମ୍ବଲପୁରରେ ପୁଲିସ ଅଧୀକ୍ଷକ (ଭିଜିଲାନ୍ସ) ପଦବୀରେ ରହିଥିଲେ। ସୂଚନାଯୋଗ୍ୟ, ମଣିପୁରରେ ଜାତିଗତ ହିଂସାର ସିବିଆଇ ତଦନ୍ତ ସମୟରେ ସାରା ଶର୍ମାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଏଥିସହ ଆଉ ଦୁଇଜଣ ବରିଷ୍ଠ ଅଧିକାରୀଙ୍କ କାର୍ଯ୍ୟକାଳ ମଧ୍ୟ ବୃଦ୍ଧି କରାଯାଇଛି। ସିବିଆଇ ଡିଆଇଜି ପି. ମୁରୁଗନଙ୍କ କାର୍ଯ୍ୟ ଅବଧି ୧୫ ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ବଢ଼ାଯାଇଥିବା ବେଳେ ସିବିଆଇର ପୁଲିସ ଅଧକ୍ଷ ବିଧୁତ ବିକାଶଙ୍କ କାର୍ଯ୍ୟ ଅବଧି ମଧ୍ୟ ୨୦୨୫ ଫେବୃଆରୀ ୧୮ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

**କ୍ରୀଡ଼ାର ବିକାଶ ପାଇଁ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି**

# କ୍ରୀଡ଼ାସଂଘଗୁଡ଼ିକୁ ଦୁଇଗୁଣା ଅନୁଦାନ

■ **ଭୁବନେଶ୍ୱର, ୧୫ ।୩ (ସମିସ):** ରାଜ୍ୟରେ କ୍ରୀଡ଼ା ବିକାଶର ଗୁରୁତ୍ୱକୁ ଉପଲବ୍ଧି କରି ସରକାର ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ଥିବା କ୍ରୀଡ଼ା ସଂଘଗୁଡିକର ଅନୁଦାନ ରାଶିକୁ ସରକାର ଦ୍ୱିଗୁଣିତ କରିଛନ୍ତି। ଏହି କ୍ରମରେ 'ଏ' ବର୍ଗର କ୍ରୀଡ଼ା ସଂଘ ପାଇଁ ୧୨ ଲକ୍ଷ (ଚେସ୍‌କୁ ୬ ଲକ୍ଷ), ବି' ବର୍ଗର କ୍ରୀଡ଼ାସଂଘ ପାଇଁ ୮ ଲକ୍ଷ, ସି' ବର୍ଗର କ୍ରୀଡ଼ା ପାଇଁ ୫ ଲକ୍ଷ ଓ ଡି' ବର୍ଗର କ୍ରୀଡ଼ା ପାଇଁ ୩ ଲକ୍ଷ ଟଙ୍କା ଅନୁଦାନ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ଜିଲା ଦୌଡ଼କୁଦ ସଂଘ ଓ ଜିଲ୍ଲା କ୍ରୀଡ଼ା ସଂଘଗୁଡିକ ପାଇଁ ମଧ୍ୟ ଅନୁଦାନ ରାଶିରେ ବୃଦ୍ଧି ହୋଇଛି। ୨୦ରୁ ଉର୍ଦ୍ଧ୍ୱ ବ୍ଲକ ଥିବା ଜିଲ୍ଲା ସଂଘଗୁଡିକୁ ୪ ଲକ୍ଷ, ୧୫ରୁ ୨୦ ବ୍ଲକ୍ ଥିବା ଜିଲ୍ଲା ସଂଘଗୁଡିକୁ ୩ ଲକ୍ଷ, ୧୦ରୁ ୧୪ଟି ବ୍ଲକ୍ ଥିବା ଜିଲ୍ଲା ସଂଘଗୁଡିକୁ ୨ ଲକ୍ଷ, ୧୦ଟିରୁ କମ୍ ସଂଖ୍ୟକ ବ୍ଲକ ଥିବା ଜିଲ୍ଲାଗୁଡିକୁ ଦେଢ଼ ଲକ୍ଷ ଟଙ୍କା ଅନୁଦାନ ଦିଆଯିବ। ଏଥିପାଇଁ ଓଡ଼ିଶା ଦୌଡ଼କୁଦ ସଂଘ ଓ ଓଡ଼ିଶା ଫୁଟବଲ ସଂଘ ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ୍ସ ସଂଘ ସାଧାରଣ ସମ୍ପାଦକ ଅଭିଜିତ ପଲ, ଓଡ଼ିଶା ଭଲିବଲ ଆସୋସିଏସନ ସମ୍ପାଦକ ଗଗନେନ୍ଦୁ ଦାଶ ସରକାରଙ୍କ କ୍ରୀଡ଼ାକୁ ଏହି ପ୍ରୋତ୍ସାହନ ରାଶି ବୃଦ୍ଧି ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ବିଭାଗର କମିଶନର ତଥା ସଚିବ ଭିନିଲ କ୍ରିଷ୍ଣାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂର ଦୃଷ୍ଟିସମ୍ପନ୍ନ ନେତୃତ୍ୱ ଓ ଦିଗଦର୍ଶନରେ ରାଜ୍ୟ ସରକାର କ୍ରୀଡ଼ାର ବିକାଶ, ପ୍ରଚାର ଓ ପ୍ରସାର ପାଇଁ ଏକାଧିକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇଛନ୍ତି। ଏବେ କ୍ରୀଡ଼ା ଗାଁ ଗାଁରେ ପହଞ୍ଚିଛି। ନୂଆ-ଓ' ନବୀନ ଓଡ଼ିଶା କ୍ରୀଡ଼ା ପ୍ରତିଯୋଗିତା ମାଧ୍ୟମରେ ଏହା ସମ୍ଭବ ହୋଇପାରିଛି। ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ସରକାର କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ କରିବା ସହ ସୁବିଧା ସୁଯୋଗ ଉପଲବ୍ଧ କରାଇଛନ୍ତି। ଜାତୀୟ ଓ ଅନ୍ତର୍ଜାତୀୟସ୍ତର, ବିଶ୍ୱବିଦ୍ୟାଳୟସ୍ତରୀୟ, ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ, ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ପଦକ ଜିତିଥିବା ସବୁ ବୟସବର୍ଗର କ୍ରୀଡ଼ାବିତ୍‌ଙ୍କ ପାଇଁ ପୁରସ୍କାର ବାବଦରେ ନଗଦ ଅର୍ଥରାଶି ପ୍ରଦାନ କରୁଛନ୍ତି। ସରକାର କ୍ରୀଡ଼ାର ଉନ୍ନତିରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛନ୍ତି।

> **'ଏ' ବର୍ଗ ସଂଘକୁ ୧୨ ଲକ୍ଷ**
> **ବି' ବର୍ଗ ସଂଘକୁ ୮ ଲକ୍ଷ**
> **ସି' ବର୍ଗ ପାଇଁ ୫ ଲକ୍ଷ**
> **ଡି' ବର୍ଗର କ୍ରୀଡ଼ାସଂଘ ପାଇଁ ୩ ଲକ୍ଷ ଟଙ୍କାର ଅନୁଦାନ**

# ବଜେଟ ଅର୍ଥ ବ୍ୟୟ ଆଖିଦୃଶିଆ

**ଗତ ଆର୍ଥିକ ବର୍ଷ ତୁଳନାରେ ୮% ଅଧିକ ଖର୍ଚ୍ଚ**

■ **ଭୁବନେଶ୍ୱର, ୧୫ ।୩ (ସମିସ):** ରାଜ୍ୟ ପ୍ରଶାସନିକସ୍ତରରେ ୫-ଟି ଉପକ୍ରମ ଲାଗୁ ହେବା ପରଠାରୁ ଆର୍ଥିକ ପରିଚାଳନାରେ ବେଶ୍ ଶୃଙ୍ଖଳା ଆସିଛି। ରାଜସ୍ୱ ଆଦାୟଠାରୁ ଆରମ୍ଭ କରି ବଜେଟ ଅର୍ଥ ଖର୍ଚ୍ଚ ଯାଏଁ, ସବୁଥିରେ ରାଜ୍ୟ ସରକାର ବିଗତ ବର୍ଷ ଗୁଡ଼ିକରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଆସୁଛନ୍ତି। ଏହିକ୍ରମରେ୨୦୨୩-୨୪ ଆର୍ଥିକ ବର୍ଷ ସରିବାକୁ ଆଉ ମାତ୍ର କିଛି ଦିନ ବାକି ଥିବାବେଳେ ବଜେଟ ଆବଣ୍ଟିତ ଅର୍ଥ ବ୍ୟୟ କ୍ଷେତ୍ରରେ ଅଧିକାଂଶ ବିଭାଗ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ସୂଚନା ଅନୁଯାୟୀ ଚଳିତବର୍ଷ ଫେବୃଆରୀ ଶେଷ ସୁଦ୍ଧା ବିଭାଗମାନେ ବଜେଟ୍ ବ୍ୟୟବରାଦର ୬୭.୯୯ ପ୍ରତିଶତ ଅର୍ଥ ବ୍ୟୟ କରିଛନ୍ତି। ଏହା ପୂର୍ବ ଆର୍ଥିକ ବର୍ଷର ଏହି ସମୟ ତୁଳନାରେ ପ୍ରାୟ ୮ ପ୍ରତିଶତ ଅଧିକ ରହିଛି। ୨୦୨୨-୨୩ ଆର୍ଥିକ ବର୍ଷର ସମାନ ଅବଧି ଶେଷ ସୁଦ୍ଧା ବଜେଟ୍ ଅର୍ଥର ୬୦.୦୭ ପ୍ରତିଶତ ବ୍ୟୟ ହୋଇଥିଲା। ▶ପୃଷ୍ଠା-୯

**ଓଆରଏଚ୍‌ଡିସି ଦୁର୍ନୀତି ମାମଲା**

# ଆଇଏଏସ୍ ବିନୋଦ କୁମାର ୯ମ ଥର ଦୋଷୀ ସାବ୍ୟସ୍ତ



**୩ ବର୍ଷ ଜେଲ ଦଣ୍ଡ ସହ ୨୫ ହଜାର ଜରିମାନା**

■ **ଭୁବନେଶ୍ୱର, ୧୫ ।୩ (ସମିସ):** ଓଆରଏଚ୍‌ଡିସି ଦୁର୍ନୀତି ମାମଲାରେ ପୂର୍ବତନ ଆଇଏଏସ୍ ଅଫିସର ବିନୋଦ କୁମାରଙ୍କୁ ପୁଣି ଜେଲ୍ ଦଣ୍ଡ ହୋଇଛି। ଏହାକୁ ମିଶାଇ ବିନୋଦ କୁମାରଙ୍କୁ ୯ମ ଥର ପାଇଁ କାରାଦଣ୍ଡ ହୋଇଛି। ବିନୋଦ କୁମାରଙ୍କ ସମେତ ୪ ଅଭିଯୁକ୍ତଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦୋଷୀସାବ୍ୟସ୍ତ କରିଛନ୍ତି। ଓଆରଏଚ୍‌ଡିସିର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର, ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ଦାସ ଓ ପୂର୍ବତନ ବିତ୍ତ(ଆକାଉଣ୍ଟ) ଅଧିକାରୀ ପ୍ରଦୀପ କୁମାର ରାଉତଙ୍କୁ ଅଦାଲତ ୩ ବର୍ଷ କାରାଦଣ୍ଡ ଓ ୨୫ ହଜାର ଲେଖାଏଁ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ୨ ମାସ କାରାଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ରାୟ ପ୍ରକାଶ କରିଛନ୍ତି। ସେହିପରି ବିକାଶ ଏନ୍‌ଜିଓର ସମ୍ପାଦକ ଅଶୋକ କୁମାର ନନ୍ଦଙ୍କୁ ମାମଲାର ଅନ୍ୟ ଏକ ଦଫାରେ ଅଦାଲତ ୩ ବର୍ଷ କାରାଦଣ୍ଡାଦେଶ ସହ ୨୫ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ୨ ମାସ କାରାଦଣ୍ଡ ଭାଗିବାକୁ ପଡ଼ିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨୦୦୦ରୁ ୨୦୦୧ ମସିହା ପର୍ଯ୍ୟନ୍ତ ଓଆରଏଚ୍‌ଡିସିର ପରିଚାଳନା ନିର୍ଦ୍ଦେଶକ ଥିଲେ ଆଇଏସ ବିନୋଦ କୁମାର। ତାଙ୍କ କାର୍ଯ୍ୟ ଅବଧିରେ କିଛି ସରକାରୀ ବାବୁ ନିଜ ପଦର ଅପବ୍ୟବହାର କରି ▶ପୃଷ୍ଠା-୯

**ଆଗେଇ ଚାଲିଛି ଖୋର୍ଦ୍ଧା-ବଲାଙ୍ଗିର ରେଳପଥ**

# ବନ୍ୟଜନ୍ତୁଙ୍କ ସୁରକ୍ଷା ଦେବ 'ଭାଏଡକ୍ଟ'

> **ଜମି ଅଧିଗ୍ରହଣ ଖର୍ଚ୍ଚ କମିବା ସହ ହେବ ଜଙ୍ଗଲ ସୁରକ୍ଷା**
> **ନୟାଗଡ଼ରେ ଆଗେଇ ଚାଲିଛି ୨ ଟି ଭାଏଡକ୍ଟ କାମ**



■ **ଭୁବନେଶ୍ୱର, ୧୫ ।୩ (ସମିସ):** ଗମନାଗମନ ଓ ପରିବହନ କ୍ଷେତ୍ରରେ ପଶ୍ଚିମ ଓଡ଼ିଶାର ୪ଟି ଜିଲ୍ଲାର ଚିତ୍ର ବଦଳିବ। ରାଜ୍ୟ ରାଜଧାନୀ ସହ ଯୋଡ଼ି ହେବ ବଲାଙ୍ଗିର, ସୁବର୍ଣ୍ଣପୁର ଓ ବୌଦ୍ଧ ସମେତ ଏହାର ଆଖପାଖ ଅଞ୍ଚଳ। ଏଥିପାଇଁ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କାର୍ଯ୍ୟ ଜୋରଦାର ଆଗେଇ ଚାଲିଛି। ରାଜ୍ୟର ଏହି ବହୁ ପ୍ରତୀକ୍ଷିତ ରେଳପଥ ନିର୍ମାଣ ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ବହୁ ଅତ୍ୟାଧୁନିକ ପଦକ୍ଷେପ ନିଆଯାଉଛି। ଏଥିମଧ୍ୟରୁ ନିର୍ମାଣ ହେଉଥିବା 'ଭାଏଡକ୍ଟ' ପଦ୍ଧତି ଅନ୍ୟତମ। ରେଳପଥ ପାଇଁ ଚିହ୍ନଟ ହୋଇଥିବା ମାର୍ଗଟି ମୁଖ୍ୟତଃ ଜଙ୍ଗଲ ନଦୀ ନାଳ ଆଦି ଦେଇ ଅତିକ୍ରମ କରୁଛି। ବୌଦ୍ଧ ସମେତ ନୟାଗଡ଼ରେ ଥିବା ଘଞ୍ଚ ବନାନୀ ସମେତ ସାତକୋଶିଆ ଜଙ୍ଗଲ ଆଦିର ଜୈବବିବିଧତା ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ସୁନିଶ୍ଚିତ ପାଇଁ ଏହି 'ଭାଏଡକ୍ଟ' ନିର୍ମାଣକୁ ଗୁରୁତ୍ୱ ଦିଆଯାଉଛି। ବର୍ତ୍ତମାନ ଏହି ରେଳପଥରେ ପୁରୁଣାକଟକଠାରୁ ବାଣିଗୋଛା ମଧ୍ୟରେ ଦୁଇଟି 'ଭାଏଡକ୍ଟ' ନିର୍ମାଣ କରାଯାଉଛି। ଏଲେଭେଟ୍‌ଡ୍ ବ୍ୟବସ୍ଥାରେ ମେଟ୍ରୋ ରେଳ ଗତି କରିବା ଢାଞ୍ଚାରେ ଏହି ଭାଏଡକ୍ଟ ନିର୍ମାଣ କରାଯାଉଛି। ଏଥିପାଇଁ ୧୦ ମିଟରରୁ ଆରମ୍ଭ କରି ୧୮ ମିଟର ପର୍ଯ୍ୟନ୍ତ ସୁଉଚ୍ଚ ପିଲର (ପିୟର)ର ନିର୍ମାଣ କରାଯାଉଛି। ଏହି ପିଲର ଉପର ଦେଇ ଟ୍ରେନ ଗଡ଼ିବାର ଭିତ୍ତିଭୂମି ନିର୍ମାଣ କରାଯାଉଛି।

ପୂର୍ବତଟ ରେଳପଥ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପ ଯୋଗୁଁ ଜଙ୍ଗଲ କ୍ଷୟ ସମ୍ପୂର୍ଣ୍ଣ ରୋକିବା ସହ ଜମିର ଆବଶ୍ୟକତା ମଧ୍ୟ ଯଥେଷ୍ଟ କମିଛି। ଭାଏଡକ୍ଟ ଉପରେ ରେଳ ଗଡ଼ିବାକୁ ଥିବାରୁ ଏହାର ତଳେ ହାତୀଙ୍କଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ବନ୍ୟପ୍ରାଣୀ ବିନା କୌଣସି ବାଧାବିଘ୍ନରେ ଯାତାୟାତ କରିପାରିବାର ବ୍ୟବସ୍ଥା ରହିଛି। ଏହାସହ ରେଳପଥକୁ ଏହି ପ୍ରଣାଳୀ ଯୋଗୁଁ ଅନେକ ଆର୍ଥିକ ଲାଭ ମଧ୍ୟ ମିଳିଛି। ସାଧାରଣତଃ ଗୋଟିଏ ରେଳପଥ ବିଛାଇବା ପାଇଁ ହେଲେ ଏହାର ତିନିଗୁଣା ଜାଗାର ଆବଶ୍ୟକ ହୋଇଥାଏ। ରେଳଟ୍ରାକ୍ ବିଛାଇବା ଜାଗା ସହ ଦୁଇପାର୍ଶ୍ୱରେ ସମାନ ପରିମାଣର ସ୍ଥାନ ସଂରକ୍ଷଣ ରଖାଯାଇଥାଏ। ଏ ବାବଦକୁ ଜମି ଅଧିଗ୍ରହଣ ଖର୍ଚ୍ଚ ▶ପୃଷ୍ଠା-୯



# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-261 ♦BHUBANESWAR ♦SATURDAY ♦16 MARCH 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୬୧ ♦ଭୁବନେଶ୍ୱର ♦ଶନିବାର ♦୧୬ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


## ଗ୍ରାମୀଣ ଡାକସେବକଙ୍କ ପାଇଁ ୩ଟି ଆର୍ଥିକ ପଦୋନ୍ନତି

■ **ନୂଆଦିଲ୍ଲୀ,୧୫ ।୩ (ଏଜେନ୍ସି):** ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ଡାକ ବିଭାଗରେ କାର୍ଯ୍ୟରତ ୨.୫୬ ଲକ୍ଷରୁ ଅଧିକ ଗ୍ରାମୀଣ ଡାକସେବକ (ଜିଡିଏସ)ଙ୍କ ସେବା ସ୍ଥିତିରେ ଉନ୍ନତି ଆଣିବା ଏବଂ ସେବାରେ ସ୍ଥାଣୁତା ଦୂର କରିବା ପାଇଁ ଏକ ଆର୍ଥିକ ପଦୋନ୍ନତି ଯୋଜନାର ଶୁଭାରମ୍ଭ କରିଛନ୍ତି। କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଏ ସମ୍ପର୍କରେ ଘୋଷଣା କରିଛନ୍ତି।

**ଉପକୃତ ହେବେ ୨.୫୬ ଲକ୍ଷ ଜିଡିଏସ୍**

ଏହି ଅନୁଯାୟୀ, ପ୍ରତ୍ୟେକ ଗ୍ରାମୀଣ ଡାକ ସେବକଙ୍କୁ ୧୨, ୨୪ ଓ ୩୬ ବର୍ଷର ଚାକିରି ଶେଷ ହେବା ପରେ ଯଥାକ୍ରମେ ବାର୍ଷିକ ୪,୩୨୦ ଟଙ୍କା, ୫,୫୨୦ ଟଙ୍କା ଏବଂ ୭,୨୦୦ ଟଙ୍କାର ତିନୋଟି ଆର୍ଥିକ ପଦୋନ୍ନତି ସୁବିଧା ପ୍ରଦାନ କରାଯିବ। ଏହା 'ସମୟ ଆଧାରିତ ନିରନ୍ତରତା ଭତ୍ତା (ଟିଆରସିଏ)' ଆକାରରେ ଜିଡିଏସ୍‌ଙ୍କୁ ପ୍ରଦାନ କରାଯାଉଥିବା ପାରିଶ୍ରମିକ ଅତିରିକ୍ତ ମିଳିବ। ଜିଡିଏସ୍‌ର ସେବା ସ୍ଥିତିରେ ଉନ୍ନତି ଆଣିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ। ଏହି ଯୋଜନା ଦ୍ୱାରା ୨.୫୬ ଲକ୍ଷରୁ ଅଧିକ ଜିଡିଏସ ଉପକୃତ ହେବେ ଏବଂ ସେମାନଙ୍କ ସେବାରେ ସ୍ଥାଣୁତା ଦୂର ହେବ ବୋଲି ଆଶା କରାଯାଉଛି।






**ନୟାଗଡ଼ ବିଜେପିକୁ ଶକ୍ତ ଧକ୍କା**

# ସ୍ୱାମୀ ଲାଲାଙ୍କ ସହ ଦଳ ଛାଡ଼ିଲେ ବିଧାୟକ ପ୍ରାର୍ଥିନୀ ଇରାନୀ ରାୟ

■ **ନୟାଗଡ଼/ଭୁବନେଶ୍ୱର, ୧୫ ।୩(ସମିସ):** ନୟାଗଡ଼ ବିଜେପିକୁ ଆଜି ଏକ ଶକ୍ତ ଧକ୍କା ଲାଗିଛି। ଗତ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ଇରାନୀ ରାୟ ଓ ତାଙ୍କ ସ୍ୱାମୀ ଲାଲା ମନୋଜ କୁମାର ରାୟ ଭାରତୀୟ ଜନତା ପାର୍ଟି ଓ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଉଭୟ ନିଜର ଇସ୍ତଫା ପତ୍ର ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିକଟକୁ ପଠାଇ ଦେଇଛନ୍ତି। ଲାଲା ମନୋଜ ଏବଂ ଇରାନୀଙ୍କର ଜିଲ୍ଲା ରାଜନୀତିରେ ବେଶ ପ୍ରଭାବ ରହିଛି। ନୟାଗଡ଼ ବିଧାନସଭା ଆସନରୁ ଲାଲା ମନୋଜ ୨୦୧୪ରେ ଓ ଇରାନୀ ୨୦୧୯ରେ ବିଧାୟକ ପ୍ରାର୍ଥୀ ହୋଇଥିଲେ। ଗତ ନିର୍ବାଚନରେ ଇରାନୀ ୬୬ ହଜାର ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ମାତ୍ର ଏବେ ରାୟ ଦମ୍ପତ୍ତିଙ୍କ ଦଳତ୍ୟାଗ ବିଜେପି ପାଇଁ ବଡ଼ କ୍ଷତି ବୋଲି କୁହାଯାଉଛି।



**ଦଳୀୟ କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରି ଦଳତ୍ୟାଗ ସୂଚନା**

**ଲଗାତାର ଭାବେ ଦଳ ଓ ଦଳୀୟ ନେତାଙ୍କ ଅଣଦେଖା ଯୋଗୁଁ ଇସ୍ତଫା**



ଇସ୍ତଫାର କାରଣ ସମ୍ପର୍କରେ ଦର୍ଶାଇବାକୁ ଯାଇ ଇରାନୀ କହିଛନ୍ତି ଯେ ୨୦୧୪ ନିର୍ବାଚନରେ ନୟାଗଡ଼ ବିଧାନସଭା କ୍ଷେତ୍ରରେ ଦଳ ମାତ୍ର ୫ ପ୍ରତିଶତ (୬୦୦୦) ଭୋଟ ପାଇଥିଲା। ସେ ୨୦୧୯ ମସିହାରେ ବିଜେପି ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ୪୨ ପ୍ରତିଶତ (୬୮୦୦୦) ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ଏହାପରେ ୨୦୨୨ ପଞ୍ଚାୟତ, ଜିଲ୍ଲା ପରିଷଦ ଏବଂ ମ୍ୟୁନିସିପାଲିଟି ନିର୍ବାଚନରେ ସେ ଦଳର ନେତୃତ୍ୱ ନେବା ସହ ସମାନ ଭୋଟ ପ୍ରତିଶତ ବଜାୟ ରଖିଥିଲେ। ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ଗତ ୮-୯ ମାସ ହେବ ତାଙ୍କୁ ଓ ତାଙ୍କ ସ୍ୱାମୀଙ୍କୁ ଦଳ ପକ୍ଷରୁ ଅଣଦେଖା କରାଯାଉଛି। କୌଣସି କାରଣ ଦର୍ଶା ନ ଯାଇ ବିନା ଆଲୋଚନାରେ ତାଙ୍କ ସ୍ୱାମୀଙ୍କୁ ମଧ୍ୟ ଜିଲ୍ଲା ବିଜେପି ସଭାପତି ପଦରୁ ହଟାଇ ଦିଆଗଲା। ଅନୁରୂପ ଭାବରେ ତାଙ୍କୁ ମଧ୍ୟ ଦଳ ଅବହେଳା କରି ଆସୁଥିବା ସେ ଅନୁଭବ କରିଛନ୍ତି। ସମସ୍ୟାର ଫଳପ୍ରଦ ସମାଧାନ ପାଇଁ ଉଭୟ ରାଜ୍ୟ ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏଯାଏଁ ଏହାର କୌଣସି ସମାଧାନର ରାସ୍ତା ବାହାରି ପାରିଲା ନାହିଁ। ତେଣୁ ଅନ୍ୟ କୌଣସି ବିକଳ୍ପ ନ ଥିବା କାରଣରୁ ଦଳ ଏବଂ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ଇରାନୀ ରାୟ ଉଲ୍ଲେଖ କରିଛନ୍ତି। ସେହିପରି ଦଳୀୟ କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରି ଇରାନୀଙ୍କ ସ୍ୱାମୀ ଲାଲା ମନୋଜ କୁମାର ରାୟ ମଧ୍ୟ ନିଜର ଇସ୍ତଫା ପତ୍ର ବିଜେପି ରାଜ୍ୟ ସଭାପତିଙ୍କୁ ପଠାଇଛନ୍ତି।

# ପାଉଡ଼ି ଭୂୟାଁଙ୍କୁ ମିଳିଲା ଜମି ଅଧିକାର



**ଜୀବିକା ଅର୍ଜନ ପାଇଁ ଫିଟିଲା ବାଟ**

■ **ଭୁବନେଶ୍ୱର, ୧୫ ।୩ (ସମିସ):** ଏକ ଐତିହାସିକ ପଦକ୍ଷେପସ୍ୱରୂପ ଓଡ଼ିଶା ସରକାର ଆଜି ଦେବଗଡ଼ ଜିଲ୍ଲାର ପାଉଡ଼ି ଭୂୟାଁ ସମ୍ପ୍ରଦାୟର ୩୨ଟି ଗାଁକୁ ଜଙ୍ଗଲ ଅଧିକାର ଆଇନ (ଏଫ୍‌ଆରଏ) ଅଧୀନରେ ପାରମ୍ପରିକ ବାସସ୍ଥଳୀ ଅଧିକାର ପ୍ରଦାନ କରିଛନ୍ତି। ମୋ ଜଙ୍ଗଲ ଜମି ଯୋଜନା (ଏମଜେଜେଏମ)ରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଲୋକସେବା ଭବନରେ ପାଉଡ଼ି ଭୂୟାଁ ସମ୍ପ୍ରଦାୟର ନାଗରିକମାନଙ୍କୁ ପାରମ୍ପରିକ ବାସସ୍ଥଳୀ ଅଧିକାର ପ୍ରଦାନ କରିଛନ୍ତି।

ଏହି ଆଦିମ ଜନଜାତି (ପିଭିଟିଜି) ଅନ୍ତର୍ଗତ ପାଉଡ଼ି ଭୂୟାଁ ହେଉଛନ୍ତି ଓଡ଼ିଶାରୁ ପ୍ରଥମ ଆଦିବାସୀ ସମ୍ପ୍ରଦାୟ, ଯାହାଙ୍କ ପାଇଁ ପାରମ୍ପରିକ ଆବାସସ୍ଥଳୀ ଅଧିକାର ସୁନିଶ୍ଚିତ କରାଯାଇଛି। ଆଦିମ ଜନଜାତିଙ୍କୁ ଜଙ୍ଗଲ ଜମି ଉପରେ ଆଇନଗତ ମାଲିକାନା ଏବଂ ଅଧିକାର ଦିଆଯାଇଥିବା ପାଉଡ଼ି ଭୂୟାଁମାନେ ହେଉଛନ୍ତି ଭାରତରେ ପ୍ରଦାନ କରାଯାଇଥିବା ଚତୁର୍ଥ ଆଦିମ ଜନଜାତି।

ଏହି ସମ୍ପ୍ରଦାୟଙ୍କ ଦାବି ଦାଖଲ ପ୍ରକ୍ରିୟା ସମୟରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଅନୁସୂଚିତ ଜାତି ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏସସିଏସଟିଆରଟିଆଇ) ସହଯୋଗରେ ବୈଷୟିକ ସହାୟତା ପ୍ରଦାନ କରାଯାଇଥିଲା।

ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ଶାସନ ସଚିବ ରୁପାରୋଶନ ସାହୁ ଏହି ପଦକ୍ଷେପକୁ ପ୍ରଶଂସା କରି କହିଛନ୍ତି ଯେ ଓଡ଼ିଶାର ପ୍ରଥମ ପିଭିଟିଜି ସମ୍ପ୍ରଦାୟ ଦେବଗଡ଼ର ପାଉଡ଼ି ଭୂୟାଁଙ୍କୁ ଆବାସ ଅଧିକାର ପ୍ରଦାନ କରାଯିବା ଆମ ସମସ୍ତଙ୍କ ପାଇଁ ଗର୍ବର ମୁହୂର୍ତ୍ତ। ଏସସିଏସଟିଆରଟିଆଇ ନିର୍ଦ୍ଦେଶକ ତଥା ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ କହିଛନ୍ତି ଯେ ରାଜ୍ୟ କାର୍ଯ୍ୟକ୍ରମ ପରିଚାଳନା ୟୁନିଟ୍ ଟିମ୍‌ର ନିରନ୍ତର ପ୍ରୟାସ ଏବଂ ବେସରକାରୀ ସଂସ୍ଥାଗୁଡ଼ିକର ଅତୁଟ ସହଯୋଗରେ ଏହା ସରକାରୀ ସ୍ୱୀକୃତିରେ ପରିଣତ ହୋଇଛି। ଏହି ସମ୍ପ୍ରଦାୟର ଚେଣ୍ଡାଲି ପ୍ରଧାନ ଭୂମି ଅଧିକାର ପାଇବା ପରେ କହିଛନ୍ତି ଯେ ସରକାର ଆମର ବଡ଼ ସମସ୍ୟା ଦୂର କରିଛନ୍ତି। ଏବେ ଆମେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସରକାରୀ ସଂସ୍ଥାଗୁଡ଼ିକୁ ବିକ୍ରି କରିପାରିବୁ।

**'ସି-ସୋର' ଚିଟଫଣ୍ଡ ଠକେଇ ମାମଲା**

## ଇଡିରେ ହାଜର ହେଲେ ପ୍ରଶାନ୍ତ ଦାସ

■ **ଭୁବନେଶ୍ୱର, ୧୫ ।୩(ସମିସ):** ଠକେଇ ମାମଲାରେ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ)ରେ ହାଜର ହୋଇଛନ୍ତି ସି-ସୋର ସଂସ୍ଥାର ମୁଖ୍ୟ ପ୍ରଶାନ୍ତ ଦାସ। ଗତ କିଛି ଦିନ ତଳେ ଇଡ଼ି ପକ୍ଷରୁ ତାଙ୍କୁ ସମନ କରାଯାଇଥିଲା। ଜେରା ସରିବା ପରେ ପ୍ରଶାନ୍ତ ଗଣମାଧ୍ୟମକୁ କହିଛନ୍ତି ଯେ, ପୂର୍ବରୁ ଅସୁସ୍ଥତା ଯୋଗୁ ସେ ଇଡ଼ିରେ ହାଜର ହୋଇପାରିନଥିଲେ। ଆଜି ସେ ଇଡ଼ି ସମନ ଆଧାରରେ ହାଜର ହୋଇ ନଜର ତଥ୍ୟ ରଖିଛନ୍ତି। ମୁଁ କୌଣସି ଠକେଇରେ ସମ୍ପୃକ୍ତ ନୁହେଁ କିମ୍ବା ଠକ ନୁହେଁ। ସିସୋର ସଂସ୍ଥା ସହ କୌଣସି ରାଜନୈତିକ ଦଳର ସମ୍ପର୍କ ନାହିଁ। ଗଣମାଧ୍ୟମ ଆମକୁ ଚିଟ୍‌ଫଣ୍ଡ ସଂସ୍ଥା ବୋଲି ଦର୍ଶାଇଛି। ମାତ୍ର ଆମେ ଚିଟ୍ ଫଣ୍ଡରେ ସମ୍ପୃକ୍ତ ନାହୁଁ। ଅଦାଲତ ଉପରେ ଆମର ଭରସା ରହିଛି। ମୁଁ ଇଡିକୁ ସମ୍ପୂର୍ଣ୍ଣଭାବେ ସହଯୋଗ କରିବିବୋଲି ପ୍ରଶାନ୍ତ ଦାସ କହିଛନ୍ତି।

ଅନ୍ୟପକ୍ଷରେ ଇଡିର ଅଧିକାରୀ କହିବା ଅନୁସାରେ, ଜମି କିଣାବିକା ମାମଲା ନେଇ ପ୍ରଶାନ୍ତଙ୍କୁ ଜେରା କରାଯାଇଛି। ଜମି କେଳେଙ୍କାରୀ ବାବଦରେ ତଥ୍ୟ ପ୍ରମାଣ ମଗାଯିବା ସହ ଟଙ୍କା ନେଣଦେଣ ସମ୍ପର୍କରେ ଯାଞ୍ଚ ହେଉଛି।

**ସର୍ବସାଧାରଣ ସ୍ଥାନରୁ ଜବରଦଖଲ ଉଚ୍ଛେଦ ପ୍ରସଙ୍ଗ**

# ନିୟମାବଳୀ ଜାରିକଲେ ହାଇକୋର୍ଟ

■ **କଟକ, ୧୫ ।୩ (ସମିସ):** ସର୍ବସାଧାରଣ ସ୍ଥାନ (ପବ୍ଲିକ ପ୍ଲେସ୍)ରୁ ଜବରଦଖଲ ଉଚ୍ଛେଦ ଜନିତ ବହୁ ଜନସ୍ୱାର୍ଥ ମାମଲା (ପିଆଇଏଲ) ରୁଜୁ ହେଉଥିବାରୁ ଏହାକୁ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। କୋରାପୁଟସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ଜମିକୁ କେତେକ ଲୋକ ଜବରଦଖଲ କରିଥିବାରୁ ଏହାକୁ ଉଚ୍ଛେଦ କରିବା ପ୍ରସଙ୍ଗରେ ଆଇନଜୀବୀ ତ୍ରିନାଥ ପଣ୍ଡାଙ୍କ ପକ୍ଷରୁ ରୁଜୁ ଆବେଦନକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି ହାଇକୋର୍ଟ। ସର୍ବସାଧାରଣ ସ୍ଥାନରୁ ଜବରଦଖଲ ହଟାଇବା ନେଇ ଜିଲ୍ଲା, ସବ୍-ଡିଭିଜନ୍ ଅଥବା ସରକାରଙ୍କ ଦ୍ୱାରା ପ୍ରାଧିକୃତ ମାଜିଷ୍ଟ୍ରେଟ୍‌ଙ୍କ କ୍ଷମତା ରହିଥିବା ବେଳେ ସେମାନେ ଆବଶ୍ୟକ ପଦକ୍ଷେପ ନେଉନାହାନ୍ତି। ଏଣୁ ହାଇକୋର୍ଟ ଏହି ପ୍ରସଙ୍ଗରେ ଏକ ଗାଇଡ୍‌ଲାଇନ୍ (ନିୟମାବଳୀ) ଜାରି କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ଓ ଜଷ୍ଟିସ ସଂଗମ କୁମାର ସାହୁ ଏପରି ନିର୍ଦ୍ଦେଶ ଦେଇଛନ୍ତି।

**■ ଜବରଦଖଲ ହଟାଇବାକୁ ସର୍ତ୍ତମୂଳକ ଆଦେଶ ଦେବେ ମାଜିଷ୍ଟ୍ରେଟ୍**

**■ କର୍ତ୍ତବ୍ୟରେ ଅବହେଳା ପାଇଁ ଉତ୍ତରଦାୟୀ ରହିବେ ଅଧିକାରୀ**




ଜିଲ୍ଲା ମାଜିଷ୍ଟ୍ରେଟ୍ କିମ୍ବା ସବ୍-ଡିଭିଜନାଲ ମାଜିଷ୍ଟ୍ରେଟ୍ କିମ୍ବା ଅନ୍ୟ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ମାନେ ଯଦି ପୁଲିସ୍ ରିପୋର୍ଟ କିମ୍ବା ଅନ୍ୟ ସୂତ୍ରରୁ ଜବରଦଖଲ ସମ୍ପର୍କିତ ସୂଚନା ପାଇଥାନ୍ତି, ତେବେ ସେମାନେ ଜବରଦଖଲ ହଟାଇବା ପାଇଁ ଏକ ସର୍ତ୍ତମୂଳକ ନିର୍ଦ୍ଦେଶ ଜାରି କରିବେ। ଏହାକୁ କାର୍ଯ୍ୟକାରୀ କରିବା ମ୍ୟୁନିସିପାଲିଟି କିମ୍ବା ଗ୍ରାମ ପଞ୍ଚାୟତର ଦାୟିତ୍ୱ। ଏହି ସଂସ୍ଥା ସର୍ବସାଧାରଣ ସ୍ଥାନ ଅବରୋଧକୁ ଅସ୍ୱୀକାର କରନ୍ତି ଓ ଏପରି ଅସ୍ୱୀକାରକୁ ସମର୍ଥନ କରି ନିର୍ଭରଯୋଗ୍ୟ ପ୍ରମାଣ ପ୍ରଦାନ କରାଯାଏ, ତାହେଲେ ମାଜିଷ୍ଟ୍ରେଟ୍‌ଙ୍କ ପକ୍ଷରୁ ପରବର୍ତ୍ତୀ ପ୍ରୋସିଡିଂ ପ୍ରାଧିକୃତ ଅଦାଲତଙ୍କ ଆଦେଶ ଆସିବା ଯାଏ ବନ୍ଦ ରହିବ। ଆଦେଶ କାର୍ଯ୍ୟକାରୀରେ ନିଷ୍କ୍ରିୟତା ପାଇଁ ମିଳିତ ଭାବରେ ଅଧିକାରୀମାନେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଉତ୍ତରଦାୟୀ ରହିବେ। ଆଦେଶର ଅବମାନନା ଭାରତୀୟ ଦଣ୍ଡବିଧି ଆଇନର ଧାରା-୧୮୮ର ଦଣ୍ଡବିଧାନ ବ୍ୟବସ୍ଥାକୁ ଆକର୍ଷିତ କରିବ। ସରକାରୀ ସମ୍ପତ୍ତିର ଅନଧିକୃତ ଦଖଲର କୌଣସି ମାମଲା ଯଦି ତହସିଲଦାରଙ୍କ ନଜରକୁ ଅଣାଯାଏ, ତାହେଲେ ତହସିଲଦାର, ଓପିଏଲଇ ଆକ୍ଟର ଧାରା ୩(ଗ) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ କରିବେ। ବର୍ତ୍ତମାନର ଆଦେଶ ପାଳନ ନହେଲେ ଏହା କୋର୍ଟର ଅବମାନନା ବିବେଚନା କରାଯିବା ବ୍ୟତୀତ ଶୃଙ୍ଖଳାଗତ ଅପରାଧିକ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ଅଧିକାରୀ ଦାୟୀ ରହିବେ ବୋଲି ଅଦାଲତ ମାର୍ଗଦର୍ଶିକା ଜାରି କରିଛନ୍ତି। ତେବେ ଅତି ଜରୁରୀ କ୍ଷେତ୍ରରେ ହାଇକୋର୍ଟ ଏଭଳି ପ୍ରସଙ୍ଗକୁ ପିଆଇଏଲ ଭାବେ ଗ୍ରହଣ କରି ଆବଶ୍ୟକ ଆଦେଶନାମା ଜାରି କରିପାରିବେ। କିନ୍ତୁ ଏହି ମାମଲା ସେଭଳି ଆବଶ୍ୟକତା ନଥିବାରୁ ଆବେଦନକାରୀ ଓପିଏଲଇ ଆକ୍ଟ ଅନୁସାରେ ପଦକ୍ଷେପ ନେଇପାରିବେ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

**■ ରେଳମନ୍ତ୍ରୀଙ୍କ ଘୋଷଣା**

## ଜଳେଶ୍ୱର-ଚନ୍ଦନେଶ୍ୱର ମଧ୍ୟରେ ନୂଆ ରେଳ ଲାଇନ୍

■ **ଭୁବନେଶ୍ୱର, ୧୫ ।୩ (ସମିସ):** ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶା ପାଇଁ ଆଜି ଦୁଇଟି ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପ ଘୋଷଣା କରିଛନ୍ତି। ଦୀଘା-ଜଳେଶ୍ୱର (ଚନ୍ଦନେଶ୍ୱର) ମଧ୍ୟରେ ୪୨କିମି ଲମ୍ବର ନୂଆ ରେଳ ଲାଇନ୍ ନିର୍ମାଣ କରାଯିବ। ଏଥିପାଇଁ ଅନୁମୋଦନ ମିଳିଥିବା ବେଳେ ଖୁବ୍‌ଶୀଘ୍ର ଏହାର କାମ ଆରମ୍ଭ ହେବ। ଏହି ରେଳ ପ୍ରକଳ୍ପ ଦ୍ୱାରା ଉକ୍ତ ଅଞ୍ଚଳରେ ପର୍ଯ୍ୟଟନ କ୍ଷେତ୍ର ସମୃଦ୍ଧ ହେବା ସହ ଆର୍ଥିକ ଗତିବିଧି ବୃଦ୍ଧି ପାଇବ। ସେହିପରି ନରସିଂହପୁର-କଣ୍ଟିଲୋ-ଖଣ୍ଡପଡ଼ା ଦେଇ ଅନୁଗୁଳ-ନୟାଗଡ଼ ଟାଉନ୍ ମଧ୍ୟରେ ନୂତନ ରେଳ ଲାଇନ୍ ବିଛାଯିବା ସହ ଖୋର୍ଦ୍ଧା ଟାଉନ୍-କାଇପଦର ମଧ୍ୟରେ କର୍ଡ ଲାଇନ୍ (୧୨୦କିମି) ନିର୍ମାଣ କରାଯିବ।

**ନରସିଂହପୁର-କଣ୍ଟିଲୋ-ଖଣ୍ଡପଡ଼ା ମଧ୍ୟରେ ଗଡ଼ିବ ଟ୍ରେନ୍**

ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ଜଳେଶ୍ୱର-ଚନ୍ଦନେଶ୍ୱର ରେଳ ଲାଇନ୍ ବାଲେଶ୍ୱର ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଯଥା ଚନ୍ଦନେଶ୍ୱର, ଭୂଷଣ୍ଡେଶ୍ୱର ସହିତ ଜଳେଶ୍ୱର ଷ୍ଟେସନ୍‌କୁ ସଂଯୋଗ କରିବ। ଫଳରେ ଏହି ଅଞ୍ଚଳରେ ସାମାଜିକ ଓ ଆର୍ଥିକ ଅଭିବୃଦ୍ଧି ହେବା ସହ ଛାତ୍ରଛାତ୍ରୀ, ତୀର୍ଥଯାତ୍ରୀ, କୃଷକ, ସ୍ଥାନୀୟ ବ୍ୟବସାୟୀ ଏବଂ ଜନସାଧାରଣ ବହୁଳ ଉପକୃତ ହେବେ। ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ଏବଂ ଭୋଗରାଇ ବ୍ଲକର ମତ୍ସ୍ୟ ଉତ୍ପାଦନକାରୀ ଏବଂ ସ୍ଥାନୀୟ କୃଷିଜାତ ଦ୍ରବ୍ୟ ଉତ୍ପାଦକ ନୂଆ ରେଳଲାଇନ୍ ଦ୍ୱାରା ଉପକୃତ ହେବେ ବୋଲି ମନ୍ତ୍ରୀ କହିଛନ୍ତି। ନରସିଂହପୁର-କଣ୍ଟିଲୋ-ଖଣ୍ଡପଡ଼ା ଦେଇ ଅନୁଗୁଳ-ନୟାଗଡ଼ ଟାଉନ୍ ମଧ୍ୟରେ ନୂଆ ଲାଇନ୍ କାର୍ଯ୍ୟକ୍ଷମ ହେଲେ କଣ୍ଟିଲୋ ନୀଳମାଧବ ମନ୍ଦିରକୁ ଯିବା ଆସିବା ସହଜ ହେବ। କଣ୍ଟିଲୋ ଓ ଖଣ୍ଡପଡ଼ାର କଂସା ପିତଳ କାରୁକାର୍ଯ୍ୟ ପାଇଁ ନୂଆ ବଜାର ସୃଷ୍ଟି ହେବା ସହ ପଣ୍ୟ ପରିବହନ ତ୍ୱରାନ୍ୱିତ ହେବ।




ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-261 ♦BHUBANESWAR ♦SATURDAY ♦16 MARCH 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୬୧ ♦ଭୁବନେଶ୍ୱର ♦ଶନିବାର ♦୧୬ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦

## ୧୫୩୫ ପଦରେ ନିଯୁକ୍ତି ପାଇଁ ଓଏସ୍ଏସ୍‌ସିର ବିଜ୍ଞପ୍ତି

■ **ଭୁବନେଶ୍ୱର, ୧୫।୩ (ସମିସ):** ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ(ଓଏସ୍ଏସ୍‌ସି) ପକ୍ଷରୁ ବିଭିନ୍ନ ପଦରେ ନିଯୁକ୍ତି ପାଇଁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସିଜିଏଲ୍ ଗ୍ରୁପ୍-ବି' ଓ ସି'ରେ ବିଭିନ୍ନ ପଦରେ ନିଯୁକ୍ତି ପାଇଁ ୫୮୬ଟି ପଦବୀ ସୃଷ୍ଟି ହୋଇଛି। ଏପ୍ରିଲ ୫ତାରିଖଠାରୁ ମଇ ୨ ତାରିଖ ପର୍ଯ୍ୟନ୍ତ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ। ସେହିପରି ଆସିଷ୍ଟାଣ୍ଟ ଟ୍ରେନିଂ ଅଫିସର(ଏଟିଏ) ଭାବେ ୨୫୦ଟି ପଦ, ୨୬ଟି ଟ୍ରାଫିକ୍ କନେଷ୍ଟବଲ୍, ୬୭୩ଟି ସିଏଚ୍ଏସ୍ଏଲ୍ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାରିଛି। ଆସନ୍ତା ୨୮ତାରିଖରୁ ଏପ୍ରିଲ ୨୭ତାରିଖ ପର୍ଯ୍ୟନ୍ତ ଟ୍ରାଫିକ୍ କନେଷ୍ଟବଲ୍ ପାଇଁ ଆବେଦନପତ୍ର ଗ୍ରହଣ କରାଯିବ। ସମସ୍ତ ନିଯୁକ୍ତି ସମ୍ବନ୍ଧୀୟ ତଥ୍ୟ ଓଏସ୍ଏସ୍‌ସି ୱେବସାଇଟ୍ www.ossc.gov.inରେ ଉପଲବ୍ଧ ରହିଛି। ଏହାସହ ଓଏସ୍ଏସ୍‌ସି ଅଧ୍ୟକ୍ଷ ଅଭୟ କୁମାର ମଧ୍ୟ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସୂଚନା ଦେଇଛନ୍ତି।




### ସମସ୍ୟାର ତ୍ୱରିତ ସମାଧାନ ପାଇଁ କୃତଜ୍ଞତା ଜଣାଇଲେ ବିଭିନ୍ନ ସଂଗଠନ

# ନବୀନ ନିବାସରେ ଶୁଭେଚ୍ଛୁଙ୍କ ଭିଡ଼

■ **ଭୁବନେଶ୍ୱର, ୧୫।୩ (ସମିସ):** ନବୀନ ନିବାସ ସମ୍ମୁଖରେ ଆଜି ଜନସମୁଦ୍ର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜୟଧ୍ୱନୀରେ କମ୍ପିଛି ଏରୋଡ୍ରମ ଅଞ୍ଚଳ। ନବୀନ ପଟ୍ଟନାୟକ ହେଉଛନ୍ତି ଆମ ଜନମାନସର ନେତା। ସେ ଏପରି ଜଣେ ମୁଖ୍ୟମନ୍ତ୍ରୀ, ଯିଏ ଲୋକଙ୍କ ଦୁଃଖକୁ ହୃଦୟଙ୍ଗମ କରନ୍ତି। ପୂରା ଓଡ଼ିଶା ତାଙ୍କର ପରିବା, ସେ ଯାହା କହନ୍ତି ତାହା କରି ଦେଖାନ୍ତି। ବିପଦ ସମୟରେ ମୁଖ୍ୟମନ୍ତ୍ରୀ କାହାର ହାତ ଛାଡ଼ି ନାହାନ୍ତି। ତାଙ୍କୁ ୬ଷ୍ଠ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ କରିବା ଲାଗି ଆମେ ବଦ୍ଧ ପରିକର। ସାରା ଓଡ଼ିଶାର ଆଶୀର୍ବାଦ ତାଙ୍କ ଉପରେ ରହିଛି। ଆଜି ଶୁଭେଚ୍ଛା ଜଣାଇବା ପାଇଁ ନବୀନ ନିବାସ



ଆସିଥିବା ହଜାର ହଜାର ଜନସାଧାରଣ କହିଛନ୍ତି ଏହି କଥା।

ନୂଆ କରି ଏନ୍ଏସି ମାନ୍ୟତା ପାଇଥିବା ଅଞ୍ଚଳର ଶହ ଶହ ଜନତା ଆଜି ନବୀନ ନିବାସରେ ପହଞ୍ଚି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିପରି ତିନି ମହାନଗର ନିଗମର ନିର୍ବାଚିତ ଜନପ୍ରତିନିଧି, ପାଉଡ଼ି ଭୂୟାଁ

**ଏନ୍ଏସିର ଜନତା ଓ ମହାନଗର ନିଗମ କର୍ମକର୍ତ୍ତା ଦେଲେ ଧନ୍ୟବାଦ**

**ନବୀନ ଆମକୁ ଜୀବିକା ଅଧିକାର ଦେଇଛନ୍ତି: ପାଉଡ଼ି ଭୂୟାଁ ନେତା**

**ମଜୁରୀ ବୃଦ୍ଧି କରିଥିବାରୁ ବିଜୁ ଶ୍ରମିକ ସାମୁଖ୍ୟର କୃତଜ୍ଞତା ଜ୍ଞାପନ**

**ରୂପାନ୍ତରଣର ସାରଥୀ '୫-ଟି' ଅଧ୍ୟକ୍ଷଙ୍କୁ ଜଣାଇଲେ କୃତଜ୍ଞତା**

ଜନଜାତି ସମ୍ପ୍ରଦାୟର ଲୋକେ, ବିଜୁ ଶ୍ରମିକ ସାମୁଖ୍ୟର କର୍ମକର୍ତ୍ତାମାନେ '୫-ଟି' ଅଧ୍ୟକ୍ଷଙ୍କୁ ସାକ୍ଷାତ କରି ସେମାନଙ୍କ ଦାବି ପୂରଣ କରିଥିବାରୁ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ପାଣ୍ଡିଆନ୍ ସମସ୍ତଙ୍କ ଧନ୍ୟବାଦ ଗ୍ରହଣ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ଏବଂ ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନରେ ସମସ୍ତଙ୍କ ସହଯୋଗ ପାଇଁ ଆହ୍ୱାନ ଜଣାଇଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଜିଲ୍ଲା ଗସ୍ତ କରି ଜନସାଧାରଣଙ୍କ ସମସ୍ୟା ଶୁଣି ମୁଖ୍ୟମନ୍ତ୍ରୀଙ୍କ ଆଗରେ ଉପସ୍ଥାପନ କରିଥିଲେ। ମୁଖ୍ୟମନ୍ତ୍ରୀ ଗୋଟିଗୋଟି କରି ଲୋକଙ୍କ ସମସ୍ୟାକୁ ବୁଝି ▶ପୃଷ୍ଠା-୯

■ **ଭିଏଲ୍‌ଡବ୍ଲୁଙ୍କୁ ସର୍ବନିମ୍ନ ପେନ୍‌ସନ୍ ପ୍ରଦାନରେ ବିଳମ୍ବ**

## ଜିଲ୍ଲାପାଳ ଓ ନିର୍ବାହୀ ଅଧିକାରୀଙ୍କୁ କୈଫିୟତ ତଲବ

■ **ଭୁବନେଶ୍ୱର, ୧୫।୩ (ସମିସ):** ଅବସରପ୍ରାପ୍ତ ଭିଏଲ୍‌ଡବ୍ଲୁ/ପିଇଓମାନଙ୍କୁ ସର୍ବନିମ୍ନ ପେନସନ୍ ଦେବା ପାଇଁ ସରକାର ନିର୍ଦ୍ଦେଶ ଦେଲେ। ହେଲେ ଇତିମଧ୍ୟରେ ଦୁଇ ମାସ ବିତିବାକୁ ବସିଥିଲେ ସୁଦ୍ଧା ପେନସନ୍ ସମ୍ପର୍କିତ ପ୍ରକ୍ରିୟା ସରକାରୀ ଫାଇଲ ତେଳ ଚାପି ହୋଇ ରହିଛି। ବ୍ଲକ୍‌ସ୍ତରୀୟ କର୍ମଚାରୀଙ୍କ ମନମାନି ପାଇଁ ସରକାରଙ୍କ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହୋଇପାରୁନାହିଁ ବୋଲି ଅବସରପ୍ରାପ୍ତ ଭିଏଲ୍‌ଡବ୍ଲୁମାନେ ଅଭିଯୋଗ କରିଛନ୍ତି। ଏପରିସ୍ଥଳେ ପେନସନ୍ ପ୍ରଦାନ ପାଇଁ ସରକାର ଦେଇଥିବା ନିର୍ଦ୍ଦେଶନାମା କେତେଦୂର କାର୍ଯ୍ୟକାରୀ ହୋଇଛି, ତାହାର ଆକ୍ସନ୍-ଟେକେନ୍ ରିପୋର୍ଟ ପ୍ରଦାନ ପାଇଁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ/ସିଡିଓମାନଙ୍କୁ ପତ୍ର ଲେଖାଯାଇ ରିପୋର୍ଟ ଦାଖଲ କରିବା ପାଇଁ କୁହାଯାଇଛି।

ଅବସରପ୍ରାପ୍ତ ଭିଏଲ୍‌ଡବ୍ଲୁ/ପିଇଓମାନଙ୍କୁ ସର୍ବନିମ୍ନ ପେନସନ୍ ଦେବା ପାଇଁ ଗତ ଜାନୁଆରୀରେ ରାଜ୍ୟ ସରକାର ଘୋଷଣା କରିଥିଲେ। ସେଥିପାଇଁ ଅର୍ଥ ବ୍ୟୟବରାଦ ମଧ୍ୟ କଲେ। ଅବସରପ୍ରାପ୍ତ କର୍ମଚାରୀମାନେ ଜରୁରୀ କାଗଜପତ୍ର ସହିତ ବ୍ଲକ କାର୍ଯ୍ୟାଳୟରେ ଆବେଦନ କଲେ। କିନ୍ତୁ ଏହାପରେ ବ୍ଲକ୍ କାର୍ଯ୍ୟାଳୟରେ ଦାୟିତ୍ୱରେ ଥିବା କର୍ମଚାରୀ ମନଇଚ୍ଛା କାରବାର ଚଳାଇଥିବାରୁ ସେମାନେ ପେନସନ୍‌ରୁ ବଞ୍ଚିତ ହେଉଥିବା ଅବସରପ୍ରାପ୍ତ କର୍ମଚାରୀମାନେ ଅଭିଯୋଗ କରିଛନ୍ତି। କାଗଜପତ୍ର ଦାଖଲ ସତ୍ତ୍ୱେ ମାର୍ଗଦର୍ଶିକା ଅଭାବରୁ କାମ ଅଟକାଇଥିବା ବିଭାଗକୁ ଜଣାଇଥିଲେ। ଏହା ପରେ ସରକାର ମାର୍ଗଦର୍ଶିକା ଜାରି କଲେ। ତଥାପି କାଗଜପତ୍ର ପ୍ରସ୍ତୁତିରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ଅଭିଯୋଗ ହେଲା। ଫଳରେ ବିଭାଗ ଏବଂ ଜିଲ୍ଲାପାଳ ଦୁଇ ଦୁଇଟି ନୋଟିସ୍ ଜାରି କରିଥିଲେ ସୁଦ୍ଧା କାମ ଆଗେଇଲା ନାହିଁ।

**ଟିଟିଲାଗଡ଼ ଜେଲ୍‌ରୁ କଏଦୀ ଫେରାର୍ ଘଟଣା**

## ମହିଳା ୱାର୍ଡେନ୍ ନିଲମ୍ବିତ

■ **ଟିଟିଲାଗଡ, ୧୫।୩ (ସମିସ):** ଟିଟିଲାଗଡ଼ ଉପକାରାଗାରରୁ ୨ଜଣ ହତ୍ୟା ଅଭିଯୁକ୍ତ ଫେରାର ହୋଇଯିବା ଘଟଣାରେ ପୁଣି କାର୍ଯ୍ୟାନୁଷ୍ଠାନ ହୋଇଛି। ସମ୍ବଲପୁର ସର୍କଲ ଜେଲ୍ ଅଧୀକ୍ଷକ ଟିଟିଲାଗଡ଼ କାରାଗାରରେ କାର୍ଯ୍ୟରତ ୱାର୍ଡେନ୍ ସଙ୍ଗୀତା ଗିରିଙ୍କୁ ନିଲମ୍ବିତ କରିଛନ୍ତି। ଏହା ପୂର୍ବରୁ ୱାର୍ଡର ଦାନି ଦୋରା କାର୍ଯ୍ୟରୁ ନିଲମ୍ବିତ ରହିଛନ୍ତି। ବର୍ତ୍ତମାନ ଦୁଇଜଣ ତଳ କର୍ମଚାରୀ ନିଲମ୍ବିତ ହୋଇସାରିଥିବା ବେଳେ ପୁଲିସ ଦୁଇ ଫେରାର୍ କଏଦୀଙ୍କୁ ଧରିପାରି ନାହିଁ। ଅନ୍ୟପଟେ, ଜେଲ ଚାରିକାନ୍ଥର ଗୁମର ଧୀରେଧୀରେ ପଦାକୁ ଆସୁଛି। କିଛି ଦିନ ପୂର୍ବରୁ ପଶ୍ଚିମାଞ୍ଚଳ ଜେଲ ଡିଆଇଜି କୁଳମଣି ବେହେରା ନିଜେ ତଦନ୍ତରେ ଆସି ଜେଲ ପରିସର ଦେଖିବା ସହ ଜେଲ୍‌ର ସୁରକ୍ଷା ବ୍ୟବସ୍ଥା, କର୍ମଚାରୀଙ୍କ ଭୂମିକା ଉପରେ ସନ୍ଦେହ ପ୍ରକାଶ କରିଥଲେ।

**ରାଜ୍ୟ କଂଗ୍ରେସ ପକ୍ଷରୁ ନିର୍ବାଚନୀ ଇସ୍ତାହାର ଘୋଷଣା**

## ରାଜ୍ୟବାସୀଙ୍କୁ କଂଗ୍ରେସର ୧୦ ଗ୍ୟାରେଣ୍ଟି

■ **ଭୁବନେଶ୍ୱର, ୧୫।୩(ସମିସ):** ଆସନ୍ତା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ନିର୍ବାଚନୀ ଇସ୍ତାହାର ଘୋଷଣା କରାଯାଇଛି। ଶୁକ୍ରବାର କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ପ୍ରଭାରୀ ଡଃ ଅଜୟ କୁମାର ଓ ପିସିସି ସଭାପତି ଶରତ ପଟ୍ଟନାୟକ ଦଳର ଅନ୍ୟ ବରିଷ୍ଠ ନେତୃବର୍ଗଙ୍କ ଉପସ୍ଥିତିରେ କଂଗ୍ରେସର ସଂକଳ୍ପ ପତ୍ର ଘୋଷଣା କରିଛନ୍ତି। ଏଥିରେ ବିଶେଷକରି କୃଷି ଓ କୃଷକ, ଶିଳ୍ପ, ମହିଳା, ଯୁବବର୍ଗଙ୍କ ପାଇଁ ନିଯୁକ୍ତି, ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା, ବସ୍ତି ବାସିନ୍ଦା, ଅନୁସୂଚୀତ ଜାତି ଓ ଜନଜାତି ବର୍ଗଙ୍କୁ ଗୁରୁତ୍ୱ ଦିଆଯାଇଛି। ଦଳ ପକ୍ଷରୁ କୁହାଯାଇଛି ଯେ ଆସନ୍ତା ନିର୍ବାଚନରେ କଂଗ୍ରେସ କ୍ଷମତାକୁ ଆସିଲେ ସମସ୍ତ କୃଷିଋଣ ଛାଡ଼ କରାଯିବ। ଏଥିସହ ଚାଷୀଙ୍କୁ ଧାନ କୁଇଂଟାଲ ପିଛା ୩ ହଜାର ଟଙ୍କା ପ୍ରଦାନ କରାଯିବ। ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ କୃଷକଙ୍କୁ ମାସିକ ୨୦୦୦ ଟଙ୍କା ଓ ୮୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ୩୦୦୦ ଟଙ୍କା ଭତ୍ତା ପ୍ରଦାନ କରାଯିବ। ସେହିପରି ମହିଳାମାନଙ୍କୁ ଦଳ ପ୍ରତି ଆକୃଷ୍ଟ କିରବା ପାଇଁ ସ୍ୱୟଂସହାୟକ ଗୋଷ୍ଠୀଙ୍କ ଋଣ ଛାଡ଼, ପରିବାରର ମୁଖ୍ୟ ଗୃହିଣୀଙ୍କୁ ମାସିକ ୨୦୦୦ ଟଙ୍କା ଭତ୍ତା, ୫୦୦ ଟଙ୍କାରେ ମାସକୁ ଗୋଟିଏ ଗ୍ୟାସ୍ ସିଲିଣ୍ଡର୍ ପ୍ରଦାନ ଭଳି ଲୋଭନୀୟ ପ୍ରତିଶ୍ରୁତି ଦିଆଯାଇଛି। ସମସ୍ତ ନାଗରିକଙ୍କୁ ସରକାରୀ ଓ ବେସରକାରୀ ଚିକିତ୍ସାଳୟରେ ୨୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ପାଇଁ ପ୍ରତିଶ୍ରୁତି ଦିଆଯାଇଥିବା ବେଳେ ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା ମାସକୁ ୨୦୦୦ କରିବା କରିବାକୁ ଦଳ କହିଛି। ଏହାବ୍ୟତୀତ ପ୍ରତ୍ୟେକ ଘରୋଇ ଉପଭୋକ୍ତାଙ୍କ ପାଇଁ ମାସିକ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଦେୟ ଛାଡ଼ କରାଯିବ ବୋଲି ଦଳ କହିଛି।

ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ପର୍ଯ୍ୟବେକ୍ଷକ ମୀନାକ୍ଷୀ ନଟରାଜନ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ, ଇସ୍ତାହାର କମିଟି ଅଧ୍ୟକ୍ଷ ପଞ୍ଚାନନ କାନୁନ୍‌ଗୋ, ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ଡଃ ବିଶ୍ୱରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ତାତି ସାଙ୍ଗକୁ ଜାରି ରହିବ କାଳବୈଶାଖୀ

# ୧୯ରୁ ବଢ଼ିବ ବିଜୁଳି ଘଡ଼ଘଡ଼ି ସହ ବର୍ଷା

■ **ଭୁବନେଶ୍ୱର, ୧୫।୩ (ସମିସ):** ରାଜ୍ୟ ଉପରେ ବର୍ତ୍ତମାନ ଏକ ନିମ୍ନ ଚାପରେଖାର ପ୍ରଭାବ ରହୁଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ଜାରି ରହିଛି। ମୁଖ୍ୟତଃ ଅପରାହ୍ଣରେ ବିଜୁଳି ଘଡ଼ଘଡ଼ି ସହ ବର୍ଷାର ପ୍ରଭାବ ଦେଖିବାକୁ ମିଳୁଥିବା ବେଳେ ଅନେକ ସ୍ଥାନରେ ଦିନବେଳା ପୂର୍ବଭଳି ତାପମାତ୍ରା ୩୭-୩୮ ଡିଗ୍ରୀ ମଧ୍ୟରେ ରହୁଛି। ଆଗାମୀ ୪-୫ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବ। ତେବେ ୧୯ ତାରିଖ ବେଳକୁ କାଳବୈଶାଖୀର ପ୍ରଭାବ ଅଧିକ ରହିବା ନେଇ ଆକଳନ କରାଯାଇଛି। ୧୯ ବେଳକୁ ନିମ୍ନଚାପ ରେଖା ସହ ବଙ୍ଗୋପସାଗରରେ ଏକ ଗୁରୁଚାପ ବଳୟ ସୃଷ୍ଟି ହେବ। ଏହାସହ ବାୟୁମଣ୍ଡଳରେ ବାୟୁଚଳାଚଳରେ ପ୍ରଭାବ ପଡ଼ିବ। ଏଭଳି ତିନି ପ୍ରକାର ପାଣିପାଗ ନିୟାମକ ଯୋଗୁଁ ରାଜ୍ୟରେ ବଜୁଳି ଘଡ଼ଘଡ଼ି ସହିତ ବର୍ଷା ଓ ସ୍ଥାନେସ୍ଥାନେ ୪୦-୫୦ କିମି ପର୍ଯ୍ୟନ୍ତ ପବନ ବହିବାର ଆଶଙ୍କା ରହିଛି।

ଅନ୍ୟପଟେ ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷା ଆଶଙ୍କା ରହିଥିବା ବେଳେ ଦିନବେଳା ପୂର୍ବଭଳି ଖରାର ପ୍ରକୋପ ଜାରି ରହିବ। ମାତ୍ର ଆସନ୍ତା ୩ଦିନ ପରେ ରାଜ୍ୟରେ କାଳବୈଶାଖୀର ପ୍ରକୋପ ଅଧିକ ରହିବାକୁ ଥିବାରୁ ଏହାପରେ ୩-୫ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଆସନ୍ତା ୩ ଦିନ ଯାଏଁ ଦିନର ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାକୁ ନଥିବା ବେଳେ ଉପକୂଳ ଓଡ଼ିଶାରେ ୩୪ରୁ ୩୬ ଡିଗ୍ରୀ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ୩୭ ରୁ ୩୯ ଡିଗ୍ରୀ ମଧ୍ୟରେ ତାପମାତ୍ରା ରହିବାର ସମ୍ଭାବନା ରହିଛି।

ଅନ୍ୟପଟେ ୫ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ଜନିତ ବର୍ଷାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରିଛି। ଏହାକୁ ଆଧାର କରି ଏସ୍ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ୟେଲୋ ଆଲର୍ଟ ଜାରି ହୋଇଥିବା ଜିଲ୍ଲାର ଜିଲ୍ଲାପାଳମାନେ ସବୁପ୍ରକାର ପରିସ୍ଥିତିର ମୁକାବିଲା ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ପ୍ରସ୍ତୁତ ରଖିବା ସହ ବିଜୁଳି ଘଡ଼ଘଡ଼ିରୁ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ କୁହାଯାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଶନିବାର ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ନୟାଗଡ଼, କଟକ ଓ ଯାଜପୁର ଆଦି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ଶୁକ୍ରବାର ୩୯.୫ ଡିଗ୍ରୀ ସହ ବୌଦ୍ଧ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବା ବେଳେ ମୋଟ୍ ୧୨ ଟି ସହରରେ ତାପମାତ୍ରା ୩୭ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଛି।






## ସିଆରସିସିଙ୍କୁ ବୋମାମାଡ଼ ଘଟଣା

# ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ ଅଟକ

**ବ୍ରହ୍ମପୁର,୧୫ ।୩(ସମିସ)**

ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଫାଷ୍ଟଗେଟ ରଘୁପତି ନଗର ୨ୟ ଲାଇନ ନିବାସୀ ସିଆରସିସି ଟୁକୁନା ଭୂୟାଁଙ୍କ ଉପରକୁ ବୋମାମାଡ଼ ହୋଇଥିଲା । ଏନେଇ ବଡବଜାର ଥାନାରେ ଅଭିଯୋଗ ହୋଇଥିଲା। ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଦୁଇଜଣଙ୍କୁ ଅଟକ ରଖିଛି। ଅଟକଙ୍କ ମଧ୍ୟରେ ସୁମନ ପଟ୍ଟନାୟକ ଓ ସୁଦର୍ଶନ ରହିଥିବା ଜଣାପଡିଛି। ଶୁକ୍ରବାର ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ୍ ଥାନାରେ ଅଟକ ଯୁବକଙ୍କୁ ବିଭିନ୍ନ ଦିଗକୁ ନେଇ ଜେରା କରିବା ସହ ବହୁ ତଥ୍ୟ ଓଗାଳିଥିଲେ। ଅଟକ ଯୁବକଙ୍କ ଠାରୁ ମିଳିଥିବା ତଥ୍ୟକୁ ଆଧାର କରି ପୁଲିସ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି। ତ୍ରିକୋଣୀୟ ପ୍ରେମ ଏହି ଘଟଣାର ମୁଖ୍ୟକାରଣ ବୋଲି ପୁଲିସ ତଦନ୍ତ ବେଳେ ଆଭାଷ ପାଇଛି। ଅନ୍ୟପକ୍ଷରେ ଟୁକୁନା ଭୂୟାଁଙ୍କୁ ମାରିବା ପାଇଁ ସୁପାରି ହୋଇଥିବା ପୁଲିସ ସନ୍ଦେହ କରୁଛି। ଏଥିରେ କିଛି

**● ଥାନାରେ ଏସ୍‌ପିଙ୍କ ଜେରା**

**● ବୋମାମାଡ ପଛରେ ତ୍ରିକୋଣୀୟ ପ୍ରେମ!**

ପୁରୁଣା ଅପରାଧୀଙ୍କ ହାତ ଥିବା ନେଇ ମଧ୍ୟ ସନ୍ଦେହ ଘନୀଭୂତ ହୋଇଛି। ତେବେ ଅପରାଧୀମାନେ କାହିଁକି ଟୁକୁନାକୁ ହତ୍ୟା କରିବାକୁ ଚାହୁଁଥିଲେ ତାହାର ଖୁବ୍‌ଶୀଘ୍ର ପର୍ଦାଫାସ କରିବ ପୁଲିସ। ବର୍ତ୍ତମାନ ପୁଲିସ କବଜାରେ ମୁଖ୍ୟ ଅଭିଯୁକ୍ତ ରହିଥିବାରୁ ପୁଲିସ ଦିନେ କି ଦୁଇଦିନ ମଧ୍ୟରେ ଏହି ଘଟଣାର ପ୍ରକୃତ କାରଣ ଲୋକଲୋଚନକୁ ଆଣିବାରେ ସଫଳ ହେବ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ରଘୁପତି ନଗର ଦ୍ୱିତୀୟ ଲାଇନରେ ଗୁରୁବାର ସନ୍ଧ୍ୟାରେ ଦିଗପହଣ୍ଡି ବ୍ଲକର ସିଆରସିସି ଟୁକୁନା ଭୂୟାଁଙ୍କୁ ବୋମାମାଡ ହୋଇଥିଲା। ବୋମାମାଡରେ ଟୁକୁନା ଭୂୟାଁ ଗୁରୁତର ଆହତ ହୋଇଥିଲେ। ସନ୍ଧ୍ୟା ସମୟରେ ଟୁକୁନା ନିଜ ଘରେ ବସିଥିବା ବେଳେ ହଠାତ କିଛି ଦୁର୍ବୃତ୍ତ ଆସି ତାଙ୍କ ଉପରକୁ ବୋମାମାଡ କରି ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ସ୍ଥାନୀୟ ବାସିନ୍ଦା ଓ ପରିବାର ଲୋକେ ଗୁରୁତର ଅବସ୍ଥାରେ ଟୁକୁନାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ବୋମାମାଡ ଦ୍ୱାରା ଟୁକୁନାଙ୍କ ମୁହଁ, ଛାତି ସହ ଶରୀରର ବିଭିନ୍ନ ସ୍ଥାନର ଗଭୀର ଆଘାତ ହୋଇଛି। ଘଟଣା ସମ୍ପର୍କରେ ଖବର ପାଇ ବଡବଜାର ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସେହିପରି ଏମକେସିଜି ମେଡିକାଲରେ ବ୍ରହ୍ମପୁର ଏସପି ଡ଼ା ଶ୍ରବଣା ବିବେକ ଏମ ପହଞ୍ଚି ଟୁକୁନାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଟୁକୁନାଙ୍କ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ତେବେ ଟୁକୁନାଙ୍କ ପତ୍ନୀ ବ୍ରହ୍ମପୁର ଉପକଣ୍ଠ ଆମ୍ବଗଡ଼ରେ ରହୁଥିବା ବେଳେ ଟୁକୁନା ବ୍ରହ୍ମପୁର ବଡବଜାର ଥାନା ଅଞ୍ଚଳରେ ଭଡ଼ାଘରେ ରହୁଥିଲେ। ସୁମନ ପଟ୍ଟନାୟକ ଓ ତାଙ୍କ ସହଯୋଗୀମାନେ ଏହି ବୋମାମାଡ଼ କରିଥିବା ଟୁକୁନାଙ୍କ ପୁଅ ସ୍ୱାଂଶୁ ଶାସ୍ୱତ ଭୂୟାଁ ବଡବଜାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଦୋଳଯାତ୍ରା ପାଇଁ ଶାନ୍ତି କମିଟି ବୈଠକ

**ଗଞ୍ଜାମ,୧୫ ।୩(ସମିସ):** ଗଞ୍ଜାମ ସହରର ଐତିହାସିକ ଦୋଳପୂର୍ଣ୍ଣମା ଯାତ୍ରା ପାଇଁ ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ଗଞ୍ଜାମ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଥାନା ଅଧିକାରୀ ସୁମିତ୍ରା ପାତ୍ର ଅଧ୍ୟକ୍ଷତା କରିଥିବାବେଳେ ଛତ୍ରପୁର ଏସ୍‌ଡିପିଓ ଗୌରହରି ସାହୁ ଯୋଗଦେଇ ଆଦର୍ଶ ନିର୍ବାଚନ ଆଚାରଣ ବିଧି ଲାଗୁଥିବାରୁ ଡିଜେ ବଜାଇବାକୁ ବାରଣ କରିଥିଲେ। ଶବ୍ଦ ବ୍ୟବହାର ପାଇଁ ଉପଜିଲ୍ଲାପାଳଙ୍କ ନିକଟରୁ ପରିମିଶନ ଆଣିବା ପାଇଁ ପୁଲିସ ପକ୍ଷରୁ ଯାତ୍ରା କମିଟି ମାନଙ୍କୁ ପରାମର୍ଶ ଦିଆଯାଇଥିଲା। ନିର୍ଦ୍ଧାରିତ ସମୟରେ ଦୋଳବିମାନଗୁଡ଼ିକ ଶୋଭାଯାତ୍ରାରେ ବାହାର କରି ଯାତ୍ରା ସ୍ଥଳରେ ପହଞ୍ଚାଇବା ସହ ଶାନ୍ତି ଶୃଙ୍ଗଳା ରକ୍ଷା କରିବା, ମଦ୍ୟପାନକରି ବିଶୃଙ୍ଖଳା ସୃଷ୍ଟି ନକରିବା, ଉଦ୍ଦେଶ୍ୟମୂଳକ ଭାବେ ପେଁକାଳୀ ନ ବଜାଇବା, ଟ୍ରାଫିକର ସୁବ୍ୟବସ୍ଥା ନେଇ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ଏସଆଇ ଅନନ୍ତ ରାଓ, ରାଇଟର ଅଶ୍ୱିନୀ କୁମାର ପଟ୍ଟନାୟକ, ଅନିରୁଦ୍ଧ ସ୍ୱାଇଁ, ଏଚକେ ମିଶ୍ର ପ୍ରମୁଖ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ। ବୈଠକରେ ପ୍ରଭାକର ପାଣିଗ୍ରାହୀ, ରାମଚନ୍ଦ୍ର ବେହେରା, ଝୁଲିଆ ବେହେରା, ସୁଧୀର କୁମାର ପାଢ଼ୀ, ରାକେଶ ରଞ୍ଜନ ଦାସ, ଗୌରୀ ଶଙ୍କର ବାରିକି, ରଙ୍କ ପଲାଇ, ନିରଞ୍ଜନ ପରିଡା, ମଦନ ପାଢ଼ୀ ପ୍ରେସ କ୍ଲବ ସଭାପତି ଶବର କୁମାର ତରାଇ, ଉପଦେଷ୍ଟା ଉମାକାନ୍ତ ବେହେରା, ସମ୍ପାଦକ ବିଦ୍ୟାଧର ସାହୁ, ପପୁ ପଣ୍ଡା, ପୂର୍ଣ୍ଣ ପଲାଇ, ଅଜୟ କୁମାର ବାରିକିଙ୍କ ସମେତ ସମସ୍ତ ଯାତ୍ରା କମିଟି ଓ ଭଦ୍ର ବ୍ୟକ୍ତି ଉପସ୍ଥିତ ଥିଲେ।



**● ରାଳବରେ ଗୋଷ୍ଠୀସଂଘର୍ଷ ,ଖଣ୍ଡାଚୋଟରେ ଜଣେ ଗୁରୁତର**

# ଆକ୍ରମଣକାରୀଙ୍କ ମୋଟରସାଇକେଲ ଭଙ୍ଗାରୁଜା

**ବ୍ରହ୍ମପୁର/ରଙ୍ଗେଇଲୁଣ୍ଡା:୧୫।୩(ସମିସ):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୋଳନ୍ଥରା ଥାନା ଅନ୍ତର୍ଗତ ରାଳବ ଗ୍ରାମରେ ଖଣ୍ଡାକାତିରେ ମାରଣାନ୍ତକ ଆକ୍ରମଣ ହୋଇଛି । ବି ସନ୍ତୋଷ ପାତ୍ର ଗୁରୁତର ଆହାତ ହୋଇଥିବା ଜଣାପଡିଛି ।

ସୂଚନାଯୋଗ୍ୟ ଯେ,ରାଳବ ତଳ ସାହି ରେ ରହୁଥିବା ବି ସନ୍ତୋଷ (୩୨) ଗାଁ ଶେଷ ମୁଣ୍ଡ ରେ ଥିବା ନିଜ ଛେଳି ମନ୍ଦା ସହ ଥିବା ବେଳେ ସନ୍ଧ୍ୟା ପ୍ରାୟ ସାଢ଼େ ୬ ଟା ବେଳେ ଗ୍ରାମର ତିନି ଯୁବ ଅତର୍କିତ ଭାବେ ସେଠାରେ ପହଞ୍ଚି ସନ୍ତୋଷ କୁ ଖଣ୍ଡା ଓ ଠେଙ୍ଗା ରେ ଆକ୍ରମଣ କରିଥିଲେ। ଫଳରେ ସନ୍ତୋଷ ଙ୍କ ମୁଣ୍ଡ ରେ ଆଘାତ ଲାଗିବା ସହ ଦୁଇ ଗୋଡ ଭାଙ୍ଗି ଯାଇଛି।ଘଟଣା ନେଇ ସନ୍ତୋଷ ନିଜ ବଡ ଭାଇ କ୍ରିଷ୍ଣା ଙ୍କୁ ଫୋନ ଯୋଗେ ଖବର ଦେଇଥିଲେ। କ୍ରିଷ୍ଣା ସେଠାରେ ପହଞ୍ଚି ବା ପରେ ଆକ୍ରମଣ କାରୀ ମାନେ ତାଙ୍କୁ ମଧ ଆକ୍ରମଣ କରିବାକୁ ଉଦ୍ୟମ କରିବାରୁ ସେଠାରୁ ସେ ଖସି ପଳାଇବାକୁ ସକ୍ଷମ ହୋଇଥିଲେ।ଘଟଣା ପରେ ପରିବାର ଲୋକେ ଆହାତ ସନ୍ତୋଷ କୁ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ ମେଡିକାଲ ପଠାଆ ପୁଲିସ କୁ ଅବଗତ କରିଥିଲେ।ଘଟଣା ପରେ ସନ୍ତୋଷ ଙ୍କ ପରିବାର ଲୋକେ ଆକ୍ରମଣ ରେ ସମ୍ପୃକ୍ତ ରହିଥିବା କୁରମାୟା, ନାରସିହଁଲୁ ଙ୍କ ଘର ଉପରକୁ ପଥର ମାଡ କରିବା ସହ ଘର ସମ୍ମୁଖରେ ଥିବା ଏକ ମୋଟରସାଇକେଲ କୁ ଭଙ୍ଗାରୁଜା କରିଥିଲେ। ଖବର ପାଇ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ପ୍ରତି ନଜର ରଖିଛନ୍ତି। ଗ୍ରାମରେ ଉତ୍ତେଜନା ଲାଗି ରହିଛି।



# ଆମ ପୁଲିସ ସମିତି ବୈଠକ

**ବେଲଗୁଣ୍ଠା,୧୫ ।୩(ସମିସ):** ସ୍ଥାନୀୟ ମଙ୍ଗଳପୁରରେ ବେଲଗୁଣ୍ଠା ପୁଲିସ୍ ପକ୍ଷରୁ ଆମ ପୁଲିସ ସମିତିର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ବେଲଗୁଣ୍ଠା ଥାନା ଅଧିକାରୀ ବନ ବିହାରୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲାପରିଷଦ ସଭ୍ୟ ବିଦ୍ୟାଧର ବିଷୋୟୀ ଯୋଗ ଦେଇଥିବା ବେଳେ ଜିଲ୍ଲା ସେବା ସମବାୟ ସମିତି ସଭାପତି ରାଜକିଶୋର ବିଷୋୟୀ, ସରପଞ୍ଚ ପ୍ରତିନିଧି ଜ୍ୟୋତି ରଞ୍ଜନ ନାୟକ, ଏସଆଇ ଅଭୟ ପ୍ରଧାନ, ନାରାୟଣ ନାୟକ, ମହେଶ୍ୱର ବେହେରା ଓ ଏଏସଆଇ ଜୋସ୍ନା ପ୍ରଧାନ ଏବଂ ସାମ୍ବାଦିକ ମାଧବ ଚନ୍ଦ୍ର ଆପଟ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ଟ୍ରାଫିକ୍ ସଚେତନତା, ବିନା ଡିଏଲ୍‌ରେ ଗାଡ଼ି ନଚଲାଇବା, ଦ୍ରୁତ ଗତିରେ ନଯିବା, ଦୁଇରୁ ଅଧିକ ଲୋକ ବାଇକ୍‌ରେ ଯାତ୍ରା ନକରିବା ଭଳି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ କନଷ୍ଟେବଳ ଲଳିତା ବେହେରା ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ସଚେତନ କରିଥିଲେ। ସାମ୍ବାଦିକ ମାଧବ ଚନ୍ଦ୍ର ଆପଟ ସ୍ୱାଗତ ଭାଷଣ ସହ ଧନ୍ୟବାଦ ଜ୍ଞାପନ କରିଥିଲେ।




**ସାମ୍ବାଦିକ ପରିଚୟ ଦେଇ କନିଷ୍ଠ ଯନ୍ତ୍ରୀଙ୍କୁ 'ବ୍ଲାକମେଲ' ଅଭିଯୋଗ**

# ଅଡିଓ ଓ ଭିଡିଓ ଭାଇରାଲ୍ ନ କରିବାକୁ ୧୦ ଲକ୍ଷ ଦାବି

**ବ୍ରହ୍ମପୁର,୧୫ ।୩(ସମିସ)**

ନିଜକୁ ଜଣେ ସାମ୍ବାଦିକ ଭାବେ ପରିଚୟ ଦେଇ ଜଣେ କନିଷ୍ଠ ଯନ୍ତ୍ରୀଙ୍କ ପାରିବାରିକ ମାମଲାରେ ହସ୍ତକ୍ଷେପ କରିବା ସହ ବ୍ଲାକମେଲ କରିବା ଭଳି ଗୁରୁତର ଅଭିଯୋଗ ହୋଇଛି। ଏନେଇ ଖୋଦ୍ କନିଷ୍ଠଯନ୍ତ୍ରୀ ନ୍ୟାୟ ପାଇଁ ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଅଭିଯୋଗ ପାଇବା ପରେ ବ୍ରହ୍ମପୁର ଏସପି ବଡବଜାର ଥାନାକୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ବଡବଜାର ଥାନାରେ ଏମ ମାମଲା ରୁଜୁ ହେବା ସହ ତଦନ୍ତ ଜାରି ରହିଛି। ସୂଚନା ଯୋଗ୍ୟ ଯେ' ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ଶାର୍ଗୁଣା ସାହି ନିବାସୀ ଙ୍କ ଶିବରାମ ସାହୁ ଗଜପତି ଜିଲ୍ଲା ମୋହନାରେ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଜଣେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟରତ। କୌଣସି କାରଣକୁ ନେଇ ଶିବରାମଙ୍କ ପାରିବାରିକ ସମସ୍ୟା ରହିଛି। ଏହାର ସୁଯୋଗ ନେଇ ଜନୈକ ବ୍ୟକ୍ତି ନିଜକୁ ସାମ୍ବାଦିକ ବୋଲି ପରିଚୟ ଦେଇ ଯନ୍ତ୍ରୀ ଶିବରାମ ସାହୁଙ୍କୁ କିଛି 'ଅଡିଓ ଓ ଭିଡିଓ' ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଦେବାକୁ ଧମକଚମକ ଦେଇଥିଲେ। ଏହା ନକରିବାକୁ ତଥା ଉକ୍ତ ଅଡିଓ ଓ ଭିଡିଓକୁ ଡିଲିଟ ବା ନଷ୍ଟ କରିଦେବା ପାଇଁ ଯନ୍ତ୍ରୀଙ୍କୁ ୧୦ଲକ୍ଷ ଟଙ୍କା ଦାବି କରିଥିଲେ। ପରବର୍ତ୍ତି ସମୟରେ ୨ଲକ୍ଷ ଟଙ୍କାରେ କୁଆଡେ ସାମ୍ବାଦିକ ପରିଚୟ ଦେଇଥିବା ବ୍ୟକ୍ତି ରାଜି ହୋଇଯାଇଥିଲେ। ଏବଂ ଯନ୍ତ୍ରୀଙ୍କ ଠାରୁ ୩ଟି କିସ୍ତିରେ ୨ଲକ୍ଷ ଟଙ୍କା ନଗଦ ନେଇଥିବା ଯନ୍ତ୍ରୀ ଶ୍ରୀ ସାହୁ ଅଭିଯୋଗ କରିଛନ୍ତି। କିନ୍ତୁ ପରବର୍ତ୍ତି ସମୟରେ ପୁଣି ଅଶ୍ଳୀଳ ଭିଡିଓ ଭାଇରାଲ କରିଦେବାର ଧମକ ଦେଇ ଅଧିକ ୨ଲକ୍ଷ ଟଙ୍କା ଦାବି କରି ପୁଣି ଯନ୍ତ୍ରୀ ଶିବରାମ ସାହୁଙ୍କୁ ଉକ୍ତ ବ୍ୟକ୍ତି ଜଣକ ଧମକଚମକ ଦେଇ ବ୍ଲାକମେଲ କରିବା ଆରମ୍ଭ କରିଥିଲେ। ଯାହାକୁ ନେଇ ଚିନ୍ତାରେ ପଡିଯାଇଥିଲେ କନିଷ୍ଠ ଯନ୍ତ୍ରୀ। ପରେ ବାଧ୍ୟ ହୋଇ ନ୍ୟାୟ ପାଇଁ ବ୍ରହ୍ମପୁର ଏସପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଯନ୍ତ୍ରୀଙ୍କ ଠାରୁ ସମସ୍ତ ଆପତ୍ତି ଓ ଅଭିଯୋଗ ଶୁଣିବା ପରେ ଉକ୍ତ ମାମଲାକୁ ବଡବଜାର ଥାନାକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଘଟଣାରେ ଯନ୍ତ୍ରୀ ଶିବରାମ ସାହୁଙ୍କୁ ବଡବଜାର ଥାନା ପୁଲିସ ଡାକି ପଚରା ଉଚରା କରିବା ସହ ତଦନ୍ତ ଜାରି ରହିଥିବା ବେଳେ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି କନିଷ୍ଠ ଯନ୍ତ୍ରୀ ଶିବରାମ ସାହୁ।




**● ୩ଟି କିସ୍ତିରେ ନେଇଛନ୍ତି ୨ ଲକ୍ଷ ଟଙ୍କା**

**● ଅଧିକ ୨ଲକ୍ଷ ଦାବି ପରେ ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଯନ୍ତ୍ରୀ**

**● ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ବଡ଼ବଜାର ଥାନାରେ ମାମଲା ରୁଜୁ, ତଦନ୍ତ ଜାରି**

# ସ୍ତ୍ରୀକୁ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ



**କୋଦଳା,୧୫ ।୩(ସମିସ):** ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ଥାନା ଅନ୍ତର୍ଗତ ଶାଳବଣ ଗାଁରେ ଜଣେ ସ୍ତ୍ରୀଙ୍କୁ ତାଙ୍କ ସ୍ୱାମୀ ବିଷଦେଇ ମାରିଦେଇଥିବା ଅଭିଯୋଗ ହୋଇଛି। ମୃତ ମହିଳାଙ୍କ ବାପାଙ୍କ ଅଭିଯୋଗ ଅନୁସାରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଅନାଥ ସେଠୀ। ଅଭିଯୋଗ ଅନୁସାରେ ଅନାଥ,୧୨ ବର୍ଷ ପୂର୍ବେ ଏହି ଥାନା ଅନ୍ତର୍ଗତ ସାଂକୁଡା ଗ୍ରାମର ଦାମ ସେଠୀଙ୍କ ଝିଅ ଗୀତାଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ସନ୍ତାନ ଜନ୍ମ ହୋଇଥିଲା। ତେବେ ୨୦୧୮ ରେ ପୋଲସରା ଥାନା ଅନ୍ତର୍ଗତ ବାଉଁଶିଆ ନିକଟ ନୂଆପଲି ଗ୍ରାମର ଦେବରାଜ ସେଠୀଙ୍କ ଝିଅ ମିନାକ୍ଷୀଙ୍କୁ ଅନାଥ ଦ୍ୱିତୀୟ ବିବାହ କରିଥିଲେ। ଏହାକୁ ନେଇ ପ୍ରଥମ ସ୍ତ୍ରୀ ଗୀତା ଓ ଅନାଥଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ବର୍ତ୍ତମାନ ଅନାଥ ଓ ଉଭୟ ସ୍ତ୍ରୀ ଅନାଥଙ୍କ ପରିବାର ସହ ଏକାଠି ରହୁଥିଲେ। ତେବେ ଗୁରୁବାର ଗୀତା କୌଣସି କାରଣରୁ ବିଷ ପିଇ ଛଟପଟ ହେଉଥିବାବେଳେ ଅନାଥ ଗୀତାକୁ ସୁମଣ୍ଡଳ ମେଡିକାଲ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ଗୀତାଙ୍କ ବାପା ଦାମ ସେଠୀ ବେଗୁନିଆପଡ଼ା ଥାନାରେ ଗୀତାକୁ ବିଷ ଦେଇ ମାରିଦେଇ ଥିବା ଅଭିଯୋଗ କରିଥିଲେ। ପୁଲିସ ଥାନା କେସନଂ(୧୨୬/୨୦୨୪)ରେ ମାମଲା ରୁଜୁକରି ଅନାଥକୁ ଗିରଫ କରିଛି। ତେବେ କେଉଁ କାରଣରୁ ଗୀତା ବିଷ ପିଇଲେ ତାହା ଅସ୍ପଷ୍ଟ ରହିଛି।

# ଫେରାର ବିଦେଶୀ ଜାନି ଗିରଫ

**ଖଲ୍ଲିକୋଟ,୧୫ ।୩(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ଗୁହାରିଆପାଟ ଗ୍ରାମରୁ ଜଣେ ୱାରେଣ୍ଟିକୁ ଗିରଫ କରି ପୁଲିସ କୋର୍ଟଚାଲାଣ କରିଛି। ଗୁହାରିଆପାଟ ଗ୍ରାମର ବିଦେଶୀ ଜାନିଙ୍କ ବିରୋଧରେ ଖଲ୍ଲିକୋଟ କୋର୍ଟରେ ଜିଆର ନମ୍ବର ୧୨୮/୨୦୧୪ ଅନୁଯାୟୀ ଏକ ମାମଲା ବିଚାରାଧୀନ ରହିଛି। ସେ କୋର୍ଟରେ ହାଜର ନ ହେବାରୁ ତାଙ୍କ ବିରୋଧରେ ୱାରେଣ୍ଟ ଜାରି ହୋଇଥିଲା। ଶୁକ୍ରବାର ବିଦେଶୀ ଜାନିଙ୍କୁ ଗୁହାରିଆପାଟ ଗ୍ରାମରୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ନରେଶ କୁମାର ସାହୁ କହିଛନ୍ତି।

**● ମୋବାଇଲ୍, ଟଙ୍କା ଲୁଟ୍ ଘଟଣା**

# ୪ ଗିରଫ; ଚୋରି ସାମଗ୍ରୀ ଉଦ୍ଧାର

**ଖଲ୍ଲିକୋଟ,୧୫ ।୩(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ଗୁହାରିଆପାଟ ଗ୍ରାମ ନିକଟରେ ଭାଇ ଭଉଣୀଙ୍କୁ ଆକ୍ରମଣ କରି ମୋବାଇଲ ଫୋନ ଓ ୧୦ ହଜାର ଟଙ୍କା ଲୁଟି ନେବା ଘଟଣାରେ ପୁଲିସ ଶୁକ୍ରବାର ୪ ଜଣଙ୍କୁ ଗିରଫ କରିବା ସହ ମୋବାଇଲ ଫୋନ ଓ ଟଙ୍କା ଉଦ୍ଧାର କରିଛି। ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ନାବାଳକ ଥିବାରୁ ତାଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି।




ସୂଚନାନୁଯାୟୀ, ବେଗୁନିଆପଡ଼ା ଅଞ୍ଚଳର ଭାଇ ଭଉଣୀ ଗତ ୧୩ ତାରିଖ ସନ୍ଧ୍ୟା ୭ଟାରେ ବାଇକ୍ ଯୋଗେ ନିଜ ଗ୍ରାମକୁ ଫେରୁଥିବାବେଳେ ଗୁହାରିଆପାଟ ଗ୍ରାମ ନିକଟରେ କିଛି ସମୟ ପାଇଁ ରହିଥିଲେ। ଏହି ସମୟରେ ୫ ଜଣ ଯୁବକ ଆସି ଆକ୍ରମଣ କରିବା ସହ ସେମାନଙ୍କ ଠାରୁ ୨ଟି ମୋବାଇଲ ଫୋନ ଓ ନଗଦ ୧୦ ହଜାର ଟଙ୍କା ଲୁଟି ନେଇଥିଲେ। ଭାଇ ଭଉଣୀ ସେଠାରୁ ଆସି ଖଲ୍ଲିକୋଟ ଥାନାରେ ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଖଲ୍ଲିକୋଟ ଥାନା କେସନଂ(୨୧୨/୨୦୨୪) ଅନୁଯାୟୀ ମାମଲା ରୁଜୁ କରି ଥାନା ଅଧିକାରୀ ନରେଶ କୁମାର ସାହୁ ତଦନ୍ତ ଆରମ୍ଭ କରିଥିଲେ। ଶୁକ୍ରବାର ଗୁହାରିଆପାଟ ଗ୍ରାମରେ ଚଢ଼ାଉ କରି ଦୀପକ ଜାନି, ମନୋଜ ଶବର, ସୁଶାନ୍ତ ଜାନି, ମନୋଜ ଜାନିଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୩ଟି ମୋବାଇଲ ଫୋନ ଓ ନଗଦ ୧୦ ହଜାର ଟଙ୍କା ଜବତ କରିଥିଲେ।




# ଇଡ୍‌କୋକୁ ହସ୍ତାନ୍ତର ହେବ ବରଗଡ଼ ଚିନିକଳ ଜମି

ଭୁବନେଶ୍ୱର, ୧୫ ।୩(ସମିସ): ବରଗଡ଼ସ୍ଥିତ ଚିନିକଳ ଜମିକୁ ଇଡ୍‌କୋକୁ ହସ୍ତାନ୍ତର କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଆଗାମୀ ଦିନରେ ଇଡ୍‌କୋ ଏହି ଜମିରେ ନୂତନ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନେବ । ସୂଚନାଯୋଗ୍ୟ ଯେ ଯନ୍ତ୍ରାଂଶ ରକ୍ଷଣାବେକ୍ଷଣ ଓ ମରାମତି ତଥା ନୂତନ ମେସିନ୍ ପାଇଁ ପାଣ୍ଠି ଅଭାବ ଏବଂ ଅନ୍ୟାନ୍ୟ ବିଭିନ୍ନ କାରଣ ପାଇଁ ଚିନିକଳରେ କାମ ବନ୍ଦ ରହିଥିଲା । ସେଥିପାଇଁ ଏହାର ଜମିକୁ ଇଡ୍‌କୋକୁ ହସ୍ତାନ୍ତର କରି ନୂତନ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଥିଲେ । ନିଷ୍ପତ୍ତି ଅନୁଯାୟୀ, ଚିନିକଳର ସମୁଦାୟ ୧୦୩.୨୧ ଏକର ଜମି ମଧ୍ୟରୁ ବିବାଦମୁକ୍ତ ୭୨.୧୨ଏକର ଜମି ପାଇଁ ଇଡ୍‌କୋ ୪୦.୬୮ କୋଟି ଟଙ୍କା ପ୍ରଦାନ କରିଛି । ବରଗଡ଼ର ଅତିରିକ୍ତ ଜିଲ୍ଲାପାଳ ତଥା ବରଗଡ଼ କୋ-ଅପରେଟିଭ୍ ସୁଗାର ମିଲ୍‌ର୍ସଙ୍କୁ ଏହି ଟଙ୍କା ପ୍ରଦାନ କରାଯାଇଛି । ବାକି ସବୁ ଜମି ବିବାଦମୁକ୍ତ ହେବା ପରେ ଇଡ୍‌କୋକୁ ହସ୍ତାନ୍ତର କରାଯିବ । ଏହାପରେ ଏଠାରେ ନୂତନ ଶିଳ୍ପ ପ୍ରତିଷ୍ଠା ସମ୍ଭବ ହୋଇପାରିବ ବୋଲି ଆଶା କରାଯାଉଛି ।

**ଆଗାମୀ ଦିନରେ ହେବ ନୂତନ ଶିଳ୍ପ ପ୍ରତିଷ୍ଠା**

**ସମୁଦାୟ ୧୦୩.୨୧ଏକର ଜମିରୁ ୭୨.୧୨ଏକର ଜମି ପାଇଁ ଇଡ୍‌କୋ ଦେଇଛି ଟଙ୍କା**

ନାଟମଣ୍ଡପ ମରାମତି

# ଷ୍ଟେନ୍‌ଲେସ୍ ଷ୍ଟିଲ୍ ବିମ୍ ସଂଯୋଗ କାମ ଆରମ୍ଭ

ପୁରୀ, ୧୫ ।୩ (ସମିସ): ଶ୍ରୀମନ୍ଦିର ନାଟମଣ୍ଡପର ମୁଖ୍ୟ ବିମ୍‌ରେ ହୋଇଥିବା ଫାଟର ମରାମତି ସରିଥିବା ବେଳେ ଏଥିରେ ସପୋର୍ଟ ଦିଆଯିବ । ଏହି ଫଟା ବିମ୍‌କୁ ୪ଟି ଷ୍ଟେନଲେସ୍ ଷ୍ଟିଲ ବିମ୍ ସପୋର୍ଟ ଦେବେ । ତେବେ ଏହି ଷ୍ଟେନଲେସ୍ ଷ୍ଟିଲ ବିମ୍ ଲଗାଯିବା କାମ ଶୁକ୍ରବାର ଆରମ୍ଭ ହୋଇଛି । ଧାର୍ଯ୍ୟ ସମୟ ଆସନ୍ତା ୧୯ ତାରିଖ ମଧ୍ୟରେ ନାଟମଣ୍ଡପ କାମ ସମ୍ପୂର୍ଣ୍ଣ ହେବ ବୋଲି ଏଏସ୍‌ଆଇ ପକ୍ଷରୁ କୁହାଯାଇଛି ।

**ଧାର୍ଯ୍ୟ ସମୟରେ କାମ ସରିବ: ଏଏସ୍‌ଆଇ**



ନାଟମଣ୍ଡପ ମୁଖ୍ୟ ବିମ୍‌ରେ ଫାଟ ଯୋଗୁ ଏହାର ସ୍ଥିତି ଦୁର୍ବଳ ଥିବା ବେଳେ ମରାମତି ଦିଗରେ ବିଳମ୍ବ ହୋଇଥିଲା । ଫଳରେ ଏହାକୁ ନେଇ ହାଇକୋର୍ଟରେ ମାମଲା ରୁଜୁ କରାଯାଇଥିଲା । ଏହାକୁ ଗମ୍ଭୀରତାର ସହ ଗ୍ରହଣ କରି ହାଇକୋର୍ଟ ତୁରନ୍ତ କାମ ସାରିବା ଲାଗି ନିର୍ଦ୍ଦେଶ ଦେଇଥିଲେ । ସେହି ଅନୁଯାୟୀ ଏଏସ୍‌ଆଇ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । ଗତ ନଭେମ୍ବର ୧୬ ତାରିଖରୁ ନାଟମଣ୍ଡପ ମରାମତି କାମ ଆରମ୍ଭ କରାଯାଇଥିଲା । ମାତ୍ର କାର୍ତ୍ତିକ ମାସ ଯୋଗୁ କାମ କରିବାକୁ ପର୍ଯ୍ୟାପ୍ତ ସମୟ ମିଳି ନଥିଲା । କାର୍ତ୍ତିକ ପରେ କାମ ଦ୍ରୁତ ଗତିରେ କରାଯାଇ ନାଟମଣ୍ଡପର ଉପରି ଭାଗର ପଥର ଯୋଡ଼େଇ, ସଫେଇ, ଗ୍ରାଉଟିଂ, ସିଲିଂ ଆଦି କାମ କରାଯାଇଥିଲା । ହେଲେ ଫାଟିଥିବା ମୁଖ୍ୟ ବିମ୍ ମରାମତି କେଉଁ ସମୟରେ ହେବ, ଏଏସ୍‌ଆଇକୁ କେତେ ସମୟ ମିଳିବ ଏବଂ ଏହି ସମୟରେ ଦର୍ଶନ ବ୍ୟବସ୍ଥା କିଭଳି ରହିବ; ସେଥିଲାଗି ଗତ ମାସ ୨୦ ତାରିଖରେ ଛତିଶା ନିଯୋଗ ବୈଠକ ବସି ଚୂଡ଼ାନ୍ତ ହୋଇଥିଲା ।

ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଫେବୃୟାରୀ ୨୩ରୁ କାମ ଆରମ୍ଭ ହୋଇ ମାର୍ଚ୍ଚ ୧୯ ସୁଦ୍ଧା କାମ ଶେଷ କରିବ ଏଏସ୍‌ଆଇ । ଏହି ୨୫ଦିନ ପ୍ରତ୍ୟହ ଅପରାହ୍ଣ ୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ନାଟମଣ୍ଡପ ମରାମତି ହେବ । ଏହି ୨୫ଦିନ ରାତି ୨ଟାରୁ ଦ୍ୱାର ଫିଟି ନୀତିକାନ୍ତି ଆରମ୍ଭ କରାଯିବ । ସେହିପରି ରାତି ୧୧ଟାରେ ପହୁଡ଼ ପଡ଼ିବ । ଦୈନିକ ୬ଘଣ୍ଟା ସମୟ ପାଇ ଭଲ ଭାବେ ମରାମତି କରିବ ଏଏସ୍‌ଆଇ । ଏହି ମରାମତି ସମୟରେ ଭକ୍ତଙ୍କ ଦର୍ଶନରେ କୌଣସି ପ୍ରକାର ସମସ୍ୟା ହେବ ନାହିଁ । କିନ୍ତୁ ମରାମତି ବେଳେ ନାଟମଣ୍ଡପରୁ ଦର୍ଶନ ବ୍ୟବସ୍ଥା ବନ୍ଦ ରହିବ ବୋଲି ଚୂଡ଼ାନ୍ତ ହୋଇଥିଲା । ସେହି ଅନୁଯାୟୀ, ୨୩ ତାରିଖରୁ କାମ ଆରମ୍ଭ କରାଯାଇଛି । ତେବେ ଫାଟ ବିମ୍‌ରେ ସପୋର୍ଟ ଦେବା ଲାଗି ଗତ ବୁଧବାର ୪ଟି ଷ୍ଟେନଲେସ୍ ଷ୍ଟିଲ ବିମ୍ ପହଞ୍ଚିଥିଲା । ଏହି ବିମ୍‌କୁ ଗୁରୁବାର ମନ୍ଦିର ଭିତରକୁ ନିଆଯାଇଥିବା ବେଳେ ଶୁକ୍ରବାରଠାରୁ ଲଗାଇବା କାମ ଆରମ୍ଭ କରାଯାଇଛି । ଏହି ଷ୍ଟେନଲେସ୍ ଷ୍ଟିଲ ବିମ୍ ଫାଟିଥିବା ମୁଖ୍ୟ ବିମ୍‌କୁ ସପୋର୍ଟ ଦେବେ । ଫଳରେ ମୁଖ୍ୟ ବିମ୍‌କୁ ନେଇ କୌଣସି ବିପଦ ରହିବ ନାହିଁ ବୋଲି ଏଏସ୍‌ଆଇ ପକ୍ଷରୁ କୁହାଯାଇଛି ।

# ପଣ୍ୟ ବୋଝେଇରେ ପୁଣି ରେକର୍ଡ କଲା ପୂର୍ବତଟ ରେଳପଥ

ଭୁବନେଶ୍ୱର, ୧୫ ।୩ (ସମିସ): ଖୋର୍ଦ୍ଧାରୋଡ୍ ମଣ୍ଡଳ ଚଳିତ ଆର୍ଥିକ ବର୍ଷରେ ୩୪୭ ଦିନରେ ୧୫୦ ନିୟୁତ ଟନ୍ ମାଲ ଲୋଡିଙ୍ଗ୍ ବୋଝେଇ ଲକ୍ଷ୍ୟ ହାସଲ କରିଛି । ୧ ଏପ୍ରିଲ ୨୦୨୩ରୁ ୧୨ମାର୍ଚ୍ଚ, ୨୦୨୪ ପର୍ଯ୍ୟନ୍ତ ଏହି ମଣ୍ଡଳ ୧୫୦ ନିୟୁତ ଟନ୍ ପଣ୍ୟ ପରିବହନ କରିଛି । ଗତ ଆର୍ଥିକ ବର୍ଷ ତୁଳନାରେ ୯ ଦିନ ପୂର୍ବରୁ ବିଭାଗ ଏହି ମାଇଲଖୁଣ୍ଟ ହାସଲ କରିଛି । ଆର୍ଥିକ ବର୍ଷ ୨୦୨୨-୨୦୨୩ ରେ ସମାନ ଲକ୍ଷ୍ୟ ହାସଲ କରିବାକୁ ୩୫୬ଦିନ ଲାଗିଥିଲା । ଚଳିତ ବର୍ଷରେ ୧୫୦ ନିୟୁତ ଟନ୍‌ର ମାଲ୍ ବୋଝେଇ ପ୍ରଶାସନରେ ୧୩, ୬୭୪କୋଟି ଟଙ୍କା ରାଜସ୍ୱ ହାସଲ କରିଛି । ଖୋର୍ଦ୍ଧାରୋଡ୍ ମଣ୍ଡଳର ସମସ୍ତ ଲୋଡିଂ ପଏଣ୍ଟରେ ସରକାରୀ ଓ ଶିଳ୍ପସଂସ୍ଥା ସହିତ ସଠିକ୍ ଯୋଜନା ଏବଂ ସମନ୍ୱୟ, ଲକ୍ଷ୍ୟ ହାସଲ କରିବାରେ ବହୁ ଅବଦାନ ଦେଇଛି ।

**୧୩, ୬୭୪ କୋଟି ରାଜସ୍ୱ ଆୟ**

୨୦୨୩-୨୪ ଆର୍ଥିକ ବର୍ଷରେ ଖୋର୍ଦ୍ଧାରୋଡ୍ ମଣ୍ଡଳ ୧୧୨.୬୪ ନିୟୁତ ଟନ୍ କୋଇଲା, ୭.୩୬ ନିୟୁତ ଟନ୍ କଞ୍ଚାମାଲ ଇସ୍ପାତ କାରଖାନାକୁ, ୧୨.୪୨ ନିୟୁତ ଟନ୍ ପିଗ୍ ଆଇରନ ଏବଂ ଉତ୍ପାଦ ଇସ୍ପାତ, ୭.୧୫ନିୟୁତ ଟନ୍ ଲୁହାପଥର, ୪.୦୯ ନିୟୁତ ଟନ୍ ସାର ଏବଂ ୬.୬୪ ନିୟୁତ ଟନ୍ ଅନ୍ୟାନ୍ୟ ସାମଗ୍ରୀ ଅର୍ଥାତ୍ ସିମେଣ୍ଟ, ଖାଦ୍ୟଶସ୍ୟ, ଖଣିଜ ତେଲ ଇତ୍ୟାଦି ବୋଝେଇ କରିଛି । ଚଳିତ ଆର୍ଥିକ ବର୍ଷରେ, ଭାରତୀୟ ରେଲୱେରେ ଖୋର୍ଦ୍ଧାରୋଡ୍ ମଣ୍ଡଳ ହେଉଛି ପ୍ରଥମ ଏବଂ ଏକମାତ୍ର ମଣ୍ଡଳ, ଯାହାକି ୨୭୭ ନିୟୁତ ଟନ୍ ଟ୍ରାଫିକ୍ ପରିଚାଳନା କରିଛି (ଉଭୟ ଲୋଡିଂ ଏବଂ ଅନଲୋଡିଂ) । ୧ ଏପ୍ରିଲ ୨୦୨୩ରୁ ୧୨ମାର୍ଚ୍ଚ ୨୦୨୪ ଅବଧି ମଧ୍ୟରେ ଡିଭିଜନ୍ ୧୫୦ ନିୟୁତ ଟନ୍ ମାଲ ବୋଝେଇ କରିଛି ଏବଂ ୧୨୭ ନିୟୁତ ଟନ୍ ଅନଲୋଡ୍ କରିଛି । ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଳପ୍ରବନ୍ଧକ, ଏଚ୍.ଏସ୍. ବାଜୱା, ହିତାଧିକାରୀ ତଥା ଜନସାଧାରଣଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଦେଶର ବିଭିନ୍ନ ସ୍ଥାନକୁ ଅତ୍ୟାବଶ୍ୟକ ସାମଗ୍ରୀ ଏବଂ କଞ୍ଚାମାଲ ପରିବହନରେ ଦିନରାତି ଉଦ୍ୟମ କରିଥିବା କର୍ମଚାରୀ ଏବଂ ଅଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ୧୦୬୧ ସ୍ନାତକୋତ୍ତର ଶିକ୍ଷକ ପଦ ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର, ୧୫ ।୩ (ସମିସ): ରାଜ୍ୟର ଶିକ୍ଷା ଭିତ୍ତିଭୂମି କ୍ରମାଗତ ଭାବେ ସୁଦୃଢ଼ ହେଉଛି । ଉନ୍ନତ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର ନିଯୁକ୍ତିକୁ ଗୁରୁତ୍ୱ ଦେଉଛନ୍ତି । ଏହି କ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମୁଦାୟ ୨୩ଟି ବିଷୟରେ ୧୦୬୧ଜଣ ନୂତନ ସ୍ନାତକତ୍ତୋର ଶିକ୍ଷକ(ପିଜିଟି) ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ୪୮୮ ବର୍ଗ ପୂର୍ଣ୍ଣଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ତାଙ୍କୁ ନିଯୁକ୍ତି ଦିଆଯିବ । ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି) ପକ୍ଷରୁ ପରିଚାଳନା କରାଯାଉଥିବା ଏହି ପରୀକ୍ଷା ପାଇଁ ଆସନ୍ତା ୧୮ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ । ଆଶାୟୀ ପ୍ରାର୍ଥୀମାନେ ଏପ୍ରିଲ ୧୮ ତାରିଖ ପୂର୍ବରୁ ଏସ୍‌ଏସ୍‌ବି ୱେବ୍‌ସାଇଟ୍ www.ssbodisha.ac.inରେ ଆବେଦନ କରିପାରିବେ ।

**୧୮ରୁ ଆବେଦନ ପ୍ରକ୍ରିୟା ଆରମ୍ଭ**

# ଜଳେଶ୍ୱରର ପୂର୍ବତନ ଆଇଆଇସି ଗିରଫ

କଟକ/ବାଲେଶ୍ୱର/ଜଳେଶ୍ୱର, ୧୫ ।୩ (ସମିସ): ଜଳେଶ୍ୱରର ପୂର୍ବତନ ଆଇଆଇସି ଧନେଶ୍ୱର ସାହୁଙ୍କୁ କ୍ରାଇମବ୍ରାଞ୍ଚ ଆଜି ନରସିଂହପୁର ବଡ଼ଭୂଇଁସ୍ଥିତ ନିଜ ବାସଭବନରୁ ଗିରଫ କରିଛି । ଗତ ୩ବର୍ଷ ହେବ ସେ ଫେରାର୍ ଥିଲେ । ସୂଚନାଯୋଗ୍ୟ, ୨୦୨୦ ଅଗଷ୍ଟ ୧୪ତାରିଖ ଦିନ ଶ୍ରୀ ସାହୁଙ୍କ ଏକ ଅଡିଓ କ୍ଲିପ୍ ଲୋକଲୋଚନକୁ ଆସିଥିଲା । ଏଥିରେ ସେ ଜଳେଶ୍ୱର ସହରର ୭ ନମ୍ବର ୱାର୍ଡର ଶାସନବାଡ଼ ଅଞ୍ଚଳର ପୁସୁ ନାମକ ଜଣେ ବ୍ରାଉନସୁଗର ବେପାରୀ ସହ ମୂଲଚାଲ କରୁଥିବା ଜଣାପଡ଼ିଥିଲା । ଏକ କଦଳୀ ଗାଡ଼ିରେ ଦୁଇରୁ ଅଢ଼େଇ କେଜି ବ୍ରାଉନସୁଗର ଆସିଥିବା ନେଇ ଆଇଆଇସି ଶ୍ରୀ ସାହୁ ଗୁଇନ୍ଦା ସୂଚନା ପାଇଥିଲେ । ଜଣେ ମଧ୍ୟସ୍ଥି ଜରିଆରେ ସେ ବେପାରୀକୁ ଲକ୍ଷାଧିକ ଟଙ୍କାର ବଟି ମାଗୁଥିବାର ଅଡିଓ ଭାଇରାଲ ହୋଇଥିଲା । ଏହି ଘଟଣାରେ ତତ୍କାଳୀନ ପୁଲିସ ଡିଜି ଅଭୟ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଶ୍ରୀ ସାହୁଙ୍କୁ ଚାକିରିରୁ ନିଲମ୍ବନ କରିଥିଲେ । ପରେ ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ ହୋଇଥିଲା । ଜଳେଶ୍ୱର ଥାନା ସମେତ ଆଇଆଇସିଙ୍କ କ୍ୱାର୍ଟର, ସହଯୋଗୀ ଜନୈକ ଗ୍ରାମରକ୍ଷୀଙ୍କ ଜଳେଶ୍ୱର ବ୍ଲକ୍ ଶିଖରପୁର ପଞ୍ଚାୟତର ସୁଖଦୁଃଖିଆ ଗ୍ରାମ, ଭୁବନେଶ୍ୱରସ୍ଥିତ ଘର ସମେତ ଅନେକ ସ୍ଥାନରେ ଚଢ଼ଉ କରିଥିଲା ଭିଜିଲାନ୍ସ । ତାଙ୍କ ଜଳେଶ୍ୱର କ୍ୱାର୍ଟରକୁ ଭିଜିଲାନ୍ସ ଦୀର୍ଘଦିନ ଧରି ସିଲ୍ କରିବା ସହ ସେଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିଲା । ପରେ ଏହି ମାମଲାର ତଦନ୍ତଭାର ରାଜ୍ୟ କ୍ରାଇମବ୍ରାଞ୍ଚ ହାତକୁ ଯାଇଥିଲା ।

ସୂଚନାଯୋଗ୍ୟ, ୨୦୧୩ ମସିହାରେ ଶ୍ରୀ ସାହୁ ପ୍ରଥମେ ଜଳେଶ୍ୱର ଥାନା ଆଇଆଇସି ଭାବେ କାର୍ଯ୍ୟ କରୁଥିଲେ । ପରେ ୨୦୨୦ ମସିହାରେ ଧନେଶ୍ୱର ପୁଣି ଜଳେଶ୍ୱର ଥାନା ଆଇଆଇସି ଭାବେ ଦାୟିତ୍ୱ ନେବା ପରେ ବ୍ରାଉନସୁଗର ବେପାରୀଙ୍କ ସହ ଭିତିରି ସମ୍ପର୍କ ରଖି ନିଶା କାରବାର ଚଳାଇବା ସହ ଲକ୍ଷଲକ୍ଷ କଳା ଟଙ୍କାର ମାଲିକ ସାଜିଥିଲେ । ଦୀର୍ଘ ୩ ବର୍ଷ ୭ ମାସ ହେଲା ଫେରାର ଥିଲେ ପୁଲିସ ବାବୁ । ଗିରଫ ଭୟରେ ଧନେଶ୍ୱର ଫେରାର ଥିଲେ । ସେବେଠାରୁ ତାଙ୍କୁ ଖୋଜାଖୋଜି କରୁଥିଲା ପୁଲିସ । ଆଜି ନରସିଂହପୁର ବଡ଼ ଭୂଇଁସ୍ଥିତ ନିଜ ଘରୁ ଧନେଶ୍ୱରଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ ଟିମ୍ ।



**ବ୍ରାଉନସୁଗର୍ ବେପାରୀଙ୍କ ସହ ଡିଲ୍ ଅଭିଯୋଗରେ ନିଲମ୍ବିତ ହୋଇଥିଲେ**

**୩ବର୍ଷ ହେବ ଫେରାର ଥିଲେ**




ଜ୍ଞାନ ଅର୍ଜନ ପାଇଁ ହୋଇଥିବା ନିବେଶ ସର୍ବାଧିକ ସୁଧ ଦିଏ।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍



# ଓଡ଼ିଶାରେ ଉଚ୍ଚଶିକ୍ଷାର ରୂପାନ୍ତରଣ



**ଅତନୁ ସବ୍ୟସାଚୀ ନାୟକ**
ମନ୍ତ୍ରୀ, ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାର

ମାନବୀୟ ଚିନ୍ତାଧାରାର ବିକାଶ ଓ ସୁସ୍ଥ ସମାଜ ଗଠନରେ ଶିକ୍ଷା ହିଁ ଶକ୍ତି, ସାମର୍ଥ୍ୟ ଓ ପ୍ରେରଣା ପ୍ରଦାନ କରେ। ଯେକୌଣସି ରାଷ୍ଟ୍ରର ସର୍ବାଙ୍ଗୀନ ବିକାଶରେ ଶିକ୍ଷାର କ୍ରମବର୍ଦ୍ଧିଷ୍ଣୁ ଅଭିବୃଦ୍ଧି ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଅତୀତର ଅଭିଜ୍ଞତା ଓ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆମ ରାଜ୍ୟର ଉଚ୍ଚଶିକ୍ଷା ବିଭାଗ ବର୍ତ୍ତମାନରେ ପ୍ରଗତିଶୀଳ ଉନ୍ମୁକ୍ତ ଗଠନମୂଳକ ଚିନ୍ତାଧାରାରେ କାର୍ଯ୍ୟ ଜାରି ରଖିଛନ୍ତି। ଏକବିଂଶ ଶତାବ୍ଦୀରେ ଉଚ୍ଚଶିକ୍ଷା ଦୃଶ୍ୟପଟ୍ଟରେ ସମୟୋପଯୋଗୀ ଆହ୍ୱାନକୁ ମୁକାବିଲା କରିବା ଦିଗରେ ଆମେ 'ଫାଇଭ-ଟି'କୁ ମୁଖ୍ୟ ଆୟୁଧ କରିଛୁ। ନିରବଚ୍ଛିନ୍ନ ଭାବେ ଉଚ୍ଚଶିକ୍ଷାର ଗୁଣାତ୍ମକ ଅଭିବୃଦ୍ଧି, ମୂଲ୍ୟବୋଧଭିତ୍ତିକ ସମୟୋପଯୋଗୀ ଶିକ୍ଷା ଓ ବୌଦ୍ଧିକ ବିକାଶ, ବୈଶ୍ୱିକ ଆହ୍ୱାନ ଅନୁରୂପ ଶିକ୍ଷା ଭିତ୍ତିଭୂମି ପ୍ରସ୍ତୁତି ଓ ରାଜ୍ୟର ଯୁବପିଢ଼ି ପାଇଁ ପାଠପଢ଼ାରେ ଅର୍ଥାଭାବ ଯେଭଳି ବାଧକ ନ ସାଜେ ସେହି ସଂକଳ୍ପ ନେଇ ଏବେ ଉଚ୍ଚଶିକ୍ଷା ବିଭାଗ ନିରନ୍ତର ପ୍ରୟାସ ଜାରି ରଖିଛି।

୨୦୦୦ ମସିହାର ସୀମିତ ଓ ବିପର୍ଯ୍ୟସ୍ତ ଶିକ୍ଷା ଭିତ୍ତିଭୂମି ପୃଷ୍ଠଭୂମିରେ ରାଜ୍ୟବାସୀଙ୍କ ସେବା କରିବାର ନେତୃତ୍ୱ ନେଇଥିଲେ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ। ତାଙ୍କର ଦୂରଦୃଷ୍ଟି ଓ ବଳିଷ୍ଠ ନେତୃତ୍ୱରେ ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଆସିଛି ବୈପ୍ଳବିକ ପରିବର୍ତ୍ତନ। ରାଜ୍ୟରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସଂଖ୍ୟା କେବଳ ବଢ଼ିନି, ଛାତ୍ରଛାତ୍ରୀଙ୍କ ସଂଖ୍ୟାରେ ମଧ୍ୟ ଯଥେଷ୍ଟ ବୃଦ୍ଧି ଘଟିଛି। ଶିକ୍ଷକଙ୍କ ଅନୁପାତ ବଢ଼ିଛି। ଜାତୀୟସ୍ତରର ଅନେକ ଶିକ୍ଷାନୁଷ୍ଠାନ ରାଜ୍ୟରେ ଖୋଲିଛି। ବିଶ୍ୱସ୍ତରୀୟ ଶିକ୍ଷା ଭିତ୍ତିଭୂମିର ମୂଳଦୁଆ ବି ପଡ଼ିଛି। ସାଧାରଣ ଶିକ୍ଷା ସହ ବୈଷୟିକ ଶିକ୍ଷା ଭିତ୍ତିଭୂମିର ସୁଦୃଢ଼ୀକରଣ ଯୋଗୁଁ ଓଡ଼ିଶା ଏବେ ସମଗ୍ର ପୂର୍ବ ଭାରତର ଏକ ଉତ୍କର୍ଷ ଶିକ୍ଷାକେନ୍ଦ୍ରରେ ପରିଣତ ହୋଇଛି। ଉନ୍ନତମାନର ଉଚ୍ଚଶିକ୍ଷା ଭିତ୍ତିଭୂମି ଓ ଶିକ୍ଷା ପ୍ରଣାଳୀ ଦେବାରେ ଆମେ ଜାତୀୟସ୍ତରରେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛୁ।

ବିଗତ ୨୩ବର୍ଷ ମଧ୍ୟରେ ଆମର ଉପଲବ୍ଧି କ'ଣ ବୋଲି ଯଦି କୁହାଯାଏ, ତା'ହେଲେ ଗୋଟିଏ ବାକ୍ୟରେ ମୁଁ ଦମ୍ଭୋକ୍ତିର ସହ କହିପାରେ କି ରାଜ୍ୟରେ ପ୍ରତ୍ୟେକଙ୍କ ପାଇଁ ସୁଲଭ ଓ ହାତପାଆନ୍ତାରେ ଗୁଣାତ୍ମକ ମାନର ଉଚ୍ଚଶିକ୍ଷା ଉପଲବ୍ଧ। ବିପର୍ଯ୍ୟୟ ଶିକ୍ଷା ଭିତ୍ତିଭୂମିରୁ ଏବେ ଆମେ 'ନୂଆ-ଓ', 'ନବୀନ ମ୍ୟାଜିକ୍ କାର୍ଡ' - ଭଳି ନୂଆ ଯୁଗୋପଯୋଗୀ ଚିନ୍ତାଧାରାକୁ କାର୍ଯ୍ୟକ୍ଷମ କରାଇ ପାରିଛୁ। ରାଜ୍ୟର କୌଣସି ପିଲା ପାଇଁ ଉଚ୍ଚଶିକ୍ଷା ନିମନ୍ତେ ଆଉ ଅର୍ଥ ବାଧକ ସାଜିବ ନାହିଁ, ଏଭଳି ବିଶ୍ୱାସ ଓ ଭରସା ମଧ୍ୟ ରାଜ୍ୟବାସୀଙ୍କୁ ଆମ ମୁଖ୍ୟମନ୍ତ୍ରୀ ଦେବାରେ ସକ୍ଷମ ହୋଇଛନ୍ତି। ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଙ୍ଗୀକାରବଦ୍ଧତା ଯୋଗୁଁ ୨୦୦୦-୦୧ ଆର୍ଥିକ ବର୍ଷରେ ଉଚ୍ଚଶିକ୍ଷା ବିଭାଗର ବଜେଟ୍ ବ୍ୟୟବରାଦ ୪୬୨କୋଟି ଟଙ୍କାରୁ ୮୩୦ ପ୍ରତିଶତ ବୃଦ୍ଧି ପାଇ ଏବେ ୪୦୧୪କୋଟି ଟଙ୍କାରେ ପହଞ୍ଚି ପାରିଛି। ୨୦୦୦-୦୧ ଓ ୨୦୨୩-୨୪ ମଧ୍ୟରେ ରାଜ୍ୟରେ ଉଚ୍ଚଶିକ୍ଷା ଭିତ୍ତିଭୂମି କ୍ଷେତ୍ରରେ ଆଖିଦୃଶିଆ ପରିବର୍ତ୍ତନ ସମ୍ଭବ ହୋଇଛି। ଯଦି ଏହି ଅବଧିର ତୁଳନାତ୍ମକ ଚିତ୍ର ଦେଖିବା, ରାଜ୍ୟରେ ପ୍ରାୟ ୪୦ଟି ଡିଗ୍ରୀ କଲେଜରୁ ୧୦୪୦ଟି ଡିଗ୍ରୀ କଲେଜ, ୫ଟି ବିଶ୍ୱବିଦ୍ୟାଳୟରୁ ଏବେ ୧୭ଟି ରାଜ୍ୟ ବିଶ୍ୱବିଦ୍ୟାଳୟ ଓ ୭ଟି ଘରୋଇ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି। ଏଥିରେ ଗୋଟିଏ ମହିଳା ବିଶ୍ୱବିଦ୍ୟାଳୟ (ରମାଦେବୀ), ଗୋଟିଏ ଆଇନ ବିଶ୍ୱବିଦ୍ୟାଳୟ, ଦୁଇଟି ଭାଷା ବିଶ୍ୱବିଦ୍ୟାଳୟ ସାମିଲ ଅଛି। ସେତେବେଳର ୩.୨ଲକ୍ଷ ଛାତ୍ରଛାତ୍ରୀରୁ ଏବେ ୨ଗୁଣରୁ ଅଧିକ ଅର୍ଥାତ୍ ୬.୬ଲକ୍ଷ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଛାତ୍ରୀଙ୍କ ସଂଖ୍ୟାରେ ଉତ୍ସାହଜନକ ବୃଦ୍ଧି ହିଁ ନାରୀ ଶିକ୍ଷାର ପ୍ରସାରକୁ ସାର୍ଥକ କରିଛି। ୧.୬୯ଲକ୍ଷ ତୁଳନାରେ ୩.୮୪ଲକ୍ଷ ଛାତ୍ରୀ କେବଳ ଏବେ ଉଚ୍ଚଶିକ୍ଷାରେ ଅଧ୍ୟୟନ କରୁଛନ୍ତି। ପୂର୍ବରୁ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକରେ କୌଣସି ଗବେଷଣା କେନ୍ଦ୍ର ନଥିବା ବେଳେ ଏବେ ୨୧ଟି ଉତ୍କର୍ଷ ଗବେଷଣା କେନ୍ଦ୍ର କାର୍ଯ୍ୟକ୍ଷମ ଅଛି। ବିଗତ ୫ବର୍ଷ ମଧ୍ୟରେ ୫୮୭୦ଜଣ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି ଓ ଆଉ ୭୮୬ଟି ଅଧ୍ୟାପକ ପଦବୀରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇସାରିଛି।

୨୦୨୩ ମସିହା ରାଜ୍ୟର ଉଚ୍ଚଶିକ୍ଷା ପାଇଁ ଅନେକ ଗୁରୁତ୍ୱ ବହନ କରୁଛି। ରାଜ୍ୟ ସରକାରଙ୍କ ଦୁଇଟି ନୂଆ ବିଶ୍ୱବିଦ୍ୟାଳୟ କେନ୍ଦୁଝରରେ 'ଧରଣୀଧର ବିଶ୍ୱବିଦ୍ୟାଳୟ' ଓ ଜୟପୁରରେ 'ବୀରବିକ୍ରମ ଦେବ ବିଶ୍ୱବିଦ୍ୟାଳୟ' କାର୍ଯ୍ୟକ୍ଷମ ହେଲା। କଟକର ଡମପଡ଼ାଠାରେ ଜଗଦଗୁରୁ କୃପାଳୁ ଏକକ ବିଶ୍ୱବିଦ୍ୟାଳୟ, ରାଜ୍ୟର ଗର୍ବଗୌରବ ଓଡ଼ିଆ ବିଶ୍ୱବିଦ୍ୟାଳୟ(ସାକ୍ଷୀଗୋପାଳରେ ସ୍ଥାୟୀ କ୍ୟାମ୍ପସକୁ ମୁଖ୍ୟମନ୍ତ୍ରୀ ଗତ ଜାନୁୟାରୀ ମାସରେ ଲୋକାର୍ପିତ କରିଛନ୍ତି)ରେ ୭୨ଜଣ ଛାତ୍ରଛାତ୍ରୀ ପିଜି ପାଠ୍ୟକ୍ରମରେ ନାମ ଲେଖାଇବା, ୫୪କୋଟି ଟଙ୍କା ବ୍ୟୟରେ ବର୍ଷକ ମଧ୍ୟରେ ନିର୍ମିତ ରେଭେନ୍ସା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସର ଉଦଘାଟନ, ଜଟଣୀର ଇନ୍‌ଫୋଭ୍ୟାଲିଠାରେ ବିଶ୍ୱର ପ୍ରତିଷ୍ଠିତ ନାର୍ସି ମୋଞ୍ଜି ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ(ଏନ୍‌ଏମଆଇଏମଏସ୍) ବିଶ୍ୱବିଦ୍ୟାଳୟ ସ୍ଥାପନର ଶିଳାନ୍ୟାସ ଗତ ଡିସେମ୍ବର ମାସରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ଏସବୁ ବ୍ୟତୀତ ଜାଭିୟର ଇନଷ୍ଟିଚ୍ୟୁଟ୍ ଅଫ ମ୍ୟାନେଜମେଣ୍ଟ ବିଶ୍ୱବିଦ୍ୟାଳୟ(ଏକ୍ସଏଲ୍‌ଆରଆଇ) ଭୁବନେଶ୍ୱରରେ ସ୍ଥାପନ ହୋଇଛି, ଯାହାକି ଓଡ଼ିଶାକୁ ଏକ ପ୍ରମୁଖ ଶିକ୍ଷା ହବ୍ ଭାବେ ବିକଶିତ ହୋଇଥିବାର ପ୍ରମାଣିତ କରାଇଛି।

ଆମ ସରକାରଙ୍କ ନିରନ୍ତର ପ୍ରୟାସ ଓ ଭିତ୍ତିଭୂମି ସୁଧାର ଉପରେ ଗୁରୁତ୍ୱ ଯୋଗୁଁ ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ରର ପ୍ରମୁଖ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକୁ 'ନାକ୍' ମାନ୍ୟତା ମିଳିପାରିଛି। ରେଭେନ୍ସା ବିଶ୍ୱବିଦ୍ୟାଳୟକୁ 'ଏ++', ଉତ୍କଳ ବିଶ୍ୱବିଦ୍ୟାଳୟକୁ 'ଏ+' ଓ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ 'ଏ' ଗ୍ରେଡ୍ ମାନ୍ୟତା ଗତବର୍ଷ ମିଳିପାରିଛି।

ଓଡ଼ିଆ ଭାଷାର ଗବେଷଣା, ପ୍ରଚାର ଓ ପ୍ରସାର ନିମନ୍ତେ ଦେଶର ୭ଟି ପ୍ରମୁଖ ବିଶ୍ୱବିଦ୍ୟାଳୟରେ 'ଓଡ଼ିଆ ଚେୟାର' ପ୍ରତିଷ୍ଠାକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ଦେଶର ଖ୍ୟାତିସମ୍ପନ୍ନ ତଥା ପ୍ରତିଷ୍ଠିତ ନୂଆଦିଲ୍ଲୀସ୍ଥିତ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନୟୁ)ରେ ଓଡ଼ିଆ ଶିକ୍ଷା ପାଇଁ 'ବିଜୁ ପଟ୍ଟନାୟକ ସ୍ୱତନ୍ତ୍ର କେନ୍ଦ୍ର' ସ୍ଥାପନ ନିମନ୍ତେ ଗତମାସରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ତଥା 'ଫାଇଭ-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ ଶ୍ରୀଯୁକ୍ତ କାର୍ତ୍ତିକ ପାଣ୍ଡିଆନ ପ୍ରୟାସରେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ୧୮ଟି ବ୍ଲକରେ ୨୦୨୪-୨୫ ଶିକ୍ଷାବର୍ଷରୁ ୧୮ଟି ଡିଗ୍ରୀ କଲେଜ ଖୋଲିବା ପାଇଁ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ରାଜ୍ୟର ୮ଟି ଡିଗ୍ରୀ କଲେଜ ଓ ୬ଟି ବିଶ୍ୱବିଦ୍ୟାଳୟରେ ବିଇଡି ପାଠ୍ୟକ୍ରମ(ସେଲଫ୍ ଫାଇନାନ୍ସ ମୋଡ)ରେ ଏବେ ୭୦୦ ସିଟକୁ ଅନୁମୋଦନ ମିଳିଛି।

ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ସର୍ବଦା ରାଜ୍ୟର ଐତିହ୍ୟକୁ ତା'ର ମୂଳସ୍ୱରୂପରେ ସୁରକ୍ଷିତ ରଖିବା ଦିଗରେ ପ୍ରାଥମିକତା ଦେଇ ଆସୁଛନ୍ତି। ସେହି କାରଣରୁ ସ୍ୱାଧୀନତା ପୂର୍ବରୁ ରାଜ୍ୟରେ ସ୍ଥାପିତ ହୋଇଥିବା ୧୫ଟି ଉଚ୍ଚଶିକ୍ଷା ପ୍ରତିଷ୍ଠାନର କୋଠାର ସଂରକ୍ଷଣ ପାଇଁ ସେ ନିଷ୍ପତ୍ତି ନେଇଛନ୍ତି। ୧୮୬୮ ମସିହାରୁ ୧୯୪୭ ମସିହା ମଧ୍ୟରେ ରାଜ୍ୟରେ ସ୍ଥାପିତ ଏହି ୧୫ଟି ଶିକ୍ଷାନୁଷ୍ଠାନ ମଧ୍ୟରେ ବିଶ୍ୱବିଦ୍ୟାଳୟକୁ ୨କୋଟି ଓ କଲେଜକୁ ୧କୋଟି ଟଙ୍କା ଲେଖାଏଁ ମଞ୍ଜୁର ହୋଇଛି।

ଆମ ମୁଖ୍ୟମନ୍ତ୍ରୀଙ୍କ 'ଫାଇଭ-ଟି' ମନ୍ତ୍ର ଓ ଲୋକଙ୍କୁ ସରକାରରେ ପ୍ରତ୍ୟକ୍ଷ ଭାଗିଦାରୀ କରିବାର ଅଭିନବ କୌଶଳ ଯୋଗୁଁ ଗତ କିଛିବର୍ଷ ଧରି 'ମୋ କଲେଜ' ଅଭିଯାନ ଉଚ୍ଚଶିକ୍ଷା କ୍ଷେତ୍ରରେ ଜାରି ରହିଛି, ଯେଉଁଠି ପୁରାତନ କଲେଜର ଛାତ୍ରଛାତ୍ରୀମାନେ ନିଜ ଶିକ୍ଷାନୁଷ୍ଠାନ ସହ ଯୋଡ଼ି ହୋଇ ରହିବାର ସୁଯୋଗ ପାଉଛନ୍ତି। ସେମାନେ ନିଜ କଲେଜ ପାଇଁ ଯେତିକି ଟଙ୍କା ସହଯୋଗ ଦେବେ, ରାଜ୍ୟ ସରକାର ସେହି ଅର୍ଥର ଦୁଇଗୁଣ ଉକ୍ତ ଶିକ୍ଷାନୁଷ୍ଠାନକୁ ଅନୁଦାନ ଯୋଗାଇ ଦେଉଛନ୍ତି। ଯାହାଫଳରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ଭିତ୍ତିଭୂମିର ବିକାଶ ଅଧିକ ଗତିଶୀଳ ହୋଇପାରିଛି ଓ 'ମୋ କଲେଜ' ଅଭିଯାନରେ ୩୫୩୩୮ଜଣ ପୁରାତନ ଛାତ୍ରଛାତ୍ରୀ ନିଜ ଅନୁଷ୍ଠାନ ସହ ଜଡ଼ିତ ହୋଇଛନ୍ତି। ୭୭୫ଟି 'ମୋ କଲେଜ' ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ଖୋଲାଯାଇଛି। ଯାହାକି ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ନିଜେ ପରିଚାଳନା କରୁଛନ୍ତି। ଏହି 'ମୋ କଲେଜ' ଅଭିଯାନ ଉଚ୍ଚଶିକ୍ଷା ଅଭିଯାନକୁ ସମ୍ମାନଜନକ 'ସ୍କଚ୍ ସିଲଭର ଆୱାର୍ଡ' ମିଳିଛି। ରାଜ୍ୟରେ ଶିକ୍ଷାନୁଷ୍ଠାନର ଅନୁକୂଳ ଶୈକ୍ଷିକ ବାତାବରଣ ଓ ଛାତ୍ରଛାତ୍ରୀମାନଙ୍କୁ ନିଯୁକ୍ତି ସୁଯୋଗ ଦେବା ନିମନ୍ତେ ବଡ଼ ବଡ଼ ପ୍ରତିଷ୍ଠିତ ସଂସ୍ଥା ସହ ୭ଟି ବୁଝାମଣାପତ୍ର ବି ସ୍ୱାକ୍ଷରିତ ହୋଇଛି। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା କଲେଜଗୁଡ଼ିକର ଅଧ୍ୟକ୍ଷମାନଙ୍କ ପାଇଁ କର୍ମଶାଳାର ଆୟୋଜନ କରି ଶିକ୍ଷାଦାନ ବ୍ୟବସ୍ଥାକୁ ଅଧିକ ଯୁଗୋପଯୋଗୀ ଓ ବାସ୍ତବଧର୍ମୀ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

ଛାତ୍ରଛାତ୍ରୀମାନଙ୍କ ପାଇଁ ଉଚ୍ଚଶିକ୍ଷାକୁ ଅଧିକ ସୁଲଭ ଓ ସହଜ କରିବା ନିମନ୍ତେ ରାଜ୍ୟ ସରକାର 'ବିଜୁ ଯୁବ ସଶକ୍ତୀକରଣ' ଯୋଜନାରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରତିବର୍ଷ ୧୫ହଜାର ମାଗଣା ଲାପଟପ୍ ପ୍ରଦାନ କରୁଛନ୍ତି। ଭଲ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ପ୍ରାୟ ୧ଲକ୍ଷ ୪ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଏହି ଲାପଟପ୍ ଯୋଗାଇ ଦିଆଯାଇ ସାରିଛି। ଛାତ୍ରଛାତ୍ରୀଙ୍କୁ ସିଭିଲ୍ ସର୍ଭିସ୍ ପାଇଁ ପ୍ରୋତ୍ସାହିତ କରିବା ନିମନ୍ତେ ମାଗଣା କୋଚିଂ ବ୍ୟବସ୍ଥା, 'ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ' ଯୋଜନାରେ 'ଇ-ମେଧାବୃତ୍ତି', 'ବ୍ୟାସକବି ଫକୀରମୋହନ ଭାଷାବୃତ୍ତି ସ୍କଲାରସିପ୍', 'ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା' କାର୍ଯ୍ୟକାରୀ ହେଉଛି। କେବଳ ସେତିକି ନୁହେଁ, ଦେଶବିଦେଶରେ ବିଭିନ୍ନ ବର୍ଗର ଉଚ୍ଚଶିକ୍ଷା ନିମନ୍ତେ ରାଜ୍ୟର ଛାତ୍ରଛାତ୍ରୀମାନଙ୍କୁ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ସୁବିଧା ରାଜ୍ୟ ସରକାର ଯୋଗାଇ ଦେଉଛନ୍ତି। 'କଳିଙ୍ଗ ଶିକ୍ଷା ସାଥୀ' ସହାୟତା ଯୋଜନାରେ ଏହି ଶିକ୍ଷା ଋଣ ବାବଦର ସମସ୍ତ ସୁଧ ରାଜ୍ୟ ସରକାର ବହନ କରୁଛନ୍ତି। ବାର୍ଷିକ ୮ଲକ୍ଷ ଟଙ୍କାରୁ କମ୍ ଉପାର୍ଜନ କରୁଥିବା ପରିବାରର ଛାତ୍ରଛାତ୍ରୀମାନେ ବ୍ୟାଙ୍କ ମାଧ୍ୟମରେ ଏହି ଋଣ ସହାୟତା ପାଇ ପାରୁଛନ୍ତି। ଛାତ୍ରଛାତ୍ରୀମାନଙ୍କୁ ଗବେଷଣା ପାଇଁ ପ୍ରୋତ୍ସାହିତ କରିବା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବାର୍ଷିକ ୪୮କୋଟି ଟଙ୍କାର ବ୍ୟୟବରାଦ 'ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋସିପ୍' ନିମନ୍ତେ କରାଯାଉଛି। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦକ୍ଷତା ବୃଦ୍ଧି ଓ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ନାସକମ୍, ଇନଫୋସିସ୍ ସ୍ପ୍ରିଙ୍ଗବୋର୍ଡ ସହ ଉଚ୍ଚଶିକ୍ଷା ବିଭାଗ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ୨୦୧୯-୨୦ରୁ ୨୦୨୪-୨୫ ମସିହା ମଧ୍ୟରେ ୧୫ଲକ୍ଷ ଯୁବକଯୁବତୀଙ୍କ ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଲକ୍ଷ୍ୟ ରଖାଯାଇଛି।

ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ସେମାନଙ୍କୁ ଆବଶ୍ୟକ ସୁଯୋଗ ଦେବା ନିମନ୍ତେ ରାଜ୍ୟ ସରକାର ଚଳିତବର୍ଷଠୁ 'ନୂଆ-ଓ' କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରାଯାଇଛି। ଯୁବ ଛାତ୍ରଛାତ୍ରୀଙ୍କୁ ନିଜର ଦକ୍ଷତା ପ୍ରତିପାଦନର ସୁଯୋଗ କଲେଜସ୍ତରରେ ମିଳିପାରୁଛି। 'ମୋ ସରକାର' ପ୍ଲାଟଫର୍ମରେ ରାଜ୍ୟ ସରକାରଙ୍କୁ ମିଳିଥିବା ମତାମତ ଓ 'ଫାଇଭ-ଟି' ଅଧ୍ୟକ୍ଷ ଶ୍ରୀଯୁକ୍ତ କାର୍ତ୍ତିକ ପାଣ୍ଡିୟାନଙ୍କୁ ଜିଲ୍ଲା ଗସ୍ତବେଳେ ମିଳିଥିବା ଅନୁରୋଧକୁ ବିଚାରକୁ ନେଇ ରାଜ୍ୟ ସରକାର 'ନୂଆ-ଓ' ସ୍କଲାରସିପ୍ ବ୍ୟବସ୍ଥା କରିଛନ୍ତି। ୟୁଜି ଓ ପିଜି ଶ୍ରେଣୀରେ ପଢୁଥିବା ପୁଅଙ୍କୁ ବାର୍ଷିକ ୯ହଜାର ଓ ଝିଅଙ୍କୁ ୧୦ହଜାର ଟଙ୍କାର ସ୍କଲାରସିପ୍ ଏଣିକି ମିଳିପାରିବ। ଭିନ୍ନକ୍ଷମ ଓ ଅନୁସୂଚିତ ଜାତି-ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଏହି ପରିମାଣ ଆହୁରି ୧ହଜାର ଟଙ୍କା ଅଧିକ ରହିଛି।

ଏକ ଅଭିନବ ପଦକ୍ଷେପସ୍ୱରୂପ ରାଜ୍ୟର ସମସ୍ତ ୟୁଜି ଓ ପିଜି ଛାତ୍ରଛାତ୍ରୀଙ୍କୁ 'ନବୀନ ମ୍ୟାଜିକ୍ କାର୍ଡ' ଯୋଗାଇ ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ମାନ୍ୟବର ମୁଖ୍ୟମନ୍ତ୍ରୀ ଚାହାନ୍ତି ଏହି କାର୍ଡ ଜରିଆରେ ଯୁବଶକ୍ତିଙ୍କ ସମସ୍ତ ସ୍ୱପ୍ନ ସାକାର ହେଉ। ସେମାନେ ପାଠ ପଢ଼ିବାବେଳେ ନିଜ ହାତଖର୍ଚ୍ଚ ପାଇଁ ବି ପିତାମାତାଙ୍କ ଉପରେ କମ୍ ନିର୍ଭରଶୀଳ ରୁହନ୍ତୁ। ଅଗଷ୍ଟ ୧୫ରୁ ଏହି କାର୍ଡ ବଣ୍ଟନ ଆରମ୍ଭ ହେବ। ମାର୍ଚ୍ଚ ୫, ବିଜୁବାବୁଙ୍କ ଜୟନ୍ତୀରୁ ଏହି କାର୍ଡ ପାଇଁ ଅନଲାଇନ୍ ଆବେଦନ ପ୍ରକ୍ରିୟାର ଶୁଭାରମ୍ଭ ହୋଇଛି। ଏହି ସ୍ମାର୍ଟ କାର୍ଡକୁ ସିଲଭର, ଗୋଲଡ ଓ ପ୍ଲାଟିନମ କାର୍ଡକୁ ଉନ୍ନୀତ କରିବାର ସୁଯୋଗ ରହିଛି। ଏଥିରେ ଛାତ୍ରଛାତ୍ରୀମାନଙ୍କୁ ୱାଇଫାଇ, ବହି କିଣା, ମୋବାଇଲ ରିଚାର୍ଜ, ବସ୍, ଟ୍ରେନ୍ ଓ ବିମାନ ଯାତ୍ରାରେ ରିହାତି ସହ କ୍ୟାରିୟର କାଉନସେଲିଂ ଓ ନିଯୁକ୍ତି ଆଦିରେ ସୁବିଧା ମିଳିପାରିବ।

ଉଚ୍ଚଶିକ୍ଷା ବିଭାଗ ରାଜ୍ୟରେ ଶିକ୍ଷାର ଗୁଣବତ୍ତାରେ ସୁଧାର, ମୂଲ୍ୟ ଆଧାରିତ ସମାଜର ସ୍ଥାପନା ଓ ଏକବିଂଶ ଶତାବ୍ଦୀର ଆହ୍ୱାନର ମୁକାବିଲା କରିବା ପାଇଁ ଯୁବବର୍ଗଙ୍କୁ ଆବଶ୍ୟକ ପ୍ରସ୍ତୁତି କରାଉଛି। ରାଜ୍ୟରେ ଆଇଆଇଟି, ଆଇଆଇଆଇଟି, ନାଇଜର ଓ ଆଇଆଇଏମ୍ ଭଳି ଜାତୀୟ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଖୋଲିବା ଦ୍ୱାରା ଓଡ଼ିଶା ଏବେ ଶିକ୍ଷାର ପ୍ରାଣକେନ୍ଦ୍ର ପାଲଟିଛି। ଅନୁରୂପ ଭାବେ ଆମ ଉଚ୍ଚଶିକ୍ଷା ବିଭାଗ ପାଇଁ ମଧ୍ୟ ନୂଆ ଆହ୍ୱାନ ଓ ସୁଯୋଗ ସୃଷ୍ଟି ହୋଇଛି। ସେହି ଆହ୍ୱାନର ସମ୍ମୁଖୀନ ହେବା ଓ ସୁଯୋଗର ସର୍ବୋତ୍ତମ ଉପଯୋଗ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ବର୍ତ୍ତମାନର ଶିକ୍ଷା ପ୍ରଣାଳୀକୁ ସୁଦୃଢ଼ କରିବାର ସମସ୍ତ ପ୍ରୟାସ ଜାରି ରଖିଛି। ଏହାସହିତ ବିଭାଗ ମଧ୍ୟ ଆବଶ୍ୟକତା ଆଧାରିତ ରୋଜଗାରଭିତ୍ତିକ ଶିକ୍ଷା ପ୍ରଦାନ କରି ଛାତ୍ରଛାତ୍ରୀମାନଙ୍କ ପାଇଁ ନୂଆ ମାର୍ଗ ଖୋଲିବାର ଅଭିନବ ପଦକ୍ଷେପ ମଧ୍ୟ ନେଉଛି।

ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିପରିଷଦ ସହଯୋଗୀ ଭାବେ କାମ କରିବାର ସୌଭାଗ୍ୟ ମୋତେ ଯଦିଓ ୨୦୦୯ ମସିହାରୁ ମିଳିଛି, କିନ୍ତୁ ଦେଶ ଓ ସମାଜକୁ ଦିଗଦର୍ଶନ ଦେଉଥିବା 'ଉଚ୍ଚଶିକ୍ଷା' ବିଭାଗର ଗୁରୁଦାୟିତ୍ୱ ଗତବର୍ଷ ମିଳିଥିଲା। ବିଭାଗ ପାଇଁ ନିଜର ଶ୍ରେଷ୍ଠତ୍ୱ ଦେବାକୁ ପ୍ରୟାସ କରିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଓ 'ଫାଇଭ-ଟି'(ଟିମ୍‌ୱାର୍କ, ଟ୍ରାନ୍ସପରେନ୍ସି, ଟେକ୍ନୋଲୋଜି, ଟାଇମ୍ ଲିମିଟ୍, ଟ୍ରାନ୍ସଫରମେସନକୁ ମୂଳ ମନ୍ତ୍ର କରି ଉଚ୍ଚଶିକ୍ଷା ବିଭାଗ ଏବେ ରାଜ୍ୟରେ ଉଚ୍ଚଶିକ୍ଷାର ବାତାବରଣ ଓ ଭିତ୍ତିଭୂମିକୁ ସର୍ବୋତ୍କୃଷ୍ଟ କରିବା ଦିଗରେ ପ୍ରୟାସ ଜାରି ରଖିଛି। ରାଜ୍ୟରେ ଉଚ୍ଚଶିକ୍ଷାର କାୟାକଳ୍ପରେ ପରିବର୍ତ୍ତନ ହୋଇଛି। ଏହାର ସଫଳତା ମଧ୍ୟ ମିଳିବାରେ ଲାଗିଛି। ଅଲଇଣ୍ଡିଆ ସର୍ଭେ ଫର ହାୟର ଏଜୁକେସନ (ଏଆଇଏସଏଚଇ)ର ରିପୋର୍ଟରେ ଓଡ଼ିଶାର ଉଚ୍ଚଶିକ୍ଷା ସ୍ଥିତି ଜାତୀୟ ହାରଠୁ ବେଶ୍ ଉତ୍ସାହଜନକ ରହିଛି। ପ୍ରତି ଏକ ଲକ୍ଷ ଲୋକଙ୍କ ପାଇଁ କଲେଜ ସଂଖ୍ୟା ଜାତୀୟସ୍ତରରେ ହାରାହାରି ୩୦ଟି ଥିବାବେଳେ ଓଡ଼ିଶାରେ ଏହା ବେଶ୍ ସୁଦୃଢ଼ ସ୍ଥିତି ଅର୍ଥାତ୍ ୨୪ଟି ରହିଛି। ସେହିପରି ଶିକ୍ଷକ ଓ ଛାତ୍ର ଅନୁପାତ ୨୫ ଥିବା ବେଳେ ଜାତୀୟ ହାର ୨୬ ରହିଛି। ମୋଟ ନାମଲେଖା ଅନୁପାତ(ଜିଇଆର) ଓଡ଼ିଶାରେ ୨୪.୭% ଥିବାବେଳେ ଜାତୀୟସ୍ତରରେ ୨୭.୧%, ଲିଙ୍ଗଗତ ସମାନତା ସୂଚକାଙ୍କ ଓଡ଼ିଶାରେ ୦.୮୮ ଓ ଜାତୀୟସ୍ତରରେ ୧.୦୧ ରହିଛି।

ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱରେ ରୂପାନ୍ତରୀକରଣ ପଥରେ ଓଡ଼ିଶା ଅଗ୍ରସର। 'ନବୀନ ଓଡ଼ିଶା' ଗଠନର ସ୍ୱପ୍ନକୁ ସାର୍ଥକ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ମଧ୍ୟ ନବଉନ୍ମାଦ, ନବଉଦ୍ଭାବନ ଓ ନବ ଚିନ୍ତାଧାରାରେ କାର୍ଯ୍ୟ ଜାରି ରଖିଛି। ୨୦୩୬ ମସିହାରେ ପ୍ରଦେଶ ଗଠନର ୧୦୦ବର୍ଷ ପୂର୍ତ୍ତି ପାଳିବା ବେଳେ ଓଡ଼ିଶା ନିଶ୍ଚିତ ଭାବେ ଦେଶର ସର୍ବାଧିକ ପ୍ରଥମ ପସନ୍ଦଯୋଗ୍ୟ ଶିକ୍ଷା ହବ୍ ପାଲଟିବ - ଏ ବିଶ୍ୱାସ ମୋର ରହିଛି।

**ଜୟ ଜଗନ୍ନାଥ**

---

## ଆମେରିକା ରାଷ୍ଟ୍ରପତି ନିର୍ବାଚନ

# ପୁଣି ବାଇଡେନ୍-ଟ୍ରମ୍ପ ଲଢ଼େଇ

ଚଳିତ ବର୍ଷ ନଭେମ୍ବର ୫ରେ ବିଶ୍ୱର ସବୁଠୁ ଉନ୍ନତ ଓ ପ୍ରତିପତ୍ତିଶାଳୀ ରାଷ୍ଟ୍ର ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରତିଦ୍ୱନ୍ଦ୍ୱିତା ସ୍ପଷ୍ଟ ହୋଇସାରିଛି। ଦେଶର ଦୁଇ ପ୍ରମୁଖ ରାଜନୈତିକ ଦଳ ରିପବ୍ଲିକାନ୍ ଓ ଡେମୋକ୍ରାଟିକ୍ ପାର୍ଟିର ପରବର୍ତ୍ତୀ ରାଷ୍ଟ୍ରପତି ପ୍ରାର୍ଥୀ କିଏ ହେବ ତାହା ସ୍ଥିର ହୋଇଛି। ୧୯୫୬ ପରେ ପ୍ରଥମ ଥର ପାଇଁ ଦୁଇଦଳ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପୁନର୍ବାର ବାଛିଛନ୍ତି। ଅଥାତ୍ ରିପବ୍ଲିକାନ୍ ପାର୍ଟି ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ତୃତୀୟ ଥର ପ୍ରାର୍ଥୀ କରିଥିବା ବେଳେ ବର୍ତ୍ତମାନର ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ତାଙ୍କ ଡେମୋକ୍ରାଟିକ୍ ଦଳ ପୁନର୍ବାର ପ୍ରାର୍ଥୀ ଭାବେ ମନୋନୀତ କରିଛି। ଅର୍ଥାତ୍ ଦୁଇ ପ୍ରତିଦ୍ୱନ୍ଦ୍ୱୀ ପରସ୍ପର ମଧ୍ୟରେ ଦ୍ୱିତୀୟ ଥର ଲଢ଼ିବେ, ଯାହା ଆମେରିକୀୟ ନିର୍ବାଚନରେ 'ରିମ୍ୟାଚ୍' ନାମରେ ପରିଚିତ। ସେଠାକାର ଲୋକପ୍ରତିନିଧି ଆଇନ ଓ ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ରାଷ୍ଟ୍ରପତି ପ୍ରାର୍ଥୀ ହେବାକୁ ଯୋଗ୍ୟ ବିବେଚିତ ହେବାକୁ ହେଲେ ଜଣେ ବ୍ୟକ୍ତିଙ୍କୁ ସେ ଦେଶର ବିଭିନ୍ନ ରାଜ୍ୟର ପ୍ରାଥମିକ ନିର୍ବାଚନ ମଣ୍ଡଳୀ ପ୍ରାଇମେରୀ ମଧ୍ୟରୁ ନିଜ ଦଳରେ ସଂଖ୍ୟାଗରିଷ୍ଠ ସମର୍ଥନ ହାସଲ କରିବା ଦରକାର। ଉଭୟ ଟ୍ରମ୍ପ ଓ ବାଇଡେନ୍ ଆବଶ୍ୟକ ପ୍ରାଇମେରୀ ଜିତି ନିଜ ନିଜର ପ୍ରାର୍ଥିତ୍ୱ ଯୋଗ୍ୟତା ହାସଲ କରିଛନ୍ତି। ବାଇଡେନ୍‌ଙ୍କୁ ଆବଶ୍ୟକ ପଡୁଥିବା ୧୯୬୮ ପ୍ରାଇମେରୀ ସଦସ୍ୟଙ୍କ ସମର୍ଥନ ମିଳିଥିବା ବେଳେ ଟ୍ରମ୍ପ ମଧ୍ୟ ଆବଶ୍ୟକ ସଂଖ୍ୟକ ପ୍ରାଇମେରୀ ସମର୍ଥନ ହାସଲ କରିଛନ୍ତି। ତେବେ ଦେଶର ସୁପର ୩୦ ଷ୍ଟେଟ୍ ଭାବେ ପରିଚିତ ଜର୍ଜିଆରେ ବାଇଡେନ୍ ଜିତିଛନ୍ତି। ଏହି ରାଜ୍ୟରେ ଟ୍ରମ୍ପଙ୍କ ବିରୋଧରେ ଗତ ଥର ନିର୍ବାଚନରେ ଭୋଟ ଚୋରି ଘଟଣାକୁ ନେଇ ଏକ ମାମଲା ରହିଛି। ତେବେ ୱାଶିଂଟନ୍‌ରେ ଟ୍ରମ୍ପଙ୍କ ବିଜୟ ତାଙ୍କୁ ପ୍ରାର୍ଥୀ ହେବାକୁ ଦରକାର ପଡୁଥିବା ୧୨୧୫ ପ୍ରାଇମେରୀ ଡେଲିଗେଟ୍‌ସ ଭୋଟ ଯୋଗାଇ ଦେଇଛି।

ସୁତରାଂ ଯୁକ୍ତରାଷ୍ଟ୍ର ଆମେରିକାରେ ଲମ୍ବା ରାଷ୍ଟ୍ରପତି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ସେଠାକାର ବ୍ୟବସ୍ଥାରେ ଦେଶର ସଂଘୀୟ ଅଂଶୀଦାର ରାଜ୍ୟମାନେ ଦୁଇଦଳର ପ୍ରତିନିଧିଙ୍କୁ ବାଛିବେ ଏବଂ ସେମାନଙ୍କ ସମର୍ଥନ ଆଧାରରେ ରାଷ୍ଟ୍ରପତି ପରୋକ୍ଷ ଭାବେ ନିର୍ବାଚିତ ହେବେ। ଦେଶର ୫୦ ରାଜ୍ୟ ମଧ୍ୟରୁ ଯେଉଁଠି ଜଣେ ପ୍ରାର୍ଥୀଙ୍କୁ ୫୦ ଶତାଂଶରୁ କମ୍ ଭୋଟ ମିଳିବ ସେ ରାଜ୍ୟର ସବୁ ଭୋଟ ବିପକ୍ଷ ଦଳ ସପକ୍ଷରେ ଯିବ। ତେଣୁ ପ୍ରତିଥର ମତାମତ ଓ ସମର୍ଥନ ବଦଳାଉଥିବା ଆମେରିକାର ସୁଇଙ୍ଗ ଷ୍ଟେଟ୍‌ଗୁଡ଼ିକର ଏହି ନିର୍ବାଚନରେ ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ। ତେବେ ବଡ଼ ବଡ଼ ରାଜ୍ୟରେ ଯିଏ ସଂଖ୍ୟାଗରିଷ୍ଠତା ପାଇବ, ତାହାର ବିଜୟ ପ୍ରାୟ ନିଶ୍ଚିତ। ଖୁବ୍‌ଶୀଘ୍ର ଜାତୀୟ କନ୍‌ଭେନ୍‌ସନ୍ ବସି ଉଭୟ ଦଳ ନିଜ ନିଜର ପ୍ରାର୍ଥୀଙ୍କୁ ଆନୁଷ୍ଠାନିକ ଭାବେ ଘୋଷଣା କରିବେ। ଏହାପରେ ରାଷ୍ଟ୍ରପତି ପ୍ରାର୍ଥୀ ନିଜ ନିଜର ଉପରାଷ୍ଟ୍ରପତି ପ୍ରାର୍ଥୀତ୍ୱକୁ ବାଛିବେ।

ଆମେରିକାରେ ନିର୍ବାଚକମାନେ ବୟସ ଦେଖନ୍ତି ନାହିଁ। ତେଣୁ ସେଠାରେ ପ୍ରାୟତଃ ଅତି ବୟସ୍କ ଓ ଅଭିଜ୍ଞ ବ୍ୟକ୍ତିମାନେ ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତି ହୋଇଛନ୍ତି। ଖୁବ୍ କମ୍ ନେତା ଅଳ୍ପ ବୟସରେ ମଧ୍ୟ ରାଷ୍ଟ୍ରପତି ହୋଇଛନ୍ତି। ବିଶ୍ୱର ଅନ୍ୟତମ ପୁରୁଣା ଏହି ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏ ଯାବତ୍ କୌଣସି ମହିଳା ରାଷ୍ଟ୍ରପତି ହୋଇ ନଥିବା ବେଳେ ପ୍ରଥମ ଥର ପାଇଁ ବାରାକ୍ ଓବାମା ଯେ କି ଜଣେ କଳା ଆମେରିକୀୟ ପ୍ରଥମ ଥର ହ୍ୱାଇଟ୍ ହାଉସ୍‌କୁ ଡେମୋକ୍ରାଟିକ୍ ଦଳର ପ୍ରାର୍ଥୀ ଭାବେ ଯିବାର ସୌଭାଗ୍ୟ ପାଇଛନ୍ତି। ସମ୍ଭବତଃ ଡେମୋକ୍ରାଟିକ୍ ଦଳ ଉଦାରବାଦୀ, ଗଣତାନ୍ତ୍ରିକ ବିଚାରସମ୍ପନ୍ନ ଏବଂ ସମାବେଶୀ। ଏହା ଆମେରିକାର ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିଲେ ମଧ୍ୟ ପରରାଷ୍ଟ୍ର ଓ ବିଶ୍ୱ ବ୍ୟାପାରରେ ଉଦାରବାଦୀ ଏବଂ ମାନବବାଦୀ ଭୂମିକାକୁ ଅଗ୍ରାଧିକାର ଦିଏ। ଏହି ଦଳ ମଧ୍ୟ ଯୁଦ୍ଧବିଗ୍ରହ ଓ ଆଞ୍ଚଳିକ ଅସ୍ଥିରତାକୁ ବିଶେଷ ପ୍ରୋତ୍ସାହିତ କରେ ନାହିଁ। ଅପରପକ୍ଷରେ ରିପବ୍ଲିକାନ୍ ଦଳ ରକ୍ଷଣଶୀଳ, ଗୋରାମାନଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେବା ସହିତ ଅଧିକ ଆକ୍ରମଣାତ୍ମକ। ଏହି ଦଳ ଯୁଦ୍ଧଖୋର ଓ ଅସ୍ଥିରତାର ସପକ୍ଷବାଦୀ। ବାଇଡେନ୍‌ଙ୍କୁ ଏବେ ୮୧ ବର୍ଷ ବୟସ ଏବଂ ସେ ସ୍ମୃତିବିଭ୍ରମ ସହିତ ବିଭିନ୍ନ ବୟସାଧିକ୍ୟ ସମସ୍ୟାର ସମ୍ମୁଖୀନ। ଅପରପକ୍ଷରେ ଡୋନାଲ୍ଡ ଟ୍ରମ୍ପଙ୍କ ବୟସ ୭୭ ବର୍ଷ। ଏହାସତ୍ତ୍ୱେ ଦୁଇ ଦଳ ନିଜ ନିଜର ବୟସ୍କ ପ୍ରାର୍ଥୀଙ୍କୁ ପୁନଃ ମନୋନୀତ କରିବା ପଛରେ ସେମାନଙ୍କର ନିର୍ଦ୍ଦିଷ୍ଟ କିଛି ଯୁକ୍ତି ଥିବ।

ଡେମୋକ୍ରାଟିକ୍‌ମାନେ ପାରମ୍ପରିକ ଭାବେ ଭାରତର ବନ୍ଧୁ। ଏମାନଙ୍କୁ ଆଜିର ପରିବର୍ତ୍ତିତ ଆମେରିକାର ସବୁବର୍ଗର ଲୋକେ ସମର୍ଥନ କରନ୍ତି। ଅପରପକ୍ଷରେ ରିପବ୍ଲିକାନ୍‌ମାନେ ଭାରତ ସହିତ ମାପିଚୁପି ସମ୍ପର୍କ ରକ୍ଷା କରନ୍ତି। ତେବେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହି ଟ୍ରମ୍ପଙ୍କର ସମ୍ପର୍କ ମଧୁର। ଉଭୟ ଦେଶ 'ରାଷ୍ଟ୍ରପ୍ରଥମ' ନୀତିର ଦୃଢ଼ ସମର୍ଥକ। ବିଶେଷଜ୍ଞମାନଙ୍କ କହିବା ଅନୁସାରେ ରୁଷିଆ-ୟୁକ୍ରେନ୍ ଲଢ଼େଇ ଓ ଇସ୍ରାଏଲ୍-ହମାସ୍ ଯୁଦ୍ଧରେ ରାଷ୍ଟ୍ରପତି ବାଇଡେନ୍ ସରକାରଙ୍କ ଭୂମିକା ଏବଂ ତାଙ୍କ ଆର୍ଥିକ ଓ ବିଦେଶ ନୀତିକୁ ଅଧିକାଂଶ ଆମେରିକୀୟ ସମର୍ଥନ କରୁ ନଥିବାରୁ ସେ ପରାଜିତ ହେବା ଆଶଙ୍କା ଏଥର ଅଧିକ। ଅନ୍ୟପଟରେ ରୁଷିଆ ଟ୍ରମ୍ପଙ୍କର ଜଣେ ବଡ଼ ସମର୍ଥକ ଏବଂ ଗତ ନିର୍ବାଚନରେ ମସ୍କୋ ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ଗୁପ୍ତ ହସ୍ତକ୍ଷେପ କରିଥିବା ଅଭିଯୋଗ ଆସିଥିଲା। ଅବଶ୍ୟ ରୁଷ ରାଷ୍ଟ୍ରପତି କହିଛନ୍ତି ଯେ ଏଥର ସେ ଆମେରକା ରାଷ୍ଟ୍ରପତି ନିର୍ବାଚନରେ ହସ୍ତକ୍ଷେପ କରିବେ ନାହିଁ। ତେବେ ଟ୍ରମ୍ପ-ପୁଟିନଙ୍କ ମିତ୍ରତାର ପ୍ରଭାବ ଆମେରିକା ରାଷ୍ଟ୍ରପତି ନିର୍ବାନକୁ କିପରି ପ୍ରଭାବିତ କରିବ ତାହା ଏବେଠାରୁ ଆକଳନ କରି ହେବ ନାହିଁ। ଦେଶ ବାସ୍ତବରେ ଟ୍ରମ୍ପଙ୍କ ଭଳି ଜଣେ ଟାଣୁଆ ନେତା ଚାହୁଁଛି ନା ବାଇଡେନ୍‌ଙ୍କ ଭଳି ଉଦାରବାଦୀ ରାଷ୍ଟ୍ରପତି ଲୋଡୁଛି ତାହା ନଭେମ୍ବର ନିର୍ବାଚନରେ ସ୍ପଷ୍ଟ ହୋଇଯିବ।

ସଂଯୋଗବଶତଃ ଭାରତରେ ମଧ୍ୟ ଏଥର ଲୋକସଭା ନିର୍ବାଚନ ହେଉଛି ଏବଂ ଆଜି ତାହାର କାର୍ଯ୍ୟସୂଚୀ ଘୋଷଣା ହେବାର ସମ୍ଭାବନା ରହିଛି। ଭାରତର ଜାତୀୟ ରାଜନୈତିକ ସ୍ଥିତି ଯାହା, ସେଥିରେ ପ୍ରଧାନମନ୍ତ୍ରୀ ମୋଦୀ ଏକ ସୁବିଧାଜନକ ସ୍ଥିତିରେ ଅଛନ୍ତି ଏବଂ ସେ ପୁନଃନିର୍ବାଚିତ ହେବା ସମ୍ଭାବନା ଅଧିକ। ଭାରତ-ଆମେରିକା ସମ୍ପର୍କ ବହୁପୁରୁଣା ଓ ନିବିଡ଼। ରୁଷ ସହିତ ଉତ୍ତମ ସମ୍ପର୍କ ସତ୍ତ୍ୱେ ଭାରତ-ଆମେରିକା ସମ୍ପର୍କ ବିଶେଷ ପ୍ରଭାବିତ ହୋଇନାହିଁ। ମୋଦୀ-ଟ୍ରମ୍ପ ସମ୍ପର୍କ ଭଲ ଏବଂ ଯଦି ଆମେରିକାରେ ସତ୍ତା ପରିବର୍ତ୍ତନ ହେବ, ସେଥିରେ ଭାରତର ଲାଭ ନିହିତ। ଚୀନ୍‌କୁ ନିରାପଦ ଦୂରତ୍ୱରେ ରଖି ରୁଷିଆ ସହିତ ବନ୍ଧୁତ୍ୱ ରକ୍ଷା କରି ଆମେରିକାର ବିଶ୍ୱାସଭାଜନ ହେବା ଭାରତର ପ୍ରଥମ ଆବଶ୍ୟକତା। ବାଣିଜ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ଆମେରିକା ଭାରତର ସର୍ବବୃହତ୍ ଅଂଶୀଦାର। ପୁଞ୍ଜି ନିବେଶଠାରୁ ଆରମ୍ଭ କରି ପ୍ରତିରକ୍ଷା, ଟେକ୍‌ନୋଲଜି, ଭାରତୀୟଙ୍କ ନିଯୁକ୍ତି ଆଦି ସବୁକ୍ଷେତ୍ରରେ ଭାରତ ପାଇଁ ଆମେରିକା ପ୍ରଥମ ପସନ୍ଦ। ତେଣୁ ଟ୍ରମ୍ପ ଜିତିଲେ ଭାରତର ଲାଭ ଏବଂ ହାରିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ।

---

ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

---

## ଲୋକମତ

### ନିର୍ବାଚନ ମାସ ବଦଳୁ

ଦିନକୁ ଦିନ ଜଳବାୟୁର ପ୍ରକୃତି ଅସ୍ୱାଭାବିକ ହେବାରେ ଲାଗିଛି। ଏବେ ମାର୍ଚ୍ଚ ମାସରେ ତାପମାତ୍ରା ପାଖାପାଖି ୪୦ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଉଛି। ଆଗକୁ ସ୍ଥିତି ଆହୁରି ସାଂଘାତିକ ହେବାର ଆଶଙ୍କା ରହିଛି। ବସ୍ତୁତଃ ଏଥିପାଇଁ ଆମର ବିଳାସପୂର୍ଣ୍ଣ ଜୀବନଶୈଳୀ ହିଁ ଦାୟୀ। ଗାଡ଼ି ମୋଟରର ଅଧିକ ବ୍ୟବହାର ଜୀବନକୁ ଯେତେ କ୍ଷିପ୍ର କରିଛି ପରିବେଶ ଉପରେ ତାହାର ପ୍ରତିକୂଳ ପ୍ରଭାବ ସେତେ ବଢ଼ିବାରେ ଲାଗିଛି। ଆଗକୁ ନିର୍ବାଚନ ଆସୁଛି। ଏଥିରେ ଗାଡ଼ିମୋଟର ଓ ଇନ୍ଧନ ବ୍ୟବହାର ପୂର୍ବାପେକ୍ଷା ଆହୁରି ବୃଦ୍ଧି ପାଇବ। ତେଣୁ ଆଗାମୀ ଦିନରେ ତାପମାତ୍ରା ବୃଦ୍ଧି ଆହୁରି ସଂକଟଜନକ ହେବାର ଆଶଙ୍କା ରହିଛି। ଏହାଛଡ଼ା ଉତ୍ତାପ ବଢ଼ିଲେ ଭୋଟଦାନ ବେଳେ ଲୋକମାନେ, ବିଶେଷକରି ବୟସ୍କମାନେ, ଆହୁରି ଅଧିକ ଅସୁବିଧାରେ ପଡ଼ିବେ। ଭୋଟଦାନ କେନ୍ଦ୍ରଗୁଡ଼ିକରେ ଉତ୍ତାପରୁ ସବୁ ଭୋଟଦାତାଙ୍କୁ ସୁରକ୍ଷା ଦେବା ମଧ୍ୟ ସମ୍ଭବ ନୁହେଁ। ତେଣୁ ନିର୍ବାଚନ ସମୟକୁ ଗ୍ରୀଷ୍ମ ଋତୁରେ ନ କରି ଶୀତ ଋତୁ କିମ୍ବା ତା'ପୂର୍ବରୁ ହେଲେ ଭୋଟଦାତାମାନଙ୍କୁ ଆଶ୍ୱସ୍ତି ମିଳନ୍ତା। ଭାରତ ଏକ ଗ୍ରୀଷ୍ମପ୍ରଧାନ ଦେଶ ହୋଇଥିବାରୁ କେବଳ ଉତ୍ତରଭାରତର କେତେକ ରାଜ୍ୟକୁ ଛାଡ଼ି ଅଧିକାଂଶ ରାଜ୍ୟ ପାଇଁ ସେତେଟା ଅସୁବିଧା ହେବ ନାହିଁ। ସରକାର ଏ ଦିଗରେ ଉଚିତ ପଦକ୍ଷେପ ନେବେ ବୋଲି ଆଶା କରିବା।

**ମନୋଜ ପଟ୍ଟନାୟକ, ଜୟପୁର**

### ଦିନବେଳା କୀର୍ତ୍ତନ ହେଉ

ଓଡ଼ିଆ ଆଧ୍ୟାତ୍ମିକ ସଂସ୍କୃତିରେ କୀର୍ତ୍ତନ ଏକ ମହାନ ପରମ୍ପରା ବହନ କରିଥାଏ। ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ସଂସ୍କାର କାର୍ଯ୍ୟକ୍ରମ, ମାନସିକ ପୂରଣ କରିବାର ଲକ୍ଷ୍ୟ ଏବଂ ସାମାଜିକ ଅନୁଷ୍ଠାନମାନେ ବର୍ଷର ବିଭିନ୍ନ ସମୟରେ ଅଷ୍ଟ ପ୍ରହରୀ, ନିଶି ପ୍ରହରୀ, ଷୋହଳ ପ୍ରହରୀ, ବତିଶ ପ୍ରହରୀ ଆଦି ବିଭିନ୍ନ ପ୍ରକାରେ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଆୟୋଜନ କରିଥାଆନ୍ତି। କିଛି ଗାଆଁରେ ମଧ୍ୟ ଏଥିପାଇଁ ସ୍ୱତନ୍ତ୍ର ଅନୁଷ୍ଠାନ ଗଢ଼ାଯିବା ସହିତ ପାଣ୍ଠିର ବ୍ୟବସ୍ଥା ରହିଛି। ହରେ କୃଷ୍ଣ...ନାମ ସଙ୍କୀର୍ତ୍ତନ ମାଧ୍ୟମରେ ଲୋକମାନଙ୍କ ମଧ୍ୟରେ ଏକତା ତଥା ଆଧ୍ୟାତ୍ମିକ ଚେତନା ଆଣିବାର ଏହି ପ୍ରୟାସ ଅଦ୍ୱିତୀୟ ବୋଲି ମନେହୁଏ। କିନ୍ତୁ ରାତିରେ ଉଚ୍ଚ ସ୍ୱରରେ ଓ ଡାକବାଜି ଯନ୍ତ୍ରରେ ନାମ ସଙ୍କୀର୍ତ୍ତନ କରିବା ଫଳରେ ଶାନ୍ତିପୂର୍ଣ୍ଣ ବାତାବରଣରେ ବାଧା ସୃଷ୍ଟି ହେବା ସହିତ ନିଦ୍ରାରେ ବ୍ୟାଘାତ ସୃଷ୍ଟି ହୁଏ। ଏହି ପ୍ରସଙ୍ଗ ଧାର୍ମିକ ଚିନ୍ତା ଓ ଚେତନା ସହିତ ଜଡ଼ିତ ହୋଇଥିବାରୁ ଲୋକମାନେ ବିଶେଷ ପ୍ରତିକ୍ରିୟା ପ୍ରକାଶ କରନ୍ତି ନାହିଁ। ଅନ୍ୟପକ୍ଷରେ କୀର୍ତ୍ତନ କରୁଥିବା ଲୋକମାନେ ନିୟମିତ ଭାବେ ଚାହା, ପାନ ଆଦି ବିଭିନ୍ନ ଦ୍ରବ୍ୟର ଆଶ୍ରା ନେବାକୁ ପଡ଼ିଥାଏ, ଯାହା ଭଗବତ୍ ଚେତନାର ପରିପନ୍ଥୀ। ଏସବୁକୁ ଲକ୍ଷ୍ୟ କଲେ କୀର୍ତ୍ତନ ଦିନରେ ତଥା ରାତିର ପ୍ରଥମ କିଛି ଘଣ୍ଟା ମଧ୍ୟରେ ଅନୁଷ୍ଠିତ ହେବା ଉଚିତ ବୋଲି ମନେ ହୁଏ।

**ଡ. ସୀତାକାନ୍ତ ତ୍ରିପାଠୀ, ଅର୍ଣ୍ଣପାଳ, ଭଦ୍ରକ**

### ପଲିଥିନ ଉତ୍ପାଦନ ବନ୍ଦ କେବେ?

ଏବେ ସବୁଆଡ଼େ କୁଢ଼ କୁଢ଼ ଆବର୍ଜନା, ଯେଉଁଥିରେ ପଲିଥିନ ଓ ଅନ୍ୟାନ୍ୟ ଜରି ବର୍ଜ୍ୟର ସଂଖ୍ୟା ମାତ୍ରାଧିକ। ପରିସ୍ଥିତି ଏପରି ହେଲାଣି ଯେ ଆଉ କିଛିଦିନ ମଧ୍ୟରେ ସାରାସହର ଅଳିଆ ପାହାଡ଼ରେ ପୋତି ହୋଇଯିବ। ଲୋକମାନଙ୍କୁ ବାଧ୍ୟ ହୋଇ ନିଜ ନିଜ ଘର ସାମ୍ନାରେ ଅଳିଆ ଗଦା କରିବାକୁ ପଡ଼ିବ। ତେଣୁ ଅଳିଆ ସଙ୍କଟ ପ୍ରତି ଏବେଠାରୁ ସଚେତନ ନ ହେଲେ ଆଗକୁ ପରିଣାମ ଭୟାବହ ହେବା ନିଶ୍ଚିତ। ପଲିଥିନ ବନ୍ଦ ପାଇଁ ଆଇନ ହୋଇଛି। ନ୍ୟାୟାଳୟ ମଧ୍ୟ ପଲିଥିନ ବ୍ୟବହାର ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏହାର କୌଣସି ସୁଫଳ ପଡୁନାହିଁ। କୁହାଯାଉଛି ଯେ ଲୋକମାନେ ସଚେତନ ହେଲେ ଏହି ସମସ୍ୟା ଦୂର ହେବ। କିନ୍ତୁ ଏ ଦିଗରେ ସରକାର ଓ ପ୍ରଶାସନର ମଧ୍ୟ ଅନେକ ଭୂମିକା ରହିଛି। ଯଦି ସବୁପ୍ରକାର ପଲିଥିନ ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଏ ତେବେ ଏ ସମସ୍ୟା ଆଉ ରହିବ ନାହିଁ। କାରଣ କେବଳ ପଲିଥିନ ବ୍ୟାଗ୍ ନୁହେଁ, ବିଭିନ୍ନ ଖାଇବା ସାମଗ୍ରୀ ପାଇଁ ଉତ୍ପାଦନ ହେଉଥିବା ପଲିଥିନର ପରିମାଣ ମଧ୍ୟ କମ୍ ନୁହେଁ।

**ଅଶ୍ୱିନୀ ମିଶ୍ର, ଭୁବନେଶ୍ୱର**

## ଅବଶିଷ୍ଟାଂଶ...

### ଆଜି ବାଜିବ...

ଓ ଅରୁଣାଚଳ ପ୍ରଦେଶରେ ୩ରୁ ୫ ପର୍ଯ୍ୟାୟରେ ନିର୍ବାଚନ ହେବ ବୋଲି କୁହାଯାଉଛି । ଆଗାମୀ ନିର୍ବାଚନରେ ୮୫ ବର୍ଷରୁ ଊର୍ଦ୍ଧ୍ୱ ମତଦାତାଙ୍କୁ ଘରୁ ଭୋଟ ଦେବାର ବ୍ୟବସ୍ଥା କରାଯାଇଛି । ଗତ ୧ ତାରିଖରେ ଏ ସଂକ୍ରାନ୍ତରେ ବିଧିବଦ୍ଧ ସୂଚନାପ ୍ରକାଶ ପାଇଛି । ଏବେ କେବଳ ଏହି ବୟସ ବର୍ଗର ଲୋକଙ୍କୁ ପୋଷ୍ଟାଲ ଭୋଟ ଦେବାର ସୁବିଧା ପ୍ରଦାନ କରାଯାଇଛି । ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଆଗାମୀ ନିର୍ବାଚନରେ ମୋଟ ୯୬.୮ କୋଟି ମତଦାତାଙ୍କ ମଧ୍ୟରୁ ୪୯.୭ କୋଟି ପୁରୁଷ, ୪୭.୧ କୋଟି ମହିଳା ଅଛନ୍ତି । ସେହିପରି ଗତ ନିର୍ବାଚନ ତୁଳନାରେ ତୃତୀୟ ଲିଙ୍ଗୀ ମତଦାତାଙ୍କ ସଂଖ୍ୟା ବୃଦ୍ଧି ପାଇ ୪୮୦୪୪ରେ ପହଞ୍ଚିଥିବା କୁହାଯାଉଛି । ୨୦୧୯ ନିର୍ବାଚନରେ ନବାଗତ ଭୋଟରଙ୍କ ସଂଖ୍ୟା ୧.୫ କୋଟି ଥିବାବେଳେ ୨୦୨୪ରେ ଏହା ୧.୮୫ କୋଟି ଅତିକ୍ରମ କରିଛି ।

### ସରଳ ହେଲା ...

ଶୁକ୍ରବାର ଏହାକୁ ଅନୁମୋଦନ କରିଛନ୍ତି । ସେହିପରି ପୂର୍ଣ୍ଣ ସହାୟତା ପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟର ଅଧ୍ୟାପକମାନେ ପିଏଚ୍‌ଡି ଡିଗ୍ରୀ ହାସଲ କରିବା ପାଇଁ ରାଜ୍ୟ ସରକାର ପ୍ରୋତ୍ସାହିତ କରିଛନ୍ତି । ପ୍ରୋତ୍ସାହନ ସ୍ୱରୂପ ଅଧ୍ୟାପକ ପଦରେ ଥିବାବେଳେ ଏଣ୍ଟ୍ରି ଲେବେଲ୍‌ରେ ଉପଯୁକ୍ତ ଦରମା ହାରରେ ଦୁଇଟି ଅଗ୍ରୀମ ବୃଦ୍ଧି ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ସମୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ନିୟୋଜିତ ଥିବା ପୂର୍ଣ୍ଣ ସହାୟତା ପ୍ରାପ୍ତ କଲେଜର ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀମାନେ ସେମାନଙ୍କ ଅସୁବିଧା ସଂପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ଯାହାକୁ ବିଚାର କରିବା ପରେ ରାଜ୍ୟ ସରକାର ପୂରଣ କରିଛନ୍ତି ।

### ବନ୍ୟପ୍ରାଣୀଙ୍କ ସହ...

ରାଜ୍ୟର ସମସ୍ତ ଡିଏଫ୍‌ଓ, ଶିମିଳିପାଳ ଉପନିର୍ଦ୍ଦେଶକ ଓ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଉପନିର୍ଦ୍ଦେଶକଙ୍କୁ ଏକ ଚିଠି ଲେଖି ଅବଗତ କରାଇଛନ୍ତି ।

ଉକ୍ତ ଚିଠିରେ ସେ ଦର୍ଶାଇଛନ୍ତି ଯେ ରାଜ୍ୟର ବିଭିନ୍ନ ସ୍ଥାନରେ ବନ୍ୟଜନ୍ତୁ (ଅଧିସୂଚିତ) ପ୍ରାଣୀଙ୍କ ଫଟୋ ଓ ସେମାନଙ୍କ ସହ ସେଲ୍‌ଫି ଉଠାଇ ଲୋକମାନେ ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି । ବନ୍ୟଜନ୍ତୁଙ୍କ ଫଟୋ ଉଠାଇବା କିମ୍ବା ସେମାନଙ୍କ ସହ ସେଲଫି ନେବା କେବଳ ସେମାନଙ୍କ ସାଧାରଣ ଜୀବନଯାତ୍ରାକୁ ବିଶୃଙ୍ଖଳିତ କରି ନଥାଏ, ବରଂ ଏହା ବନ୍ୟଜନ୍ତୁ ସୁରକ୍ଷା ଆଇନ-୧୯୭୨ର ଧାରା ୯ର ଖୋଲା ଉଲ୍ଲଂଘନ । ଏଭଳି କାର୍ଯ୍ୟ ପାଇଁ ଉଲ୍ଲଂଘନକାରୀଙ୍କୁ ୭ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଭୋଗିବାକୁ ପଡ଼ିପାରେ । ସେହିପରି ମୃତ ବନ୍ୟଜନ୍ତୁ କିମ୍ବା ବନ୍ୟପ୍ରାଣୀଙ୍କ ଶରୀର ଅଂଶ ସହ ଫଟୋ ଉଠାଇବା ବା ସେଲଫି ନେବା ଓ ଏହାକୁ ସୋସିଆଲ ମିଡିଆରେ ପୋଷ୍ଟ କରିବା ମଧ୍ୟ ବନ୍ୟଜନ୍ତୁ ସୁରକ୍ଷା ଆଇନର ଉଲ୍ଲଂଘନ କରୁଛି । ତେଣୁ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ବିଭାଗୀୟ ଅଧିକାରୀମାନେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପିସିସିଏଫ୍ ନିର୍ଦ୍ଦେଶ ଦେଇଛନ୍ତି । ନିଜର ପ୍ରଚାରପ୍ରସାର ପାଇଁ ଯଦି କେହି ଏଭଳି ଆଚରଣ କରୁଥାଏ, ତେବେ ତାଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିବାକୁ ସେ କହିଛନ୍ତି ।

ଏହ୍ୟତୀତ ରାଜ୍ୟରେ ଯେଉଁମାନେ ୟୁ-ଟ୍ୟୁବ୍ ଓ ଫେସବୁକ୍ ସହ ବିଭିନ୍ନ ସୋସିଆଲ୍ ମିଡିଆ ସାଇଟ୍‌ରେ ନିଜର ଆକାଉଣ୍ଟ ଖୋଲି ସାପ ଧରିବାଠୁ ଆରମ୍ଭ କରି ଶୁଆ ଓ ମାଙ୍କଡ଼ ଭଳି ପଶୁଙ୍କ ସହ ଭିଡିଓ ପୋଷ୍ଟ କରୁଛନ୍ତି, ସେମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି ପିସିସିଏଫ୍ ଶ୍ରୀ ନନ୍ଦ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏଭଳି ଆକାଉଣ୍ଟକୁ ଚିହ୍ନଟ କରାଯାଇ ଖୁବ୍‌ଶୀଘ୍ର ୟୁ-ଟ୍ୟୁବ୍ ସମେତ ଅନ୍ୟ ସୋସିଆଲ ମିଡିଆ କମ୍ପାନୀମାନଙ୍କୁ ଚିଠି କରାଯିବ । ଏହା ବେଆଇନ କାର୍ଯ୍ୟ ହୋଇଥିବାରୁ ସେମାନଙ୍କ ଆକାଉଣ୍ଟ ଡିଲିଟ୍ ପାଇଁ କୁହାଯିବ ବୋଲି ଶ୍ରୀ ନନ୍ଦ କହିଛନ୍ତି ।

### ଦୁର୍ଘଟଣାରେ ପ୍ରସନ୍ନ...

କରିଛନ୍ତି । ଏହା ସହ ତାଙ୍କର ସୁସ୍ଥତା ଓ ଦୀର୍ଘ ନିରାମୟ ଜୀବନ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ । ରେଢ଼ାଖୋଲରୁ ଏୟାରଲିଫ୍ଟ କରାଯାଇ ଶ୍ରୀ ଆଚାର୍ଯ୍ୟଙ୍କୁ ଭୁବନେଶ୍ୱରରେ ଥିବା ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଆଜି ସଂଧ୍ୟାରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍, ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଡାକ୍ତରଖାନାରେ ପହଞ୍ଚି ଶ୍ରୀ ଆଚାର୍ଯ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହିତ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ଏଥିସହ ମନ୍ତ୍ରିମଣ୍ଡଳର ବରିଷ୍ଠ ସଦସ୍ୟ, ସାଂସଦ, ବିଧାୟକମାନେ ଡାକ୍ତରଖାନାରେ ପହଞ୍ଚି ଶ୍ରୀ ଆଚାର୍ଯ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ । ଶ୍ରୀ ଆଚାର୍ଯ୍ୟଙ୍କୁ ନେଇ ସ୍ୱତନ୍ତ୍ର ବିମାନ ଭୁବନେଶ୍ୱରରେ ପହଞ୍ଚିବା ସମୟରେ ସେଠାରେ ମନ୍ତ୍ରୀ ଓ ବିଧାୟକମାନେ ଉପସ୍ଥିତ ରହିଥିଲେ । ଶ୍ରୀ ଆଚାର୍ଯ୍ୟଙ୍କୁ ଆମ୍ବୁଲାନ୍ସ ଯୋଗେ ତୁରନ୍ତ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ପହଞ୍ଚିବା ପରେ ଡାକ୍ତରମାନେ ତାଙ୍କର ଚିକିତ୍ସା ଆରମ୍ଭ କରିଛନ୍ତି । ଶ୍ରୀ ଆଚାର୍ଯ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି ଏବଂ ତାଙ୍କ ଜୀବନ ପ୍ରତି ବିପଦ ନାହିଁ ବୋଲି ଡାକ୍ତରଖାନା ସୂତ୍ରରୁ ସୂଚନା ମିଳିଛି ।

ସୂଚନାଯୋଗ୍ୟ, ଗତକାଲି ଅପରାହ୍ଣରେ ନବୀନ ନିବାସରେ ଅନୁଷ୍ଠିତ ବିଜେଡି ବୈଠକ ସାରି ଶ୍ରୀ ଆଚାର୍ଯ୍ୟ କାର୍‌ରେ ସମ୍ବଲପୁର ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା । ରାତି ପ୍ରାୟ ଗୋଟାଏ ବେଳେ ରେଢ଼ାଖୋଲ ଲୁହାପଙ୍କ ନିକଟସ୍ଥ ବୁଲାଣିଠାରେ ଦ୍ରୁତଗାମୀ ଏକ ଟ୍ରକ୍ ତାଙ୍କ କାର୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା । ଫଳରେ ଗାଡ଼ିର ମଝି ସିଟ୍‌ରେ ବସିଥିବା ଶ୍ରୀ ଆଚାର୍ଯ୍ୟ ଜୋର୍‌ରେ ପିଟି ହୋଇଯାଇଥିଲେ । ତାଙ୍କର କପାଳ ଓ ଆଖିପତା ଉପରେ ଗଭୀର ଆଘାତ ଲାଗିଥିଲା । ରେଢ଼ାଖୋଲ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ରାତି ପ୍ରାୟ ୩ଟାରେ ତାଙ୍କୁ ସମ୍ବଲପୁରସ୍ଥିତ 'ବିକାଶ' ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା । ଖବର ପାଇ ଆର୍‌ଡିସି, ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଡିଆଇଜି ହିମାଂଶୁ ଲାଲ ପ୍ରମୁଖ ମେଡିକାଲରେ ପହଞ୍ଚି ଶ୍ରୀ ଆଚାର୍ଯ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ । ଉତ୍ତମ ଚିକିତ୍ସା ପାଇଁ ଶ୍ରୀ ଆଚାର୍ଯ୍ୟଙ୍କୁ ଗ୍ରୀନ୍ କରିଡର୍‌ରେ ଆମ୍ବୁଲାନ୍ସ ଯୋଗେ ସମ୍ବଲପୁର ଜମାଦାରପାଲି ଏୟାରଷ୍ଟ୍ରିପ୍‌କୁ ନିଆଯାଇଥିଲା । ସେଠାରୁ ଏକ ସ୍ୱତନ୍ତ୍ର ବିମାନରେ ତାଙ୍କୁ ଭୁବନେଶ୍ୱର ନିଆଯାଇଥିଲା । ବିମାନବନ୍ଦରରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ଉପସ୍ଥିତ ରହିଥିଲେ ।

### ବଜେଟ ଅର୍ଥ...

ରାଜ୍ୟ ସରକାର କୃଷି ଓ ଆନୁଷଙ୍ଗିକ କ୍ଷେତ୍ରକୁ କ୍ରମାଗତ ଭାବେ ଗୁରୁତ୍ୱାରୋପ କରି ଆସୁଛନ୍ତି । ଯାହାଫଳରେ ଚଳିତ ବର୍ଷ ଏହି କ୍ଷେତ୍ରରେ ଅର୍ଥ ଖର୍ଚ୍ଚ ବଢ଼ିଛି । ଫେବ୍ରୁଆରୀ ଶେଷ ସୁଦ୍ଧା ବଜେଟ୍ ବରାଦ ଅର୍ଥର ମୋଟ ୭୨.୩୫ ପ୍ରତିଶତ ଅର୍ଥ ବ୍ୟୟ ହୋଇଛି । ଗତ ଆର୍ଥିକ ବର୍ଷର ସମାନ ସମୟରେ ମୋଟ ୭୦.୬୭ ପ୍ରତିଶତ ଅର୍ଥ ବ୍ୟୟ ହୋଇପାରିଥିଲା । ସେହିପରି ଚଳିତ ଆର୍ଥିକ ବର୍ଷରେ ଯୋଜନା ବ୍ୟୟ ଫେବ୍ରୁଆରୀ ଶେଷ ସୁଦ୍ଧା ୬୬.୭୬ ପ୍ରତିଶତ ରହିଛି । ଗତ ଆର୍ଥିକ ବର୍ଷର ଏହି ସମୟରେ ଏହା ୫୮.୬୬ ପ୍ରତିଶତ ରହିଥିଲା । ଅର୍ଥାତ୍ ଯୋଜନା ବ୍ୟୟ କ୍ଷେତ୍ରରେ ପ୍ରାୟ ୮ ପ୍ରତିଶତରୁ ଊର୍ଦ୍ଧ୍ୱ ବୃଦ୍ଧି ପରିଲକ୍ଷିତ ହୋଇଛି । ଭିତ୍ତିଭୂମି କ୍ଷେତ୍ରରେ ମଧ୍ୟ ଗତ ଆର୍ଥିକ ବର୍ଷ ଠାରୁ ସାମାନ୍ୟ ଅଧିକ ଅର୍ଥ ଖର୍ଚ୍ଚ ହୋଇଥିବା ନେଇ ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି । ଗତ ଫେବ୍ରୁଆରୀ ସୁଦ୍ଧା ଏ କ୍ଷେତ୍ରରେ ୬୮.୬୮ ପ୍ରତିଶତ ଅର୍ଥ ବ୍ୟୟ ହୋଇଛି । ଅପରପକ୍ଷେ ବିଭାଗୱାରୀ ଖର୍ଚ୍ଚ ବଜେଟ ବ୍ୟୟ ବିଚାରକୁ ନେଲେ ଜଳସମ୍ପଦ ବିଭାଗରେ ୨୦ ପ୍ରତିଶତ, ପଶୁସମ୍ପଦ ବିଭାଗରେ ୩୫ ପ୍ରତିଶତ ଓ ସମବାୟ ବିଭାଗରେ ୫୭ପ୍ରତିଶତ ଅଧିକ ଅର୍ଥ ବ୍ୟୟ ହୋଇଛି । ପୂର୍ତ୍ତ ବିଭାଗ ପୂର୍ବବର୍ଷ ତୁଳନାରେ ୩୨ ପ୍ରତିଶତ ଅଧିକ ଅର୍ଥ ବ୍ୟୟ କରିଥିବାବେଳେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ୨୩ ପ୍ରତିଶତ, ଗ୍ରାମ୍ୟ ଉନ୍ନୟନ ୧୫ ପ୍ରତିଶତ ଓ ଶକ୍ତି ବିଭାଗ ୩୧ ପ୍ରତିଶତ ଅଧିକ ଅର୍ଥ ବ୍ୟୟ କରିପାରିଛି । ସେହିପରି ମିଶନ ଶକ୍ତି ବିଭାଗ, ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ ଏବଂ ଅନ୍ୟ ବିଭାଗ ଗୁଡ଼ିକ ମଧ୍ୟ ପୂର୍ବ ବର୍ଷ ତୁଳନାରେ ଅଧିକ ବ୍ୟୟ କରିଛନ୍ତି ।

### ବନ୍ୟଜନ୍ତୁଙ୍କ ସୁରକ୍ଷା...

ସହ ଏହି ଜମିକୁ ସମ୍ପୂର୍ଣ୍ଣ ଉଚ୍ଚ କରିବା ଓ ପଥର ଫିଲିଂ କରିବା ଆଦି ଖର୍ଚ୍ଚ ମଧ୍ୟ ରହିଥାଏ । ଏହାବ୍ୟତୀତ ଜଙ୍ଗଲ ମଧ୍ୟ ଦେଇ ରେଳପଥ ଯିବା ଦ୍ୱାରା ବନ୍ୟଜନ୍ତୁଙ୍କ ଚଳ ପ୍ରଚଳ ପ୍ରଭାବିତ ହେବା ସହ ଜଙ୍ଗଲ କ୍ଷୟକ୍ଷତି ହୋଇଥାଏ । ନୟାଗଡ଼ ବନଖଣ୍ଡରେ ୨ଟି ଭାଏଡକ୍ଟ ନିର୍ମାଣ କରାଯାଉଥିବା ବେଳେ ବୌଦ୍ଧ ବନଖଣ୍ଡରେ ୪ଟି ଭାଏଡକ୍ଟ ନିର୍ମାଣ ପାଇଁ ଏଥିରେ ଯୋଜନା ରହିଛି । ଏହି ପଦକ୍ଷେପ ସମ୍ପର୍କରେ ପୂର୍ବତଟ ରେଳବାଇର ଡେପୁଟି ଚିଫ ଇଂଜିନିୟର ରାଜେଶ କୁମାର ଦାସ କହିଛନ୍ତି ଯେ ଏହି ପଦକ୍ଷେପ ମୁଖ୍ୟତଃ ଜଙ୍ଗଲ ସୁରକ୍ଷା ଓ ରେଳବାଇର ଖର୍ଚ୍ଚକୁ ଦୃଷ୍ଟିରେ ରଖି ନିଆଯାଇଛି । ତେବେ ଏହି ଭାଏଡକ୍ଟ ଦୁଇ ସାଇଡ୍‌ରେ ଦିଆଯିବାକୁ ଥିବା ବ୍ୟାରିକେଡ୍‌ରେ ମିଶ୍ରିତ ପଦାର୍ଥ ରହିବ । ଯାହାଦ୍ୱାରା ରେଳ ଯିବା ସମୟରେ ଏହା କମ୍ ଶବ୍ଦଯୁକ୍ତ ହେବ ଓ ବନ୍ୟଜନ୍ତୁଙ୍କ ଉପରେ କମ୍ ପ୍ରଭାବ ପକାଇବ । ଚାରୋଟି ଜିଲ୍ଲାକୁ ପୂର୍ବ ଓଡ଼ିଶା ସହ ଯୋଡ଼ିବା ପାଇଁ ୧୯୯୪-୧୯୯୫ ମସିହାରେ ଖୋର୍ଦ୍ଧା-ବଲାଙ୍ଗୀର ପ୍ରକଳ୍ପ ମଞ୍ଜୁର ମିଳିଥିଲା । ବଲାଙ୍ଗିର, ସୁବର୍ଣ୍ଣପୁର, ବୌଦ୍ଧ, ନୟାଗଡ଼ ଓ ଖୋର୍ଦ୍ଧା ଜିଲ୍ଲାର ଲାଇଫ୍‌ଲାଇନ୍ କୁହାଯାଉଥିବା ଏହି ରେଳପଥ ୩୦୧ କିମି ଦୂରତା ଥିବା ବେଳେ କେବଳ ବୌଦ୍ଧ ଜିଲ୍ଲା ଭାଗରେ ସର୍ବାଧିକ ୧୧୦ କିମି ରେଳ ପଥ ରହିଛି । ବଲାଙ୍ଗୀର ପଟୁ ସୁବର୍ଣ୍ଣପୁର ପର୍ଯ୍ୟନ୍ତ ଓ ଖୋର୍ଦ୍ଧା ପଟୁ ଦଶପଲ୍ଲା ପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହୋଇ ରେଳ ଗଡୁଥିବା ବେଳେ ବାକି କାମ ୨୦୨୬ ସୁଦ୍ଧା ଶେଷ ହେବ ଓ ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ବୋଲି ରେଳ ବିଭାଗ ଲକ୍ଷ୍ୟ ରଖିଛି ।

### ନବୀନ ନିବାସରେ...

ତାହାକୁ ଦୂର କରିଛନ୍ତି । ନୂଆ ଏନ୍‌ଏସି ଗଠନ କରାଯାଇଛି । ଦ୍ୱାରା ସେମାନଙ୍କ ଅଞ୍ଚଳରେ ଭିତ୍ତିଭୂମି ସୁଦୃଢ଼ ହେବା ସହିତ ସେମାନଙ୍କ ଜୀବନଶୈଳୀରେ ଉନ୍ନତି ଆସିପାରିବ ବୋଲି ନବଗଠିତ ଏନ୍‌ଏସି ଅଞ୍ଚଳର ଲୋକମାନେ କହିଛନ୍ତି । ସେହିପରି ତିନି ମହାନଗର ନିଗମର ନିର୍ବାଚିତ ପ୍ରତିନିଧି ଓ ଓଡ଼ିଶା ମ୍ୟୁନିସିପାଲ କାଉନସିଲ ଫେଡେରେସନ୍‌ର କର୍ମକର୍ତ୍ତାମାନେ '୫-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ୍‌ଙ୍କୁ ଧନ୍ୟବାଦ ଜଣାଇବା ସହିତ ରୂପାନ୍ତରଣ କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି । ଅନୁରୂପ ଭାବରେ ସର୍ବନିମ୍ନ ମଜୁରୀ ବୃଦ୍ଧି କରିଥିବାରୁ ବିଜୁ ଶ୍ରମିକ ସାମୁଖ୍ୟ ଶ୍ରୀ ପାଣ୍ଡିଆନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ଏବଂ ଆଦିମ ଜନଜାତି ପାଉଡ଼ି ଭୂୟାଁ ସମ୍ପ୍ରଦାୟର ୩୨ ଗ୍ରାମର ପରିବାରକୁ ଆବାସ ଅଧିକାର ପ୍ରଦାନ କରାଯାଇଥିବାରୁ ସେମାନେ ୫-ଟି ଅଧ୍ୟକ୍ଷଙ୍କ ନିକଟରେ ନିଜର କୃତଜ୍ଞତା ପ୍ରକାଶ କରିଛନ୍ତି । ଦେବଗଡ଼ ଜିଲ୍ଲାର ଏହି ପରିବାରକୁ ଜଙ୍ଗଲ ଅଧିକାର ଆଇନ୍ ବଳରେ ଆବାସ ଅଧିକାର ପ୍ରଦାନ କରାଯାଇଛି । ଏସ୍‌ଟି ଓ ଏସ୍‌ସି ବିଭାଗର ସଚିବ ରୂପା ରୋଶନ ସାହୁଙ୍କ ନେତୃତ୍ୱରେ ପାଉଡ଼ି ଭୂୟାଁ ସମ୍ପ୍ରଦାର ହିତାଧିକାରୀ ନବୀନ ନିବାସ ଆସିଥିଲେ ।

ଆଜି ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ନେତୃତ୍ୱରେ ଚାନ୍ଦବାଲି ଏନ୍‌ଏସି, ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ନେତୃତ୍ୱରେ ଲୋଇସିଂହା, ସିନ୍ଦେକେଲା ଓ ରାମପୁର ଏନ୍‌ଏସି, ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱରେ ରେଙ୍ଗାଲି ଏନ୍‌ଏସି, ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ନେତୃତ୍ୱରେ କାକଟପୁର ଏନ୍‌ଏସି, ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ନେତୃତ୍ୱରେ ପୁରୁଣା କଟକ ଏନ୍‌ଏସି, ବିଧାୟକ ମହିଧର ରଣାଙ୍କ ନେତୃତ୍ୱରେ ମନମୁଣ୍ଡା ଓ ବାଉଁଶୁଣି ଏନ୍‌ଏସି, ବିଧାୟକ ରାଜେନ୍ଦ୍ର ସାହୁଙ୍କ ନେତୃତ୍ୱରେ ବୋଲଗଡ଼ ଏନ୍‌ଏସି, ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ସରଣକୁଳ ଏନ୍‌ଏସି, ରବୀନ୍ଦ୍ର ଜେନାଙ୍କ ନେତୃତ୍ୱରେ ବାଲିଆପାଳ ଏନ୍‌ଏସି, ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଖଇରା ଏନ୍‌ଏସି, ବିଧାୟକ ବ୍ୟୋମକେଶ ରାୟଙ୍କ ନେତୃତ୍ୱରେ ଧାମରା ଏନ୍‌ଏସିର ଜନସାଧାରଣ ୫-ଟି ଅଧ୍ୟକ୍ଷଙ୍କୁ ସାକ୍ଷାତ କରିଥିଲେ । ସେହିପରି ବିଧାୟିକା ସୀମାରାଣି ନାୟକଙ୍କ ନେତୃତ୍ୱରେ ରାସୋଳ ଏନ୍‌ଏସି, ବିଧାୟକ ସମ୍ବିତ ରାଉତରାୟଙ୍କ ନେତୃତ୍ୱରେ କୁଜଙ୍ଗ ଏନ୍‌ଏସି, ବିଧାୟକ କିଶୋର ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ବାମରା ଏନ୍‌ଏସିର ଜନତା ନବୀନ ନିବାସ ଆସିଥିଲେ । କଟକ ସିଏମ୍‌ସି ମେୟର ସୁବାସ ସିଂଙ୍କ ନେତୃତ୍ୱରେ ବିଜୁ ଶ୍ରମିକ ସାମୁଖ୍ୟର କର୍ମକର୍ତ୍ତା ୫-ଟି ଅଧ୍ୟକ୍ଷଙ୍କୁ ଭେଟି ଧନ୍ୟବାଦ ଜଣାଇଥିଲେ ।

### ଆଇଏଏସ୍ ବିନୋଦ...

ଜାଲ ଦସ୍ତାବିଜ ମାଧ୍ୟମରେ ଏନ୍‌ଜିଓ ଅନ୍ୟାନ୍ୟ ସଂସ୍ଥାକୁ ଋଣ ଦେଇଥିଲେ । ଏହି ମାମଲାର ତଦନ୍ତ ପାଇଁ ସରକାର ଭିଜିଲାନ୍ସକୁ ନିର୍ଦ୍ଦେଶ ଦେଇଥିଲେ । ଉପରୋକ୍ତ ମାମଲାରେ ଭିଜିଲାନ୍ସ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ (ଚାର୍ଜସିଟ) ଦାଖଲ କରିଥିଲା । ମାମଲାରେ ସାକ୍ଷୀଙ୍କ ବୟାନ ଓ ତଦନ୍ତକାରୀ ସଂସ୍ଥା ଦାଖଲ କରିଥିବା ଦସ୍ତାବିଜକୁ ଆଧାର କରି ଅଦାଲତ ଅଭିଯୁକ୍ତଙ୍କ ବିରୋଧରେ ଏହି ରାୟ ଦେଇଛନ୍ତି ।

## ୩ ବିଚାର ବିଭାଗୀୟ ଅଧିକାରୀଙ୍କ ବଦଳି

**କଟକ, ୧୫ ।୩ (ସମିସ):** ୩ଜଣ ବିଚାର ବିଭାଗୀୟ ଅଧିକାରୀଙ୍କୁ ଆଜି ନୂତନ ସ୍ଥାନକୁ ବଦଳି କରାଯାଇଛି । ବିଦ୍ୟୁତ୍ କୁମାର ମିଶ୍ରଙ୍କୁ ଓଡ଼ିଶା ଜୁଡିସିଆଲ ଏକାଡେମୀର ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି । ଲିଲି ସେନାପତିଙ୍କୁ ରାଉରକେଲା ପରିବାର ଅଦାଲତ ଜଜ୍ ଓ ପୂଜା ଷଡ଼ଙ୍ଗୀଙ୍କୁ ଝାରସୁଗୁଡ଼ା ଏଡିଜେ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଜଜ୍ ଭାବେ ବଦଳି ପୂର୍ବକ ଅବସ୍ଥାପିତ କରାଯାଇଛି । ସେହିପରି ଜିଲ୍ଲା ଜଜ୍ କ୍ୟାଡର୍‌ରେ ନିଯୁକ୍ତି ପାଇଁ ୧୫ଜଣ ବିଚାର ବିଭାଗୀୟଅଧିକାରୀଙ୍କୁ ଚୟନ କରାଯାଇଛି । ପଦୋନ୍ନତି ପାଇଁ ଚିହ୍ନିତ ଖାଲି ପଦବୀରେ ନିଯୁକ୍ତି ପାଇଁ ରିଜା ରାୟ, ସୌମ୍ୟା ଶୁଭଦର୍ଶିନୀ, ପ୍ରିୟରଞ୍ଜନ ମିଶ୍ର, ବିଷ୍ଣୁ ପ୍ରସାଦ ମିଶ୍ର, ଶାନ୍ତନୁ କୁମାର ଦାଶ, ବିଦ୍ୟାଧର ପୃଷ୍ଟି, ଦିଲ୍ଲୀପ କୁମାର ସାହୁ, ଚିନ୍ମୟୀ ଦେହୁରୀ, ସୁନୀତା ପଟ୍ଟନାୟକ, ରଞ୍ଜୁଲତା ଲେଙ୍କା, ସିଦ୍ଧାର୍ଥ ସାହୁ, ହୃଷୀକେଶ ସାହୁ, ବାସୁଦେବ ଆଚାର୍ଯ୍ୟ, ସଙ୍ଗୀତା ପାଣି ଓ ସୁଶୀଲ କୁମାର ସାହୁଙ୍କୁ ଚୟନ କରାଯାଇଛି । ଏ ସଂକ୍ରାନ୍ତରେ ହାଇକୋର୍ଟ ରେଜିଷ୍ଟ୍ରି ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି ।


E-949

**OFFICE OF THE CHIEF DISTRICT MEDICAL OFFICER, CUTTACK**
**ZILLA SWASTHYA SAMITI, CUTTACK**

Advertisement No.: 3962/DPMU/NHM/2024 — Dated: 14.03.2024

**Walk-In-Interview**

Walk-in-Interview for the post of **Psychiatric Nurse** at City Hospital (DHH), Cuttack (01 No.) under NHM will be conducted on dated:- **22/03/2024** in the Office Chamber of the CDM & PHO, Cuttack on contractual basis for a period of 11 months. Interested candidates :-

i. Must have passed General Nursing & Midwifery/ B.Sc Nursing from any 3 Govt. Nursing Schools of 3 Medical Colleges/ School of Nursing MCL, Talcher/ IGH, Rourkela or other recognized private institutions duly approved by INC and have registered in the Odisha Nurse & Midwives Council.
ii. S/he must have Diploma in Psychiatric Nursing.
iii. In absence of Diploma in Psychiatric Nursing, candidates having basic qualification as mentioned (i) above with 1 month training in Psychiatric Nursing in NIMHANS, CIP, LGBRIMH-Tezpur or other identified institutions notified by Govt. of Odisha may be considered.
iv. Must be within upper age limit of **65 years** as on 01/03/2024

Registration Time- 9 am- 10.30 am at O/o- CDM & PHO, Cuttack
Personal Interview- 11am to 1 pm at O/o- CDM & PHO, Cuttack

The candidates fulfilling above criteria may appear before the selection committee as per the date & time mentioned above. The details application form can be downloaded from the district website www.cuttack.nic.in. The authority reserves the right to reject or cancel the advertisement without assigning any reason thereof.

OIPR-10022/11/0013/2324 — Chief District Medical & Public Health Officer, Cuttack

**OFFICE OF THE BALASORE MUNICIPALITY, BALASORE**
**E-Procurement Notice** — C-3315
Bid Identification No. BM22_2023-24
No. 2551 / Date: 13.03.2024

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the Work : Civil Const. works as mentioned in DTCN
2. No. of works : 26 Nos.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 14-03-2024 to 20-03-2024
6. Last date and time for receipt : 20-03-2024 up to 5.00 pm
7. Bids received online shall be opened on : 21-03-2024 from 11.00 am onwards
8. Name and address of the Officer Inviting Bid : Executive Officer, Balasore Municipality

Further details can be seen from the e-procurement portal i.e. https://tendersodisha.gov.in/nicgep/app.

OIPR-13154/11/0059/2324 — Executive Officer, Balasore Municipality

**ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ, ଘଟଗାଁ, କେନ୍ଦୁଝର**
ନୋଟିସ୍ ନଂ. ୧୦୬ — ତା. ୧୪.୦୩.୨୦୨୪

**ଟେଣ୍ଡର ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ୨୦୨୪-୨୫ ବର୍ଷ ପାଇଁ ନିମ୍ନଲିଖିତ ଜରମୁଦ ଟେଣ୍ଡର ପ୍ରକ୍ରିୟା କରାଯିବ । ଏଣୁ ଇଚ୍ଛୁକ ବ୍ୟକ୍ତି ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟରୁ ନିୟମାବଳୀ ଯୁକ୍ତ ଆବେଦନ ଫର୍ମ କ୍ରୟ ବାବଦକୁ ଟ. ୧୨୦୦/- (ଏକ ହଜାର ଦୁଇଶହ)ଟଙ୍କା ନଗଦ ଦାଖଲ କରି ନିୟମାବଳୀ ଅନୁଯାୟୀ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଏହି ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ । ସମସ୍ତ କାର୍ଯ୍ୟ ଦିବସରେ ଦିବା ୧୧ଘ. ଠାରୁ ଦିବା ୧ଘ. ଓ ଦିବା ୫ଘ. ଠାରୁ ସନ୍ଧ୍ୟା ୬ଘ. ମଧ୍ୟରେ ତା. ୧୬.୦୩.୨୦୨୪ରିଖ ଠାରୁ ତା. ୨୦.୦୩.୨୦୨୪ରିଖ ସୁଦ୍ଧା ଟେଣ୍ଡର ଫର୍ମ କ୍ରୟ କରିପାରିବେ । ଟେଣ୍ଡର ସମ୍ବନ୍ଧୀୟ ନିୟମାବଳୀ ଓ ଅନ୍ୟାନ୍ୟ ତଥ୍ୟ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟକୁ ଆସି ବୁଝିପାରିବେ । ପରିଚାଳନା କମିଟି ଚାହିଁଲେ ବିନାକାରଣରେ ଏହି ଟେଣ୍ଡର ନାକଚ ବା ପରିବର୍ତ୍ତନ କରିପାରିବେ । ଏହି ଟେଣ୍ଡର ସମ୍ବନ୍ଧୀୟ ନୋଟିସ୍ www.maatarini.co.in ୱେବ୍‌ସାଇଟ୍‌ରେ ଦେଖିପାରିବେ ।
ଟେଣ୍ଡର ଗ୍ରହଣ ତାରିଖ ଓ ସମୟ- ତା ୨୧.୦୩.୨୦୨୪ରିଖ ୧୧ ଘଟିକା
ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ- ତା ୨୧.୦୩.୨୦୨୪ରିଖ ୧୨ ଘଟିକା

| କ୍ର.ନଂ. | ଟେଣ୍ଡରର ନାମ | ଧାର୍ଯ୍ୟ ମୂଲ୍ୟ | ଅମାନତ ଦେୟ |
|---|---|---|---|
| ୧. | ପୂଜାସାମଗ୍ରୀ ଦୋକାନ ନଂ-୧ (ସ୍ଥାନ - ମୁଖଶାଳା ଡାହାଣ ପାର୍ଶ୍ୱ) | ଟ.୨୬,୫୯,୫୯୫/- | ଟ.୨,୬୫,୯୫୯/- |
| ୨. | ଖୁଣ୍ଟା ମୌଜା ଚାଷ ଜମି | ଟ.୧୨,୬୦୦/- | ଟ.୧,୨୬୦/- |
| ୩. | ଚଇତି ପର୍ବ ଲାଇଟ୍, ଜେନେରେଟର ଯୋଗାଇବା | ଟ.୩,୬୯,୦୫୦/- | ଟ. ୩୬,୯୦୫/- |
| ୪. | ଚଇତି ପର୍ବ ମାଇକ୍ ଯୋଗାଇବା | ଟ.୧,୦୪,୬୬୫/- | ଟ.୧୦,୪୬୬/- |

କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ, ଘଟଗାଁ, କେନ୍ଦୁଝର

**OFFICE OF THE MUNICIPAL COUNCIL, JALESWAR**
Tel. No.06781-222407 — Address: Near Tahasil Office, Jaleswar, 756032
E-mail:-jaleswarmunicipality@gmail.com — C-3318
Ref. No. 1431 — Date 11.03.2024

**E-Procurement Notice**
**Bid Identification No – JM_14_2023_24**
**Notice Inviting to Detailed Tender Call Notice**

Name of the work:- "Privatisation of Sweeping of roads, cleaning of drains & Bush uprooting in both sides of roads and lifting of Municipal Solid Waste separately Wet & Dry Waste including other waste to the identified Micro Composting Centre (MCC) / Material Recovery facility (MRF) /Landfill Site/ Disposal Centers located at different places from W.No-1 to W.No.-17 within the Jaleswar Municipality area"

Cost of DTCN :- The Cost of Tender documents is 20,000/-
EMD :- 1% of the total yearly estimated cost.
Period of contract :- 1 year (from 01.05.2024 to 30.04.2025)
Start Date of Sale/download of DTCN :- 11.00 A.M. of dt.14.03.2024
Last Date of receiving pre-bid Queries :- Upto 5.00 P.M. of dt.17.03.2024
Last Date of Receipt of Tender :- Upto 5.30 P.M. of dt.15.04.2024
Date of pre bid meeting :- 11.00 A.M. on dt.18.03.2024 (In the Office Chamber of the Executive Officer, Jaleswar Municipality)
Date of Opening of Technical Bid :- 11.00 A.M. on dt.16.04.2024
Date of opening of Financial Bid :- 11.00 A.M. on dt.20.04.2024

Further Details can be seen/ downloading from e-procurement portal i.e. https://www.tendersodisha.gov.in/nicgep/app.

OIPR-13126/11/0031/2324 — Sd/- Executive Officer, Jaleswar Municipality

O-2814
email- serwsbd2003@yahoo.com
**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**

**e- Procurement Notice for Building works**
1 Name of the work : Construction of Building Works - (01 No)
3 Class of contractor : "A" Class & Special of (Odisha PWD) or relevant class of other licensing authority.
3 Estimated Cost : Rs.640.90 Lakhs (Approximately)
4 Details projects as per Annexure attached. :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD – Online – 69/2023-24 | 22.03.2024 at 11.00 A.M. | 08.04.2024 up to 5.00 P.M. | 06.04.2024 up to 1.00 P.M. | 09.04.2024 at 11.00 A.M. | To be intimated separately |

5. The details of works can be seen from the web site https://www.tendersodisha.gov.in
6. Any Corrigendum/Addendum will be displayed in the above e-tender web site.

OIPR - 25182/11/0077/2324 — Chief Engineer, Rural Works Circle, Sunabeda.

**ZILLA PARISHAD, SAMBALPUR**
Dist- Sambalpur, Odisha-768001
Ph: 0663-2410992, Email: ori-dsambalpur@nic.in — CAD-4660
Letter No. 268/ ORMAS — Date: 12.03.2024

**CORRIGENDUM NOTICE**

With reference to the Tender Call Notice No 244 dated 7.3.2024, it is herby notified that earlier advertisement for sealed Tender invited from the GST rgisteredAgency/MSME firm for supply of packaging machines for RIPC at Maneswar and Bamra Block under "State Sector Scheme - Implementation Support to ORMAS' for the F.Y 2023-24 has been extended to 21.3.2024 upto 5 PM. Intending bidders may download the Bid documents containing eligibility criteria and details terms and conditions of the tender from the district website: https://sambalpur.nic.in.

Hence, willing GST rgisteredAgency/MSME firm are requested to submit their Tender Paper on or before 21.3.2024 by 5 P.M directly to the office of CEO-cum- Executive Officer, Zilla Parishad, Sambalpur by Regd Post/Speed Post/Courier. The opening of the Bid is on 22.3.2024 at 11 AM at Conference Hall of Zilla Parishad, Sambalpur.The bidders who have submitted their document in response the earlier advertisement vide Tender Call Notice No 244 dated 7.3.2024 need not apply again.

CDO-cum- Executive Officer, Zilla Parishad, Sambalpur
OIPR - 19241/11/0024/2324

O-2817
e-mail – serwsbd2003@yahoo.com
**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**

**1st corrigendum**

In continuation to this office Bid Identification No- CCERWCSBD Online-67/2023-24 invited vide this office Notice No. 1260 Dtd. 28.02.2024, partial modification of TCN has been made as follows:

| Sl No | Item | Time Schedule as per original TCN | Time Schedule as per Corrigendum notice |
|---|---|---|---|
| 1 | Availability of Tender online for bidding | 04.03.2024 at 11.00 AM to 5.00 PM of 18.03.2024 | Extended up to 5.00 PM of 28.03.2024 |
| 2 | Date and Time of seeking tender clarification if any | 16.03.2024 up to 2.00 PM | 27.03.2024 up to 2.00 PM |
| 3 | Date & Time of opening of tender (Technical Bid) | 19.03.2024 at 11.00 AM | 29.03.2024 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.
Chief Engineer, Rural Works Circle, Sunabeda.
OIPR - 25182/11/0078/2324

**2500 SQ FT PLOT WITH HOUSE AT GURANDI IN MAIN MARKET AREA, 17 KM FROM PARLAKHEMUNDI, GAJAPATI DISTRICT, ODISHA.**
**Contact : 9337103057**

**AFFIDAVIT**
By virtue of an affidavit sworn before the Notary Public, Bargarh, I Krishna AgarwaL, S/o Dillip Kumar Agarwal, residing at Ward No 02, Nadipada, Bargarh 768028 declare that in my Passport bearing no 6720124 my Father's name has been mentioned as Dillip Kumar Agarwal and in my CBSE Certificate my Father's name has been mentioned as Dilip Kumar Agarwal. By this affidavit no: 767, Dated 22.02.2024, both the name Dillip Kumar Agarwal & Dilip Kumar Agarwal is same & one person. Henceforth I shall be known as **KRISHNA AGARWAL** S/o Dillip Kumar Agarwal for all purposes.

**AFFIDAVIT**
By an Affidavit before the Notary Public Pattamundai vide No 64AA788160 dt 14/03/2024, I Diti Krishna Tarai,AT/PO-Gunupur,Dist-Kendrapara declare will be known as Diti Krishna Tarai for all future purposes.

**AFFIDAVIT**
I, Sanjeev Kumar Pattanaik, C/o-Bata Krushna Pattnaik, resident of At-C2M-121,Gopabandhu Nagar, Chhend Colony,Rourkela, Dist-Sundergarh, Odisha, Pin-769015 declare by this affidavit No-169, dated-14/03/2024, that now onwards I shall be known As **SANJEEV KUMAR PATTNAIK** for all future purposes.



ସେ ବି ମଣିଷ ତୁମେ ବି ମଣିଷ
ତେବେ କେମିତି କରିବ ତାକୁ ଘୃଣା,
ତୁମ ଭେଦଭାବ, ଛୁଆଁ ଅଛୁଆଁରେ
HIV ସଂକ୍ରମିତ ହୋଇବ ବାଟବଣା ।
ନିଜ ମାନବିକତା, ମଣିଷପଣିଆ
ତୁମେ ହରାଇବ ସମାଜରେ,
ହୋଇବ ପୁଣି ଦଣ୍ଡିତ
HIV ନିୟନ୍ତ୍ରଣ ଓ ପ୍ରତିରୋଧ ଆଇନରେ ।

OSACS — ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

**NOTICE**
It is informed to all concerned that for our proposed Quartz Mining project at villageSidingpadar, PS/Tahasil – M. Rampur, District -Kalahandi, Odisha over an area of 12.26 Acres/4.9617 ha, the Environment Clearance has already been accorded by State Level Environment Impact Assessment Authority, Odisha, Bhubaneswar on 13/03/2024. Copies of the clearance letter are available with the State Pollution Control Board, Odisha and also can be seen on the website of SEIAA, Odisha and also at the website of Ministry of Environment, Forest and Climate Change at **www.environmentclearance.nic.in.**

**D. K. Umar Vaishya**
Wholetime Director
Max Rampur Fortunes Pvt. Ltd.

O-2822
**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE,BALASORE**
No:- 1605 /WE, Dt:- 14.03.24
**e-procurement Notice**

1. Name of the Work:- :"Building Works."
1. Estimated Cost:- : As per Annexure).
2. Time for completion:- :-As per Annexure
3. No of Work:- :- As per Annexure
4. Summary for key dates is provided below:-

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking Tender Clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | | 5 | 6 |
| Chief Construction Engineer Engineer, Rural Works Circle, Balasore | N.C.B. No.- 95 of 2023-24 | Dt.22.03.2024 at11.00 A.M. | Dt. 08.04.2024 up to 5.00 P.M. | Dt. 06.04.2024 up to 5.00 P.M. | Dt. 09.04.2024 at 11.00 AM. | Will be intimated latter |

Further details can be seen from the website www.tendersodisha.gov.in
Any other changes/Corrigendum may be seen only in website www.tendersodisha.gov.in

S/d:-Er.N.V. Harihar Rao, Chief Engineer, Rural Works Circle,Balasore
OIPR - 25105/11/0125/2324

O-2819
ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ,
ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BERHAMPUR**
(E-Mail:- serwbpr2004@yahoo.com, Tel/Fax:- 0680-2404287)
At:- Ambapua, Po:- Engineering School, Near Income Tax office, Berhampur-760011

**NATIONAL COMPETITIVE BIDDING THROUGH e-Procurement** — E-Mail / E-despatch
**Bid Identification No. Online Tender/105-2023-24/BPR**

| Identification No | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / 105-2023-24/BPR | Road Works including 05 years Post Construction maintenance under IMPVT. EXISTING RD ROADS for the year 2023-24 | 01 No | Rs. 132.30 Lakhs | "B" Class & "A" Class as applicable | 11 (Eleven) Calendar Month as provided |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/105-2023-24/BPR | 28.03.2024 at 10.00 A.M. | 12.04.2024 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: - www.tendersodisha.gov.in

Chief Construction Engineer, R.W.Circle, Berhampur
OIPR - 25071/11/0124/2324





# ଜାତୀୟ ଟିକାକରଣ ଦିବସ

ପ୍ରତିବର୍ଷ ମାର୍ଚ୍ଚ ୧୬ ତାରିଖକୁ 'ଜାତୀୟ ଟିକାକରଣ ଦିବସ' ଭାବେ ପାଳନ କରାଯାଏ। ସବୁ ବୟସର ଲୋକଙ୍କୁ ଟିକାକରଣ ପ୍ରତି ସଚେତନ କରିବା ହେଉଛି ଏହି ଦିବସର ମୂଳ ଉଦ୍ଦେଶ୍ୟ। ଟିକାକରଣ ଏମିତି ଏକ ପ୍ରକ୍ରିୟା, ଯଦ୍ଵାରା ଭୟଙ୍କର ରୋଗକୁ ରୋକାଯାଇ ପାରିଥାଏ। ୧୯ ୯୫ରେ ପ୍ରଥମେ ପୋଲିଓ ଟିକାକରଣରୁ ଏହି ଦିବସର ପ୍ରାରମ୍ଭ ହୋଇଥିଲା। ଓରାଲ ପୋଲିଓ ଭ୍ୟାକସିନ ଅର୍ଥାତ୍ ପାଟିରେ ଶିଶୁଙ୍କୁ ପୋଲିଓର ପ୍ରଥମ ବୁନ୍ଦା ଦିଆଯାଇଥିଲା। ଭାରତକୁ ପୋଲିଓ ମୁକ୍ତ କରିବା ଲାଗି ଏହି ଦିନରୁ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିଲା 'ପଲ୍ସ ପୋଲିଓ' ଅଭିଯାନ। ଏହା ମାଧ୍ୟମରେ ପାଞ୍ଚ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁଙ୍କୁ ପୋଲିଓ ଭ୍ୟାକସିନ୍‌ର ଦୁଇ ବୁନ୍ଦା ଦିଆଯାଉଥିଲା। ଆଉ ଏହି ଅଭିଯାନ ଯୋଗୁଁ ୨୦୧୪ରେ ଭାରତକୁ ପୋଲିଓ ମୁକ୍ତ ଘୋଷଣା କରାଯାଇଥିଲା। ତେବେ କରୋନା ମହାମାରୀ ଲୋକଙ୍କୁ ଟିକାକରଣ ଦିଗରେ ଅଧିକ ସଚେତନ କରାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ପ୍ରତିବର୍ଷ ଟିକାକରଣ ଅଭିଯାନ ଯୋଗୁଁ ୨୦-୩୦ ଲକ୍ଷ ଲୋକଙ୍କ ଜୀବନ ରକ୍ଷା ହୋଇଥାଏ। ବିଶେଷକରି ଶିଶୁମାନଙ୍କୁ ଟିକାକରଣର ଜରୁରି ଆବଶ୍ୟକତା ରହିଛି। ଚଳିତବର୍ଷ ଜାତୀୟ ଟିକାକରଣ ଦିବସର ଥିମ୍ ଅଛି 'ଭ୍ୟାକସିନ୍ସ୍ ୱାର୍କ ଫର୍ ଅଲ୍'।

# 'ହାଉସ୍‌ଫୁଲ୍-୫'ରେ ଅନୀଲ-ନାନା

ବଲିଉଡ୍‌ର ଏକ ସଫଳ ଫ୍ରାଞ୍ଚାଇଜ୍ ଫିଲ୍ମ ଭାବେ 'ହାଉସ୍‌ଫୁଲ୍' ଜଣାଯାଏ। ଏବେ ଏହି ଫ୍ରାଞ୍ଚାଇଜ୍‌ର ଆଗାମୀ ଫିଲ୍ମକୁ ନେଇ ଏକ ଖବର ଆସିଛି। ଫିଲ୍ମରେ ଅକ୍ଷୟ କୁମାର, ରିତେଶ ଦେଶମୁଖ, ଚଙ୍କି ପାଣ୍ଡେଙ୍କ ସହ ଏବେ ଅନୀଲ କପୁର ଓ ନାନା ପାଟେକର ଅଭିନୟ କରିବେ ବୋଲି ଜଣାପଡ଼ିଛି। ତରୁଣ ମନସୁଖାନି ଏହାର ନିର୍ଦ୍ଦେଶନା ଦେବେ। ଏହାର ସୁଟିଂ ବ୍ରିଟେନ୍‌ରୁ ଆରମ୍ଭ ହେବ। ଏହି ଫିଲ୍ମ ଜୁନ୍ ୬, ୨୦୨୫ରେ ମୁକ୍ତିଲାଭ କରିବ। ଏହାପୂର୍ବରୁ ଅନୀଲ ଓ ନାନା ଏକାଠି 'ୱେଲକମ୍' ଫିଲ୍ମରେ ଅଭିନୟ କରିଥିଲେ। ବବି ଦେଓଲଙ୍କୁ ମଧ୍ୟ ଏହି ଫିଲ୍ମରେ କାମ କରିବା ପାଇଁ ଅଫର୍ ଦିଆଯାଇଛି। ତେବେ ଏନେଇ ବବି କିଛି ସ୍ପଷ୍ଟ କରିନାହାନ୍ତି।



## ଆଜିର ଇତିହାସ

- ୧୯୩୯ - ଚେକୋସ୍ଲୋଭାକିଆ ଜର୍ମାନୀ ଉପରେ କବ୍‌ଜା କଲା।
- ୧୯୬୬-ଆମେରିକାରେ ମାନବଯୁକ୍ତ ମହାକାଶଚାରୀଙ୍କୁ ନେଇ 'ଜେମିନି-୮' ଉତ୍‌କ୍ଷେପଣ ହେଲା।
- ୨୦୦୪- ରୁଷିଆରେ ଏକ ନଅତାଲା କୋଠାରେ ବିସ୍ଫୋରଣ ଯୋଗୁଁ ୨୧ ମୃତ।
- ୨୦୧୩-ପାକିସ୍ତାନର ରାୱଲପିଣ୍ଡିରେ ହୋଇଥିବା ଏକ ବସ୍ ଦୁର୍ଘଟଣାରେ ପାଖାପାଖି ୨୫ ଜଣ ସୈନିକଙ୍କ ପ୍ରାଣହାନି।

# କବିଶେଖର ଚିନ୍ତାମଣି



ଆଜି ଆସିଥିଲେ

ଓଡ଼ିଆ ସାହିତ୍ୟରେ ଆଧୁନିକତାର ଅଭ୍ୟୁଦୟ କାଳରେ କବିଶେଖର ଚିନ୍ତାମଣି ମହାନ୍ତି ଥିଲେ ନବ ଉନ୍ମେଷଶାଳୀ ପ୍ରତିଭା। ଓଡ଼ିଆ ସାହିତ୍ୟକୁ କବିଶେଖର ଚିନ୍ତାମଣି ମହାନ୍ତିଙ୍କ ଅବଦାନ ଅତୁଳନୀୟ। ଏକାଧାରରେ ସେ ଥିଲେ ଜଣେ ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ, ଭ୍ରମଣକାହାଣୀ ସ୍ରଷ୍ଟା ତଥା ଶିଶୁ ସାହିତ୍ୟିକ। ସେ ୧୮୬୭ ମସିହା ଆଜିର ଦିନରେ ଭଦ୍ରକ ଜିଲ୍ଲାର ଅସ୍ତଳଠାରେ ଜନ୍ମଗ୍ରହଣ କରିଥିଲେ। ୧୮୮୪ରୁ ୧୯୦୩ ମସିହା ପର୍ଯ୍ୟନ୍ତ ସେ ଶିକ୍ଷକତା କରିଥିଲେ। ପରେ ଶିକ୍ଷକତା ଛାଡ଼ି ସେ ସେତେବେଳର ଅନେକ ଲୋକପ୍ରିୟ ପତ୍ରିକାର ସମ୍ପାଦନା ଦାୟିତ୍ୱ ନେଇଥିଲେ। 'ହିତବାଦିନୀ', 'ଉତ୍କଳବାସୀ', 'ସ୍ୱଦେଶ ଲକ୍ଷ୍ମୀ', 'ମନୋରମା' ଓ 'ଜ୍ଞାନଦର୍ପଣ' ପ୍ରଭୃତି ପତ୍ରପତ୍ରିକାର ସେ ସମ୍ପାଦନା କାର୍ଯ୍ୟ ତୁଲାଇଥିଲେ। କବି ଚିନ୍ତାମଣି ତାଙ୍କ ଜୀବନକାଳରେ ଅଠଚାଳିଶ ଖଣ୍ଡ କାବ୍ୟ, ପାଞ୍ଚୋଟି ଉପନ୍ୟାସ ଓ ତିନୋଟି ଦୀର୍ଘ ଗଳ୍ପ ରଚନା କରିଥିଲେ। ଏହାବ୍ୟତୀତ ତାଙ୍କର ଅନେକ ଲେଖା ଅପ୍ରକାଶିତ ହୋଇ ରହିଯାଇଛି। 'ସନ୍ଧ୍ୟାତାରା', 'କଳ୍ପନାକୁଞ୍ଜ', 'ପତ୍ରପୁଷ୍ପ', 'ଶତଦଳ' ଆଦି ଖଣ୍ଡ କବିତା ସହ 'ଉତ୍କଳ କମଳା', 'ଘୁମୁସର', ମହେନ୍ଦ୍ର', 'ସାଳନ୍ଦି' ଆଦି କବିତା ରଚନା କରିଥିଲେ। ୧୯୩୫ ମସିହାରେ ମହାରାଜା ବିକ୍ରମଦେବ ବର୍ମାଙ୍କ ଉଦ୍ୟମରେ ଆନ୍ଧ୍ର ଗବେଷଣା ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ 'କବିଶେଖର' ଉପାଧି ମିଳିଥିଲା। ସେ ୧୭ ଡିସେମ୍ବର, ୧୯୪୩ରେ ଦେହତ୍ୟାଗ କରିଥିଲେ।

# ଆମ ଘରେ ରାମ



ପୁତୁରାର ପିଲାପିଲି ହେବ। ଆମ ଘର ଖୁସି କଥା କହିଲେ ନ ସରେ। ଭାଉଜଙ୍କ ଗୋଡ଼ ତଳେ ଲାଗୁନି। ବୋହୂକୁ ପ୍ରତି ମାସରେ ଡାକ୍ତର ଦେଖଉଚନ୍ତି। ପରାମର୍ଶ ନେଉଚନ୍ତି। ମତେ ଆଜି ସକାଳୁ ସକାଳୁ କହିଲେ – "ଆର ମାସରେ ପିଲା ଜନ୍ମ ହେବ। ଡାକ୍ତର ତ ତମର ଚିହ୍ନା। ତମେ ଯାଇ ଡାକ୍ତର ସାଙ୍ଗରେ କଥାବାର୍ତ୍ତା ଟିକେ କରନ୍ତନି?"

ଭାଉଜଙ୍କୁ ନେଇ ଡାକ୍ତରଙ୍କ ପାଖକୁ ଗଲି। ଡାକ୍ତର ରିପୋର୍ଟ ଦେଖି କହିଲେ – ପିଲା ଭଲ ଅଛି। ଠିକ୍‌ଠାକ୍ ବଢୁଛି। ଏପ୍ରିଲ୍ ଦ୍ୱିତୀୟ କି ତୃତୀୟ ସପ୍ତାହ ଆଡ଼କୁ ଜନ୍ମ ହେଇଯିବ। ତେବେ ଦ୍ୱିତୀୟ ସପ୍ତାହରେ ଯଦି ପୀଡ଼ା ହୁଏ ନେଇ ଆସିବେ। ନହେଲେ ଚଉଦ ତାରିଖକୁ ଏମିତି ନେଇ ଆସିବେ, ପରିସ୍ଥିତି ଦେଖି ଅପରେସନ୍ ଦରକାର ହେଲେ କରିଦେବା।"

ପୁଣି ଟିକିଏ ଅଟକିଯାଇ କହିଲେ – ଯଦି ଅପରେସନ୍ (ସିଜରିଆନ୍) କରି ଜନ୍ମ କରେଇବାର ଯୋଜନା କରୁଚନ୍ତି, ସେଇ ଚଉଦ ତାରିଖ ଆଡକୁ ହିଁ କରେଇ ଦିଅନ୍ତୁ। ଡେରି କରିବେନି।

ମୁଁ ପଚାରିଲି – "କାହିଁକି ସାର୍? ଆପଣ କ'ଣ ରହୁନାହାନ୍ତି ! ସେଇ କନ୍‌ଫରେନ୍ସ କଥା ଯୋଉ କହୁଥିଲେ, ସେଠିକି ଯିବେ?"

ଡାକ୍ତର ହସିହସି କହିଲେ – "ନାଇଁ ହୋ। ସତର ତାରିଖ ରାମଜନ୍ମ। ସେଇଦିନ ପିଲା ଜନ୍ମ ପାଇଁ ଆମ ନର୍ସିଂ ହୋମ୍‌ରେ ପ୍ରବଳ ଭିଡ଼। ସେଇଥିପାଇଁ ଚଉଦ ତାରିଖ କଥା କହିଲି।"

ଏତକ କହିସାରି ଡାକ୍ତର ଆମକୁ "ଟିକେ ଅର୍ଜେଣ୍ଟ ପେସେଣ୍ଟ ଦେଖି ଆସୁଛି। ଆପଣ ବସିଥାନ୍ତୁ" କହି ଉଠି ଚାଲିଗଲେ। ଭାଉଜ ବିକଳ ହେଇ ମୋ ମୁହଁକୁ ଚାହିଁଥାନ୍ତି। ତାଙ୍କ ଆଖି ହିଁ କହୁଥାଏ -"ଆମ ଘରକୁ କ'ଣ ରାମ ଆସିବେନି? ଆମେ କ'ଣ ସତରରେ ପିଲା ଜନ୍ମ କରେଇ ପାରିବାନି।!!!"

ମୁଁ ଭାଉଜଙ୍କୁ ବୁଝେଇଲି – ଏମାନେ କ'ଣ ସତରେ ରାମଙ୍କୁ ଆଣିବାକୁ ଚାହୁଁଛନ୍ତି? ରାମଙ୍କୁ 'ରାମ' ହେବା ପାଇଁ ଯୋଉ ସଂସ୍କାର ଦେବା ଦରକାର, ଏମାନେ ଦେବାକୁ ପ୍ରସ୍ତୁତ ? ବିଶ୍ୱାମିତ୍ରଙ୍କ ଯଜ୍ଞରକ୍ଷା ପାଇଁ ଏମାନେ ପୁଅକୁ ମୁନିବେଶରେ ବଣକୁ ପଠେଇ ଦେଇ ପାରିବେ ନା ଜଗତ ହିତ ପାଇଁ ବନବାସକୁ ପଠେଇ ପାରିବେ?

ହାଟ ମଝିରେ
ବ୍ରହ୍ମଜ୍ଞାନ

ସତକଥାଟି ହେଉଚି – ଆମେ ଆମ ରାମକୁ ସେ ତ୍ୟାଗ କରିବାର ସଂସ୍କାରଟି ଦେଇ ପାରିବାନି। ହଁ, ଆମେ କିଛି ମାତ୍ରାରେ ଦଶରଥ କି କୌଶଲ୍ୟା ହେଇଯିବା। ପିଲାର ଶିକ୍ଷା ପାଇଁ ଦାମୀ ପୋଷାକ ଓ ବହୁମୂଲ୍ୟ ଦେଇ କୋଉ ଇନ୍‌ଷ୍ଟିଚ୍ୟୁଟ୍‌କୁ ପଠେଇ ଦେବା। ଯୋଗ୍ୟ ହେଲା ପରେ ପଇସା କମେଇବା ପାଇଁ ପ୍ରବାସକୁ ପଠେଇ ଦେବା। ପିଲାର ଖୁସି ପାଇଁ ବିଚ୍ଛେଦ ଯନ୍ତ୍ରଣାକୁ ବି ସହିଯିବା। ■

- ଜ୍ଞାନ ହୋତା
ଚହଟା, ବିଡ଼ାନାସୀ, କଟକ-୧୪

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମାନସିକ ଚିନ୍ତା ଦୂର ହେବ। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମ ଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଚକ୍ଷୁ ସମସ୍ୟା ଦେଖା ଦେବ।

**ବିଛା:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ।

**ଧନୁ:** କ୍ୟାରିୟରୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମକର:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**ମୀନ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟ ଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।



# ସୁମନ

## ସକାଳ ଶିଶୁ କୁଇଜ୍-୧୧୦

(୧) 'ଗଣକବି' ଭାବେ କିଏ ପରିଚିତ?
ଉତ୍ତର:

(୨) ଓଡ଼ିଶାର କେଉଁ ଜିଲ୍ଲାରେ ଚଉଷଠୀ ଯୋଗିନୀ ମନ୍ଦିର ରହିଛି?
ଉତ୍ତର:

(୩) କେଉଁ ଯନ୍ତ୍ର ସାହାଯ୍ୟରେ ହୃଦ୍‌ସ୍ପନ୍ଦନ ମପାଯାଏ?
ଉତ୍ତର:

(୪) ପ୍ରାର୍ଥନା ସମାଜ କିଏ ପ୍ରତିଷ୍ଠା କରିଥିଲେ?
ଉତ୍ତର:

(୫) କେଉଁ ରୋଗ କାରଣରୁ ଶରୀର ହଳଦିଆ ପଡ଼ିଯାଏ?
ଉତ୍ତର:

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ଗତ ସପ୍ତାହର କୁଇଜ୍ ବିଜେତା**

- ସିଦ୍ଧାର୍ଥ ଶଙ୍କର ପଣ୍ଡା, ଓଡ଼ଗାଁ, ନୟାଗଡ଼
- ତପସ୍ୱିନୀ ମହାରଣା, ଚକେଇସିଆଣି, ଭୁବନେଶ୍ୱର
- ସୋମାଲିନ୍ ସାହୁ, ବ୍ରହ୍ମଗିରି, ପୁରୀ

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

# ପଖାଳ ଦିବସ



ରାମଚନ୍ଦ୍ର ବେହେରା

ମାର୍ଚ୍ଚ କୋଡ଼ିଏରେ ପଖାଳ ଦିବସ
ପାଳିବେ ରାଇଜେ ଜନେ
ଆମ ପ୍ରିୟ ଖାଦ୍ୟ ପଖାଳ ତୋରାଣି
ଖାଇବେ ହରଷ ମନେ।
ପଖାଳରେ ଅଛି ବହୁ ଜୈବସାର
ଜଳୀୟଅଂଶ ବହୁତ
ଶରଧାରେ ତାକୁ କରିଲେ ସେବନ
କରଇ ଦେହକୁ ହିତ।
ପଖାଳରେ ଦହି ଅଦା ଲଙ୍କା ଛେଚା
ପାଟିକୁ ଲାଗେ ସୁଆଦ
ଶାଗ ବଡ଼ିଚୂରା ମାଛଭଜା ସାଥେ
ମନକୁ କରଇ ବୋଧ।
ଆମ ଚାଷୀଭାଇ ଦିନ ମଜୁରିଆ
ପଖାଳ ଖାଇ ହରଷେ
ଦିବା ନିଶି ଶ୍ରମ କରିଥାନ୍ତି ଦାନ
ଆମ ଓଡ଼ିଶା ପ୍ରଦେଶେ।
ପଖାଳରେ ଅଛି ଔଷଧୀୟ ଗୁଣ
ଦେହକୁ ନ ଲାଗେ ଖରା
ଅଂଶୁଘାତ ଡର ମନରୁ ଦୂରାଏ
ଯେ ପିଏ ତୋରାଣି ପରା।
ରୋଗ ପ୍ରତିରୋଧ ଶକତି ବଢ଼ାଏ
ଆମରି ପ୍ରିୟ ପଖାଳ
ତୋରାଣିରେ ତା'ର ଭିଟାମିନ୍ ତତ୍ତ୍ୱ
ଦେହକୁ ରଖେ ଚଞ୍ଚଳ।
ଆସ ମିଳିମିଶି ପ୍ରିୟ ପଖାଳକୁ
ଖାଇବା ହରଷ ମନେ
ଆମ ରାଇଜର ଗୌରବ ପଖାଳ
କହିବା ସଭିଙ୍କ କାନେ। ■

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬









ସାଇ ଶିବେଶ ବେହେରା
ପଞ୍ଚମ ଶ୍ରେଣୀ
କାର୍‌ମେଲ୍ ସ୍କୁଲ, ରାଉରକେଲା



ସାନ୍‌ଭି ଶନାୟା ସା
ଦ୍ୱିତୀୟ ଶ୍ରେଣୀ
ବିଜେଇଏମ୍ ସ୍କୁଲ, ଭୁବନେଶ୍ୱର

# ଲକ୍ଷ୍ମୀର ଖୁସି



ଲଳିତ ମୋହନ ମିଶ୍ର



ସହରର ମଝିରେ ଏକ ଚିଡ଼ିଆଖାନା। ସେଠାରେ ରହୁଥିଲା ଲକ୍ଷ୍ମୀ ନାମକ ଏକ ହାତୀ। ଭାରି ଭଲ ପାଉଥିଲେ ତାକୁ ସହରର ପିଲାମାନେ। କିଏ ତାକୁ ପପ୍‌କର୍ଣ୍ଣ ଖାଇବାକୁ ଦେଉଥିଲା ତ କିଏ ଦେଉଥିଲା କଦଳୀ। କିନ୍ତୁ ଏତେ ଭଲ ପାଇବା ପରେ ମଧ୍ୟ ଲକ୍ଷ୍ମୀର ମନ ସେହି ଚିଡ଼ିଆଖାନାରେ ନ ଥିଲା। ସେ ଯେଉଁ ଜଙ୍ଗଲରୁ ଆସିଥିଲା ତା'ର ମନ ସଦା ଝୁରି ହେଉଥିଲା ସେହି ଜଙ୍ଗଲକୁ। ସେ ତା'ର ମା', ବାପା, ସାନ ଭାଇଭଉଣୀ ଇତ୍ୟାଦି ସମସ୍ତଙ୍କୁ ମନେ ପକାଉଥିଲା, ଯେଉଁମାନଙ୍କ ସହିତ ସେ ବେଶୀ ଖେଳୁଥିଲା। ଲକ୍ଷ୍ମୀର ବହୁତ ଯତ୍ନ ନେଉଥିଲା ରାଜୁ। ସେ ତାକୁ ଗାଧୋଇବା, ଖାଇବାକୁ ଦେବା ଏବଂ ତା' ସହ ସହ ଚିଡ଼ିଆଖାନାର ଅନ୍ୟାନ୍ୟ ସ୍ଥାନଗୁଡ଼ିକୁ ବୁଲିବାକୁ ନେଉଥିଲା। ସମସ୍ତ ପିଲା ଲକ୍ଷ୍ମୀ ଉପରେ ଚଢ଼ି ଚିଡିଆଖାନାର ମଜା ନେଉଥିଲେ। କିନ୍ତୁ ଲକ୍ଷ୍ମୀର ମନକଥା କେହି ଜାଣି ପାରୁ ନ ଥିଲେ, ଲକ୍ଷ୍ମୀ ମନ ସଦା ଉଦାସ। ଲକ୍ଷ୍ମୀ ରହୁଥିବା ଚିଡ଼ିଆଖାନା ପିଞ୍ଜରାର କବାଟ ବନ୍ଦ କରିବାକୁ ଭୁଲିଗଲା ଦିନେ ରାଜୁ। ସୁଯୋଗ ଦେଖି ଲକ୍ଷ୍ମୀ ଚିଡ଼ିଆଖାନାରୁ ଖସି ପଳାଇଗଲା। ଲକ୍ଷ୍ମୀ ପ୍ରଥମ ଥର ପାଇଁ ଏତେ ବଡ଼ ସହରକୁ ଦେଖିଥିଲା। କିନ୍ତୁ ତାକୁ ଦେଖି ସହରର ଲୋକମାନେ ଭୟଭୀତ ହୋଇ ପଳାଇ ଯାଉଥିଲେ। ଲକ୍ଷ୍ମୀ କହିଲା, ଆପଣମାନେ ମୋତେ କାହିଁକି ଭୟ କରୁଛନ୍ତି ? ମୁଁ ଆପଣମାନଙ୍କର ଆଦୌ କ୍ଷତି କରିବି ନାହିଁ। କିନ୍ତୁ ଲକ୍ଷ୍ମୀର ଚିତ୍କାର ଶୁଣି ଲୋକେ ଅଧିକ ଭୟଭୀତ ହୋଇ ଦୌଡ଼ିବାକୁ ଲାଗିଲେ। ରାସ୍ତା କଡ଼ରେ ଜଣେ ଆଇସକ୍ରିମ ବିକ୍ରେତାକୁ ଦେଖିଥିଲା ଲକ୍ଷ୍ମୀ। ମିଠା ଏବଂ ଥଣ୍ଡା ଆଇସକ୍ରିମ୍ ଖାଇବାକୁ ଇଚ୍ଛା କଲା ଲକ୍ଷ୍ମୀ। ଭୟରେ ଆଇସ୍‌କ୍ରିମ୍ ବିକାଳି ତା' ଗାଡ଼ି ଛାଡ଼ି ପଳାଇଲା। ଲକ୍ଷ୍ମୀ ଆଇସ୍‌କ୍ରିମ୍‌ର ବହୁତ ମଜା ନେଲା। ଏବେ ଲକ୍ଷ୍ମୀ ଆଗକୁ ଚାଲିଲା। ଜଣେ ଫଳ ବିକ୍ରେତା ଏକ ଠେଲାଗାଡ଼ି ଧରି ଠିଆ ହୋଇଥିଲା। ଲକ୍ଷ୍ମୀ ତା'ର ଆଡ଼କୁ ଗଲା, ଫଳ ବିକାଳିଟି ଭୟରେ ଠେଲାଗାଡ଼ି ଛାଡି ଦୌଡ଼ିଲା। ପେଟ ପୂରା ସବୁ ଫଳ ଖାଇଲା ଲକ୍ଷ୍ମୀ। ଏବେ ଲକ୍ଷ୍ମୀର ପେଟ ପୂରି ଯାଇଥିଲା। ସେ କ୍ଳାନ୍ତ ଅନୁଭବ କଲା। ଲକ୍ଷ୍ମୀ ଚାରିଆଡ଼େ ଚାହିଁଲା। ଯେଉଁଠି ସେ ଆରାମରେ ଶୋଇପାରିବ। ତା' ପରେ ସେ ଏକ ପାର୍କ ଦେଖିଲା। ସେଠାରେ କୁନି କୁନି ପିଲାମାନେ ଖେଳୁଥିବାର ସେ ଦେଖିଲା। ପିଲାମାନଙ୍କ ସହ ପୁରୁଣା ବନ୍ଧୁତା ଥିଲା ଲକ୍ଷ୍ମୀର। ପିଲାମାନେ ଆଦୌ ଭୟ କରି ନ ଥିଲେ ଲକ୍ଷ୍ମୀକୁ ଦେଖି। ପିଲାମାନେ ମଧ୍ୟ ବହୁତ ଖେଳିଥିଲେ ଲକ୍ଷ୍ମୀ ସହିତ। କିଛି ସମୟ ପରେ ଥକିପଡ଼ି ବିଶ୍ରାମ ନେଇଥିଲା ଲକ୍ଷ୍ମୀ। ସେତେବେଳକୁ ପ୍ରାଣୀ ଉଦ୍ୟାନରୁ ଲକ୍ଷ୍ମୀ ଖସି ଖବର ସାରା ସହରରେ ବ୍ୟାପୀ ଯାଇଥିଲା। ଭୟରେ ଲୋକେ ନିଜ ଘର କବାଟ ବନ୍ଦକରି ରହିଥିଲେ। ଲକ୍ଷ୍ମୀ ନିଜ ଭାଷାରେ ସମସ୍ତଙ୍କୁ ବୁଝାଇବାକୁ ଚେଷ୍ଟା କରୁଥିଲା, 'ଆରେ, ତୁମେ ମୋତେ କାହିଁକି ଭୟ କରୁଛ, ମୁଁ ତୁମ ସହିତ ବନ୍ଧୁତା କରିବାକୁ ଚାହୁଁଛି', କିନ୍ତୁ କେହି ତା'ର କଥା ବୁଝୁନଥିଲେ। ଲକ୍ଷ୍ମୀ ପୁଣି ଥରେ ଉଦାସ। ଯେତେବେଳେ ସେ ନିଦରୁ ଉଠିଲା, ଦେଖିଲା ପାର୍କ ବାହାରେ ହଜାର ହଜାର ଲୋକ ଏକାଠି ହୋଇ ତାକୁ ଦେଖୁଛନ୍ତି। କେହି ହେଲେ ତା'ର ନିକଟକୁ ଆସିବାକୁ ସାହସ କରୁ ନ ଥିଲେ। ଲକ୍ଷ୍ମୀ ଲୋକଙ୍କୁ ଦେଖି ଚିତ୍କାର କରିଥିଲା, କିନ୍ତୁ ତା'ର ସ୍ୱର ଶୁଣି ସମସ୍ତେ ପଳାଇ ଯାଉଥିଲେ। ଲକ୍ଷ୍ମୀ ନିଜ କଥା ଲୋକଙ୍କୁ କିପରି ବୁଝାଇବ ଜାଣି ପାରି ନ ଥିଲା। ଏହାପରେ ଚିଡ଼ିଆଖାନା ପ୍ରଶାସନ ତରଫରୁ ତା'ର ମାହୁନ୍ତ ରାଜୁ ସେଠାକୁ ଆସିଥିଲା। ଲକ୍ଷ୍ମୀ ରାଜୁକୁ ଦେଖି ଖୁସି ହୋଇଗଲା। ସେ ଧୀରେ ଧୀରେ ରାଜୁ ପାଖକୁ ଗଲା। ରାଜୁ ମଧ୍ୟ ସ୍ନେହରେ ଲକ୍ଷ୍ମୀ ପିଠି ଉପରେ ହାତ ଘଷିଲା। କିନ୍ତୁ ଆଉ ଚିଡ଼ିଆଖାନା ଯିବାକୁ ମନକଲା ନାହିଁ ଲକ୍ଷ୍ମୀ। ରାଜୁ ତା'ର ମନ ବୁଝିଲା, ଲକ୍ଷ୍ମୀକୁ ତା'ର ଜଙ୍ଗଲକୁ ପଠାଇବା ପାଇଁ ଚିଡ଼ିଆଖାନାବାସୀଙ୍କୁ ଅନୁରୋଧ କଲା। ତାର ଅନୁରୋଧକୁ ରକ୍ଷାକଲେ ଚିଡ଼ିଆଖାନାର ଅଧିକାରୀମାନେ। ଲକ୍ଷ୍ମୀକୁ ସହର ନିକଟସ୍ଥ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ପଠାଇ ଦିଆଗଲା। ଅଭୟାରଣ୍ୟ ଯିବା ସମୟରେ ଲକ୍ଷ୍ମୀ ରାଜୁଠାରୁ ଅଲଗା ହୋଇ ବହୁତ ଦୁଃଖିତ ଥିଲା। କାରଣ ରାଜୁ ଚିଡ଼ିଆଖାନାରେ ତା'ର ବହୁତ ଯତ୍ନ ନେଉଥିଲା। ତାକୁ ଏତେ ଭଲ ପାଉଥିଲା ଯେ, ସେ କେବେ ଭୁଲିପାରିବ ନାହିଁ। ବନ୍ୟପ୍ରାଣୀ ଅଭୟାରଣ୍ୟକୁ ଯାଇ ଲକ୍ଷ୍ମୀ ତା'ର ପିତାମାତା ଓ ଭାଇଭଉଣୀଙ୍କୁ ପାଇ ବହୁତ ଖୁସି ହୋଇଥିଲା। ଅଭୟାରଣ୍ୟକୁ ମଧ୍ୟ ଅନେକ ପିଲା ଲକ୍ଷ୍ମୀକୁ ଭେଟିବାକୁ ଆସୁଥିଲେ। ଯାହାଙ୍କୁ ସେ ପିଠିରେ ବସାଇ ଜଙ୍ଗଲରେ ବୁଲାଉଥିଲା। ଲକ୍ଷ୍ମୀ ତା'ର ଘର ପାଇ ଏବେ ବହୁତ ଖୁସି। ■

ନୟାଗଡ଼
ମୋ-୯୪୩୭୯୮୫୮୬୬



- କଳା ନାଲି ନୀଳ ଅନେକ ରଙ୍ଗେ
ଖରା ବରଷାରେ ରୁହେ ମୁଁ ସଙ୍ଗେ
ଟାଣ ଖରା ଅବା ବରଷା ଦିନେ
ମୋତେ ଆଦରନ୍ତି ସକଳ ଜନେ
କଷ୍ଟ ସହି ଜନେ ଆରାମ ଦିଏ
କହି ପାରିବ କି ମୋ' ନାମ କିଏ।
ଉତ୍ତର-ଛତା

- ପିଲାଠାରୁ ବୁଢ଼ା ସଭିଏଁ ମୋତେ
ପାଦ ତଳେ ପିନ୍ଧି ଚାଲନ୍ତି ପଥେ
ରବର ଚମଡ଼ା ଆଦିରେ ମୁହିଁ
ବନିଥାଏ ପାଦ ସୁରକ୍ଷା ପାଇଁ
ଅନେକ ରୂପରେ ମୁହିଁ ମିଳଇ
କହି ପାରିବ କି ମୋ' ନାମ କେହି।
ଉତ୍ତର-ଚପଲ

- ଦୁଇଟି ଚକରେ ମୁହିଁ ଚାଲଇ
ପେଡାଲ ମାରିଲେ ଆଗେ ବଢ଼ଇ
ନିତିଦିନ ମୋତେ ଯିଏ ଚଳାଏ
ତା' ଶରୀର ସୁସ୍ଥ ସବଳ ରୁହେ
ଟିଂଗ୍ ଟିଂଗ୍ ଘଣ୍ଟି ମୋର ବାଜଇ
କହି ପାରିବ କି ମୋ' ନାମ କେହି।
ଉତ୍ତର-ସାଇକଲ

● ଗଞ୍ଜେଇ ଜବତ ମାମଲା

# ଅଭିଯୁକ୍ତକୁ ୧ ଲକ୍ଷ ଜରିମାନା, ୩ ବର୍ଷ ଜେଲ୍

**ବ୍ରହ୍ମପୁର, ୧୫ ।୩(ସମିସ):** ସାଢ଼େ ୪କିଲୋ ଗଞ୍ଜେଇ ଚୋରାଚାଲାଣ ମାମଲାରେ ଜଣେ ଅଭିଯୁକ୍ତକୁ ୩ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ତୃତୀୟ) ବିଚାରପତି ରାଜ କୁମାର ଦାଶ। ଏହା ସହ ଅଭିଯୁକ୍ତକୁ ୧ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦେୟ ହେଲେ ଅଧିକ ୯ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ମଧ୍ୟ ରାୟରେ ସ୍ପଷ୍ଟ ଉଲ୍ଲେଖ ରହିଛି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣକ ହେଲେ ଚେନ୍ନାଇ ନିକଟସ୍ଥ ସୋଲିଙ୍ଗାଲୁରର ମହମ୍ମଦ କାମେରୁଦିନ(୨୩)। ସୂଚନାଯୋଗ୍ୟ ଯେ, ୨୦୨୩ମସିହା ନଭେମ୍ବର ୧୫ତାରିଖରେ ଟ୍ରେନ ଯୋଗେ ରାଜ୍ୟ ବାହାରକୁ ଚାଲାଣ କରିବାକୁ ଜଣେ ଯୁବକ ଏକ ବ୍ୟାଗରେ ଗଞ୍ଜେଇ ଧରି ଷ୍ଟେସନ ଯାଉଥିବା ଅବକାରୀ ବିଭାଗ ସୂଚନା ପାଇଥିଲା। ସେହିକ୍ରମରେ ବିଭାଗୀୟ ଅଧିକାରୀମାନେ ସ୍ଥାନୀୟ ନେହୁରୁ ପାର୍କ ନିକଟରେ ଛପି ରହିଥିଲେ। ମହମ୍ମଦ ସେହି ରାସ୍ତାଦେଇ ଷ୍ଟେସନ ଅଭିମୁଖେ ଯାଉଥିବାବେଳେ ଅବକାରୀ ବିଭାଗ ଅଧିକାରୀମାନେ ତାଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ମହମ୍ମଦ ନିକଟରୁ ୪କିଲୋ ୫୦୦ଗ୍ରାମ ଓଜନର ଗଞ୍ଜେଇ ଜବତ ହୋଇଥିଲା। ବିଭାଗ ପକ୍ଷରୁ ଅଭିଯୁକ୍ତ ମହମ୍ମଦଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଏହି ମାମଲାର ବିଚାରଣା ଚାଲିଥିବା ବେଳେ ୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ମାମଲାରେ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଥିବା ଦର୍ଶାଇ କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅନୀଲ ସାହୁ ଓ ଅତିରିକ୍ତ ପିପି ବିକ୍ରମ କୁଣ୍ଡ ମକଦ୍ଦମା ପରିଚାଳନା କରୁଥିଲେ।

# ଆରମ୍ଭ ହେଲା ମାଟ୍ରିକ୍ ଖାତା ମୂଲ୍ୟାୟନ

**ବ୍ରହ୍ମପୁର, ୧୫ ।୩(ସମିସ)**




ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ଼) ପକ୍ଷରୁ ହୋଇଥିବା ମାଟ୍ରିକ ପରୀକ୍ଷାର ଶୁକ୍ରବାରଠାରୁ ଉତ୍ତର ଖାତା ମୂଲ୍ୟାୟନ ଆରମ୍ଭ ହୋଇଯାଇଛି। ମାଟ୍ରିକ ସହ ମଧ୍ୟମା ଓ ଷ୍ଟେଟ୍ ଓପନ୍ ସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଖାତା ଦେଖା ମଧ୍ୟ ଆରମ୍ଭ ହୋଇଛି। ଏଥିପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରସ୍ତୁତି କରାଯାଇଥିବା ବେଳେ ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ଗଞ୍ଜାମ ଜିଲ୍ଲାରେ ମୋଟ ୩ଟି ଖାତା ମୂଲ୍ୟାୟନ କେନ୍ଦ୍ର କରାଯାଇଛି। ସେଗୁଡ଼ିକ ହେଲା ବ୍ରହ୍ମପୁର ସ୍ଥିତ ଭିଭି ଗିରି ସରକାରୀ ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ, ଆସିକା ସ୍ଥିତ ହରିହର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଭଞ୍ଜନଗର ସ୍ଥିତ ୟୁବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନଙ୍କୁ କେନ୍ଦ୍ର ତଦାରଖ ଓ ପରିଚାଳନା ନିମନ୍ତେ ଦାୟିତ୍ୱ ଦିଆଯାଇଛି। ଉକ୍ତ କେନ୍ଦ୍ର ଗୁଡ଼ିକରେ ଖାତା ମୂଲ୍ୟାୟନ ପାଇଁ ୭୪୭ ଜଣ ଶିକ୍ଷକ ନିୟୋଜିତ ହୋଇଛନ୍ତି। ଏହା ସହ ଖାତା ଦେଖା ପାଇଁ ବୋର୍ଡ ପକ୍ଷରୁ ମୁଖ୍ୟ ପରୀକ୍ଷକ, ଡେ଼ପୁଟି ମୁଖ୍ୟ ପରୀକ୍ଷକ, ପରୀକ୍ଷକ ଓ ସରକାରୀ ପରୀକ୍ଷକ ନିୟୋଜିତ ରହିଛନ୍ତି। ଖାତା ଦେଖା ଲାଗି ମୂଲ୍ୟାୟନ କେନ୍ଦ୍ର ଗୁଡ଼ିକରେ ସର୍ବନିମ୍ନ ୯ଟି ୟୁନିଟ୍ ଏବଂ ସର୍ବାଧିକ ୧୩ଟି ୟୁନିଟ୍ ଗଠିତ ହୋଇଛି। ପ୍ରତି ୟୁନିଟରେ ୨୫ଜଣ ଶିକ୍ଷକ ସାମିଲ ରହିଛନ୍ତି। ସାଧାରଣ ବିଜ୍ଞାନ ଓ ସାମାଜିକ ବିଜ୍ଞାନ ସବଜେକ୍ଟିଭ ଖାତା ଦେଖା ପାଇଁ ଗୋଟିଏ ୟୁନିଟରେ ୨୪ଜଣ ପରୀକ୍ଷକ ରହିଥିବା ବେଳେ ଇଂରେଜୀ, ଗଣିତ, ହିନ୍ଦୀ, ସଂସ୍କୃତ, ଓଡ଼ିଆ ଭାଷା ବିଷୟ ପାଇଁ ପ୍ରତି ୟୁନିଟରେ ୨୦ଜଣ ଲେଖାଏଁ ପରୀକ୍ଷକ ରହିଛନ୍ତି। ପ୍ରତି ବିଷୟର ପ୍ରତିଟି ପ୍ରଶ୍ନକୁ ଦେଖିବା ପାଇଁ ଜଣେ ଲେଖାଏଁ ଶିକ୍ଷକ ରହିଛନ୍ତି। ଅର୍ଥାତ ଜଣେ ଶିକ୍ଷକ ଗୋଟିଏ ବିଷୟର ପରୀକ୍ଷା ଖାତା ଦେଖିବା ବଦଳରେ କେବଳ ସେହି ବିଷୟର ନିର୍ଦ୍ଦିଷ୍ଟ ଗୋଟିଏ ପ୍ରଶ୍ନର ମୂଲ୍ୟାୟନ କରିବେ। ଏହାପରେ ଅନ୍ୟ ନମ୍ବର ପ୍ରଶ୍ନର ଉତ୍ତର ଅନ୍ୟଜଣେ ଶିକ୍ଷକ ଦେଖିବେ। ସେହିପରି ଯେଉଁ ଛାତ୍ରଛାତ୍ରୀଙ୍କ ସବଜେକ୍ଟିଭରେ ଶତକଡା ୯୦ପ୍ରତିଶତ ନମ୍ବର ରଖନ୍ତି। ତେବେ ସେହି ଉତ୍ତର ଖାତା ଗୁଡ଼ିକୁ ପୁଣିଥରେ ଡେପୁଟି ପରୀକ୍ଷକ ପୁନଃ ଖାତା ମୂଲ୍ୟାୟନ କରିବେ। ଉତ୍ତର ଖାତା ମୂଲ୍ୟାୟନ ପରେ ସଙ୍ଗେ ସଙ୍ଗେ ମାର୍କ ଅପଲୋଡ୍ ପାଇଁ ପ୍ରତିଟି କେନ୍ଦ୍ରରେ ୨ଜଣ ଲେଖାଏଁ ଚେକର ଓ ମେକରଙ୍କୁ ଦାୟିତ୍ୱ ଦିଆଯାଇଛି। ଫଳରେ ପରୀକ୍ଷା ଫଳାଫଳ ପ୍ରକାଶ ନିମନ୍ତେ ସୁବିଧା ହେବ ବୋଲି ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ କୁହାଯାଇଛି। ସବଜେକ୍ଟିଭ୍ ଉତ୍ତର ଗୁଡ଼ିକର ମୂଲ୍ୟାୟନ ୧୪ଦିନ ଭିତରେ ସରିବା ନିମନ୍ତେ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନିର୍ଦ୍ଦେଶ ରହିଛି। ଏହିକ୍ରମରେ ଚଳିତମାସ ୨୮ତାରିଖ ମଧ୍ୟରେ ଖାତା ମୂଲ୍ୟାୟନ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଆଗାମୀ ଦିନରେ ସାଧାରଣ ନିର୍ବାଚନ ରହିଥିବାରୁ ଏହାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତି ହୋଇଛି। ଖାତା ମୂଲ୍ୟାୟନ କେନ୍ଦ୍ରର ତଦାରଖ ନିମନ୍ତେ ଆସିକା ଓ ଭଞ୍ଜନଗର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସମତେ ଜଣେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିବା ଜିଲ୍ଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ କହିଛନ୍ତି। ସୂଚନା ଯୋଗ୍ୟ ଯେ, ଗତ ଫେବୃଆରୀ ୨୦ ତାରିଖରୁ ମାଟ୍ରିକ୍ ଆରମ୍ଭ ହୋଇଥିବା ବେଳେ ୪ ତାରିଖରେ ଶେଷ ହୋଇଥିଲା। ଚଳିତବର୍ଷ ଗଞ୍ଜାମ ଜିଲ୍ଲାରେ ମୋଟ ୬୩୬ଟି ବିଦ୍ୟାଳୟର ୪୫ହଜାର ୧୫୨ଜଣ ଛାତ୍ରଛାତ୍ରୀ ଫର୍ମ ଫିଲପ୍ କରିଥିଲେ। ସେଥି ମଧ୍ୟରୁ ୪୪ହଜାର ୨୦୫ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୯୨୦ଜଣ ବିଦ୍ୟାର୍ଥୀ ପରୀକ୍ଷାରେ ଅନୁପସ୍ଥିତ ଥିଲେ।

**୩ଟି କେନ୍ଦ୍ରରେ ୭୪୭ ଶିକ୍ଷକ ନିୟୋଜିତ**

**ପ୍ରତିଟି କେନ୍ଦ୍ରରେ ୨ଜଣ ଲେଖାଏଁ ଚେକର ଓ ମେକର**

**ମୂଲ୍ୟାୟନ କେନ୍ଦ୍ର ତଦାରଖ ପାଇଁ ବିଇଓଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ**

# ଶିଶୁ ସାହିତ୍ୟ ପରିଷଦର ଆସର ଓ ପ୍ରସ୍ତୁତି ବୈଠକ

**ବ୍ରହ୍ମପୁର, ୧୫ ।୩(ସମିସ):** ସ୍ଥାନୀୟ ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ଶିଶୁ ସାହିତ୍ୟ ବିକାଶ ପରିଷଦର ଆସର ଓ ୨୯ତମ ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଛି। ଚଳିତମାସ ୨୯ତାରିଖରେ ବାର୍ଷିକ ଉତ୍ସବ ପାଳନ ଲାଗି ନିଷ୍ପତି ନିଆଯାଇଛି। ବୈଠକରେ ଅନୁଷ୍ଠାନର ସଭାପତି ହାଡିବନ୍ଧୁ ମାଳି, ଉପଦେଷ୍ଟା ସ୍ୱର୍ଣ୍ଣପ୍ରଭା ମିଶ୍ର, କାର୍ଯ୍ୟକାରୀ ସଭାପତି ବିଜୟ ଚନ୍ଦ୍ର ନନ୍ଦ, ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ପ୍ରମୁଖ ମଞ୍ଚାସିନ ଥିଲେ। ବରିଷ୍ଠ ସାହିତ୍ୟିକ ଡ ସରୋଜ କାନ୍ତ ରଥ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ପ୍ରେମଶିଳା ନନ୍ଦ ପ୍ରାରମ୍ଭିକ ଭଜନ ଗାନ କରିଥିଲେ। ସଭାପତି ହାଡିବନ୍ଧୁ ମାଳି ବାର୍ଷିକ ଉତ୍ସବରେ ସମସ୍ତଙ୍କର ସହଯୋଗ କାମନା କରି ମୁଖପତ୍ର 'ସୁନାଅଜା' ପାଇଁ ଶିଶୁ କବିତା ଓ ଗଳ୍ପ ଆହ୍ୱାନ କରିଥିଲେ। ଅନୁଷ୍ଠିତ କବିତା ପାଠୋତ୍ସବକୁ ପଣ୍ଡିତ ଚନ୍ଦ୍ରଶେଖର ମହାପାତ୍ର ସଂଯୋଜନା କରିଥିଲେ। ଏହି ଶିଶୁ ସାହିତ୍ୟ ଆସରରେ



ଅବସରପ୍ରାପ୍ତ ଅଧ୍ୟକ୍ଷ ଡ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି(ହାରିତସ), ସୁବାସ ଚନ୍ଦ୍ର ନାୟକ, ଦେବୀ ପ୍ରସାଦ ମହାପାତ୍ର, ଅଜିତ କୁମାର ମହାପାତ୍ର, ଆଶୁତୋଷ ବେହେରା, ଭଗବାନ ପାତ୍ର, ହୃଷିକେଶ ଦାଶ, ସନ୍ତୋଷ କୁମାର ରଥ, ହୃଦୟାନନ୍ଦ ପଟ୍ଟନାୟକ ଏବଂ ବଂଶୀଧର ସେଠୀ ପ୍ରମୁଖଙ୍କ ସମେତ ବହୁ ଶିଶୁ ସାହିତ୍ୟିକା ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକାରୀ ସଭାପତି ବିଜୟ ଚନ୍ଦ୍ର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ମଦ ଦୋକାନରେ ମାରପିଟ୍ ମାମଲା; ଜଣେ ମୃତ

ବ୍ରହ୍ମପୁର ୧୫।୩ (ସମିସ): ଗତକାଲି ସନ୍ଧ୍ୟା ପ୍ରାୟ ୮ଟା ସମୟରେ ଗଅଞ୍ଜୁ ଗ୍ରାମର କାଳୁ ଦାସ, ମୁନା ଦାସ ତେର ଗଅଞ୍ଜୁ ଗ୍ରାମରେ ଥିବା ମଦ ଭାଟିକୁ ଯାଇଥିଲେ । ସେଠାରେ ପ୍ରଦୀପ ଦାସ ଓ ଭିକାରୀ ଦାସ ଗଣ୍ଡଗୋଳ କରୁଥିବା ଦେଖି ଦୁହେ ବୁଝାସୁଝା କରିଥିଲେ। କୌଣସି ଜାରଣକୁ ନେଇ ପ୍ରଦୀପ ଦାସ ସେଠାରେ ପଡ଼ିଥିବା ଏକ ଲୁହା ରଡ଼ରେ ମୁନା, ଭିକାରୀ,କାଳୁ ଓ ଭିକାରୀକୁ ମାଡ ମାରିଥିଲା । ଯଦ୍ୱାରା ମୁନା ଓ ଭିକାରୀ ଗୁରୁତର ଥିବାରୁ ଉଭୟ ବ୍ରହ୍ମପୁର ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରା ହୋଇଥିଲା। ମୁନାର ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଗତକାଲି ରାତିରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଆଜି ରାତ୍ର ପ୍ରାୟ ୮ଟା ସମୟରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ଗତକାଲିର ଘଟଣାକୁ ନେଇ ଆଜି କାଳୁ ଦାସ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲା। ଅଭିଯୋଗ ପ୍ରକାରେ ପୁଲିସ କେସ ନମ୍ବର ୧୦୮/୨୪ ମାମଲା ରୁଜୁ କରି ସମ୍ପୃକ୍ତ ଥିବା ନାରାୟଣ ଦାସକୁ ଅଟକ ରଖିଥିବା ବେଳେ ଅନ୍ୟ ଅଭିଯୁକ୍ତକୁ ପୁଲିସ ଖୋଜୁଥିବା ନେଇ ଥାନା ଅଧିକାରୀ ଶରତ କୁମାର ମାହାଲିକ ସୂଚନା ଦେଇଛନ୍ତି ।

**ଜଣେ ଅଟକ**

# 'ଫ-ଟି' ଅଧ୍ୟକ୍ଷଙ୍କୁ ଭେଟି କୃତଜ୍ଞତା ଜଣାଇଲେ ବିଏମ୍‌ସି ଜନପ୍ରତିନିଧି

**ବ୍ରହ୍ମପୁର, ୧୫ ।୩(ସମିସ):** ବ୍ରହ୍ମପୁର ସହରର ନିର୍ବାଚିତ ଜନ ପ୍ରତିନିଧିମାନେ ଶୁକ୍ରବାର 'ଫ-ଟି' ତଥା ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି କାର୍ତ୍ତିକ ପାଣ୍ଡିଆନଙ୍କୁ ସାକ୍ଷାତ କରି କୃତଜ୍ଞତା ଜଣାଇଛନ୍ତି। ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇଙ୍କ ନେତୃତ୍ୱରେ ଭୁବନେଶ୍ୱର ଯାଇ ଏମାନେ 'ଫ-ଟି' ଅଧ୍ୟକ୍ଷଙ୍କୁ ସାକ୍ଷାତ କରି ସହରର ବିଭିନ୍ନ ବିକାଶ କାର୍ଯ୍ୟ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। ଏନେଇ 'ଫ-ଟି' ଅଧ୍ୟକ୍ଷ ମିଳିମିଶି କାମ କରିବା ସହ ଲୋକଙ୍କ ଉନ୍ନତୀ ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିବା ମେୟରଙ୍କ ସୂତ୍ରରୁ ପ୍ରକାଶ। ସୂଚନାଯୋଗ୍ୟ ଯେ, ନିକଟରେ ମୁଖ୍ୟମନ୍ତ୍ରୀ ସହରାଞ୍ଚଳ ଜନ ପ୍ରତିନିଧିଙ୍କ ପାରିତୋଷିକ ବୃଦ୍ଧି କରିଥିଲେ। ଏହିକ୍ରମରେ ଶୁକ୍ରବାର ମେୟର ଶ୍ରୀମତୀ ଦଳେଇ, ଡେ଼ପୁଟି ମେୟର ଇ ବିବେକ ରେଡ଼ୀ, ଅର୍ବାନ ବ୍ୟାଙ୍କ ସଭାପତି ଆର ମୁରଲି ମୋହନଙ୍କ ସମେତ ସହରର ନିର୍ବାଚିତ ବିଜେଡି କର୍ପୋରେଟରମାନେ ଯାଇ 'ଫ-ଟି' ଅଧ୍ୟକ୍ଷଙ୍କୁ ଭେଟି କୃତଜ୍ଞତା ଜଣାଇଥିଲେ।



# ଟାଉନ୍ ଓ ବୈଦ୍ୟନାଥପୁର ପୁଲିସର ଫ୍ଲାଗ୍ ମାର୍ଚ୍ଚ

**ବ୍ରହ୍ମପୁର, ୧୫ ।୩(ସମିସ):** ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନାକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ ହେଉଛି। ଶୁକ୍ରବାର ଟାଉନ ଥାନା ପୁଲିସ ଖାଲାସିସାହି, କାମ୍ପସାହି, ରାମଲିଙ୍ଗେଶ୍ୱର ପାର୍କ, ଗିରିମାର୍କେଟ ଛକ, ଗିରିଜା ଛକ, ବିଜୁ ପଟ୍ଟନାୟକ ପାର୍କ ସାହି ସମେତ ଉକ୍ତ ଥାନା ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଥାନା ଅଧିକାରୀ ପ୍ରଶାନ୍ତ କୁମାର ପାତ୍ରଙ୍କ ସମେତ ଦୁଇ ପ୍ଲାଟୁନ ଏପିଆର ପୁଲିସ ଓ ଦୁଇ ପ୍ଲାଟୁନ ବିଏସଏଫ ଯବାନ ଏଥିରେ ସାମିଲ ଥିଲେ। ସେହିପରି ସନ୍ଧ୍ୟାରେ ବୈଦ୍ୟନାଥପୁର ଥାନା ପୁଲିସ ସ୍ଥାନୀୟ କମାପଲ୍ଲୀ ଛକ, ଅନନ୍ତ ନଗର, ରାମ ନଗର, କୃଷ୍ଣନଗର, ଲାଞ୍ଜିପଲ୍ଲୀ ଛକ, ଲାଞ୍ଜିପଲ୍ଲୀ ବାଇପାସ ସମେତ ଉକ୍ତ ଥାନା ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରିଥିଲା। ଥାନା ଅଧିକାରୀ ସୁଚିତ୍ରା ପରିଡ଼ା ଓ ଲାଞ୍ଜିପଲ୍ଲୀ ଫାଣ୍ଡି ଅଧିକାରୀ ଗିରି ଗୋବର୍ଦ୍ଧନ ଜେନାଙ୍କ ସମେତ ଦୁଇ ପ୍ଲାଟୁନ ଏପିଆର ଓ ଦୁଇ ପ୍ଲାଟୁନ ବିଏସଏଫ ଯବାନ ସାମିଲ ଥିଲେ। ଲୋକମାନେ ଭୟଭୀତ ନହୋଇ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ପୁଲିସ ପକ୍ଷରୁ ସଚେତନ କରାଯାଇଥିଲା। ଆଗକୁ ମଧ୍ୟ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଏଭଳି ଭାବେ ଫ୍ଲାଗମାର୍ଚ୍ଚ କରାଯିବ ବୋଲି ବ୍ରହ୍ମପୁର ଏସପି ଡ଼ା.ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି। ନିର୍ବାଚନୀ ସମୟରେ ଅପରାଧିକ ଗତିବିଧି ଓ କାର୍ଯ୍ୟକଳାପରେ ରୋକ୍ ଲଗାଇବାରେ ଏହା ସହାୟକ ହେବ। ସେହିପରି ଏହା ଦ୍ୱାରା ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ହୋଇ ପାରିବ ବୋଲି ସେ କହିଛନ୍ତି।



# ରେଳ ଷ୍ଟେସନରେ 'ମୋ ବସ୍' ରହଣିକୁ ନେଇ ଅସନ୍ତୋଷ

**ବ୍ରହ୍ମପୁର, ୧୫ ।୩(ସମିସ)**

ସଡକପଥରେ ସୁଲଭ, ସୁରକ୍ଷିତ ତଥା ଆନନ୍ଦଦାୟକ ଯାତ୍ରୀସେବା ଯୋଗାଉଥିବା କ୍ରୁଟ ପକ୍ଷରୁ ବ୍ରହ୍ମପୁରରେ ଆରମ୍ଭ ହୋଇଛି ମୋ ବସ ସେବା। ସହରରେ ୪ଟି ରୁଟରେ ଜାରି ରହିଛି ମୋ ବସ ସେବା। ହଳଦିଆପଦର ସ୍ଥିତ ମୋ ବସ ଡିପୋରୁ ପ୍ରଥମ ପର୍ଯ୍ୟାୟରେ ବ୍ରହ୍ମପୁର ରେଲଷ୍ଟେସନ ସମେତ ବସଷ୍ଟାଣ୍ଡ ଓ ବିଶ୍ୱବିଦ୍ୟାଳୟ ଆଦି ବିଭିନ୍ନ ସ୍ଥାନକୁ ନିୟମିତ ବ୍ୟବଧାନରେ ଗଡୁଛି ମୋଟ ୧୫ଟି ମୋ ବସ।। ମୋ ବସ ଚଳାଚଳ ଦ୍ୱାରା ରେଲଷ୍ଟେସନରୁ ଯାତ୍ରୀଙ୍କୁ ବିଭିନ୍ନ ସ୍ଥାନକୁ ଯାତାୟତରେ ସୁବିଧା ମିଳୁଥିବା ବେଳେ ଏହାଦ୍ୱାରା ରୋଜଗାର ହରାଇଛନ୍ତି ସ୍ଥାନୀୟ ଅଟୋ ଚାଳକମାନେ। ରେଲଷ୍ଟେସନରେ ଅଧିକ ସମୟ ମୋ ବସ ଅପେକ୍ଷା କରିବା ଫଳରେ ଅଟୋଚାଳକମାନଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗ ହୋଇଛି। ବ୍ରହ୍ମପୁର ରେଲଷ୍ଟେସନରେ ଥିବା ଶତାଧିକ ଅଟୋ ଚାଳକଙ୍କୁ ଏଥିପାଇଁ ଆର୍ଥିକ କ୍ଷତିର ସମ୍ମୁଖୀନ ହେବାକୁ ପଡୁଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଯାହାକୁ ନେଇ ଶୁକ୍ରବାର ବ୍ରହ୍ମପୁର ରେଲଷ୍ଟେସନ ଅଟୋ ଚାଳକ ସଂଘ ଓ ମୋ ବସ କର୍ମଚାରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ସରକାରୀ ରେଳବାଇ ପୁଲିସ (ଜିଆରପି) ଘଟଣା ସ୍ଥଳରେ ପହଞ୍ଚି ମାମଲାର ସମାଧାନ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୂର୍ବରୁ ମଧ୍ୟ ରେଲଷ୍ଟେସନକୁ ସିଟିବସ ଚଳାଚଳ କରିବା ବେଳେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଭିନ୍ନ ସମୟରେ ମୋ ବସର କର୍ମଚାରୀଙ୍କୁ ଷ୍ଟେସନର ଅଟୋ ଚାଳକମାନେ ମଧ୍ୟ ଗାଳିଗୁଲଜ କରିବା ସହ ଯାତ୍ରୀଙ୍କୁ ହଇରାଣ କରୁଥିବା ମୋ ବସ କର୍ମଚାରୀ ଅଭିଯୋଗ କରିଛନ୍ତି। ଏନେଇ 'କ୍ରୁଟ'ର ଡିପୋ ମ୍ୟାନେଜର ଜିଆରପି ଥାନାରେ ଘଟଣା ସମ୍ପର୍କରେ ଲିଖିତ ଭାବେ ଜଣାଇଛନ୍ତି। ଅନ୍ୟପକ୍ଷରେ ଘଟଣାକୁ ନେଇ ଉଭୟଙ୍କ ସହ ଆଲୋଚନା କରାଯାଇଥିବା ବେଳେ କେଉଁ ବସ କେତେ ସମୟ ଷ୍ଟେସନ ପରିସରରେ ରହିବ ସେନେଇ ଅଟୋ ଡ୍ରାଇଭରଙ୍କୁ ଅବଗତ କରାଯିବ ବୋଲି କହିଛନ୍ତି ଜିଆରପି ଥାନାର ଏସଆଇ ବିକାଶ କୁମାର ପଲେଇ।



**ଅଟୋ ଚାଳକଙ୍କ ବିରୋଧ**

**ଥାନାରେ ମାମଲା**

କଟକଣା ଛଡ଼ାଇ ନେଇଛି କୌଳିକ ବୃତ୍ତି

# ଦେଖିବାକୁ ମିଳୁନି 'ଶୁଆ ପଞ୍ଜିକା'

**ବ୍ରହ୍ମପୁର, ୧୫ ।୩(ସମିସ)**

ଦିନ ଥିଲା ନିଜର ଭବିଷ୍ୟତ ସମ୍ପର୍କରେ ଜାଣିବା ପାଇଁ ଲୋକେ ତାଳପତ୍ର ପୋଥି, ଖଡି ଓ ଶୁଆ ପଞ୍ଜିକା ଉପରେ ନିର୍ଭର କରୁଥିଲେ। ଏପରିକି ବାହାଘର, ବ୍ରତଘର ଭଳି ଅନେକ ମାଙ୍ଗଳିକ କାର୍ଯ୍ୟ ମଧ୍ୟ କରୁଥିଲେ। ଏକ୍ଷେତ୍ରରେ ଶୁଆ ପଞ୍ଜିକାର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ଓ ଭରସାଯୋଗ୍ୟ ମଧ୍ୟ ଥିଲା। ସାଧାରଣତଃ ସହରର ଡାକ୍ତରଖାନା, ବସଷ୍ଟାଣ୍ଡ ଓ ରେଲଷ୍ଟେସନ ଆଦି ବିଭିନ୍ନ ପ୍ରମୁଖ ସ୍ଥାନରେ ରାସ୍ତାକଡରେ ବସି ପସରା ମେଲାଇଥାନ୍ତି ଜ୍ୟୋତିଷମାନେ। ଶୁଆ ପଞ୍ଜିକା ଅର୍ଥାତ୍ ପଞ୍ଜୁରୀ ଭିତରୁ ଶୁଆଟିଏ ଆସି ବାହାରେ ରଖାଯାଇଥିବା ଏକାଧିକ ଡାଏରୀ ମଧ୍ୟରୁ ଗୋଟିକୁ ନିଜ ଥଣ୍ଟରେ ଉଠାଇ ନିଏ ତାଲିମପ୍ରାପ୍ତ ଶୁଆ। ଶୁଆ ମୁହଁରୁ ଡାଏରୀଟିକୁ ନେଇ ଜ୍ୟୋତିଷ ପଢ଼ିଥାନ୍ତି ଗ୍ରାହକଙ୍କ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଭାଗ୍ୟଫଳ ସମ୍ପର୍କିତ ତଥ୍ୟ। ଏହି କାର୍ଯ୍ୟ ଜରିଆରେ ବହୁ ଜ୍ୟୋତିଷଙ୍କ ପରିବାର ମଧ୍ୟ ଗୁଜରଣ ହେଉଥିଲା। ଏହି ଧାରା କାହିଁ କେଉଁ ପୁରୁଣା କାଳରୁ ଚାଲି ଆସିଥିବା ବେଳେ ଗତ କିଛି ବର୍ଷ ହେଲା ଏହି ପରମ୍ପରା ବା ଶୁଆ ପଞ୍ଜିକାକୁ ଆଉ ଦେଖିବାକୁ ମିଳୁନାହିଁ। କାଳକ୍ରମେ ବିଜ୍ଞାନ ଯୁଗରେ କମ୍ପ୍ୟୁଟର ଦ୍ୱାରା ନିର୍ଦ୍ଧାରିତ ଭାଗ୍ୟ ଭବିଷ୍ୟତ ଓ ବିଭିନ୍ନ କଟକଣା ଯୋଗୁଁ ଡୋରିରେ ବନ୍ଧା ହୋଇଯାଇଛି ଅନେକଙ୍କ କୌଳିକ ବୃତ୍ତି।



ଶୁଆ ପଞ୍ଜିକା ଜରିଆରେ ଜ୍ୟୋତିଷ କାର୍ଯ୍ୟ ଅବଶ୍ୟ ବ୍ରହ୍ମପୁରର କୁମ୍ଭାରପଲ୍ଲୀ ଅଞ୍ଚଳର ୩୦ରୁ୪୦ଟି ନିର୍ଦ୍ଦିଷ୍ଟ ପରିବାର ପାରମ୍ପାରିକ ଭାବେ କରି ଆସୁଥିଲେ। କିନ୍ତୁ ପଶୁପକ୍ଷୀଙ୍କ ସୁରକ୍ଷା ନିୟମ କଡାକଡି କାର୍ଯ୍ୟକାରୀ ହେବା ଯୋଗୁଁ ଏହି ଜ୍ୟୋତିଷଙ୍କ ଠାରୁ ସେମାନଙ୍କ ତାଲିମ ପ୍ରାପ୍ତ ତଥା ପୋଷା ଶୁଆ ସହିତ ସେମାନଙ୍କର କୌଳିକ ବୃତ୍ତିକୁ ଛଡାଇ ନେଇଛି। ତଥାପି ରୋଜଗାରର ଅନ୍ୟପନ୍ଥା ନଖୋଜି ୫ରୁ୭ଟି ପରିବାର ଆଜିର ଦିନରେ ମଧ୍ୟ ଶୁଆର ଫଟୋ ରଖି ନିଜ କୌଳିକ ବୃତ୍ତି କରି ଗୁଜରଣ ମେଣ୍ଟାଉଥିବା ଦେଖିବାକୁ ମିଳିଛି। ରାସ୍ତାକଡରେ ଏହି ଜ୍ୟୋତିଷମାନେ ବସି ଲୋକଙ୍କ ଭବିଷ୍ୟତ ଗଣନା କରିଥାନ୍ତି। ପୂର୍ବରୁ ଖାସ କରି ଏମକେସିଜି ମେଡିକାଲ କଲେଜ ପରିସରରେ ସକାଳୁ ସଂଧ୍ୟା ପର୍ଯ୍ୟନ୍ତ ଶୁଆ ପଞ୍ଜିକା ଗଣନାକାରୀ ଜ୍ୟୋତିଷଙ୍କ ଲମ୍ବା ଲାଇନ ରହୁଥିବା ବେଳେ ବର୍ତ୍ତମାନ କେବଳ କିଛି ହାତଗଣତି ଜ୍ୟୋତିଷ ବସୁଥିବା ବେଳେ ଆଉ ଦେଖିବାକୁ ମିଳୁନାହାନ୍ତି ଶୁଆ। ଜ୍ୟୋତିଷଙ୍କ ଗଣନାକୁ ବିଶ୍ୱାସ କରୁଥିବା ଲୋକେ ନିଜର ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ଜାଣି ସଚେତନ ମଧ୍ୟ ହୋଇଥାନ୍ତି। ଅବଶ୍ୟ ଶୁଆକୁ ଆଧାର କରି ଲୋକଙ୍କର ପୂର୍ବରୁ ଏଥିପ୍ରତି ବିଶ୍ୱାସ ରହୁଥିଲା। ବର୍ତ୍ତମାନ ଶୁଆକୁ ବାଦ ଦେଇ ଲୋକଙ୍କର ଏହି ପଞ୍ଜିକା ଉପରେ ଆସ୍ଥା ରହୁନଥିବା ପରିଲକ୍ଷିତ ହେଉଛି। ଫଳରେ ଏହି କାର୍ଯ୍ୟ କରି ପେଟ ପୋଷୁଥିବା ଜ୍ୟୋତିଷଙ୍କ ରୋଜଗାର ମଧ୍ୟ ପୂର୍ବାପେକ୍ଷା ଅନେକ ହ୍ରାସ ପାଇଥିବା ଦେଖିବାକୁ ମିଳିଛି। ଯୁଗ ବଦଳିବା ସହ ବଦଳିଛି ବିଶ୍ୱାସର ଧାରା। ଯାହାଫଳରେ ଶୁଆ ପଞ୍ଜିକା ଭଳି ଅନେକ କୌଳିକ ବୃତ୍ତି ମଧ୍ୟ ଦିନକୁ ଦିନ ହଜିବାରେ ଲାଗିଛି। ନିରବୀ ଗଲାଣି ଶୁଆ ପଞ୍ଜିକାର ଭବିଷ୍ୟତ ବାଣୀ।

ଶୁଆ ପଞ୍ଜିକା ପାଇଁ କାହିଁକି ବ୍ୟବହାର କରାଯାଏ ଶୁଆ: ପୁରାଣ ଶାସ୍ତ୍ରରେ ଉଲ୍ଲେଖ ରହିଛି ଯେତେବେଳେ ଭଗବାନ ଶିବ ଗ୍ରହମାନଙ୍କ ଚଳଣି ଓ ମର୍ତ୍ତ୍ୟମଣ୍ଡଳରେ ଲୋକଙ୍କ ଭାଗ୍ୟ ସମ୍ପର୍କରେ ମାତା ପାର୍ବତୀଙ୍କ ସହ ଆଲୋଚନା କରୁଥିଲେ, ସେହି ସମୟରେ ଶୁଆ ଉଭୟ ଶିବ ଓ ପାର୍ବତୀଙ୍କ କଥା ଶୁଣୁଥିଲା। ତେଣୁ ସେହିଦିନ ଠାରୁ ଲୋକେ ଶୁଆକୁ ଶୁକଦେବ ବୋଲି ମାନି ଆସିଛନ୍ତି। ଆଉ ଶୁଆ ପଞ୍ଜିକାଧାରୀଙ୍କ ଦ୍ୱାରା ଶୁଆଙ୍କ ଦ୍ୱାରା ଗଣନା କରାଯାଉଥିବା ଭାଗ୍ୟ ପଞ୍ଜିକା ଉପରେ ଲୋକେ ବିଶ୍ୱାସ କରିଆସୁଛନ୍ତି।

# ପାଚିକାଙ୍କ ବିଭିନ୍ନ ସମସ୍ୟା ନେଇ ଏସ୍‌ୟୁସିଆଇର ବିକ୍ଷୋଭ

ବ୍ରହ୍ମପୁର, ୧୫ ।୩(ସମିସ): ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି ନେତୃତ୍ୱରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡ଼ିସି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦିନକୁ ଦିନ ସ୍କିମ ୱାର୍କର ଓ ବିଦ୍ୟାଳୟ ମାନଙ୍କରେ କାର୍ଯ୍ୟରତ ପାଚିକା-ସହାୟିକାଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବା ଏଠାରେ କୁହାଯାଇଛି। ଏଭଳି ସ୍ଥଳେ ପାଚିକା-ସହାୟିକାମାନଙ୍କ ଉପଯୁକ୍ତ ପରିମାଣର ପାରିଶ୍ରମିକ ବୃଦ୍ଧି କରିବା ସହିତ ତାଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରିବା, ବନ୍ଦ ହୋଇଥିବା ସମସ୍ତ ସରକାରୀ ବିଦ୍ୟାଳୟ ପୁନଃ ଖୋଲି ନାମଲେଖା ପ୍ରକ୍ରିୟା ଆରମ୍ଭ କରିବା, ସ୍କୁଲ, କଲେଜ ଏବଂ ଶିକ୍ଷାନୁଷ୍ଠାନ ମାନଙ୍କରେ ଖାଲି ପଡ଼ିଥିବା ସମସ୍ତ ଶିକ୍ଷକ, ଅଧ୍ୟାପକ, କର୍ମଚାରୀ ପଦବୀ ସ୍ଥାୟୀଭିତ୍ତିରେ ପୂରଣ କରିବା, ଏମ୍. କେ.ସି.ଜି ଡାକ୍ତରଖାନା ସମେତ ଅନ୍ୟାନ୍ୟ ଡାକ୍ତରଖାନାରେ ଖାଲିପଡ଼ିଥିବା ଡାକ୍ତର, ନର୍ସ, ଶିକ୍ଷା କର୍ମଚାରୀ ତୁରନ୍ତ ପୂରଣ କରିବା, ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଆସ୍କା ଚିନି ଶିଳ୍ପ, ଲବଣ ଶିଳ୍ପ, କିଆ ଶିଳ୍ପର ପୁନଃରୁଦ୍ଧାର ସହିତ ଉନ୍ନତିକରଣ କରିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଶିଳ୍ପଗୁଡିକର ନିର୍ମାଣ କରି କର୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା, ଏମ୍.ଏସ୍.ପିକୁ ଆଇନର ମାନ୍ୟତା ଦେବା ସହିତ ଚାଷୀମାନଙ୍କ ପାଇଁ ଉପଯୁକ୍ତ ଜଳସେଚନ ବ୍ୟବସ୍ଥା ଆଦି କରିବାକୁ ଦାବି କରାଯାଇଛି। ଏଥିସହିତ ଆଠ ଦଫା ଦାବି ସମ୍ବଳିତ ଦାବିପତ୍ର ଆରଡ଼ିସିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଏସୟୁସିଆଇ କମ୍ୟୁନିଷ୍ଟ ପାର୍ଟିର ଗଞ୍ଜାମ ଜିଲ୍ଲା ସମ୍ପାଦକ ସୋମନାଥ ବେହେରା ନେତୃତ୍ୱ ନେଇଥିବା ବେଳେ ନିମାଇଁ ଚରଣ ସାହୁ, ନାରାୟଣ ସାହୁ, ପପୁନ ସାହୁ, ଶୁଭସ୍ମିତା ପାଣିଗ୍ରାହି, କିଷାନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ଫୁଲବାଣୀରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମୀକ୍ଷା

**ଫୁଲବାଣୀ,୧୫।୩(ସମିସ)**

ରାଜ୍ୟ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଶୁକ୍ରବାର କନ୍ଧମାଳ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଆଗାମୀ ସାଧାରଣ ନିର୍ବାଚନର ସୁପରିଚାଳନା ନିମନ୍ତେ କନ୍ଧମାଳ ଜିଲ୍ଲା ପ୍ରଶାସନ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପର ସମୀକ୍ଷା କରିଛନ୍ତି। ଗଠନ କରାଯାଇଥିବା ବିଭିନ୍ନ ଟିମ୍ ମୁଖ୍ୟଙ୍କ ସହିତ ଆଲୋଚନା କରିଥିଲେ। ନିର୍ବାଚନ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର୍ ଡି. ମାଲେଶ୍ୱର ପାତ୍ର ପାୱାର ପଏଣ୍ଟ ମାଧ୍ୟମରେ ଆଗାମୀ ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଯେଉଁସବୁ ବ୍ୟବସ୍ଥା କରାଯାଇଛି, ଆଗକୁ ଯେଉଁ ସବୁ ବ୍ୟବସ୍ଥା କରାଯିବ ଏବଂ ଜିଲ୍ଲାର ନିର୍ବାଚନ ସମ୍ପର୍କିତ ସମସ୍ୟା ଉପରେ ଅବଗତ କରାଇଥିଲେ।



ଆଲୋଚନାରୁ ଜଣାପଡ଼ିଛି ଯେ, ଜିଲ୍ଲାରେ ୫ ଲକ୍ଷ ୬୮ ହଜାର ୯୬୧ ଜଣ ଭୋଟର୍ ଚଳିତ ବର୍ଷ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରୁ ୨ ଲକ୍ଷ ୭୪ ହଜାର ୮୩୮ ଜଣ ପୁରୁଷ, ୨ ଲକ୍ଷ ୯୪ ହଜାର ୫୦ ଜଣ ମହିଳା ଏବଂ ୭୩ ଜଣ କିନ୍ନର ମତଦାତା ଅଛନ୍ତି। ୧୩-କନ୍ଧମାଳ ସଂସଦୀୟ କ୍ଷେତ୍ର ସମେତ ୮୨-ବାଲିଗୁଡ଼ା, ୮୩-ଘୁ.ଉଦୟଗିରି ଏବଂ ୮୪-ଫୁଲବାଣୀ ବିଧାନସଭା ନିର୍ବାଚନ ପାଇଁ ମତଦାନ କେନ୍ଦ୍ରମାନଙ୍କରେ ସର୍ବନିମ୍ନ ମୌଳିକ ସୁବିଧାକୁ ସୁନିଶ୍ଚିତ କରାଯାଇଛି। ସେହିପରି, ପୋଷ୍ଟାଲ୍ ବାଲଟ୍, ଭୋଟ ଗଣତି ପାଇଁ ସ୍ଥିର କରାଯାଇଥିବା ସ୍ଥାନ, ଗଣତି ଟେବୁଲ୍ ସଂଖ୍ୟା, ଜିଲ୍ଲା ନିର୍ବାଚନ ପରିଚାଳନା ଯୋଜନା, ସ୍ୱିପ୍ ପାଇଁ ନିଆଯିବାକୁ ଥିବା ପ୍ରମୁଖ କାର୍ଯ୍ୟକ୍ରମ ଓ ଆଉ କେତେକ କାର୍ଯ୍ୟ ସମ୍ପର୍କରେ ଶ୍ରୀ କର ସମ୍ପୃକ୍ତ ନୋଡାଲ ଅଧିକାରୀଙ୍କୁ ପଚାରି ବୁଝିଥିଲେ।

ଉକ୍ତ ସମୀକ୍ଷା ବୈଠକରେ କନ୍ଧମାଳ ଜିଲ୍ଲପାଳ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ ଏବଂ ରମେଶ ଚନ୍ଦ୍ର ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ରତ୍ନାକର ସାହୁ, ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହନ୍ତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ନିର୍ବାଚନ ସହିତ ସଂଶ୍ଲିଷ୍ଟ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଏସ୍.ଉରୁଡ଼ାରେ ପଟ୍ଟା ବଣ୍ଟନ



**ପାରଳାଖେମୁଣ୍ଡି,୧୫ ।୩(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ସୋବରା ଆର୍.ଆଇ. ପକ୍ଷରୁ ରମ୍ଭା ପଞ୍ଚାୟତ ଅନ୍ତର୍ଗତ ଏସ୍.ଉରୁଡାରେ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା ଯୋଗଦେଇ ପ୍ରାୟ ୩୦ଟି ପଟ୍ଟା ବଣ୍ଟନ କରିଥିଲେ। ଜଙ୍ଗଲ ଜମିରୁ ସେଟେଲମେଣ୍ଟ କରି ପଟ୍ଟା ବଣ୍ଟନ କରାଯାଇଥିବାର ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରମ୍ଭା ସମିତିସଭ୍ୟ ନୀର ଭୂୟାଁ, ରାଜସ୍ୱ ସୁପରଭାଇଜର ଓ ଅମିନ ଉପସ୍ଥିତ ଥିଲେ। ପଟ୍ଟା ପାଇ ଆଦିବାସୀ ପରିବାର ଖୁସିବ୍ୟକ୍ତ କରିବା ସହ ତହସିଲଦାରଙ୍କ ସମେତ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

■ ମୋହନାକୁ ଏନ୍‌ଏସି ମାନ୍ୟତା ଦାବି

# ୨୪ ଘଣ୍ଟିଆ ବନ୍ଦ ପାଳନ

## ଗାଡ଼ିମୋଟର ଓ ଦୋକାନ ବଜାର ବନ୍ଦ



**ମୋହନା,୧୫।୩(ସମିସ):** ଏନ୍‌ଏସି ମାନ୍ୟତା ଦାବିରେ ଗଜପତି ଜିଲ୍ଲା ମୋହନାରେ ୨୪ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ମୋହନା ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ଏହି ବନ୍ଦ ଡାକରା ଦେଇଥିଲା। ଶୁକ୍ରବାର ସକାଳ ୬ଟାରୁ ଶନିବାର ସକାଳ ୬ ଟା ପର୍ଯ୍ୟନ୍ତ ମୋହନାର ସମସ୍ତ ଦୋକାନ ବଜାର ବନ୍ଦ ରହିବା ସହ ଚକ ଅଖ ବନ୍ଦ ରହିବ ବୋଲି ଚେତାବନୀ ଦେଇଛନ୍ତି ଆନ୍ଦୋଳନକାରୀ। ବନ୍ଦ ଡାକରା ଯୋଗୁଁ ବ୍ରହ୍ମପୁରରୁ ରାୟଗଡ଼ା ଯାତାୟାତ ବନ୍ଦ ହୋଇଯାଇଛି। ଫଳରେ ଉଭୟ ପଟରୁ ଶତାଧିକ ଗାଡ଼ି ଅଟକି ରହିଛି। ମୋହନାକୁ ଏନ୍‌ଏସି ଘୋଷଣା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛି କ୍ରିୟାନୁଷ୍ଠାନ କମିଟି। ବନ୍ଦ ପାଳନ ଯୋଗୁଁ ଗାଡ଼ି ଚଳାଚଳ, ଦୋକାନ ବଜାର, ବ୍ୟାଙ୍କ, ସରକାରୀ ଅନୁଷ୍ଠାନ ବନ୍ଦ ରହିଛି। ଏହି ଆନ୍ଦୋଳନରେ ମୋହନା ଉନ୍ନୟନ ପରିଷଦ ସଭାପତି ଦଣ୍ଡାସୀ ସାହୁ, ସମ୍ପାଦକ ରସାନନ୍ଦ ପାଣି, ଶିକ୍ଷାବିତ୍ ମଧୁସୂଦନ ପାଢ଼ୀ, ସାମ୍ବାଦିକ ଲକ୍ଷ୍ମଣ ଚୌଧୁରୀ, ଯୁବକ ସଂଘ ସମ୍ପାଦକ ଜିତେନ୍ଦ୍ର ବେହେରା, ଓକିଲ ସଂଘ ସଭାପତି ରବୀନ୍ଦ୍ର ନାୟକ, ବରିଷ୍ଠ ସମାଜସେବୀ ଭିକାରୀ ବେହେରା, ସିରିଏଲ ନାୟକ, ଆଇନଜୀବୀ ଦୁର୍ଯ୍ୟଧନ କରଡ଼ା, ସରପଞ୍ଚ ସୁନିତା ମଲିକ, ସମିତିସଭ୍ୟ ବାଳକୃଷ୍ଣ ମଲିକ, ବିଜେଡି ନେତା ବିଳାସ ନାୟକ, ହାଡ଼ିଆ କନ୍ଧ ପ୍ରମୁଖ ସମେତ ବଣିକ ସଂଘ, ମହିଳା ସଂଘ, ଯୁବକ ସଂଘ, ସାମ୍ବାଦିକ ସଂଘର ସଦସ୍ୟ ସାମିଲ ହୋଇଛନ୍ତି।

# ଜିଲ୍ଲା ନିବନ୍ଧକ କାର୍ଯ୍ୟାଳୟର ମନମୁଖି କାରବାରକୁ ବିରୋଧ କରି ଆନ୍ଦୋଳନ

**ପାରଳାଖେମୁଣ୍ଡି,୧୫ ।୩(ସମିସ):** ପାରଳାଖେମୁଣ୍ଡିରେ ଥିବା ଜିଲ୍ଲା ନିବନ୍ଧକ ଓ ବିବାହ ଅଧିକାରୀଙ୍କ କାର୍ଯ୍ୟାଳୟରେ ମନମୁଖୀ କାର୍ଯ୍ୟକୁ ନେଇ ଆଇନଜୀବୀ ଓ ସାଧାରଣ ଲୋକେ ଅସନ୍ତୋଷ ପ୍ରକାଶ କରି କାର୍ଯ୍ୟାଳୟ ଆଗରେ ପ୍ରାୟ ଦୁଇ ଘଣ୍ଟା ଧରି ଆନ୍ଦୋଳନ କରିଥିଲେ। ନିବନ୍ଧକ କାର୍ଯ୍ୟାଳୟ ଦୀର୍ଘ ଦିନ ହେଲା ବ୍ୟାପକ ଅନିୟମିତତା ମଧ୍ୟରେ ଚାଲିଛି। ରେଜିଷ୍ଟ୍ରେସନ ବେଳେ ସରକାରୀ ନିୟମକୁ ଖିଲାପ କରି ମନଇଚ୍ଛା ଫି ଆଦାୟ କରାଯାଉଛି। ବେଞ୍ଚମାର୍କ ଅନୁଯାୟୀ କୌଣସି କାମ ହେଉନାହିଁ। ଜମି ରେଜିଷ୍ଟ୍ରେସନ ବେଳେ ଦଶ ପ୍ରତିଶତ ଜାଗାରେ ପଚାଶ ପ୍ରତିଶତ ଫି ଆଦାୟ କରାଯାଉଛି। ଜମିର ମୂଳ ଆକଳନ ନ କରି ବା ସେହି ଅଞ୍ଚଳର ଦର ସଠିକ୍ ଭାବେ ନ ଜାଣି ମନଇଛା ଫି ଆଦାୟ କରାଯାଉଛି। ଏଥିଯୋଗୁଁ ଜମି ଦର ବୃଦ୍ଧି ହେବା ସହ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ଗରିବ ଜନସାଧାରଣଙ୍କ ଉପରେ ଆର୍ଥିକ ଚାପ ସୃଷ୍ଟି ହେଉଥିବା ଅଭିଯୋଗ କରାଯାଇଛି। ଏହାସହ କାର୍ଯ୍ୟାଳୟରେ ହାତଗୁଞ୍ଜା କାରବାର ମଧ୍ୟ ଚାଲିଥିବା ମଧ୍ୟ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଶୁକ୍ରବାର ବାଧ୍ୟ ହୋଇ ଆନ୍ଦୋଳନ କରିଥିବା ଆଇନଜୀବୀ ଓ ସାଧାରଣ ଲୋକେ ପ୍ରକାଶ କରିଛନ୍ତି। ପ୍ରାୟ ଦୁଇ ଘଣ୍ଟା ପରେ ଜିଲ୍ଲା ନିବନ୍ଧକ ଈଶ୍ୱର ଚନ୍ଦ୍ର ସାହୁ ପହଞ୍ଚି ସମସ୍ତ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ହଟିଥିଲେ। ଆନ୍ଦୋଳନକୁ ଦେଖି ଜିଲ୍ଲା ନିବନ୍ଧକ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଫାଟକ ଖୋଲି ନ ଥିବାର ଦେଖିବାକୁ ମିଳିଥିଲା। ଆନ୍ଦୋଳନ ପ୍ରତ୍ୟାହାର ହେବା ପରେ ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ମୁଖ୍ୟ ଫାଟକର ତାଲା ଖୋଲାଯାଇଥିଲା। ଏପରି କାର୍ଯ୍ୟାଳୟ ବନ୍ଦ ଥିବା ଦେଖି ବିଭିନ୍ନ କାର୍ଯ୍ୟ ପାଇଁ ଆସିଥିବା ଲୋକେ ଫେରିଯାଉଥିବା ଦେଖାଯାଇଥିଲା।



# କାଠଫାଳିଆ ମାଡ଼ରେ ଯୁବକ ମୃତ

**ମୋହନା,୧୫।୩(ସମିସ):** ଜଣେ ଯୁବକଙ୍କ କାଠ ଫାଳିଆ ମାଡ଼ରେ ଆଉ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏଭଳି ଦୁଃଖଦ ଘଟଣା ଘଟିଛି ଗଜପତି ଜିଲ୍ଲା ମୋହନାରେ। ମୃତ ଯୁବକ ହେଲେ ମୋହନା ଥାନା ପିଣ୍ଡିକି ଗାଁର ଭକ୍ତବନ୍ଧୁ ନାୟକ(୨୫)। ଖବର ପାଇ ମୋହନା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଆକ୍ରମଣକାରୀ ଯୁବକ ନୀଳାଞ୍ଚଳ ସାହୁ(୩୪)କୁ ଅଟକ ରଖି ପଚାରଉଚରା କରାଯାଉଥିବା ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି। ପୁଲିସ ସୂଚନା ପ୍ରକାରେ ଶୁକ୍ରବାର ସକାଳ ପ୍ରାୟ ସାଢ଼େ ୯ ଟାରେ ଭକ୍ତବନ୍ଧୁ ନିଜ ଗାଁ ପିଣ୍ଡିକିରୁ ମୋହନା ଆସି ନିଜ ଦୋକାନ ପିଣ୍ଡାରେ ମୋବାଇଲ ଦେଖୁଥିବା ସମୟରେ ନୀଳାଞ୍ଚଳ ଅତର୍କିତ ଭାବେ କାଠ ଫାଳିଆରେ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ କିଛି ଯୁବକ ଭକ୍ତବନ୍ଧୁଙ୍କୁ ମୋହନା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲ୍‌କୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିଲା। ବ୍ରହ୍ମପୁର ମେଡିକାଲରେ ଭକ୍ତବନ୍ଧୁଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର। କାଠ ଫାଳିଆରେ ଆକ୍ରମଣ କରିଥିବା ଯୁବକ ନୀଳାଞ୍ଚଳକୁ ମୋହନା ପୁଲିସ୍ ଅଟକ ରଖି ଅଧିକ ତଦନ୍ତ କରୁଛି। ଗଜପତି ଏସପି ସ୍ୱାତୀ ଏସ କୁମାର ଘଟଣାସ୍ଥଳ ପରିଦର୍ଶନ କରିବା ସହ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସାଇଣ୍ଟିଫିକ ଟିମ୍ ମଧ୍ୟ ଘଟଣାସ୍ଥଳରେ ତନ୍ନ ତନ୍ନ କରି ଯାଞ୍ଚ କରିଛନ୍ତି। କାହିଁକି ଓ କେଉଁ କାରଣ ଯୋଗୁଁ ନୀଳାଞ୍ଚଳ କାଠ ଫାଳିଆରେ ଆକ୍ରମଣ କଲା ତାହାର ବିଭିନ୍ନ ଦିଗ ପ୍ରତି ତଦନ୍ତ କରୁଛି ପୁଲିସ। ନୀଳାଞ୍ଚଳ ଗତ କିଛି ଦିନ ହେଲା ପାରିବାରିକ ସମସ୍ୟା ନେଇ ମାନସିକ ଅସ୍ଥିରତାରେ ଥିଲେ। ତେଣୁ ଏଭଳି ଘଟଣା ଘଟାଇଥାଇ ପାରନ୍ତି ବୋଲି ପୁଲିସ ଅନୁମାନ କରୁଛି। ଏହି ଘଟଣା ପରେ ପିଣ୍ଡିକି ଓ ମୋହନାରେ ଶୋକର ଛାୟା ଖେଳିଯାଇଛି। ପିଣ୍ଡିକି ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। କ୍ଷତପୂରଣ ଦାବିରେ ଥାନା ଓ ନୀଳାଞ୍ଚଳଙ୍କ ଘର ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ଗ୍ରାମବାସୀ। ମୋହନା ଥାନାରେ ଏକ ମାମଲା ରୁଜୁ କରାଯିବା ସହ ଆକ୍ରମଣରେ ବ୍ୟବହୃତ କାଠ ଫାଳିଆ ଜବତ କରି ତଦନ୍ତ ଚାଲିଥିବା ଥାନା ଅଧିକାରୀ ଶ୍ରୀ ସେଠୀ କହିଛନ୍ତି।

# 'ମୋ ସେବା' କେନ୍ଦ୍ର ଉଦ୍‌ଘାଟିତ

**ଗୋଷାଣି,୧୫ ।୩ (ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ବଡ଼ଗୋଷାଣି ପଞ୍ଚାୟତ ଜଙ୍ଗଲପାଡୁ ଗ୍ରାମରେ ମୋ ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ସମବାୟ କେନ୍ଦ୍ର ସହକାରୀ ନିବନ୍ଧକ ହରିହର ସେଠ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗାରବନ୍ଧସ୍ଥିତ ବିସିସି ବ୍ୟାଙ୍କର ବିଜୟ ଘଡାଇ, ଗାରବନ୍ଧ, ତାଳସିଂ, ଗୋଷାଣି, ଶରଧାପୁର ଆଦି ସମବାୟ ସୋସାଇଟିର ସମ୍ପାଦକ ପ୍ରମୁଖଙ୍କ ସହ କେ.ନିରଞ୍ଜନ ରାଓ, ପି.ରାଜେଶ, ଟି.ଉମାଶଙ୍କର ରାଓ, କେ. ଖଗେଶ, ଜି.ଖଗେଶ୍ୱର ରାଓ, ରାଜେନ୍ଦ୍ର ଦଳାଇ ଓ ଜି. ମନ୍ମଥ ରାଓ ଉପସ୍ଥିତ ଥିଲେ। ଏହି ସେବାକେନ୍ଦ୍ର ଦ୍ୱାରା ଜଙ୍ଗଲପାଡୁ ଗ୍ରାମ ସମେତ ଆଖପାଖ ଅଞ୍ଚଳର ଗ୍ରାମବାସୀ ଉପକୃତ ହେବେ। କାର୍ଯ୍ୟକ୍ରମକୁ ଜଙ୍ଗଲପାଡୁ ସମବାୟ କେନ୍ଦ୍ରର ସମ୍ପାଦକ ବାବୁଲି ସାମଲ ପରିଚାଳନା କରିଥିଲେ।



# ଟିକାବାଲିକୁ ଏନ୍‌ଏସି ମାନ୍ୟତା ଦାବିରେ ବନ୍ଦ ପାଳିତ




**ଟିକାବାଲି,୧୫।୩(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲିକୁ ଏନ୍‌ଏସି ମାନ୍ୟତା ପ୍ରଦାନ ଦାବିରେ ବାର ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ପ୍ରଗତି ମିଳିତ ମହାସଂଘ ଓ ଟିକାବାଲି ଅଞ୍ଚଳବାସୀଙ୍କ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା। ସକାଳ ୬ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯାଇଥିଲା। ବନ୍ଦ ପାଳନକୁ ସମ୍ପୂର୍ଣ୍ଣ ସମର୍ଥନ ମିଳିଥିବା କୁହାଯାଇଛି। ଶୁକ୍ରବାର ସହିତ ହାଟ ଦିନ ଥିବା ହେତୁ ବେପାରୀଙ୍କୁ ଆଗରୁ ସୂଚନା ଦିଆଯାଇଥିଲା। ଏଥିଯୋଗୁଁ ବ୍ୟବସାୟୀ ବିଶେଷ ଅସୁବିଧାରେ ସମ୍ମୁଖୀନ ହେଇ ନ ଥିଲେ। ବୁଲୁ ଡିଗାଲ, ସଂଜୀବ ଡିଗାଲ, ସାନୁଜ ବେହେରା, ଗୋପାଳ ପଣ୍ଡା, କିଟୁ ଭୋଇ, ମିଟୁ ଦାସ, ଲିଙ୍ଗରାଜ ଡାକୁଆ, ମନୋଜ ପ୍ରଧାନ, ରମା ପଣ୍ଡା ବନ୍ଦ ପାଳନର ନେତୃତ୍ୱ ନେଇଥିଲେ। ଅନେକ ସ୍ୱେଚ୍ଛାସେବୀ ଓ ବିଭିନ୍ନ ସଂଘର କର୍ମକର୍ତ୍ତା ବନ୍ଦକୁ ସମର୍ଥନ କରିଥିଲେ। ଟିକାବାଲିକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରାନଗଲେ ଭୋଟ ବର୍ଜନ ସହିତ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କୁହାଯାଇଛି।

■ ସ୍ୱୟମ୍ ଯୋଜନାରେ ସ୍ୱାବଲମ୍ବୀ ହେବେ ଯୁବପିଢ଼ି

# ଆବେଦନ ପାଇଁ ପ୍ରଶାସନର ସଚେତନତା



**ଜି.ଉଦୟଗିରି,୧୫ ।୩(ସମିସ):** ଉଦୀୟମାନ ଯୁବକ ଯୁବତୀଙ୍କୁ ଯୁବ ଉଦ୍ୟୋଗୀରେ ପରିଣତ କରିବା ପାଇଁ ରାଜ୍ୟ ସରକାର ନୂଆ ଯୋଜନା ସ୍ୱୟମ କାର୍ଯ୍ୟକାରୀ କରିଛନ୍ତି। ଏଥିରେ ଆଗ୍ରହୀ ଯୁବକ ଯୁବତୀ ନୂଆ କିମ୍ବା ଚାଲୁଥିବା ବ୍ୟବସାୟକୁ ଅଧିକ ବୃଦ୍ଧି କରିବା ପାଇଁ ଚାହୁଁଥିଲେ ବିନା ସୁଧରେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ ବ୍ୟବସ୍ଥା ରହିଛି। ଯାହାର ସୁଧ ଭାର ସରକାର ବହନ କରିବାକୁ ଥିବା ବେଳେ ଏଥିପାଇଁ କୌଣସି ବନ୍ଧକ ରଖିବାକୁ ପଡୁନଥିବା ସହିତ କୌଣସି ପ୍ରୋସେସିଂ ଫି ଦେବାକୁ ପଡ଼ିବ ନାହିଁ। ଏହି ଯୋଜନାର ଲାଭ ଉଠାଇବା ପାଇଁ ଜି.ଉଦୟଗିରି ଏନ୍‌ଏସି ତରଫରୁ ବ୍ୟାପକ ପ୍ରଚାର ପ୍ରସାର କରାଯାଇଥିବା ବେଳେ ଶୁକ୍ରବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଯୋଜନା ସମ୍ପର୍କରେ ଅବଗତ କରାଯିବା ସହିତ ଫର୍ମ ବଣ୍ଟନ କରାଯାଇଛି। ଯୋଜନା ସମ୍ପର୍କରେ ଜାଣିବା ପରେ ଯୁବଗୋଷ୍ଠୀଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ପ୍ରକାଶ ପାଇଥିବା ବେଳେ ତୁରନ୍ତ ଆବେଦନ କରୁଥିବା ଦେଖିବାକୁ ମିଳିଛି। ଏହା ବେକାର ଯୁବକ, ଯୁବତୀଙ୍କୁ ସ୍ୱାବଲମ୍ବୀ କରିବା ସହିତ ପରିବାରର ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବାରେ ସହାୟକ ହେବ ବୋଲି କୁହାଯାଇଛି।

# ଜି.ଉଦୟଗିରିକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବିରେ ଶନିବାର ବନ୍ଦ ଡାକରା

**ଜି.ଉଦୟଗିରି,୧୫ ।୩(ସମିସ):** କନ୍ଧମାଳ ଜିଲ୍ଲା ଜି. ଉଦୟଗିରିକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ପାଇଁ ଦୀର୍ଘ ବର୍ଷ ହେଲା ଦାବି କରାଯାଉଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଏଥିପାଇଁ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାଧାରଣ କାମ ପାଇଁ ୭୦/୮୦ କିମି ଯିବା ସହିତ ଦିନତମାମ ସମୟ ଲାଗୁଛି। ଏହାର ପ୍ରତିବାଦରେ ୨୪ ଘଣ୍ଟିଆ ବନ୍ଦ ଡାକରା ଦେଇଛି ମିଳିତ କ୍ରିୟାନୁଷ୍ଠାନ କମିଟି। ଶୁକ୍ରବାର ୨୨ରୁ ଉର୍ଦ୍ଧ୍ୱ ସଂଗଠନ, ସମାଜସେବୀଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବ୍ୟବସାୟୀ ସଙ୍ଘ ସଭାଗୃହରେ ଏ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଶନିବାର ୨୪ ଘଣ୍ଟିଆ ଜି.ଉଦୟଗିରି ବନ୍ଦ ନିମନ୍ତେ ନିଷ୍ପତ୍ତି ହୋଇଛି। ଆସନ୍ତାକାଲି ଜି.ଉଦୟଗିରି, କଳିଙ୍ଗା ଅଞ୍ଚଳରେ ସମସ୍ତ ଦୋକାନ, ବଜାର, ମୋଟର ଯାନବାହନ, ସରକାରୀ/ବେସରକାରୀ କାର୍ଯ୍ୟାଳୟ ଓ ଯାତାୟାତ ସେବା ସମ୍ପୂର୍ଣ୍ଣ ବନ୍ଦ ରହିବ। ଏହାସହିତ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, '୫-ଟି' ଅଧ୍ୟକ୍ଷ ଓ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ପ୍ରସ୍ତୁତି ବୈଠକରେ ଜି.ଉଦୟଗିରି ପ୍ରେସ କ୍ଲବ, ବ୍ୟବସାୟୀ ସଂଘ, ମହିଳା ଜୀବିକା ସୁରକ୍ଷା ମଞ୍ଚ, ଅନ୍ତରଙ୍ଗ, ଓକିଲ ସଂଘ, ଭୀମ ଆର୍ମୀ ଏକତା ପରିଷଦ, ନିଖିଳ ଉତ୍କଳ କୁଇ ସମାଜ ୟୁନିଅନ, କଳିଙ୍ଗା ଯୁବକ ସଂଘ, ସଂଖ୍ୟାଲଘୁ ଫୋରମ୍, ଅଟୋ ଚାଳକ ସଂଘ, ଘରୋଇ ମଟର ଚାଳକ ସଂଘ, ସରପଞ୍ଚ ସଂଘ, ବରିଷ୍ଠ ନାଗରିକ ସଂଘ, ଶ୍ରମିକ ସଂଘ, ମହତାବ ଯୁବକ ସଂଘ, ସଫେଇ କର୍ମଚାରୀ ସଂଘ, ନିଖିଳ ଉତ୍କଳ ସେଲୁନ୍ ସଂଘ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ସ୍ୱେଚ୍ଛାସେବୀ ସଙ୍ଗଠନ ଆସାର୍ଟ, ମେଜର ଧ୍ୟାନଚାନ୍ଦ ସ୍ପୋର୍ଟସ ଏଣ୍ଡ ଗେମ୍ସ ଏକାଡେମୀ ଓ ଓଡ଼ିଶା ମଟର ଚାଳକ ସଂଘ କର୍ମକର୍ତ୍ତା ସାମିଲ ହୋଇଥିଲେ।



# ବିଶିପଡ଼ାରେ କନ୍ଧ କୁମ୍ଭାର ବିଜୟ ଉତ୍ସବ




**ଫୁଲବାଣୀ,୧୫।୩(ସମିସ):** କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ବିଶିପଡ଼ାରେ ଆଦିବାସୀ କନ୍ଧ କୁମ୍ଭାର ବିଜୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସଭାପତି ଅଜିତ କୁମାର ମଲ୍ଲିକ, ସମ୍ମାନିତ ଅତିଥି ରୂପେ ଉପସଭାପତି ବିଜୟ କୁମାର ବେହେରା, ସମ୍ପାଦକ ତପନ କୁମାର ବେହେରା, କୋଷାଧ୍ୟକ୍ଷ ସୁରେନ୍ଦ୍ର ବେହେରା, ସାମ୍ବାଦିକ ବାଳକୃଷ୍ଣ କହଁର ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଜିଲ୍ଲାର କନ୍ଧ କୁମ୍ଭାର ବର୍ଗର ଲୋକେ ଉପସ୍ଥିତ ଥିଲେ। ଦୀପ ପ୍ରଜ୍ୱଳନ ପରେ ସଭା ଆରମ୍ଭ ହୋଇଥିଲା। ୫୦ ବର୍ଷ ହେବ ଅହରହ ଭାବେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ ଆଦିବାସୀ ମାନ୍ୟତା ପାଇବା ପାଇଁ ଦୃଷ୍ଟି ଆକର୍ଷଣ କରାଯାଉଥିବା ବେଳେ ଆଜି ତାହା ପୂରଣ ହୋଇଥିବାରୁ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଏଥିନେଇ ଜିଲ୍ଲା କନ୍ଧ କୁମ୍ଭାର ଆଦିବାସୀ ବିଜୟ ଉତ୍ସବ ପାଳନ କରିବା ସହ ଆନନ୍ଦ ଉଲ୍ଲାସରେ ଆଦିବାସୀ ନାଚ କରିଥିଲେ। ସଭାକୁ ନିରଞ୍ଜନ ବେହେରା ପରିଚାଳନା କରିଥିବା ବେଳେ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କାମ ସରିବାର ମାସେ ନ ପୂରୁଣୁ ଉଠିଗଲା ପିଚୁ

**ଫିରିଙ୍ଗିଆ,୧୫।୩(ସମିସ)**

ଗମନାଗମନର ସୁବିଧା ପାଇଁ ରାଜକୋଷରୁ କୋଟ କୋଟି ଟଙ୍କା ବ୍ୟୟବରାଦ କରି ପକ୍କା ରାସ୍ତା ନିର୍ମାଣ କରାଯାଉଛି। କିନ୍ତୁ ଏହି ରାସ୍ତାକାମରେ ନିୟୋଜିତ ଠିକା ସଂସ୍ଥା ଓ କିଛି ବିଭାଗୀୟ ଅସାଧୁ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ରାସ୍ତାକାମ ଅତି ନିମ୍ନମାନର ହେଉଥିବା ବେଳେ ମାସେ ନପୂରୁଣୁ ରାସ୍ତାରୁ ପିଚୁ ଉଠିଯାଇ ଖାଲଖମାରେ ଭର୍ତ୍ତି ହୋଇଯାଉଛି। ରାସ୍ତା ସାରା ପିଚୁ ଉଠିଯାଇ ଖାଲଖମା ହେବା ଯୋଗୁଁ ବର୍ତ୍ତମାନ ରାସ୍ତା ମରଣଯନ୍ତା ପାଲଟିଛି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଶଲାଗୁଡ଼ା ପଞ୍ଚାୟତରେ ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ଶଲାଗୁଡ଼ା ପଞ୍ଚାୟତର ନେଡିପଦରଠାରୁ ବଦାପାଜୁ ଗାଁକୁ ଆଗରୁ ଭଲରାସ୍ତା ନ ଥିବାରୁ ସ୍ଥାନୀୟ ସରପଞ୍ଚ ରୋହିତ କହଁରଙ୍କ ସହ ସ୍ଥାନୀୟ ଲୋକଙ୍କ ବାରମ୍ବାର ଅଭିଯୋଗ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୩.୪୦୫ କିଲୋମିଟର ରାସ୍ତା ପାଇଁ ୧୬୩.୬୫ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ ଏକ ପକ୍କା ରାସ୍ତା ନିର୍ମାଣ କରାଯାଇଥିଲା। ରାସ୍ତାକାମ ଫୁଲବାଣୀ ଗ୍ରାମ୍ୟ ନିର୍ମାଣ ବିଭାଗ ଅଧୀନରେ ଓ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ଦାୟିତ୍ୱରେ ହୋଇଥିଲା। ଗଞ୍ଜାମ ଜିଲ୍ଲା ନୂଆପଡାର ରଜନୀକାନ୍ତ ନାୟକ ନାମକ ଜଣେ ଠିକାଦାରଙ୍କୁ ରାସ୍ତାକାମର କାର୍ଯ୍ୟାଦେଶ ଦିଆଯାଇଥିଲା। ରାସ୍ତାକାମ ଗତ ୨୦୨୨ ମସିହା ଜୁନ ୨୧ ତାରିଖରେ ଆରମ୍ଭ ହୋଇଥିବା ଫଳରେ ଉଲ୍ଲେଖ ରହିଛି। ତେବେ ନିର୍ମାଣ କାମ ନିମ୍ନମାନର ହୋଇଥିବା ଦେଖାଯାଇଛି। କାମ ସରିବାର ମାସେ ନପୂରୁଣୁ ତିନି କିଲୋମିଟର ମଧ୍ୟରେ ରାସ୍ତାର ପ୍ରାୟ କୋଡ଼ିଏରୁ ଅଧିକ ସ୍ଥାନରେ ପିଚୁ ଉଠିଯାଇ ଖାଲଖମାରେ ଭରପୂର ହୋଇଯାଇଛି। ରାସ୍ତାରେ ବିଛାଯାଇଥିବା ଗୋଡ଼ିବାଲି ସବୁ ଉଠିଗଲାଣି। ବର୍ତ୍ତମାନ ରାସ୍ତା ଏକପ୍ରକାର ମରଣଯନ୍ତା ପାଲଟିଛି। ଖାଲଖମା ଯୋଗୁଁ ଏହି ରାସ୍ତାରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ରାସ୍ତାର ସ୍ଥିତି ସମ୍ପର୍କରେ ଦାୟିତ୍ୱରେ ଥିବା ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଶୀଲ କୁମାର ମହାନ୍ତିଙ୍କୁ ପ୍ରଶ୍ନ କରାଯିବାରେ ବିଷୟକୁ ଅତି ହାଲୁକା ଭାବରେ ଗ୍ରହଣ କରି କିଛି ଅସୁବିଧା ହୋଇନାହିଁ। ରାସ୍ତାର ମରାମତି ପାଇଁ ପାଞ୍ଚବର୍ଷର ଅବଧି ରହିଛି। ଆଉଥରେ କାମ ହେବ ବୋଲି ସଫେଇ ଦେଇଛନ୍ତି। ହେଲେ କାମ କେବେ ହେବ ସେ ସମ୍ପର୍କରେ ସେ କିଛି କହିନାହାନ୍ତି। ରାସ୍ତା ଶୋଚନୀୟ ହୋଇଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



## ବିଶ୍ରାମ ଭବନ ଉଦ୍‌ଘାଟନ କଲେ ଅର୍ଥମନ୍ତ୍ରୀ



**ଭଞ୍ଜନଗର, ୧୫ ।୩ (ସମିସ):** ଭଞ୍ଜନଗର ଗ୍ରାମ ନିର୍ମାଣ ବିଭାଜନ ବିଭାଗ ପକ୍ଷରୁ ଫିସେରୀ ରୋଡ୍‌ରେ ନିର୍ମିତ ବିଶ୍ରାମ ଭବନର ଉଦ୍‌ଘାଟନ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ବିଧାୟକ ତଥା ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ । ୧ କୋଟି ୧୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଭବନରେ ବିଭାଗୀୟ ଅଧିକାରୀମାନେ ଆସି ବିଶ୍ରାମ ନେବା ପାଇଁ ସମସ୍ତ ସୁବିଧା ରହିଛି । ଅନ୍ୟମାନଙ୍କ ମଧ୍ୟରେ ଭଞ୍ଜନଗର ଏନ୍‌ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଉପାଧ୍ୟକ୍ଷା ଶୁଭଶ୍ରୀ ଦାସ, ସାଂସଦ ପ୍ରତିନିଧି ଦିବାକର ନାୟକ, ପଞ୍ଚାନନ ପାଳ, ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଗ୍ରାମ୍ୟ ନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ନାରାୟଣ ମୁର୍ମୁ, ପୂର୍ବତନ ଅଧୀକ୍ଷଣ ଯନ୍ତ୍ରୀ ତ୍ରିଲୋଚନ ନାହାକ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦ୍ୟୁମ୍ନ କୁମାର ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## କବାଟଭାଙ୍ଗି ସୁନା ଅଳଙ୍କାର ଲୁଟ୍

**ଆସିକା, ୧୫ ।୩ (ସମିସ):** ଆସିକା ଥାନା ଅନ୍ତର୍ଗତ ନଳବଣ୍ଟା ଗାଁର ରୋଡ଼ ପାର୍ଶ୍ୱ ସାହିରେ ଗୁରବାର ବିଳମ୍ବିତ ରାତିରେ ଅଶୋକ ମହାରଣାଙ୍କ ଘରୁ କବାଟ ଭାଙ୍ଗି ଦୁର୍ବୃତ୍ତ ସୁନା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି । ପୁଲିସ ଏନେଇ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରୁଛି । ସୂଚନାନୁସାରେ ଗୁରୁବାର ରାତିରେ ଅଶୋକଙ୍କ ପରିବାର ଲୋକେ ଖାଇପିଇ ଶୋଇଥିଲେ । ବିଳମ୍ବିତ ରାତିରେ ଘରର କବାଟ ଭାଙ୍ଗି ଦୁର୍ବୃତ୍ତମାନେ ଘରେ ଥିବା ସୁନା ମୁଦି, ମଙ୍ଗଳ ସୂତ୍ର, ଲକେଟ ଚୋରି କରି ନେଇଥିଲେ । ସେହିପରି ଟୁନା ପ୍ରଧାନ ଓ ବାଳକୃଷ୍ଣ ପ୍ରଧାନଙ୍କ ଘରର ବାରି ପଟୁ କବାଟ ଭାଙ୍ଗି ଲୁଟ ଚୋରି ଉଦ୍ୟମ କରୁଥିବାବେଳେ ତାହା ବିଫଳ ହୋଇଥିଲା । ଅଶୋକ ଏନେଇ ଆସିକା ଥାନାରେ ଅଭିଯୋଗ କରିଥିବା ବେଳେ ଆସିକା ଥାନା କେସନଂ୨୦୧/୨୦୨୪ ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

# ୨୦୯୨ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିଲେ ଅର୍ଥମନ୍ତ୍ରୀ

**ଭଞ୍ଜନଗର, ୧୫ ।୩ (ସମିସ):**



ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ପରିସରରେ ଆୟୋଜିତ ଭତ୍ତା ବଣ୍ଟନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ବିଧାୟକ ତଥା ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗ ଦେଇଥିଲେ । ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକଙ୍କ ଅଧ୍ୟକ୍ଷତାରେ ୨୦ଟି ପଞ୍ଚାୟତର ୨୦୯୨ ଜଣ ହିତାଧିକାରୀଙ୍କୁ ମନ୍ତ୍ରୀ ଶ୍ରୀ ଆରୁଖ ମଧୁବାବୁ ପେନ୍‌ସନ ଯୋଜନାରେ ବିଭିନ୍ନ ଭତ୍ତା ବଣ୍ଟନ କରିଛନ୍ତି । ସେଥି ମଧ୍ୟରେ ବଡ଼ କୋଦଣ୍ଡା ପଞ୍ଚାୟତର ୬୦ଜଣ, ବାଇବାଲିର ୨୨ଜଣ, ବାରୁଡ଼ାର ୧୮୪, ବାଉଁଶ ଲୁଣ୍ଡିର ୮୬, ବ୍ରାହ୍ମଣପଦରର ୧୦୫, ଦଦରା ଲୁଣ୍ଡାର ୫୭, ଡିହ ପଡ଼ାଳର ୮୦, ଦୋ ମୁହାଣୀର ୩୦, ଡୁମା କୁମ୍ଭାର ୧୭୭, ଗାଲେରୀର ୬୦, ଗୋଲାପଡ଼ାର ୬୭, ହରିଗଡ଼ର୧୬୪, ଜିଲୁଣ୍ଡିର୧୦୫, କୁଲାଡ଼ର୬୮, ଲାଲ ସିଂର୧୪୯, ମୁଜାଗଡ଼ର୧୮୩, ଲେମ୍ବେଇର ୭୬୯ୟ, ସାନ କୋଦଣ୍ଡାର ୧୫୨, ତିଳି ସିଙ୍ଗିର ୫୩, ମୁଦୁଲି ପଲିର ୩୯, ଗୁଣ୍ଡୁରିବାଡ଼ିର ୪୯, ଡୁରୁମୁର ୧୩୫ ଜଣ ଅନ୍ତର୍ଭୁକ୍ତ ଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ବିଡିଓ ମନ୍ମଥ ନାୟକ, ଜିଲ୍ଲା ପରିଷଦ ସଭ୍ୟ ଜିତେନ୍ଦ୍ର କେଶରୀ ଆରୁଖ, ଶୈଳବାଳା ବିଷୋୟୀ, ଭାଗ୍ୟଲତା ସେଠୀ ମଞ୍ଚାସୀନ ଥିଲେ । ଶୂଳପାଣି ଶତପଥୀ ସଭା ସଂଯୋଜନା କରିଥିଲେ । ଏଥିରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ବ୍ଲକ କର୍ମଚାରୀମାନେ ସହଯୋଗ କରିଥିଲେ ।

## ଅଷ୍ଟଶମ୍ଭୁ ମହାମିଳନ ପ୍ରସ୍ତୁତି

**ଜଗନ୍ନାଥପ୍ରସାଦ, ୧୫ ।୩ (ସମିସ):** ମା' ଦଣ୍ଡକାଳୀଙ୍କ ଯାତ୍ରା ଆସନ୍ତା ୨୭ ତାରିଖଠାରୁ ଆରମ୍ଭ ହେବାକୁ ଯାଉଛି । ଏହି କ୍ରମରେ ଜଗନ୍ନାଥପ୍ରସାଦ ବ୍ଲକ କଳିଙ୍ଗପଦର ଗ୍ରାମରେ ଆସନ୍ତା ମାସ ୧୨ ତାରିଖରେ ମା' ଦଣ୍ଡକାଳୀଙ୍କ ଅଷ୍ଟଶମ୍ଭୁ ମହାମିଳନ ଯାତ୍ରା ପାଇଁ ସ୍ଥିର କରାଯାଇଛି । ଏନେଇ ଶୁକ୍ରବାର ଗ୍ରାମର ମନ୍ଦିର ପରିସରରେ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ଦଳବେହେରାଙ୍କ ନେତୃତ୍ୱରେ ସମ୍ପାଦକ ଦିଲ୍ଲୀପ କୁମାର ଓଦହ୍ରା ଓ କଳିଙ୍ଗପଦର ଗ୍ରାମବାସୀଙ୍କୁ ଉପସ୍ଥିତ ରହି ଅଷ୍ଟଶମ୍ଭୁ ଯାତ୍ରାକୁ ତଦାରଖ କରିବା ପାଇଁ ଆଲୋଚନା ହୋଇଥିଲା । ଅଷ୍ଟସମ୍ଭୁ ମହାମିଳନ ପାଇଁ ମଶାବାଡ଼ି, କଳିଙ୍ଗ ପଦର, ପଟାଙ୍ଗୀ, ତୋଲୋଡ଼ି, ବନ୍ତା, ଗେରେଡ଼ା, ବଡ଼ଗୁଣ୍ଡୁରୀବାଡ଼ି ଓ ତାରସିଂ ଭଳି ୮ଟି ଗ୍ରାମର ଦଣ୍ଡଯାତ୍ରା ଯୋଗ ଦେବା ପାଇଁ ଗ୍ରାମ କମିଟିଙ୍କ ଉପସ୍ଥିତିରେ ଅଷ୍ଟଶମ୍ଭୁ ମିଳନ ଯାତ୍ରା ପାଇଁ ନିଷ୍ପତ୍ତି କରାଯାଇଥିଲା ।



## ଉପେନ୍ଦ୍ର ଭଞ୍ଜ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

**କବିସୂର୍ଯ୍ୟନଗର, ୧୫ ।୩ (ସମିସ):** କବିସୂର୍ଯ୍ୟନଗର ତ୍ରିନାଥ ନଗର କଲୋନୀରେ ଥିବା କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ପବ୍ଲିକ ସ୍କୁଲର ଏକାଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ବିଦେଶୀ ଖଟେଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା ସମିତି ସଭାପତି ରଞ୍ଜିତ ସ୍ୱାଇଁ ସଂଯୋଜନା କରିଥିଲେ । ମୁଖ୍ୟ ଅତିଥି ଭାବେ ଜ୍ଞାନବିକାଶ ଇଂଲିଶ ମିଡିଅମ ସ୍କୁଲ ଚେୟାରମ୍ୟାନ ସନତ କୁମାର ବେହେରା, ମୁଖ୍ୟବକ୍ତା ଆସିକା ବିଜ୍ଞାନ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ପ୍ରାଧ୍ୟାପକ କେଦାରନାଥ ପଣ୍ଡା, ସମ୍ମାନିତ ଅତିଥି ସମାଜସେବୀ ଜି. ଶମ୍ଭୁଲିଙ୍ଗମ ଆଚାରୀ, ଲାଲବାହୁଦୂର ପଟ୍ଟନାୟକ, ଆଭାରାଣୀ ପଟ୍ଟନାୟକ, ପୀତବାସ ପଣ୍ଡା, ଯୁଧିଷ୍ଠିର ପ୍ରଧାନ, ସୋମନାଥ ପଟ୍ଟନାୟକ, ବିଇଓ ଅଭିମନ୍ୟୁ ସାହୁ, ପି. କେ ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।




## ବ୍ଲକ କଂଗ୍ରେସ କମିଟି ସଭାପତି ହେଲେ ଅଭିମନ୍ୟୁ

**ଦିଗପହଣ୍ଡି, ୧୫ ।୩ (ସମିସ):** ପ୍ରଦେଶ କଂଗ୍ରେସ କମିଟିର ଅନୁମୋଦନ କ୍ରମେ ଦିଗପହଣ୍ଡି ବ୍ଲକ କଂଗ୍ରେସ କମିଟି ସଭାପତି ରୂପେ ଅଭିମନ୍ୟୁ ଜାନିଙ୍କୁ ମନୋନୀତ କରାଯାଇଛି । ସଭାପତି ନିଯୁକ୍ତ ହେବା ପରେ ସେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ, ଗଞ୍ଜାମ ଜିଲା କଂଗ୍ରେସ କମିଟି (ପୂର୍ବ) ସଭାପତି ଦୀପକ କୁମାର ପଟ୍ଟନାୟକ, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଲାଇନବନ୍ଧ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଶୁଭାରମ୍ଭ



**ଛତ୍ରପୁର, ୧୫ ।୩ (ସମିସ):** ଛତ୍ରପୁର ପୌର ପରିଷଦର ୧୧ନଂ ୱାର୍ଡ ଅନ୍ତର୍ଗତ ଲାଇନବନ୍ଧର 'ମୋ ପୋଖରୀ ଯୋଜନା' ଆନୁକୂଲ୍ୟରେ ପଙ୍କ ଉଦ୍ଧାର ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ୧୧ନଂ ୱାର୍ଡ କାଉନସିଲର ସନ୍ତୋଷୀ ସେଠୀଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଭୂମିପୂଜା ସହିତ କାର୍ଯ୍ୟର ଶୁଭାରମ୍ଭ ହୋଇଛି । ମା' ସ୍ୱପ୍ନେଶ୍ୱରୀ, ରାଧାକୃଷ୍ଣ ଓ ପ୍ରଗତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଉପସ୍ଥିତିରେ କାର୍ଯ୍ୟର ଶୁଭାରମ୍ଭ କରାଯାଇଥିଲା । ଏହି ଅବସରରେ ମହାସଂଘର ସଭାନେତ୍ରୀ ପୂର୍ଣ୍ଣବାସୀ ମହାପାତ୍ର, ପୌର ପରିଷଦର କନିଷ୍ଠ ଯନ୍ତ୍ରୀ ଜ୍ୟୋସ୍ନାମୟୀ ଜେନା, ଚିରଞ୍ଜିତ ବେହେରା, ଛତ୍ରପୁର ନଗର ସଭାପତି ବି ରାଜୁବାବୁ, ୧୦ ନମ୍ବର ୱାର୍ଡ କାଉନସିଲର ଦେବାଶିଷ ମିଶ୍ର, ଯୁବ ବିଜେଡି ଛତ୍ରପୁର ନିର୍ବାଚନମଣ୍ଡଳୀ ସଭାପତି ସନମୁଖ ପଟ୍ଟନାୟକ, ଅଟଳ ବିହାରୀ ପଟ୍ଟନାୟକ, ପୂର୍ବତନ ଉପାଧ୍ୟକ୍ଷ ପ୍ରଦୋଷ କୁମାର ବେହେରାଙ୍କ ସମେତ ୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବହୁ ସଦସ୍ୟା ଉପସ୍ଥିତ ଥିଲେ ।

## ସାଇବର୍ ସୁରକ୍ଷା କର୍ମଶାଳା



**ସାନଖେମୁଣ୍ଡି, ୧୫ ।୩ (ସମିସ):** ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ପାଟପୁର ଠାକୁରାଣୀ ମନ୍ଦିର ପରିସରରେ ରିତାରାଣୀ ପାଣିଗ୍ରାହି ସମବାୟ ଶିକ୍ଷାଦାତ୍ରୀ ସାନଖେମୁଣ୍ଡି ଏନସିୟୁଆଇ ମହିଳା ପ୍ରକଳ୍ପ ଆସ୍କା ଏବଂ ଇଫୋକର ମିଳିତ ଉଦ୍ୟମରେ ଏକ କାର୍ମଶାଳା ପ୍ରଯୁକ୍ତି ବିଜ୍ଞାନ ସାଇବର ସୁରକ୍ଷା ଏବଂ ଇଫୋକୋ ସାର ପ୍ରୟୋଗ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେଇଥିଲା । ଅତିଥି ରୁପେ ପାଟପୁର ଜୋନ ନିର୍ଦ୍ଦେଶକ ଗଙ୍ଗାଧର ପାତ୍ର, ନାର୍ସୁ ପ୍ରଧାନ ଯୋଗ ଦେଇ ଉପସ୍ଥିତ ସଭ୍ୟ ସଭ୍ୟାଙ୍କୁ ପ୍ରଯୁକ୍ତି ବିଜ୍ଞାନ ଓ ଓ ସାଇବର ସୁରକ୍ଷା ଏବଂ ଇଫାକୋ ସାର୍ ବ୍ୟାବାହର ଉପରେ ବୁଝାଇଥିଲେ । ସମ୍ମାନିତ ଅତିଥି ରୁପେ ପାଟପୁର ଆସିକା ସମବାୟ ବ୍ୟାଙ୍କର ପରିଚାଳକ କୃଷ୍ଣଚନ୍ଦ୍ର ମିଶ୍ର ଏବଂ ଇଫକୋ କ୍ଷେତ୍ର ଅଧିକାରୀ ସୌଭାଗ୍ୟ ପ୍ରଧାନ ଯୋଗଦେଇ ସାଇବର ସୁରକ୍ଷା ଏବଂ ଇଫାକୋ ସାର୍ ବ୍ୟାବାହର ଉପରେ ବୁଝାଇଥିଲେ । ଏଥିରେ ବହୁ ସମବାୟ ସମିତିର ସଭାପତି, ନିର୍ଦ୍ଦେଶକ, ସମ୍ପାଦକ ଓ ଜେଏଲଏସଏଣ୍ଡ ଏସଏଚଜି ନେତୃବୃନ୍ଦ ଉପସ୍ଥିତ ଥିଲେ । ଡି ସନାତନ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୁର୍ଘଟଣାରେ ୩ ଗୁରୁତର

**ବୁଗୁଡା, ୧୫ ।୩ (ସମିସ):** ବୁଗୁଡା ଥାନା ଅନ୍ତର୍ଗତ ବିରଞ୍ଚିପୁର ଗାଁ ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୪ ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି । ଦୁର୍ଘଟଣାରେ ପୋଲସରା ଥାନା ଅନ୍ତର୍ଗତ ଲୁଣିଆପଡ଼ା ଗ୍ରାମର ଧର୍ମେନ୍ଦ୍ର ବିଷୋୟୀ, ସୁଜିତ ନାୟକ ଓ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ କମସରଗଡ଼ ଗାଁର ନାରାୟଣ ସାହୁ ଗୁରୁତର ହୋଇଥିବାବେଳେ କାହ୍ନୁ ଚରଣ ସାହୁ ସାମାନ୍ୟ ଆହତ ହୋଇଥିଲେ । ସୂଚନାଯୋଗ୍ୟ ଦୁଇ ଭାଇ ନାରାୟଣ ଓ କାହ୍ନୁ ବାଇକ୍ ଯୋଗେ ତାଙ୍କର ଗାଁ କମସରଗଡ଼କୁ ଯାଉଥିବା ବେଳେ ଧର୍ମେନ୍ଦ୍ର ଓ ସୁଜିତ ଏକ ବାଇକରେ ନିଜ ଗାଁ ଲୁଣିଆପଡ଼ାକୁ ଫେରୁଥିଲେ । ବରଡିପଲ୍ଲୀ ଓ ବିରଞ୍ଚିପୁର ଗାଁ ରାସ୍ତା ମଝିରେ ଉଭୟ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ସମସ୍ତ ବାଇକ୍ ଆରୋହୀ ଗୁରୁତର ଅବସ୍ଥାରେ ଦୁର୍ଘଟଣାସ୍ଥଳରେ ପଡ଼ି ରହିଥିଲେ । ଦମକଳବାହିନୀ ସେମାନଙ୍କୁ ଉଦ୍ଧାର କରି ବୁଗୁଡା ମେଡିକାଲ ଭର୍ତ୍ତି କରିଥିଲେ । ତେବେ ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ତିନି ଜଣଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା ବେଳେ ପୋଲିସ ଘଟଣାର ତଦନ୍ତ କରୁଛି ।

■ ଓକିଲ ସଂଘର ନିର୍ବାଚନ

# ବଳରାମ ସଭାପତି; କବିରାଜ ସମ୍ପାଦକ



**ପୋଲସରା, ୧୫ ।୩ (ସମିସ):** ପୋଲସରା କୋର୍ଟ ପରିସରରେ ଥିବା ପୋଲସରା ବାର୍ ଆସୋସିଏସନ୍‌ରେ ପୋଲସରା ଓକିଲ ସଂଘର ବାର୍ଷିକ ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଂଘର ଶୃଙ୍ଖଳାକୁ ଗୁରୁତ୍ୱ ପ୍ରଦାନ ପୂର୍ବକ ନିର୍ବାଚନ ନକରି ମନୋନୟନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ସର୍ବସମ୍ମତି କ୍ରମେ ବଳରାମ ପ୍ରଧାନଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିବାବେଳେ ସମ୍ପାଦକ ଭାବେ କବିରାଜ ଦାସ, ଉପସଭାପତି ଭାବେ ହର ପ୍ରସାଦ ଦାସ, ସହ ସମ୍ପାଦକ ଭାବେ ଦେବାଶିଷ ପାତ୍ର ଓ କୋଷାଧ୍ୟକ୍ଷ ଭାବେ ବିଜୟ କୁମାର ଶାସମଲ ପ୍ରମୁଖଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ଆଇନଜୀବୀ ଶରତ ଚନ୍ଦ୍ର ପଟ୍ଟନାୟକ ନିର୍ବାଚନ ଅଧିକାରୀ ଭାବେ ପରିଚାଳନା କରିଥିଲେ ।

ବୈଠକରେ ସରକାରୀ ଓକିଲ ରତ୍ନାକର ମହାନ୍ତି, ଉପଦେଷ୍ଟା ମଣ୍ଡଳୀରେ ବରିଷ୍ଠ ଆଇନଜୀବୀ ସୁଶାନ୍ତ କୁମାର ସାହୁ, ଅଗସ୍ତି ବରାଡ, ଶରତ ଚନ୍ଦ୍ର ପ୍ରଧାନ, ସୀମାଞ୍ଚଳ ହୋତା, ସଚ୍ଚିଦାନନ୍ଦ ପାଣିଗ୍ରାହୀ, ପ୍ରଶାନ୍ତ କୁମାର ଆଚାରୀ, ସୀତାକାନ୍ତ ମିଶ୍ର, ସୁଧାଂଶୁ ଶେଖର ପ୍ରଧାନ, ରଜନୀକାନ୍ତ ପ୍ରଧାନ, ଅନିଲ କୁମାର ମହାକୁଡ଼, ଜମିରଅଲ୍ଲୀ ଖାନ୍, ପ୍ରହ୍ଲାଦ ବିଷୋୟୀ, ବ୍ରଜେନ୍ଦ୍ର ସାହୁ, ରବୀନ୍ଦ୍ର ପାତ୍ର, କପିଳ ପୋଲାଇ, ଅକ୍ଷୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ଆଗାମୀ ଦିନରେ ପୋଲସରା ଅଞ୍ଚଳରେ ଉନ୍ନତମାନର ଆଇନ ସେବା ପ୍ରଦାନ କରାଯିବା ସହ ଅତିରିକ୍ତ ଜିଲ୍ଲା କୋର୍ଟ ଏବଂ ବାର୍ ଆସୋସିଏସନର ମୌଳିକ ସୁବିଧା ହାସଲ ନିମନ୍ତେ ସହଯୋଗ କରିବା ପାଇଁ ନବନିର୍ବାଚିତ ସଭାପତି ବଳରାମ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ । ବାର୍ ଆସୋସିଏସନ୍‌ର ନବନିର୍ବାଚିତ ସମସ୍ତ କର୍ମକର୍ତ୍ତାମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିଲା । ପୋଲସରା ମିଡିଆ ହାଉସ ପକ୍ଷରୁ ବାର୍ ଆସୋସିଏସନ୍‌ର ନବନିର୍ବାଚିତ ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା ।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ଜଗନ୍ନାଥପ୍ରସାଦ, ୧୫ ।୩(ସମିସ):**



ଜଗନ୍ନାଥପ୍ରସାଦ ବ୍ଲକ ପ୍ରଶାସନ ଦ୍ୱାରା 'ଆମ ଓଡ଼ିଶା ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଯଥାକ୍ରମେ ଜଗନ୍ନାଥ ପ୍ରସାଦ ଓ ଜିରାବାଡ଼ି ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି । ଜିରାବାଡ଼ିରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଅଶ୍ୱିନୀ କୁମାର ମହାପାତ୍ର ସଭାପତିତ୍ୱ କରିଥିବାବେଳେ ଜିରାବାଡ଼ି ସରପଞ୍ଚ ସରୋଜ କୁମାର ନାୟକ ସଂଯୋଜନା କରିଥିଲେ । ଏଥିରେ ଅର୍ଥମନ୍ତ୍ରୀ ତଥା ବିଧାୟକ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଜୟଶ୍ରୀ ସାହୁ, ଉପାଧ୍ୟକ୍ଷ ରଞ୍ଜିତ ପାତ୍ର, ସାଂସଦଙ୍କ ପ୍ରତିନିଧି ବିପ୍ର ଚରଣ ବାରିକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମହାପାତ୍ର, ସରପଞ୍ଚ ସରୋଜ କୁମାର ନାୟକ, ସମିତି ମେମ୍ବର କିଶୋର ଚନ୍ଦ୍ର ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ବେହେରା, ପୂର୍ବତନ ସରପଞ୍ଚ ସାବିତ୍ରୀ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଦ୍ୱାରା ଲୋକେ କିଭଳି ସୁବିଧା ପାଇ ପାରୁଛନ୍ତି ସେ ବିଷୟରେ ଲୋକଙ୍କୁ ସଚେତନ କରିଥିଲେ । ଜିରାବାଡ଼ିରେ ଆୟୋଜିତ କାର୍ଯ୍ୟକ୍ରମରେ ବୁଡୁରୁଙ୍ଗୁ ପଞ୍ଚାୟତର ୧୨୭ 'ବିଏସ୍‌କେୱାଇ ନବୀନ କାର୍ଡ' ଓ ୭୯ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା । ଏହା ସହ ୨୨ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ବିନା ସୁଧରେ ୭୦ ଲକ୍ଷ ଟଙ୍କା ଋଣ ମଞ୍ଜୁରୀ, ୧୭୧ ଗର୍ଭବତୀ ମହିଳାଙ୍କୁ ମମତା ସହାୟତା ପ୍ରଦାନ କରାଯାଇଥିଲା । ସମାଜସେବୀ ଶୂଳପାଣି ଶତପଥୀ ମଞ୍ଚ ପରିଚାଳନା କରିଥିବାବେଳେ ବିଡିଓ ଅଶ୍ୱିନୀ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସଞ୍ଜୟ ପ୍ରଧାନ, ଅନାଦି ବେହେରା, ଉପେନ୍ଦ୍ର ବେହେରା, ହରିକୃଷ୍ଣ ବିଷୋୟୀ, ସନ୍ତୋଷ କୁମାର ଦଳବେହେରା, ପ୍ରଫୁଲ୍ଲ ଡାକୁଆ, ସନ୍ୟାସୀ ପ୍ରଧାନ, ଗନ୍ଧର୍ବ ପ୍ରଧାନ, ଦିଲ୍ଲୀପ ପାଣିଗ୍ରାହୀ, ସନ୍ତୋଷ କୁମାର ପ୍ରଧାନ, କୃତିବାସ ସେନାପତି, ହାଡୁବନ୍ଧୁ ଦାସ, ମୁଳିଆ ସେଠୀ, ଅକ୍ଷୟ କୁମାର ଦଳବେହେରା, ମିଲୁ ସାଥୁଆ, ନାଏବ ସରପଞ୍ଚ ସସ୍ମିତା ପ୍ରଧାନ, ଆଦିକନ୍ଦ ପ୍ରଧାନ, ହାଡୁବନ୍ଧୁ ମୂଳି, ବିପ୍ରଚରଣ ପ୍ରଧାନ, ତ୍ରିନାଥ ରାଏଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ଅଞ୍ଚଳର ସମାଜସେବୀ ରାଜନେତା ଓ ବହୁ ବୁଦ୍ଧିଜୀବୀ ସହଯୋଗ କରିଥିଲେ ।

## ଦୁଇ ସହକାରୀ ବନ ସଂରକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଭଞ୍ଜନଗର, ୧୫ ।୩(ସମିସ):** ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି ଓ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ବନ ବିଭାଗ ବିଶ୍ରାମ ଗୃହରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉତ୍ତର ଘୁମୁସର ବନଖଣ୍ଡରେ କାର୍ଯ୍ୟରତ ଦୁଇ ବନ ସଂରକ୍ଷକ ସୁବ୍ରତ ପାତ୍ରଙ୍କୁ କରଞ୍ଜିଆ ଡିଭିଜନ ଓ ବିକ୍ରମଦେବ ପଟ୍ଟନାୟକଙ୍କୁ ବରଗଡ଼ ଡିଭିଜନ୍‌କୁ ବନଖଣ୍ଡ ଅଧିକାରୀ ଭାବେ ପଦୋନ୍ନତି ଅବସରରେ ଆୟୋଜନ କରାଯାଇଥିଲା । ଅନ୍ୟ ବନ କର୍ମଚାରୀମାନେ ମଧ୍ୟ ଉଭୟ ଅଧିକାରୀଙ୍କ କାର୍ଯ୍ୟକୁ ବେଶ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା, ମୁଜାଗଡ଼ ବନାଞ୍ଚଳ ଅଧିକାରୀ ବିମ୍ବାଧର ସାହୁ, ଜଗନ୍ନାଥ ପ୍ରସାଦ ବନାଞ୍ଚଳ ଅଧିକାରୀ ସୁଜାତାରାଣୀ ପଣ୍ଡା, ଗାଲେରୀ ବନାଞ୍ଚଳ ଅଧିକାରୀ ଆଶାଲତା ଦିଗାଲଙ୍କ ସମେତ ସମସ୍ତ ବନ କର୍ମଚାରୀ ଉପସ୍ଥିତ ଥିଲେ ।

## ଆମ ପୁଲିସ ସମିତିର ସଚେତନତା



**ଛତ୍ରପୁର, ୧୫ ।୩(ସମିସ):** ଚମାଖଣ୍ଡି ଥାନା ଅନ୍ତର୍ଗତ ନାରାୟଣପୁର ଗାଁରେ 'ଆମ ପୁଲିସ ସମିତି'ର ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପ୍ରବେଶନାରୀ ଆଇପିଏସ୍ ଅଧିକାରୀ ଏବି ଶିଲ୍ପା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜନସାଧାରଣ ଆଇନକୁ ହାତକୁ ନନେବା, ସାଇବର ଅପରାଧୀମାନଙ୍କ ପ୍ରତି ସତର୍କ ରହିବା, ବାଲ୍ୟ ବିବାହକୁ ପ୍ରୋତ୍ସାହନ ନଦେବା, ବୃଦ୍ଧ ବାପା-ମାଆଙ୍କ ପ୍ରତି ଅବହେଳା ନ କରିବା ପ୍ରଭୃତି ବିଷୟ ପ୍ରତି ସଜାଗ ରହିବା ପାଇଁ ପରାମର୍ଶ ଦେଇଥିଲେ । ଚମାଖଣ୍ଡି ଥାନା ଅଧିକାରୀ ଦୀପିକା ରାୟ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ଛତ୍ରପୁର ଏସଡିଜେଏମ କୋର୍ଟର କ୍ୟାଡର ଏପିପି ରାଜେଶ କୁମାର ମିଶ୍ର ଆଇନର ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାମରାଜୁ ମହାରଣା ବରିଷ୍ଠ ନାଗରିକ ମଞ୍ଚର ସଭ୍ୟମାନଙ୍କ ପାଇଁ ପୁଲିସ ତରଫରୁ ପରିଚୟପତ୍ର ପ୍ରଦାନ ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟାଙ୍ଗଣାପଲ୍ଲୀ ସରପଞ୍ଚ ବି.ସୁଦାମ, ଅବସରପ୍ରାପ୍ତ ଶିକ୍ଷକ କୋରା ମହାରଣା, ବରିଷ୍ଠ ନାଗରିକ ମଞ୍ଚର ସଭାପତି ନରହରି ପ୍ରଧାନ ଉଦ୍‌ବୋଧନ ଦେଇଥିଲେ । ଜଗନ୍ନାଥପୁର ଛକ ଫାଣ୍ଡି ଅଧିକାରୀ ଅରୁଣ କୁମାର ରାଉତ ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଗ୍ରାମ ସଭାପତି ଅମରେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ରକ୍ତ ଭଣ୍ଡାରରେ 'ରକ୍ତ-ସଙ୍କଟ', ଆଗକୁ ସ୍ଥିତି ଅସମ୍ଭାଳ!

# ଏମ୍‌କେସିଜିରେ ନିୟମିତ ଆବଶ୍ୟକତା ମେଣ୍ଟାଇବା କଷ୍ଟକର

ବ୍ରହ୍ମପୁର, ୧୫ ।୩(ସମିସ)

- 'ଦଣ୍ଡନାଚ' ସହିତ 'ନିର୍ବାଚନ' ନେଇ ରକ୍ତଦାନ ଶିବିର ଆୟୋଜନରେ ରହିଛି ସମସ୍ୟା
- ମାର୍ଚ୍ଚରୁ ମେ' ବ୍ଲଡ୍ କ୍ୟାମ୍ପ୍ ସଂଖ୍ୟା ହ୍ରାସ ଯୋଗୁଁ ବଢୁଛି ଚିନ୍ତା
- ସ୍ୱେଚ୍ଛାକୃତ ରକ୍ତଦାତା ଓ ସଂଗଠନଙ୍କୁ ସହଯୋଗ ପାଇଁ ଆହ୍ୱାନ



ଖରାଦିନ ଆସିଲେ ସାଧାରଣତଃ ରକ୍ତଦାନ ଶିବିର ଆୟୋଜନ କରିବାରେ ସମସ୍ୟା ଦେଖାଦିଏ। ଫଳରେ ଏଭଳି କ୍ୟାମ୍ପର ସଂଖ୍ୟା ହ୍ରାସ ସହିତ ରକ୍ତ ଭଣ୍ଡାରରେ ରକ୍ତର ସଙ୍କଟ ସୃଷ୍ଟି ହୋଇଥାଏ। ମୁଖ୍ୟତଃ ମାର୍ଚ୍ଚ ମାସରୁ ଆରମ୍ଭ କରି ମେ' ମାସର ମଧ୍ୟଭାଗ ପର୍ଯ୍ୟନ୍ତ ପ୍ରାୟ ଦେଢ ମାସ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିଥାଏ। ଚଳିତ ବର୍ଷ କିନ୍ତୁ ସ୍ଥିତି ଉଦ୍‌ବେଗଜନକ। ଖରାଦିନ ଆରମ୍ଭରୁ ରକ୍ତ ଭଣ୍ଡାରରେ ରକ୍ତର ଘୋର ଅଭାବ ଦେଖାଦେଇଛି। ଯାହାକୁ ନେଇ ଚିନ୍ତାରେ ପଡ଼ି ଯାଇଛନ୍ତି ଏମକେସିଜି ମେଡିକାଲ ପରିସରରେ ଥିବା ଓଡ଼ିଶା ରକ୍ତ କେନ୍ଦ୍ରର କର୍ତ୍ତୃପକ୍ଷ। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଭକ୍ତ ଭଣ୍ଡାରରେ ବିଭିନ୍ନ ବର୍ଗ ବା ଗ୍ରୁପର ମୋଟ ୫୦ରୁ୬୦ ୟୁନିଟ ରକ୍ତ ଗଚ୍ଛିତ ଥିବା ଜଣାପଡ଼ିଛି। ସେଥିମଧ୍ୟରୁ 'ଓ' ପଜିଟିଭ ୫ଟି, 'ଓ' ନେଗେଟିଭ ୪ଟି, 'ଏ' ପଜିଟିଭ ସର୍ବାଧିକ ୨୫ଟି, 'ଏ' ନେଗେଟିଭ ୩ଟି, 'ବି' ପଜିଟିଭ ୧୦ଟି, 'ବି' ନେଗେଟିଭ ୮ଟି, 'ଏବି' ପଜିଟିଭ ମାତ୍ର ୨ଟି ଗଚ୍ଛିତ ଥିବା ବେଳେ 'ଏବି' ନେଗେଟିଭ ଆଦୌ ନଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ଏମକେସିଜି ମେଡିକାଲରେ ନିୟମିତ ଭାବେ ସିକିଲସେଲ ଓ ଥାଲାସେମିଆର ୨୫ରୁ୩୦ଜଣ ରୋଗୀଙ୍କୁ ଓ ପ୍ରସୂତି ଓ ଦୁର୍ଘଟଣା ଜନିତ ମାମଲାରେ ଜରୁରୀକାଳିନ ସ୍ଥିତି ପାଇଁ ଅଧିକ ୨୦ରୁ୨୫ଟି ୟୁନିଟ ରକ୍ତର ଆବଶ୍ୟକତା ପଡ଼ିଥାଏ। ସେହିଭଳି ବିଭିନ୍ନ ସମୟରେ ରକ୍ତଦାନ ଶିବିରର ଆୟୋଜନ କରି ରକ୍ତ ସଂଗ୍ରହ କରୁଥିବା ବିଭିନ୍ନ ସଙ୍ଗଠନ ପକ୍ଷରୁ ମଧ୍ୟ ରକ୍ତର ଆବଶ୍ୟକତା ପଡୁଥିବାରୁ ତାକୁ ମଧ୍ୟ ରକ୍ତ ଭଣ୍ଡାର ଯୋଗାଇଥାଏ। ଏହି ସୂଚୀକୁ ଦେଖିଲେ ନିୟମିତ ତଥା ଜରୁରୀକାଳିନ ଆବଶ୍ୟକତାକୁ ମଧ୍ୟ ମେଣ୍ଟାଇବା ରକ୍ତ ଭଣ୍ଡାର ପାଇଁ ବର୍ତ୍ତମାନ ପରିସ୍ଥିତିରେ ଜଟିଳ ହୋଇପଡ଼ିଛି। ଖରାଦିନରେ ସାଧାରଣତଃ ରକ୍ତ ଦେବାକୁ ସ୍ୱେଚ୍ଛାକୃତ ରକ୍ତଦାତା ମାନେ ପଛଘୁଞ୍ଚା ଦେଇଥାନ୍ତି। ସେହିଭଳି ଆଗକୁ ସାଧାରଣ ନିର୍ବାଚନ ଓ ଗଞ୍ଜାମର ଗଣପର୍ବ ଦଣ୍ଡନାଚ ଥିବା ବେଳେ ଏହି ସ୍ଥିତି ଆଗକୁ ଆହୁରି ଅସମ୍ଭାଳ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଜୀବନ ବିନ୍ଦୁ ଭଳି ମେଗା ରକ୍ତଦାନ ଶିବିରର ଆୟୋଜନ ହେଉ ଅଥବା ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ସ୍ୱେଚ୍ଛାକୃତ ରକ୍ତଦାନ ହେଉ ରକ୍ତଭଣ୍ଡାରକୁ ବହୁଳ ଭାବେ ରକ୍ତ ୟୁନିଟ ଆସିଥାଏ। ଯାହା ରୋଗୀଙ୍କ ସହିତ ରକ୍ତ ଭଣ୍ଡାରର ଦୈନନ୍ଦିନ ଆବଶ୍ୟକତାକୁ ମେଣ୍ଟାଇଥାଏ। ତେବେ ଆଗକୁ ଖରାଛୁଟି ଓ ନିର୍ବାଚନ ପାଇଁ ଶିକ୍ଷାନୁଷ୍ଠାନ ଗୁଡିକ ବନ୍ଦ ହେବା ମଧ୍ୟ ରକ୍ତ ସଂଗ୍ରହ ପାଇଁ ଆଉ ଏକ ସମସ୍ୟା ସୃଷ୍ଟି କରିବ। ଏସବୁକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ୱେଚ୍ଛାକୃତ ରକ୍ତଦାତା ଓ ସଙ୍ଗଠନ ଆଗକୁ ଆସି ରକ୍ତଦାନ କରିବାକୁ ବର୍ତ୍ତମାନ ସମୟରେ ଏକ ବଡ ଆହ୍ୱାନ ସୃଷ୍ଟି ହୋଇଛି।

- ଗ୍ରାହକଙ୍କ ସିକ୍ୟୁରିଟି ଟଙ୍କା ଫେରାଇବାରେ ବିଳମ୍ବ

## କ୍ଷତିପୂରଣ ଦେବାକୁ ବିଏସ୍‌ଏନ୍‌ଏଲ୍‌କୁ ନିର୍ଦ୍ଦେଶ

**ବ୍ରହ୍ମପୁର, ୧୫ ।୩(ସମିସ):** ଜଣେ ଗ୍ରାହକଙ୍କୁ ୩ବର୍ଷ ୧୦ମାସ ପରେ ସିକ୍ୟୁରିଟି ଟଙ୍କା ଫେରାଇବା ବିଏସଏନଏଲ କର୍ତ୍ତୃପକ୍ଷଙ୍କ ପାଇଁ ମହଙ୍ଗା ପଡ଼ିଛି। ଗଞ୍ଜାମ ଜିଲ୍ଲା ଖାଉଟି ଅଦାଲତ ଏହି ମାମଲାର ବିଚାରଣା କରି ସଂପୃକ୍ତ ଗ୍ରାହକଙ୍କୁ କ୍ଷତିପୂରଣ ଦେବାକୁ ବିଏସଏନଏଲକୁ ନିର୍ଦ୍ଦେଶ ଦେଇଛନ୍ତି। କେବଳ କ୍ଷତିପୂରଣ ନୁହଁ ମାମଲା ପରିଚାଳନା ବାବଦ ଖର୍ଚ୍ଚ ଓ ସିକ୍ୟୁରିଟି ଟଙ୍କାର ସୁଧ ପ୍ରଦାନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଶିବପ୍ରସାଦ ଷଡଙ୍ଗୀ ନାମକ ଜଣେ ଯୁବକ ୨୦୧୬ ମସିହାରେ ବିଏସଏନଏଲ ଠାରୁ ଏକ ଟେଲିଫୋନ ଓ ବ୍ରଡବ୍ୟାଣ୍ଡ କନେକ୍ସନ ନେଇଥିଲେ। ଏଥିପାଇଁ ବିଏସଏନଏଲ ପକ୍ଷରୁ ସିକ୍ୟୁରିଟି ବାବଦକୁ ୩୩୨ ଟଙ୍କା ନିଆଯାଇଥିଲା। ତେବେ କିଛି ମାସ ବ୍ୟବହାର କରିବା ପରେ ଶିବପ୍ରସାଦ ୨୦୧୭ ମସିହା ଅଗଷ୍ଟ ୨୩ତାରିଖରେ ସେହି ବ୍ରଡବ୍ୟାଣ୍ଡ ମେସିନ ସହ ଆନ୍ୟାନ୍ୟ ସାମଗ୍ରୀ ବିଏସଏନଏଲ ନିକଟରେ ଜମା କରି ଦେଇଥିଲେ। ନିୟମ ପ୍ରକାରେ ମେସିନ ଫେରାଇବା ପରେ ବିଏସଏନଏଲ ପକ୍ଷରୁ ସିକ୍ୟୁରିଟି ବାବଦ ଜମା ଟଙ୍କା ଶିବପ୍ରସାଦଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଫେରାଯିବା କଥା। କିନ୍ତୁ ସିକ୍ୟୁରିଟି ବାବଦ ଟଙ୍କା ଶିବପ୍ରସାଦଙ୍କୁ ଫେରାଇବା ପାଇଁ ବିଏସଏନଏଲକୁ ୩ବର୍ଷ ୧୦ମାସ ୨୨ଦିନ ଲାଗିଥିଲା। ଜମାରାଶି ଫେରାଇବାରେ ବିଳମ୍ବ କରିଥିବାରୁ ଆବେଦନକାରୀ ଶିବପ୍ରସାଦ ଗଞ୍ଜାମ ଜିଲ୍ଲା ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଏସଏନଏଲର ଏଭଳି ଅବହେଳା ବିଷୟକୁ ନେଇ ଖାଉଟି ଅଦାଲତରେ ମାମଲାର ବିଚାରଣା ଜାରି ରହିଥିଲା। ଖାଉଟି ଅଦାଲତ ଉଭୟ ପକ୍ଷକୁ ଶୁଣିବା ପରେ ନିଜ ରାୟ ପ୍ରକାଶ କରିଥିଲେ। ଆବେଦନକାରୀ ଶିବପ୍ରସାଦଙ୍କୁ କ୍ଷତିପୂରଣ ବାବଦକୁ ୫୦୦୦ଟଙ୍କା, ମକଦ୍ଦମା ପରିଚାଳନା ବାବଦକୁ ୧୦୦୦ଟଙ୍କା ପ୍ରଦାନ କରିବାକୁ ଖାଉଟି ଅଦାଲତ ବିଏସଏନଏଲକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସିକ୍ୟୁରିଟି ବାବଦ ୩୩୨ ଟଙ୍କାର ୩ବର୍ଷ ୧୦ମାସ ଓ ୨୨ଦିନର ଶତକଡା ୧୦ପ୍ରତିଶତ ସୁଧ ହିସାବରେ ୧୨୯.୭୯ଟଙ୍କା ପ୍ରଦାନ କରିବାକୁ ଖାଉଟି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଆବେଦକାରୀ ନିଜେ ଏହି ମାମଲାକୁ ପରିଚାଳନା କରୁଥିଲେ।

# ମହାମାୟୀ ମନ୍ଦିରରୁ ଚୋରି



**ପାତ୍ରପୁର, ୧୫ ।୩(ସମିସ):** ଜରଡ଼ା ଥାନା ଅଧୀନରେ ଥିବା ବିଭିନ୍ନ ମନ୍ଦିର ମାନଙ୍କରେ କ୍ରମାଗତ ଚୋରି ହେଉଥିବା ଅଭିଯୋଗ ହେଉଥିବା ବେଳେ ଜିଲୁଣ୍ଡା ଭୈରବୀ ଛାଞ୍ଚଡ଼ାରେ ନିକଟରେ ପ୍ରତିଷ୍ଠା ହୋଇଥିବା ମହାମାୟୀ ମନ୍ଦିରରୁ ରୁପା କିରଟି, ପିତଳ ରୁଖା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଯାଇଛି। ଶୁକ୍ରବାର ସକାଳୁ ପୂଜା କରିବାକୁ ପୂଜାରୀ ଯାଇଥିବାବେଳେ ମନ୍ଦିର ଖୋଲା ଥିବାବେଳେ ରୁପା କିରଟି ଚୋରି ହୋଇଥିବା ଜଣାପଡ଼ିଥିଲା। ଏ ନେଇ ମନ୍ଦିର କମିଟି ସଭାପତି ନରସିଂହ ପ୍ରଧାନ ଜରଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ଆସି ତଦନ୍ତ କରି ଫେରିଛନ୍ତି। ଆଗାମୀ ଦିନରେ ଏଭଳି ଚୋରଙ୍କ ଦାଉରୁ ରକ୍ଷା ପାଇବା ପାଇଁ ମନ୍ଦିରରେ ସିସିଟିଭି ଲଗାଇବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

**ଡକାୟତି ଉଦ୍ୟମ ପଣ୍ଡ**

# ୩ ଗିରଫ, ମାରଣାସ୍ତ୍ର ଜବତ



**ଖଲ୍ଲିକୋଟ, ୧୫ ।୩(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ମାଣିକପୁର ରାସ୍ତାରେ କିଛି ଅପରାଧି ଗୁରୁବାର ରାତିରେ ଡକାୟତି ଯୋଜନା କରୁଥିବା ସୂଚନା ପାଇ ପୁଲିସ ଚଢ଼ଉ କରିଥିଲା। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଖଣ୍ଡା, ଛୁରୀ, ବୋମା ଉଦ୍ଧାର କରିଛି। ଖଲ୍ଲିକୋଟ ଆଇଆଇସି ନରେଶ କୁମାର ସାହୁଙ୍କ ସୂଚନା ଅନୁଯାୟୀ, ଗୁରୁବାର ରାତିରେ ପୁଲିସ ପାଟ୍ରୋଲିଂ ଗାଡି ବୁଲୁଥିବା ବେଳେ ମାଣିକପୁର ରାସ୍ତାରେ କିଛି ଅପରାଧି ରାତିରେ ଯାଉଥିବା ଗାଡି ଗୁଡିକରୁ ଡକାୟତି ଯୋଜନା କରୁଥିବା ସୂଚନା ପାଇଥିଲେ। ଖବର ପାଇ ଏସଆଇ ପିଙ୍କିନି ପଟ୍ଟନାୟକଙ୍କ ନେତୃତ୍ୱରେ ପୋଲିସ ଟିମ ଚଢ଼ଉ କରି ୩ ଜଣଙ୍କୁ ଧରିଥିବା ବେଳେ ଆଉ ୨ ଜଣ ଫେରାର ହୋଇଯାଇଥିଲେ। ୩ ଅଭିଯୁକ୍ତ ହେଲେ ମାଣିକପୁର ଗ୍ରାମର ନାଗେଶ୍ୱର ଦୁହୁଡି ଓରଫ ନାଗା, ରାହୁଲ ମଲ୍ଲିକ ଏବଂ ଲୋଚାପଡ଼ା ଗ୍ରାମର ଧିରେନ ଦାସ ଓରଫ ଧରମୀ। ପୁଲିସ ଏନେଇ କେସ ନମ୍ବର ୨୧୫/୨୦୨୪ ଅନୁଯାୟୀ ମାମଲା ରୁଜୁ କରିବା ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରିଛି।

# ବିଭିନ୍ନ ୱାର୍ଡର ଉନ୍ନୟନ କାର୍ଯ୍ୟର ଉଦ୍‌ଘାଟନ କଲେ ବିଧାୟକ ଓ ମେୟର




**ବ୍ରହ୍ମପୁର, ୧୫ ।୩(ସମିସ):** ବ୍ରହ୍ମପୁର ମହାନଗର ନିଗମ ଅଧିନସ୍ଥ ବିଭିନ୍ନ ୱାର୍ଡର ଉନ୍ନୟନ କାର୍ଯ୍ୟର ଉଦଘାଟନ ହୋଇଯାଇଛି। ୱାର୍ଡ ନମ୍ବର ୨୯ରେ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡ୍ଡୀ, ସ୍ଥାନୀୟ କରର୍ପୋରେଟର ତଥା ରାଜ୍ୟ ଆଇନଜୀବି ପରିଷଦର ସଭ୍ୟ ସଞ୍ଜିତ ପାଣିଗ୍ରାହୀ, ପ୍ରମୋଦ ପଣ୍ଡା, ବିଜେଡି ଉପସଭାପତି ଭୀମସେନ ଦଳେଇ, ରଜନୀ ବକ୍ସି, ପ୍ରମୋଦ ମହାରଣା ପ୍ରମୁଖ ଯୋଗ ଦେଇ ଗୋପବନ୍ଧୁ ନଗରରେ ଏକ ସିରିଡି ସାଇ ବାବା ମନ୍ଦିର ଉଦଘାଟନ କରିଥିଲେ। ଏହା ସହ ସ୍ଥାନୀୟ ୱାର୍ଡ ଅଫିସ, ଏଲିଡି ହାଇମାକ୍ସ ଲାଇଟ ଓ ପିଚୁ ରାସ୍ତା ଗଣେଷ ମନ୍ଦିର ନିକଟରେ ଥିବା ରାସ୍ତା, ଏଲିଡି ହାଇମାକ୍ସ ଲାଇଟର ମଧ୍ୟ ଶୁଭ ଉଦଘାଟନ କରାଯାଇଥିଲା। ସେହିପରି ୨୧, ୪୨, ୫, ୪, ୩ ନଂ ୱାର୍ଡ଼ରେ ମଧ ବିଭିନ୍ନ ସ୍ଥାନରେ ଏଲଇଡ଼ି ଲାଇଟ ଓ ପାର୍କ ଉଦଘାଟିତ ହୋଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ଓ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

# ଅଜଣା କାର୍ ଧକ୍କାରେ ଝିଅ ମୃତ; ବାପା ଓ ପୁଅ ଗୁରୁତର



**ଖଲ୍ଲିକୋଟ ,୧୫।୩ (ସମିସ):** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ରେ ଆଜି ରାତିରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଗ୍ରାମ ରେ ହେଉଥିବା ଏକ ବିବାହ ଭୋଜି ଖାଇବାକୁ ବାପା, ପୁଅ, ଝିଅ ଜାତୀୟ ରାଜପଥ ପାର ହେଉଥିବା ବେଳେ ଏକ ଅଜଣା କାର ଧକ୍କା ଦେବାରୁ ଝିଅର ମୃତ୍ୟୁ ଘଟିଥିବା ବେଳେ ବାପା ପୁଅ ଗୁରୁତର ଆହତ ହୋଇ ଚିକିତ୍ସା ପାଇଁ ବ୍ରହ୍ମପୁର ଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଗଣ୍ଡାପଲ୍ଲୀ ଗ୍ରାମ ରେ ଆଜି ରାତିରେ ଏକ ବିବାହ ଭୋଜି ଅନୁଷ୍ଠିତ ହେଉଥିଲା। ଗ୍ରାମର ଲିଙ୍ଗରାଜ ପାତ୍ର (୪୦) ନିଜର ୮ ବର୍ଷୀୟ ପୁଅ ରାଜେନ୍ଦ୍ର ପାତ୍ର ଓ ୫ ବର୍ଷୀୟ ଝିଅ ଉଷା ରାଣୀ ପାତ୍ର କୁ ସାଙ୍ଗ ରେ ଧରି ଜାତୀୟ ରାଜପଥ ଅପର ପାର୍ଶ୍ୱରେ ହେଉଥିବା ଭୋଜି ଖାଇବାକୁ ବାହାରି ଥିଲେ। ରାତି ପ୍ରାୟ ୯ ଟାରେ ଚାଲି ଚାଲି ଜାତୀୟ ରାଜପଥ ପାର ହେଉଥିବା ବେଳେ ଭୁବନେଶ୍ୱରରୁ ବ୍ରହ୍ମପୁର ଆଡକୁ ଯାଉଥିବା ଏକ କାର ତିନି ଜଣ କୁ ଧକ୍କା ଦେଇ ଚାଲି ଯାଇଥିଲା। ଗୁରୁତର ଆହତ ଅବସ୍ଥାରେ ତିନି ଜଣ ରାସ୍ତା ଉପରେ ପଡି ଛଟପଟ ହେଉଥିବା ଖବର ପାଇ ରମ୍ଭା ପୁଲିସ ପହଞ୍ଚି ତୁରନ୍ତ ପୁଅ- ଝିଅ ଙ୍କୁ ଚିକିତ୍ସା ପାଇଁ ରମ୍ଭା ମେଡିକାଲକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ଝିଅ ଉଷାରାଣୀଙ୍କୁ ମୃତ ଘୋଷଣା କରିଥିଲେ। ହାଇୱେ ପାଟ୍ରୋଲିଂ ଏସ୍ଆଇ ସୀମାଞ୍ଚଳ ସାହୁ ବାପା ଲିଙ୍ଗରାଜ ପାତ୍ରଙ୍କୁ ଚିକିତ୍ସା ପାଇଁ ରମ୍ଭା ମେଡିକାଲକୁ ନେଇଥିଲେ। ତେବେ ବାପା ପୁଅଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହା ସହିତ ଝିଅ ଉଷା ରାଣୀଙ୍କ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ପଠାଇ ଦିଆଯାଇଛି ବୋଲି ସୂଚନା ମିଳିଛି। ଦୁର୍ଘଟଣା ପରେ ଦୁଇଟି ବାଇକ୍ କାରକୁ ଧରିବା ପାଇଁ ପିଛା କରିଥିଲେ ମଧ୍ୟ ଦ୍ରୁତ ଗତି ରେ ଯାଉଥିବା କାରକୁ ଧରିବାରେ ବିଫଳ ହୋଇଥିଲେ।

# କଳା ବ୍ୟାଜ୍ ପିନ୍ଧି ସାମ୍ବାଦିକଙ୍କ ପ୍ରତିବାଦ



**ଫିରିଙ୍ଗିଆ, ୧୫।୩ (ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ପ୍ରେସ୍ କ୍ଲବ ତରଫରୁ ବ୍ଲକରେ କାର୍ଯ୍ୟରତ ସାମ୍ବାଦିକ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ପୂରଣ ପାଇଁ କଳାବ୍ୟାଜ୍ ପରିଧାନ କରିଥିଲେ। ପ୍ରେସ କ୍ଲବ ସଭାପତି ଉତ୍ତମ ଖମାରିଙ୍କ ନେତୃତ୍ୱରେ ପ୍ରତିବାଦ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ମହାଦେବ ସାହୁ ଓ ଶରତ ମିଶ୍ରଙ୍କ ସହ ସମ୍ପାଦକ ସୁଶାନ୍ତ ଦିଗାଲ, ଉପସଭାପତି ଭ୍ରମର ନାୟକ, କୋଷାଧକ୍ଷ ସୁବ୍ରତ କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ଗୋଲକ ବିହାରୀ କହଁର, ସାଙ୍ଗଠନିକ ସମ୍ପାଦକ ହୃରଞ୍ଜନ ସେଠୀ, ମନୋଜ କୁମାର ସାହୁ, ସଞ୍ଜୟ କୁମାର ସାହୁଙ୍କ ସହ ଅନ୍ୟମାନେ ଏଥିରେ ସାମିଲ ହୋଇଥିଲେ।

# ଜି.ଉଦୟଗିରି ପ୍ରେସ୍ କ୍ଲବ୍ ସଦସ୍ୟଙ୍କ କଳା ବ୍ୟାଜ୍ ପରିଧାନ



**ଜି.ଉଦୟଗିରି, ୧୫।୩(ସମିସ):** ବିଭିନ୍ନ ଦାବି ପୂରଣ ପାଇଁ ଜି.ଉଦୟଗିରି 'ପ୍ରେସ କ୍ଲବ' ସଦସ୍ୟ କଳାବ୍ୟାଜ୍ ପରିଧାନ କରିଥିଲେ। ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ବୟସ୍କ ସାମ୍ବାଦିକଙ୍କୁ ପେନ୍‌ସନ ପ୍ରଦାନ, ଅଧିସ୍ୱୀକୃତି କମିଟି ପୁନର୍ଗଠନ, ବ୍ଲକଠାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ବ୍ୟାପକ ଅଧିସ୍ୱକୃତି ପ୍ରଦାନ, ସ୍ୱାସ୍ଥ୍ୟ ବୀମା ଯୋଜନାରେ ପିତାମାତା ଓ ୨୫ ବର୍ଷରୁ ଉର୍ଦ୍ଧ୍ୱ ଓ ନିର୍ଭରଶୀଳ ସନ୍ତାନଙ୍କୁ ସାମିଲ, ପ୍ରେସ ଏକାଡେମୀ ଗଠନ ପାଇଁ ଦାବି କରାଯାଇଛି। ସଂଘ ସଭାପତି ଅରୁଣ କୁମାର ଷଡ଼ଙ୍ଗୀ, ସମ୍ପାଦକ ଅନିଲ କୁମାର ଦଳବେହେରା, ସଂଗଠନ ସମ୍ପାଦକ ଗଗନ କୁମାର ପ୍ରଧାନ, ଦେବନାଥ ଦଳବେହେରା, ପତିତପାବନ ସାହୁ, ସମୀର କୁମାର ପାଢ଼ୀ, ପ୍ରସନ୍ନ କୁମାର ମିଶ୍ର, ବଟକୃଷ୍ଣ ଦାଶ, ସାମନ୍ତ ଶେଖର ନାୟକ, ଚିନ୍ମୟ ସେଠୀ, ଏନ. ରାଜା ରାଓ, ଚନ୍ଦ୍ରଶେଖର ପାଢ଼ୀ ଓ ସଞ୍ଜୟ କୁମାର ମହାନ୍ତି ଏଥିରେ ସାମିଲ ହୋଇଥିଲେ।

# ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଲାପ୍‌ଟପ୍ ପ୍ରଦାନ




**ଫୁଲବାଣୀ, ୧୫।୩(ସମିସ):** ରାଜ୍ୟ ସରକାରଙ୍କର ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ତରଫରୁ ଷ୍ଟାର୍ସ ପ୍ରୋଜେକ୍ଟ ଅଧୀନରେ ୯ମରୁ ଦ୍ୱାଦଶ ଶ୍ରେଣୀର ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଲାପ୍‌ଟପ୍ ଦେବା ବ୍ୟବସ୍ଥା ରହିଛି। ଏହି କ୍ରମରେ ଗୁରୁବାର ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା ଦ୍ୱାରା ଓସେପା ପଠାଇଥିବା ୭ ଲାପ୍‌ଟପ୍‌କୁ କନ୍ଧମାଳ ଜିଲ୍ଲାର ୭ଜଣ ସମ୍ପୂର୍ଣ୍ଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଭିନ୍ନକ୍ଷମତା ଓ ଆର୍ଥିକ ଅନାଟନ ପଠପଢ଼ାରେ ଆଉ ବାଧକ ସାଜିବ ନାହିଁ। କାରଣ ସରକାର ଏହି ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ସମୟରେ ଯୋଜନା କରୁଛନ୍ତି। ସରକାରଙ୍କର ଏହି ସହାୟତା ଏବଂ ଉପଯୁକ୍ତ ପ୍ରେରଣା ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ପହଞ୍ଚାଇପାରିବ। ଉକ୍ତ ବଣ୍ଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନିରୁପମା ଦୋରା, ଗୋଷ୍ଠୀ ଶିକ୍ଷା ଅଧିକାରୀ ରଞ୍ଜନ କୁମାର କହଁରଙ୍କ ସମେତ ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଅନ୍ୟ ଅଧିକାରୀ, ବ୍ଲକ ସମ୍ବଳ ଶିକ୍ଷକ ଶିକ୍ଷୟିତ୍ରୀ, ଦୃଷ୍ଟିବାଧିତ ଛାତ୍ରଛାତ୍ରୀ ଓ ସେମାନଙ୍କ ପିତାମାତା ଉପସ୍ଥିତ ଥିଲେ।

# ଗଞ୍ଜେଇ ଜବତ ଘଟଣାରେ ୨ ଗିରଫ



**ଭଞ୍ଜନଗର, ୧୫ ।୩(ସମିସ):** ଦିନ ପ୍ରାୟ ୧୦ଟା ସମୟରେ ଭଞ୍ଜନଗର ଥାନା ଅଧିନ ମୁଜାଗଡ଼ ନିକଟରେ ଥାନାର ଏସଆଇ ଜ୍ୟୋସ୍ନା ସାହୁ ଏବଂ ଅନ୍ୟ ପୁଲିସ କର୍ମଚାରୀମାନେ ଗାଡି ଚେକିଂ କରୁଥିବା ବେଳେ ଫୁଲବାଣୀ ଆଡୁ ବାଇକରେ ଆସୁଥିବା ଦୁଇଜଣ ବ୍ୟକ୍ତିଙ୍କୁ ପୁଲିସ ଅଟକାଇ ସେମାନେଙ୍କ ତଲାସୀ ନେଇଥିଲା। ଏତିକିବେଳେ ଏକ ଜରି ଅଖାରୁ ୫କେଜି ୫୪୦ଗ୍ରାମ ଗଞ୍ଜେଇ ବାହାରି ଥିଲା। ଏହି ଘଟଣାରେ ଉଭୟ ଅଭିଯୁକ୍ତ ଗଙ୍ଗାଧର ସାହୁ ଏବଂ ଦିଲ୍ଲୀପ କୁମାର ନାୟକଙ୍କୁ ଗିରଫ କରିବା ସହ ଉକ୍ତ ଗଞ୍ଜେଇ ଓ ମୋଟର ସାଇକେଲକୁ ଜବତ କରାଯାଇଛି। ଭଞ୍ଜନଗର ଥାନା କେସ ନଂ ୨୪୮/୨୪ରେ ଏକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ କୁମର ମୁଦୁଲି କହିଛନ୍ତି।

# ସ୍ୱଚ୍ଛ ଜଳ ସୁରକ୍ଷାର ବାର୍ତ୍ତା ଦେଉଛି ବୋତଲଖିଆ ମାଛ

ବ୍ରହ୍ମପୁର, ୧୫ ।୩(ସମିସ)



ନଷ୍ଟରୁ ଶ୍ରେଷ୍ଠ କଳାକୃତି ନିର୍ମାଣ କରିବାରେ ବ୍ରହ୍ମପୁର ଆଇଟିଆଇ ସର୍ବଶ୍ରେଷ୍ଠ ଅନୁଷ୍ଠାନ ବୋଲି କୁହାଯାଏ। ଇତି ମଧ୍ୟରେ ପରିବେଶ ଓ ଜଳବାୟୁ ସୁରକ୍ଷା ଦିଗରେ ମଧ୍ୟ ଏହି ଅନୁଷ୍ଠାନ ବେଶ ଯତ୍ନବାନ ହୋଇଛି। କଳାକୃତି ମାଧ୍ୟମରେ ପରିବେଶ ସଚେତନତାର ବାର୍ତ୍ତା ଦେବାକୁ ଆଗେଇ ଆସିଥିବା ବ୍ରହ୍ମପୁର ଆଇଟିଆଇ ନିର୍ମାଣ କରିଛି ବୋତଲ ଖିଆ ମାଛ। ଏହାର ମୂଳ ଉଦ୍ଦେଶ୍ୟ ରହିଛି ଜଳାଶୟ ସଂରକ୍ଷଣ। ଏହି ବୋତଲ ଖିଆ ମାଛ ଆଇଟିଆଇର ଛାତ୍ରୀନିବାସରେ ସ୍ଥାନିତ ହୋଇଛି। ଟିପିଏସଓଡ଼ିଏଲ୍‌ଓର ସିଇଓ ଅମିତ ଗର୍ଗ ଏହାକୁ ଉଦଘାଟନ କରିଛନ୍ତି। ଏନେଇ ଆଇଟିଆଇ ଅଧକ୍ଷ ଡ଼ ରଜତ କୁମାର ପାଣିଗ୍ରାହୀ କହିଛନ୍ତି ଯେ, ବର୍ତ୍ତମାନ ବିଶ୍ୱ ସଷ୍ଟନେୱଲ ଡ଼େଭଲପମେଣ୍ଟ ଗୋଲକୁ ଅଗ୍ରାଧିକାର ଦେଉଛି। ଏହିକ୍ରମରେ ୧୪ନଂ ଗୋଲ ଲାଇଫ ଅଣ୍ଡର ୱାଟର ବୋଲି ରହିଛି। ଏହିକ୍ରମରେ ଆଇଟିଆଇ ପକ୍ଷରୁ ଜଳ ସଂରକ୍ଷଣ ନେଇ ଅଭିନବ ଉପାୟରେ ବାର୍ତ୍ତା ଦିଆଯାଇଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ସାଧାରଣତଃ ଜଳାଶୟରେ ଜାଣତରେ ଓ ଅଜାଣତରେ ପାଣି ବୋତଲ ଆଦି ଫପାଡ଼ି ଦିଆଯାଉଛି। ଏହାକୁ ପୋଖରୀରେ ଥିବା ମାଛ ଖାଇ ଦେଇଥାନ୍ତି। ଫଳତଃ ବିଭିନ୍ନ ସମସ୍ୟା ଦେଖାଦେଉଛି। ଏହି ଆଧାରରେ ବୋତଲ ଖିଆ ମାଛର ସୃଷ୍ଟି ବୋଲି କୁହାଯାଇଛି। ଏହି ମାଛ ୨୧ଫୁଟର ଉଚ୍ଚତାର ହୋଇଥିବା ବେଳେ ୩୦ଫୁଟ ଉଚ୍ଚତାରେ ଏହାକୁ ଟଙ୍ଗାଯାଇଛି। ମାଛ ଭିତରେ ୨୨ହଜାର ପ୍ଲାଷ୍ଟିକ ବୋତଲ ସ୍ଥାନ ପାଇଛି। ସ୍ୱଛ ଜଳ ଏହାର ମୂଳ ଲକ୍ଷ୍ୟ ବୋଲି ଆଇଟିଆଇ ପକ୍ଷରୁ କୁହାଯାଇଛି।

# ପୋଲାଣ୍ଡ ଗ୍ରାଁପ୍ରିରେ ଶ୍ରୀୟଙ୍କାଙ୍କୁ ରୌପ୍ୟ

ଭୁବନେଶ୍ୱର, ୧୫ ।୩ (ସମିସ)




ଓଡ଼ିଶାର ଉଦୀୟମାନ ମହିଳା ସୁଟର୍ ଶ୍ରୀୟଙ୍କା ଷଡ଼ଙ୍ଗୀ ପୁଣିଥରେ ଅନ୍ତର୍ଜାତୀୟସ୍ତରରେ ଦେଶ ତଥା ରାଜ୍ୟ ପାଇଁ ପଦକ ସଫଳତା ଆଣିଛନ୍ତି । ପୋଲାଣ୍ଡରେ ଅନୁଷ୍ଠିତ ଇଣ୍ଟରନ୍ୟାସନାଲ ସୁଟିଂ ଗ୍ରାଁପ୍ରି'ରେ ଶ୍ରୀୟଙ୍କା ରୌପ୍ୟ ପଦକ ଜିତିଛନ୍ତି । ସେ ମହିଳା ୫୦ ମିଟର ରାଇଫଲ୍ ୩ ପୋଜିସନ (୩ପି)ରେ ଏହି ସଫଳତା ପାଇଛନ୍ତି । ଶ୍ରୀୟଙ୍କା ପୂର୍ବରୁ ଗତ ଡିସେମ୍ବରରେ ଦେଶର ୧୩ତମ ସୁଟର୍ ଭାବେ ପ୍ୟାରିସ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଥିଲେ । ସମ୍ବଲପୁରରେ ଜନ୍ମିତ ଶ୍ରୀୟଙ୍କା ରୌପ୍ୟ ପଦକ ଜିତିବା ପରେ ଏବେ ତାଙ୍କୁ ଚାରିଆଡ଼ୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି । କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତ ଏହି ଅବସରରେ ଶ୍ରୀୟଙ୍କାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଉଲ୍ଲେଖଯୋଗ୍ୟ, ଶ୍ରୀୟଙ୍କା ଏବେ କିଟ୍ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି କରୁଛନ୍ତି ।

■ ଡ୍ରାଗ୍ ଫ୍ଲିକର, ଗୋଲରକ୍ଷକ ସୃଷ୍ଟି ଲକ୍ଷ୍ୟରେ ହକି ଇଣ୍ଡିଆ

# ନୂଆ କାର୍ଯ୍ୟକ୍ରମର ଅନାବରଣ



**ନୂଆଦିଲ୍ଲୀ, ୧୫ ।୩(ଏଜେନ୍ସି):** ହକି ପ୍ରଶାସନରେ ଦେଶର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ହକି ଇଣ୍ଡିଆ ଏବେ ପରବର୍ତ୍ତୀ ତଥା ନୂଆ ପିଢ଼ିର ଡ୍ରାଗ୍ ଫ୍ଲିକର ଓ ଗୋଲରକ୍ଷକ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଏଥିପାଇଁ ହକି ଇଣ୍ଡିଆ ଶୁକ୍ରବାର ଅଦ୍ଭୁତପୂର୍ବ କାର୍ଯ୍ୟକ୍ରମର ଅନାବରଣ କରିଛି । ଏ ନେଇ ଆୟୋଜିତ ବୈଠକରେ ହକି ଇଣ୍ଡିଆ ତରଫରୁ କେତୋଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲା । ଏହି ବୈଠକରେ ଭାରତୀୟ ପୂର୍ବତନ ଗୋଲରକ୍ଷକ ଆଡ୍ରିଆନ ଡି'ସୌଜା, ଭରତ ଛେତ୍ରୀ, ଯୋଗିତା ବାଲି, ହେଲେନ ମେରୀ, ଦୀପିକା ମୂର୍ତ୍ତି, ଆକାଶ ଚିକ୍‌ତେ, ପିଟି ରାଓଙ୍କ ସମେତ ରୁପିନ୍ଦର ପାଲ ସିଂ, ଯୁଗରାଜ ସିଂ, ଭିଆର ରଘୁନାଥ ଓ ଗୁରଜିନ୍ଦର ସିଂଙ୍କ ଭଳି ପୂର୍ବତନ ଡ୍ରାଗ୍ ଫ୍ଲିକର ଯୋଗ ଦେଇଥିଲେ । ସେହିପରି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କି, ସମ୍ପାଦକ ଭୋଲାନାଥ ସିଂ, କୋଷାଧ୍ୟକ୍ଷ ସେକର ମନୋହରନ, ଉଚ୍ଚ ପ୍ରଦର୍ଶନ ନିର୍ଦ୍ଦେଶକ ହେରମନ କ୍ରୁଇସ୍ ଓ ଅନ୍ୟମାନେ ବୈଠକରେ ଯୋଗ ଦେଇ ନିଜର ବହୁମୂଲ୍ୟ ମତାମତ ଉପସ୍ଥାପନା କରିଥିଲେ ।

ଅତିକମ୍ ବୟସରୁ ପ୍ରତିଭା ଚିହ୍ନଟ ଓ ବିକାଶ ଉପରେ ଗୁରୁତ୍ୱ ଦିଆଯିବ ଓ ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ୩ଟି ପର୍ଯ୍ୟାୟରେ ଏହି ନୂଆ କାର୍ଯ୍ୟକ୍ରମର ସଞ୍ଚାଳନ କରାଯିବ । ପ୍ରଥମେ ପୂର୍ବତନ ଗୋଲରକ୍ଷକ ଓ ଡ୍ରାଗ୍ ଫ୍ଲିକରମାନଙ୍କୁ ନେଇ ଏକ ପୁଲ୍ ଗଠନ କରାଯିବ । ଏହି ଅଭିଜ୍ଞ ଖେଳାଳିମାନେ ଦେଶର ବିଭିନ୍ନ ଏକାଡେମୀରେ ରହି ଏକ ୩ ଦିନିଆ ଟ୍ରେନିଂ ସେସନର ପରିଚାଳନା କରିବେ । ପ୍ରଶିକ୍ଷଣ ପରେ ଏହି ପୂର୍ବତନ ଖେଳାଳିମାନେ ଅସାଧାରଣ ପ୍ରତିଭା ଥିବା ଯୁବ ଖେଳାଳିଙ୍କୁ ଚିହ୍ନଟ କରିବେ ଓ ସେମାନଙ୍କ ପ୍ରତିଭା ବିକାଶ କରିବାର ଚେଷ୍ଟିତ ହେବେ । ଏଥିପାଇଁ ଏହି ପୂର୍ବତନ ଖେଳାଳିଙ୍କୁ ସମର୍ଥନ କରାଯିବା ସହ ଅର୍ଥ ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମ ଭାରତୀୟ ହକିର ଉନ୍ନତି ପାଇଁ ବେଶ୍ ସହାୟ ହେବ ଏବଂ ଡ୍ରାଗ୍‌ଫ୍ଲିକ ଓ ଗୋଲରକ୍ଷଣରେ ଥିବା ଦୁର୍ବଳତାକୁ ଦୂର କରିହେବ ବୋଲି ରୁପିନ୍ଦର ପାଲ ସିଂ କହିଛନ୍ତି । ସେହିପରି ହେଲେନ ମେରୀ, ଭରତ ଛେତ୍ରୀ ମଧ୍ୟ ସମାନ ମତ ପୋଷଣ କରିଛନ୍ତି ।

ସୀମିତ ଓଭର କ୍ରିକେଟ

# ସ୍ଥାୟୀ ହେବ ଷ୍ଟପ୍ କ୍ଲକ ନିୟମ

ଦୁବାଇ, ୧୫ ।୩(ଏଜେନ୍ସି)

ସୀମିତ ଓଭର କ୍ରିକେଟ ଅର୍ଥାତ ଦିନିକିଆ ଓ ଟି-୨୦ ଫର୍ମାଟ୍‌ରେ ଷ୍ଟପ୍ କ୍ଲକ୍ ନିୟମ ସ୍ଥାୟୀ ଭାବେ ଲାଗୁ କରାଯିବ । ଶୁକ୍ରବାର ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଏହି ଦୁଇ ଫର୍ମାଟ୍‌ରେ ସମୟର ପ୍ରବନ୍ଧନ ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି । ଷ୍ଟପ୍ କ୍ଲକ ନିୟମ ଅନୁସାରେ ବୋଲିଂ ବା ଫିଲ୍ଡିଂ କରୁଥିବା ଦଳକୁ ପରବର୍ତ୍ତୀ ଓଭର ଆରମ୍ଭ କରିବା ପାଇଁ ୬୦ ସେକେଣ୍ଡର ସମୟ ମିଳିବ । ଯଦି ଏହି ସମୟରେ ପରବର୍ତ୍ତୀ ଓଭର ଆରମ୍ଭ କରିବାରେ ବିଳମ୍ବ ହୁଏ ତେବେ ବୋଲିଂ କରୁଥିବା ଦଳ ଉପରେ ପେନାଲ୍ଟି ଲାଗୁ ହେବ । ଆମେରିକା ଓ ୱେଷ୍ଟଇଣ୍ଡିଜରେ ଜୁନ୍‌ରୁ ଆରମ୍ଭ ହେବାକୁ ଯାଉଥିବା ଟି-୨୦ ବିଶ୍ୱକପ୍‌ରେ ଏହି ନିୟମ ସ୍ଥାୟୀ ଭାବେ ଲାଗୁ ହେବ । ଆଗକୁ ସବୁ ଦିନିକିଆ ଓ ଟି-୨୦ ଫର୍ମାଟରେ ଏହି ନିୟମ ଲାଗୁ ହେବ । ଏବେ ଦୁବାଇରେ ଆଇସିସି ବୋର୍ଡ ସଦସ୍ୟମାନେ ବୈଠକରେ ଏକାଠି ହୋଇଛନ୍ତି ଓ ଏଥିରେ ଷ୍ଟପ୍ କ୍ଲକ ନିୟମକୁ ଲାଗୁ କରିବାକୁ ନିଷ୍ପତ୍ତି ନିଆଯାଇଛି ।

## ତୃତୀୟଥର ନିୟମ ଉଲ୍ଲଂଘନ ହେଲେ ୫ ରନର ପେନାଲ୍ଟି

ଫିଲ୍ଡ ଅମ୍ପାୟର ୬୦ ସେକେଣ୍ଡ ମଧ୍ୟରେ ପରବର୍ତ୍ତୀ ଓଭର ଆରମ୍ଭ କରିବା ନେଇ ବୋଲିଂ କରୁଥିବା ଦଳକୁ ଦୁଇଥର ୱାର୍ଣ୍ଣିଂ ବା ସତର୍କ କରାଇବେ । କିନ୍ତୁ ତୃତୀୟଥର ଏହି ଭୁଲ ଦୋହରାଇଲେ ବୋଲିଂ କରୁଥିବା ଦଳ ଉପରେ ୫ ରନର ପେନାଲ୍ଟି ଲାଗୁ କରାଯିବ । ସରଳ ଅର୍ଥରେ ବୁଝିବାକୁ ଗଲେ କୌଣସି ଦଳ ଯଦି ୯ ଥର ଓଭର ଆରମ୍ଭ କରିବାରେ ୬୦ ସେକେଣ୍ଡରୁ ଅଧିକ ସମୟ ନିଏ ତେବେ ବ୍ୟାଟିଂ କରୁଥିବା ଦଳ ଖାତାରେ ୧୫ ରନ ସାମିଲ କରାଯିବ ।

### ୬୦ ସେକେଣ୍ଡ ମଧ୍ୟରେ ପରବର୍ତ୍ତୀ ଓଭର ଆରମ୍ଭ ହେବ




## ତୃତୀୟ ଅମ୍ପାୟର ଟାଇମର ଆରମ୍ଭ କରିବ

ଓଭର ଶେଷ ହେବା ପରେ ପଡ଼ିଆରେ ଲାଗିଥିବା ଟିଭି ସ୍କ୍ରିନ୍‌ରେ ୬୦ ସେକେଣ୍ଡର କାଉଣ୍ଟ ଡାଉନ୍ ଆରମ୍ଭ ହେବ । ତୃତୀୟ ଅମ୍ପାୟର କଣ୍ଟ୍ରୋଲ ରୁମ୍‌ରେ ଏହାକୁ ଆରମ୍ଭ କରିବା ସହ ନିୟନ୍ତ୍ରଣ କରିବେ । ୬୦ ସେକେଣ୍ଡ ପାର ହେବା ପରେ ଫିଲ୍ଡ ଅମ୍ପାୟର ବୋଲିଂ କରୁଥିବା ଦଳର ଅଧିନାୟକଙ୍କୁ ସତର୍କ କରାଇବେ । ଡିଆରଏସ୍ ନେବା ଭଳି ଏହି ପ୍ରକ୍ରିୟାର ସଞ୍ଚାଳନ ହେବ । ଡିଆରଏସ ନେବା ପାଇଁ ଦୁଇ ଦଳକୁ ୧୫ ସେକେଣ୍ଡର ସମୟ ମିଳିଥାଏ । ଆବେଦନ ହେବା ପରେ ତୃତୀୟ ଅମ୍ପାୟାର ଷ୍ଟପ୍ କ୍ଲକ୍ ଆରମ୍ଭ କରିଥାଏ ଓ ପଡ଼ିଆରେ ଲାଗି ଥିବା ଟିଭି ପର୍ଦାରେ ଦେଖିବାକୁ ମିଳିଥାଏ । ଏହାକୁ ଦେଖି ଖେଳାଳି ରିଭ୍ୟୁ ନେଇଥାଏ । ଠିକ୍ ଏହି ଭଳି ଷ୍ଟପ୍ କ୍ଲକ ନିୟମର ସଞ୍ଚାଳନ ହେବ ।

## ଟି-୨୦ ବିଶ୍ୱକପ୍‌ରେ ସ୍ଥାୟୀ ଭାବେ ଲାଗୁ ହେବ

ଆଗାମୀ ଜୁନ୍‌ରେ ଟି-୨୦ ବିଶ୍ୱକପ୍ ଖେଳାଯିବ । ଏହି ମେଗା ଇଭେଣ୍ଟରେ ଷ୍ଟପ୍ କ୍ଲକ୍ ନିୟମ ସ୍ଥାୟୀ ଭାବେ ଲାଗୁ ହେବ । ଯଦି ଡିଆରଏସ୍ ପାଇଁ ପରବର୍ତ୍ତୀ ଓଭର ଆରମ୍ଭ ହେବାରେ ବିଳମ୍ବ ହୁଏ ତେବେ ଅମ୍ପାୟାର ଷ୍ଟପ୍ କ୍ଲକକୁ ରୋକିବାର ଅଧିକାର ପାଇବେ । ଏହା ଫଳରେ ଫିଲ୍ଡିଂ କରୁଥିବା ଦଳ ବିନା କୌଣସି ଭୁଲ ଯେପରି ପେନାଲ୍ଟିର ସମ୍ମୁଖୀନ ହେବ ନାହିଁ ଓ ଅମ୍ପାୟାର ଏ ନେଇ ନଜର ରଖିବେ ।

## ଡିସେମ୍ବରରେ ଏହା ପରୀକ୍ଷାମୂଳକ ଭାବେ ଲାଗୁ ହୋଇଥିଲା

ଆଇସିସି ୨୦୨୩ ଡିସେମ୍ବରରେ ଟି-୨୦ ଫର୍ମାଟ୍‌ରେ ଏହି ନିୟମ ଲାଗୁ କରିଥିଲା । ଏହି ନିୟମ ସହ ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ ପ୍ରଥମ ମ୍ୟାଚ୍ ଖେଳିଥିଲେ । ଆଗାମୀ ଏପ୍ରିଲ ପର୍ଯ୍ୟନ୍ତ ଏହି ନିୟମ ପରୀକ୍ଷାମୂଳକ ଭାବେ ଲାଗୁ କରାଯାଇଥାନ୍ତା । କିନ୍ତୁ ଭଲ ଫଳାଫଳ ଦେଖି ଆଇସିସି ଏହି ନିୟମକୁ ସ୍ଥାୟୀ ଭାବେ ଲାଗୁ କରିବାକୁ ଶେଷରେ ନିଷ୍ପତ୍ତି ନେଇଛି ।

## ନକ୍‌ଆଉଟ୍ ପାଇଁ ରିଜର୍ଭ ଡେ

ଚଳିତ ବର୍ଷ ଜୁନ ପ୍ରାରମ୍ଭରେ ଟି-୨୦ ବିଶ୍ୱକପ୍‌ର ପରବର୍ତ୍ତୀ ସଂସ୍କରଣ ଅନୁଷ୍ଠିତ ହେବ । ଏହି ମେଗା ଇଭେଣ୍ଟର ନକ୍‌ଆଉଟ୍ ମୁକାବିଲା ପାଇଁ ଏଥର ରିଜର୍ଭ ଡେ' ବ୍ୟବସ୍ଥା ରଖାଯାଇଛି । କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ଶୁକ୍ରବାର ବୋର୍ଡ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ସେମିଫାଇନାଲ ଓ ଫାଇନାଲର ୨ୟ ପାଳିରେ ଅତିକମ୍‌ରେ ୧୦ ଓଭର ଖେଳ ହୋଇଥିଲେ ଏବଂ ପରେ କୌଣସି କାରଣରୁ ମ୍ୟାଚରେ ବ୍ୟାଘ୍ରାତ ସୃଷ୍ଟି ହେଲେ ଏହା ରିଜର୍ଭ ଡେ'ରେ ଖେଳାଯିବ ।

୧୬ ବର୍ଷରୁ କମ୍ ସର୍ବଭାରତୀୟ ଆମନ୍ତ୍ରଣୀୟ ବାଳିକା ହକି

# ଫାଇନାଲ୍‌ରେ ଛତିଶଗଡ଼-କୁତ୍ରା ମୁକାବିଲା



ଭୁବନେଶ୍ୱର, ୧୫।୩(ସମିସ)

ଛତିଶଗଡ଼ ହକି ସଂଘ ସହ କୁତ୍ରା ଏଚ୍‌ଟିସି (ହକି ଟ୍ରେନିଂ ସେଣ୍ଟର)ର ମଧ୍ୟରେ ପ୍ରଥମ ସର୍ବଭାରତୀୟ ୧୬ ବର୍ଷରୁ କମ୍ ବାଳିକା ହକି ପ୍ରତିଯୋଗିତାର ଫାଇନାଲ ମୁକାବିଲା ଖେଳାଯିବ । ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ଚାଲିଥିବା ଏହି ପ୍ରତିଯୋଗିତାର ଦୁଇଟିଯାକ ସେମିଫାଇନାଲ ମୁକାବିଲା ଶୁକ୍ରବାର ଖେଳାଯାଇଥିଲା । ପ୍ରଥମ ସେମିଫାଇନାଲରେ ଛତିଶଗଡ଼ ୬-୨ ଗୋଲରେ କୁଆଁରମୁଣ୍ଡା ଏଚ୍‌ଟିସିକୁ ଓ ଦ୍ୱିତୀୟ ସେମିଫାଇନାଲରେ କୁତ୍ରା ଏଚ୍‌ଟିସି ୩-୦ ଗୋଲରେ ଗୁରୁଣ୍ଡିଆ ଏଚ୍‌ଟିସିକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ । ଛତିଶଗଡ଼ର ପରିଧି ସିଂ ସର୍ବାଧିକ ଗୋଲ ସ୍କୋର କରିଥିଲେ । ଶନିବାର ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ଛତିଶଗଡ଼ ସହ କୁତ୍ରାର ମୁକାବିଲା ହେବ । ଏହା ପୂର୍ବରୁ ତୃତୀୟ ସ୍ଥାନ ଲାଗି କୁଆଁରମୁଣ୍ଡା ଓ ଗୁରୁଣ୍ଡିଆ ଏଚଟିସି ମଧ୍ୟରେ ମ୍ୟାଚ୍ ଖେଳାଯିବ । ଶୁକ୍ରବାର ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ ଛତିଶଗଡ଼ର ଆସୁନ୍ଧରା ମଣ୍ଡଳ ଓ ଗୁରୁଣ୍ଡିଆର ନିକିତା ବାର୍ଲା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି ।

ଇଣ୍ଡିଆନ ଓମେନ୍ସ ଲିଗ୍

# ସ୍ପୋର୍ଟ୍ସ ଓଡ଼ିଶାର ୧୦ମ ପରାଜୟ

**ଭୁବନେଶ୍ୱର, ୧୫ ।୩ (ସମିସ):** ଚଳିତ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ଫୁଟ୍‌ବଲ ପ୍ରତିଯୋଗିତାରେ ସ୍ପୋର୍ଟ୍ସ ଓଡ଼ିଶା ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି । ଶୁକ୍ରବାର ଦିଲ୍ଲୀରେ ଖେଳାଯାଇଥିବା ଏକ ମ୍ୟାଚରେ ହୋପ୍ସ ଫୁଟ୍‌ବଲ କ୍ଲବ ୧-୦ ଗୋଲରେ ସ୍ପୋର୍ଟ୍ସ ଓଡ଼ିଶାକୁ ପରାସ୍ତ କରିଛି । ମ୍ୟାଚର ପ୍ରଥମାର୍ଦ୍ଧରେ ହୋପ୍ସ ଫୁଟ୍‌ବଲ କ୍ଲବର ପୂଜା ଦଳ ପାଇଁ ବିଜୟସୂଚକ ଏକମାତ୍ର ଗୋଲଟି ଦେଇଥିଲେ । ପ୍ରତିଯୋଗିତାରେ ସ୍ପୋର୍ଟ୍ସ ଓଡ଼ିଶାର ଏହା ୧୨ତମ ମୁକାବିଲାରୁ ୧୦ମ ପରାଜୟ ଥିଲା । ବର୍ତ୍ତମାନ ସୁଦ୍ଧା ବିଜୟସ୍ୱାଦ ଚାଖିପାରି ନ ଥିବା ଏହି ଦଳ ମାତ୍ର ୨ ପଏଣ୍ଟ ପାଇ ଟେବଲ୍ ସାରଣୀର ସର୍ବନିମ୍ନ ୭ମ ସ୍ଥାନରେ ରହିଛି । ଅପରପକ୍ଷରେ ହୋପ୍ସ କ୍ଲବ ୧୧ତମ ମ୍ୟାଚରୁ ୫ଟି ଲେଖାଏ ବିଜୟ ଓ ପରାଜୟ ସହ ୧୬ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି । ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ରାଜ୍ୟର ଅନ୍ୟତମ ଦଳ ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ୧୦ ମ୍ୟାଚରୁ ୨୫ ପଏଣ୍ଟ ପାଇ ୨ୟ ସ୍ଥାନ ଲାଭ କରିଛି ।

■ ଇଣ୍ଡିଆନ ୱେଲ୍ସ ଟେନିସ

# ସେମିରେ ଆଲକାରାଜ, ମେଦଭେଦେଭ

**ଇଣ୍ଡିଆନ୍ ୱେଲ୍ସ, ୧୫ ।୩(ଏଜେନ୍ସି):** ଏଠାରେ ଚାଲିଥିବା ଇଣ୍ଡିଆନ ୱେଲ୍ସ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଏକକ ପ୍ରତିଯୋଗିତାରେ ଦ୍ୱିତୀୟ ସିଡ୍ ସ୍ପେନ୍‌ର କାର୍ଲୋସ ଆଲକାରାଜ, ତୃତୀୟ ସିଡ୍ ଇଟାଲୀର ଜାନିକ ସିନର, ଚତୁର୍ଥ ସିଡ୍ ରୁଷିଆର ଡାନିଲ୍ ମେଦଭେଦେଭ ଓ ୧୭ ତମ ସିଡ୍ ଆମେରିକାର ଟିମୋ ପଲ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ସେମିରେ ମେଦଭେଦେଭ ଓ ପଲ ଏବଂ ଆଲକାରାଜ ଓ ସିନର ପରସ୍ପରକୁ ଭେଟିବେ । କ୍ୱାର୍ଟର ଫାଇନାଲରେ ମେଦଭେଦେଭ ୭-୫, ୬-୪ ସେଟ୍‌ରେ ୭ମ ସିଡ୍ ଡେନମାର୍କର ହୋଲଗାର ରୁନଙ୍କୁ, ଆଲକାରାଜ ୬-୩, ୬-୧ ସେଟ୍‌ରେ ଷଷ୍ଠ ସିଡ୍ ଜର୍ମାନୀର ଆଲେକଜାଣ୍ଡର ଜ୍ୱେରେଭଙ୍କୁ, ପଲ୍ ୬-୨, ୧-୬, ୬-୩ ସେଟ୍‌ରେ ନରୱେର ୯ମ ସିଡ୍ କାସ୍ପେର ରୁଡଙ୍କୁ ଓ ସିନର ୬-୩, ୬-୩ ସିଧାସଳଖ ସେଟ୍‌ରେ ଚେକ ଗଣରାଜ୍ୟର ଜିରି ଲେହେକାଙ୍କୁ ହରାଇ ସେମି ଟିକଟ ହାସଲ କରିଛନ୍ତି ।

## ସ୍ୱିଆଟେକ, ସାକାରି, ଗଫ୍ ସେମିକୁ ଉନ୍ନୀତ




ସେହିପରି ମହିଳା ଏକକ ପ୍ରତିଯୋଗିତାରେ ଶ୍ରେଷ୍ଠ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ, ତୃତୀୟ ସିଡ୍ ମାନ୍ୟତା ପାଇଥିବା ଆମେରିକାର କୋକୋ ଗଫ୍, ୯ମ ସିଡ୍ ଗ୍ରୀସ୍‌ର ମାରିଆ ସାକାରି ସେମିଫାଇନାଲରେ ପ୍ରବେଶ କରିଛନ୍ତି । କ୍ୱାର୍ଟର ଫାଇନାଲ ମୁକାବିଲାରେ ସାକାରି ୫-୭, ୬-୨, ୬-୪ ସେଟ୍‌ରେ ଆମେରିକାର ୨୩ତମ ସିଡ୍ ଖେଳାଳି ଏମା ନାଭାରୋଙ୍କୁ, ଗଫ୍ ୬-୪, ୬-୩ ସିଧାସଳଖ ସେଟ୍‌ରେ ଚୀନ୍‌ର ୟୁଏ ୟୁଆନଙ୍କୁ ପରାସ୍ତ କରି ସେମିକୁ ଉଠିଛନ୍ତି । ଅନ୍ୟଏକ କ୍ୱାର୍ଟର ଫାଇନାଲରେ ଡେନମାର୍କର କାରୋଲିନ୍ ଓଜ୍ନିଆକି ଆହତ ହୋଇ ଓହରିଯିବା ଫଳରେ ସ୍ୱିଆଟେକ ୱାକଓଭର ପାଇ ସେମିରେ ପ୍ରବେଶ କରିଥିଲେ । ସ୍ୱିଆଟେକ ୬-୪, ୧-୦ରେ ଅଗ୍ରଣୀ ରହିଥିଲେ ।

# ଜାତୀୟ ବରିଷ୍ଠ ମହିଳା ହକି: ଓଡ଼ିଶାର ବିଜୟ ଅଭିଯାନ

ଭୁବନେଶ୍ୱର, ୧୫ ।୩ (ସମିସ)




ପୁଣେରେ ଚାଲିଥିବା ଜାତୀୟ ବରିଷ୍ଠ ମହିଳା ହକି ଚାମ୍ପିଅନସିପ୍‌ର ୧୪ତମ ସଂସ୍କରଣରେ ଓଡ଼ିଶା ବିଜୟରୁ ଅଭିଯାନ ଆରମ୍ଭ କରିଛି । ପ୍ରଥମ ମ୍ୟାଚରେ ଓଡ଼ିଶା ୯-୧ ଗୋଲ୍‌ର ବୃହତ୍ ବ୍ୟବଧାନରେ ଗୋଆ ମହିଳା ଦଳକୁ ହରାଇଦେଇଛି । ଏଥିସହ ଓଡ଼ିଶା ୩ ପଏଣ୍ଟ ପାଇ ଖାତା ଖୋଲିଛି । ଓଡ଼ିଶା ଏହାର ପରବର୍ତ୍ତୀ ତଥା ଶେଷ ପୁଲ୍ ମ୍ୟାଚରେ ରବିବାର ଚଣ୍ଡିଗଡ଼କୁ ଭେଟିବ ।

ଏହି ପ୍ରତିଯୋଗିତାରେ ପୁଲ୍-ଇ'ରେ ସ୍ଥାନ ପାଇଥିବା ଓଡ଼ିଶା ମହିଳା ଦଳ ପ୍ରଥମ ମ୍ୟାଚରେ ଶୁକ୍ରବାର ଗୋଆକୁ ଭେଟିଥିଲା । ମ୍ୟାଚର ପ୍ରଥମ କ୍ୱାର୍ଟରରୁ ଓଡ଼ିଶା ପ୍ରଭାବ ବିସ୍ତାର କରି ଖେଳିଥିଲା । ୫ମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ରୂପାନ୍ତରିତ କରି ଦୀପ୍ତି ଲାକ୍ରା ଓଡ଼ିଶା ପାଇଁ ଖାତା ଖୋଲିଥିଲେ । ଏହାପରେ ପ୍ରଥମ କ୍ୱାର୍ଟରରେ ଓଡ଼ିଶା ଆଉ ୩ଟି ଗୋଲ୍ ଦେଇ ୧୫ ମିନିଟ୍ ସୁଦ୍ଧା ୪-୦ରେ ଅଗ୍ରଣୀ ହାସଲ କରିଥିଲା । ୧୦ମ ଓ ୧୨ତମ ମିନିଟ୍‌ରେ ଯଥାକ୍ରମେ ଦୀପ୍ ମୋନିକା ଟପ୍ପୋ ଓ ଦୀପ୍ତି ଲାକ୍ରା ଫିଲ୍ଡ ଗୋଲ୍ ଜରିଆରେ ସ୍କୋର କରିଥିଲେ । ସେହି ୧୨ତମ ମିନିଟ୍‌ରେ ଅନ୍ତିମ ଟପ୍ପୋ ପେନାଲ୍ଟି କର୍ଣ୍ଣରରୁ ଗୋଲ୍ ଦେଇଥିଲେ । ଏହାପରେ ଦ୍ୱିତୀୟ କ୍ୱାର୍ଟର ତଥା ୨୯ତମ ମିନିଟ୍‌ରେ ଜୀବନ କିଶୋରୀ ଟପ୍ପୋଙ୍କ ଗୋଲ୍ ଓଡ଼ିଶାର ଅଗ୍ରଣୀକୁ ୫-୦ରେ ପହଞ୍ଚାଇଥିଲା । ତୃତୀୟ କ୍ୱାର୍ଟରରେ ମଧ୍ୟ ଓଡ଼ିଶା ମାତ୍ର ଗୋଟିଏ ଗୋଲ୍ ଦେଇଥିଲା । ୩୪ତମ ମିନିଟ୍‌ରେ ଅନ୍ତିମ ଟପ୍ପୋଙ୍କ ଷ୍ଟିକ୍‌ରୁ ଏହି ଗୋଲ୍‌ଟି ଆସିଥିଲା । ଏହାପରେ ଅନ୍ତିମ ତଥା ୪ର୍ଥ କ୍ୱାର୍ଟର ଆରମ୍ଭରୁ ଗୋଆର ଗୀତା ରାଥୋଡ ଏକ ଗୋଲ୍ ଶୁଝିଦେବାରୁ ମ୍ୟାଚ୍ ୬-୧ ସ୍ଥିତିକୁ ଆସିଥିଲା । ମ୍ୟାଚର ଅନ୍ତିମ ୯ ମିନିଟ୍‌ରେ ଓଡ଼ିଶା ମହିଳା ଦଳ ଆଉ ୩ଟି ଗୋଲ୍ ଦେଇ ଶେଷରେ ଦଳ ୯-୧ରେ ବଡ଼ ବିଜୟ ହାସଲ କରିଥିଲା । ଦୀପ୍ ମୋନିକା, ନୀତୁ ଲାକ୍ରା ଓ ଅନୁପ ବାର୍ଲା ଯଥାକ୍ରମେ ଏହି ୩ଟି ଗୋଲ୍ ଦେଇଥିଲେ ।

ଶୁକ୍ରବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ହରିୟାଣା ୧୫-୦ରେ ଆସାମକୁ, ପଞ୍ଜାବ ୧୧-୨ରେ ରାଜସ୍ଥାନକୁ ଏବଂ ମିଜୋରାମ ୧୦- ଗୋଲରେ ହିମାଚଳ ପ୍ରଦେଶକୁ ପରାସ୍ତ କରିଛି । ମାର୍ଚ୍ଚ ୨୩ରେ ଉଦ୍‌ଯାପିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଦେଶର ମୋଟ୍ ୨୭ ଗୋଟି ଦଳ ଭାଗନେଇଛନ୍ତି । ଏହି ଦଳଗୁଡ଼ିକୁ ୮ଟି ପୁଲ୍‌ରେ ଭାଗ କରାଯାଇଛି । ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦଳ ମାର୍ଚ୍ଚ ୨୦ରେ କ୍ୱାର୍ଟର ଫାଇନାଲ ଖେଳିବେ ।




ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ୫ ଦିନ ଧରି ଚାଲିଥିବା ଏସ୍‌ଟିଏ ଅନ୍ତର୍ଜାତୀୟ ସନ୍ତରଣ ଶିକ୍ଷକ ପ୍ରମାଣପତ୍ର କାର୍ଯ୍ୟକ୍ରମ ଶୁକ୍ରବାର ସଫଳତାର ସହ ଶେଷ ହୋଇଛି । ଏଥିରେ ରାଜ୍ୟର ୨୪ ଜଣ ମହିଳା ସନ୍ତରଣ ପ୍ରଶିକ୍ଷକଙ୍କ ସହ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗନେଇଥିଲେ ।

## ପାଥୁମ୍‌ଙ୍କ ଶତକ: ଶ୍ରୀଲଙ୍କା ବିଜୟୀ

ଚଟ୍ଟୋଗ୍ରାମ୍, ୧୫।୩(ଏଜେନ୍ସି): ପାଥୁମ ନିଶାଙ୍କା (୧୧୪)ଙ୍କ ଶତକ ଓ ୱାନିନ୍ଦୁ ହାସରଙ୍ଗା (୪/୪୫)ଙ୍କ ଚତୁର ବୋଲିଂ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଶ୍ରୀଲଙ୍କା ୩ ୱିକେଟରେ ବାଂଲାଦେଶକୁ ପରାସ୍ତ କରିଛି। ଏହି ବିଜୟ ଫଳରେ ୩ ମ୍ୟାଚ୍ ସିରିଜ୍ ୧-୧ ବରାବର ସ୍ଥିତିକୁ ଆସିଯାଇଛି। ବୁଧବାର ଖେଳାଯାଇଥିବା ପ୍ରଥମ ମ୍ୟାଚରେ ବାଂଲାଦେଶ ବିଜୟୀ ହୋଇଥିଲା। ସିରିଜ୍‌ର ତୃତୀୟ ତଥା ଶେଷ ଦିନିକିଆ ସୋମବାର ଖେଳାଯିବ। ଏହି ମ୍ୟାଚ୍‌ରେ ଚମତ୍କାର ଶତକ ହାସଲ କରିଥିବା ଶ୍ରୀଲଙ୍କାର ପାଥୁମ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୭ ୱିକେଟରେ ୨୮୬ ରନ୍ କରିଥିଲା। ଦଳ ପକ୍ଷରୁ ତୋହିଦ୍ ହୃଦୟ ଅପରାଜିତ ୯୬, ସୌମ୍ୟ ସରକାର ୬୮ ଓ ନାଜମୋଲ ହୋସେନ ସାଣ୍ଟୋ ୪୦ ରନ୍ କରିଥିଲେ। ଶ୍ରୀଲଙ୍କାର ହାସରଙ୍ଗାଙ୍କୁ ୪ଟି ୱିକେଟ ପାଇଥିଲେ। ଜବାବରେ ଶ୍ରୀଲଙ୍କା ୪୭.୨ ଓଭରରେ ୭ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ପାଥୁମ୍ ନିଶାଙ୍କା ୧୧୩ ବଲ୍‌ରେ ୧୩ ଚୌକା ଓ ୩ ଛକା ସହ ୧୧୪ ଓ ଚାରିତ ଆଶାଲଙ୍କା ୯୩ ବଲ୍‌ରେ ୯୧ ରନ୍ କରିଥିଲେ।

ଡବ୍ଲ୍ୟୁପିଏଲ୍ ଏଲିମିନେଟରରେ ପେରୀଙ୍କ ଅଲରାଉଣ୍ଡ ସଫଳତା

# ବାଙ୍ଗାଲୋର-ଦିଲ୍ଲୀ ଫାଇନାଲ ମୁକାବିଲା



ନୂଆଦିଲ୍ଲୀ, ୧୫।୩(ଏଜେନ୍ସି)

ଡିଫେଣ୍ଡିଂ ଚାମ୍ପିଅନ୍ ମୁମ୍ବାଇ ଇଣ୍ଡିଆନ୍ସକୁ ୫ ରନ୍‌ରେ ପରାସ୍ତ କରି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଦ୍ୱିତୀୟ ସଂସ୍କରଣର ଫାଇନାଲରେ ପ୍ରବେଶ କରିଛି। ରବିବାର ଖେଳାଯିବାକୁ ଥିବା ଫାଇନାଲରେ ବାଙ୍ଗାଲୋର ସହ ଦିଲ୍ଲୀ କ୍ୟାପିଟାଲ୍ସର ମୁକାବିଲା ହେବ। ପୂର୍ବରୁ ଦିଲ୍ଲୀ ଲିଗ୍ ପଏଣ୍ଟ ସାରଣୀରେ ପ୍ରଥମ ସ୍ଥାନ ଅଧିକାର କରି ପ୍ରଥମ ଦଳ ଭାବେ ଫାଇନାଲକୁ ଉନ୍ନୀତ ହୋଇଥିଲା। ଏଠାରେ ଶୁକ୍ରବାର ଖେଳାଯାଇଥିବା ଏଲିମିନେଟରରେ ପ୍ରଥମେ ବ୍ୟାଟିଂ କରି ବାଙ୍ଗାଲୋର ୬ ୱିକେଟରେ ମାତ୍ର ୧୩୫ ରନ୍ କରିଥିଲା। ଦଳ ପକ୍ଷରୁ ଏଲିସ୍ ପେରୀ ୬୬ ରନ୍ କରି ସମ୍ମାନ ରଖିଥିଲେ। ଜବାବରେ ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୩୦ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହି ରୋମାଞ୍ଚକ ମୁକାବିଲାରେ ମୁମ୍ବାଇ ପକ୍ଷରୁ ଅଧିନାୟିକା ହରମନପ୍ରୀତ ସର୍ବାଧିକ ୩୩, ଆମେଲିଆ କେର ଅପରାଜିତ ୨୭, ହେଲୀ ମାଥ୍ୟୁସ ୧୫, ନାଟ ସିଭର-ବ୍ରଣ୍ଟ ୨୩ ରନ୍ କରିଥିଲେ। କିନ୍ତୁ ବାଙ୍ଗାଲୋର ବୋଲରମାନେ ଚମତ୍କାର ପ୍ରଦର୍ଶନ କରି ଏହି ମ୍ୟାଚ୍‌କୁ ଜିତିବାରେ ସମର୍ଥ ହୋଇଥିଲେ। ମୁମ୍ବାଇକୁ ୩ ଓଭରରେ ୨୦ ଓ ଶେଷ ଓଭରରେ ମ୍ୟାଚ୍ ଜିତିବାକୁ ୧୨ ରନ୍ ଆବଶ୍ୟକ ଥିଲା। ଆଶା ଶୋଭନା ଶେଷ ଓଭରରେ ମାତ୍ର ୬ ରନ୍ ଦେଇ ଏହି ମ୍ୟାଚ୍‌କୁ ବାଙ୍ଗାଲୋର ସପକ୍ଷରେ ନେଇଯାଇଥିଲେ।

ଏହି ମ୍ୟାଚ୍‌ରେ ଟସ୍ ଜିତି ବାଙ୍ଗାଲୋର ଦଳ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଓଭରରେ ୩ଟି ଚୌକା ମାରିଥିଲେ ମଧ୍ୟ ପରବର୍ତ୍ତୀ ୩ଟି ଓଭରରେ ୩ଟି ୱିକେଟ ହରାଇବା ଫଳରେ ଦଳର ସମସ୍ତ ଯୋଜନା ପଣ୍ଡ ହୋଇଯାଇଥିଲା। ନଂ-୩ରେ ବ୍ୟାଟିଂ କରିବାକୁ ଆସିଥିବା ୩୩ ବର୍ଷୀୟା ଏଲିସ୍ ପେରୀ ଚମତ୍କାର ଧୈର୍ଯ୍ୟ ଓ ଆକ୍ରମଣାତ୍ମକ ବ୍ୟାଟିଂର ପ୍ରଦର୍ଶନ କରି ଗୋଟିଏ ପଟେ ତିଷ୍ଠି ରହିଥିଲାବେଳେ ଅନ୍ୟପଟରେ କ୍ରମାଗତ ୱିକେଟ ପତନ ଘଟିଥିଲା। ଏହି ସମୟରେ ୧୬ତମ ଓଭରରେ ଜର୍ଜିଆ ୱେରହାମ୍ ଯୋଗଦେବା ପରେ ବାଙ୍ଗାଲୋରର ରନ୍ ହାର ବୃଦ୍ଧି ପାଇଥିଲା। ଫଳରେ ଦଳ ଶେଷ ୫ ଓଭରରେ ୫୧ ରନ୍ କରିବା ଫଳରେ ଏକ ସମ୍ମାନଜନକ ସ୍କୋର କରିପାରିଥିଲା। ୨୦ତମ ଓଭରରେ ଆଉଟ ହେବା ପୂର୍ବରୁ ପେରୀ ୫୦ଟି ବଲ ଖେଳି ୮ ଚୌକା ଓ ୧ଛକା ସହ ୬୬ ରନ୍ କରିଥିଲେ। ପାଳିର ଶେଷ ବଲରେ ଛକା ମାରିଥିବା ୱେରହାମ୍ ୧୦ ବଲ୍‌ରୁ ୧୮ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ସ୍ମୃତି ମନ୍ଧାନା ଓ ସୋଫି ଡିଭାଇନ୍ ୧୦ ରନ୍ ଲେଖାଏଁ, ବିସ୍ଫୋରକ ବ୍ୟାଟର ରିଚା ଘୋଷ ୧୪ ଓ ସୋଫି ମୋଲିନେକ୍ସ ୧୧ ରନ୍ କରିଥିଲେ। ମୁମ୍ବାଇ ପକ୍ଷରୁ ସମସ୍ତ ବୋଲର ଭଲ ପ୍ରଦର୍ଶନ ଦେଇଥିଲେ। ଦୁଇ ବିଦେଶୀ ବୋଲର ହେଲୀ ମାଥ୍ୟୁସ ଓ ନାଟ ସିଭର ବ୍ରଣ୍ଟ ୪ ଓଭରରେ ୧୮ ରନ୍ ଲେଖାଏଁ ବ୍ୟୟ କରି ୨ଟି ଲେଖାଏଁ ୱିକେଟ ପାଇଥିଲେ। ଭାରତୀୟ ସ୍ପିନର ସାଇକା ଇଶାକ ୩ ଓଭରରେ ୨୭ ରନ୍ ଦେଇ ୨ଟି ୱିକେଟ ନେଇଥିଲେ।

## ଆଇପିଏଲ-୧୭: ଆୟର କୋଲକାତାର ନେତୃତ୍ୱ ନେବେ

କୋଲକାତା, ୧୫ ।୩(ଏଜେନ୍ସି)

ତାରକା ମଧ୍ୟକ୍ରମ ବ୍ୟାଟର ଶ୍ରେୟାସ ଆୟର ଏଥର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ କୋଲକାତା ନାଇଟ ରାଇଡର୍ସ (କେକେଆର)ର ନେତୃତ୍ୱ ନେବେ। ଗତ ସଂସ୍କରଣରେ ଦଳର ନେତୃତ୍ୱ ନେଇଥିବା ନୀତୀଶ ରାଣା ତାଙ୍କ ଡେପୁଟି ଭାବେ ଦାୟିତ୍ୱ ତୁଲାଇବେ। କେକେଆର ମୁଖ୍ୟ କାର୍ଯ୍ୟନିର୍ବାହୀ ବେଙ୍କି ମେସୁର ଶୁକ୍ରବାର ଏ ନେଇ ସୂଚନା ଦେଇଛନ୍ତି। ଆୟର ଏଥର ପ୍ରତ୍ୟାବର୍ତ୍ତନ କରିବେ ବୋଲି ସେ କହିଛନ୍ତି।

ସଦ୍ୟ ସମାପ୍ତ ରଣଜୀ ଟ୍ରଫି ଫାଇନାଲରେ ଆୟର ମୁମ୍ବାଇ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ୫ମ ଦିବସରେ ବିଦର୍ଭ ବ୍ୟାଟିଂ କରିଥିଲା ଓ ସେ ଫିଲ୍ଡିଂ କରିବାକୁ ପଡ଼ିଆକୁ ଆସି ନଥିଲେ। ଫଳରେ ସେ ଆଇପିଏଲର କେତୋଟି ପ୍ରାରମ୍ଭିକ ମ୍ୟାଚ୍‌ରୁ ବାଦ୍ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଥିଲା। କିନ୍ତୁ ଆୟର ସମ୍ପୂର୍ଣ୍ଣ ଭାବେ ଏବେ ଫିଟ୍ ଅଛନ୍ତି ଓ ସେ ପ୍ରଥମ ମ୍ୟାଚ୍‌ରେ ହିଁ ଦଳରେ ନେତୃତ୍ୱ ନେବେ ବୋଲି କୁହାଯାଇଛି। ବିଦର୍ଭ ବିପକ୍ଷ ରଣଜୀ ଫାଇନାଲରେ ସେ ୯୫ ରନର ଲଢୁଆ ପାଳି ଖେଳିଥିଲେ।

### ଏନ୍‌ଗିଡି ବାଦ୍: ଦିଲ୍ଲୀକୁ ଝଟ୍‌କା

ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ଲୁନ୍‌ଗି ଏନ୍‌ଗିଡି ଏଥର ଆଇପିଏଲରୁ ବାଦ୍ ପଡ଼ିଛନ୍ତି। ଫଳରେ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସକୁ ଶକ୍ତି ଧକ୍କା ଲାଗିଛି। ଏନ୍‌ଗିଡିଙ୍କ ସ୍ଥାନରେ ଅଷ୍ଟ୍ରେଲିଆ ଅଲରାଉଣ୍ଡର ଜେକ୍ ଫ୍ରାଜର-ମ୍ୟାକ୍‌ଗୁର୍କଙ୍କୁ ଦିଲ୍ଲୀ ଦଳରେ ସାମିଲ କରାଯାଇଛି। ଆଘାତ ସମସ୍ୟା ପାଇଁ ଏନ୍‌ଗିଡି ବାଦ୍ ପଡ଼ିଛନ୍ତି। ୨୧ ବର୍ଷୀୟ ମ୍ୟାକ୍‌ଗୁର୍କ ୫୦ ଲକ୍ଷ ଟଙ୍କା ବିନିମୟରେ ଦିଲ୍ଲୀ ଦଳରେ ସାମିଲ ହୋଇଛନ୍ତି। ସେ ଅଷ୍ଟ୍ରେଲିଆ ପାଇଁ ଦୁଇଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ଏନ୍‌ଗିଡିଙ୍କୁ ମଧ୍ୟ ଦିଲ୍ଲୀ ୫୦ ଲକ୍ଷ ଟଙ୍କାରେ ଦଳରେ ସାମିଲ କରିଥିଲା। ଆସନ୍ତା ୨୨ ତାରିଖରୁ ଆଇପିଏଲ ଆରମ୍ଭ ହେବ। ୨୩ରେ ଦିଲ୍ଲୀ ତା'ର ପ୍ରଥମ ମୁକାବିଲାରେ ପଞ୍ଜାବ କିଙ୍ଗ୍‌ସକୁ ମୋହାଲିରେ ଭେଟିବ।

## ସମର୍ଥ କପ୍ ଦୃଷ୍ଟିହୀନ କ୍ରିକେଟ: ଭାରତ ୫-୦ରେ ସିରିଜ୍ ଜିତିଲା

ଭୁବନେଶ୍ୱର, ୧୫।୩(ସମିସ): ଜାତୀୟ ଦୃଷ୍ଟିହୀନ କ୍ରିକେଟ ସଂଘ ଓ ସମର୍ଥନମ ଟ୍ରଷ୍ଟ ଆନୁକୂଲ୍ୟରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଚାଲିଥିବା ସମର୍ଥ କପ୍ ଦୃଷ୍ଟିହୀନ କ୍ରିକେଟ ସିରିଜ୍ ଶୁକ୍ରବାର ଶେଷ ହୋଇଛି। ଏହି ସିରିଜ୍‌ର ୫ମ ତଥା ଶେଷ ମ୍ୟାଚ୍‌ରେ ଭାରତ ୯୦ ରନ୍‌ରେ ବିଜୟୀ ହେବା ଫଳରେ ୫-୦ରେ ସିରିଜ୍ କବ୍‌ଜା କରିଛି। ଓଡ଼ିଶାର ନକୁଳ ବଡ଼ନାୟକଙ୍କୁ ଏହି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେ ୩୯ ବଲ୍‌ରୁ ୭୦ ରନ୍ କରିଥିଲେ। ତୃତୀୟ ମ୍ୟାଚ୍‌ରେ ଓଡ଼ିଆ ଅଲରାଉଣ୍ଡର ପଙ୍କଜ ଭୂଏଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏହି ଦଳରେ ଓଡ଼ିଶାରୁ ୪ ଜଣ ଖେଳାଳି ସ୍ଥାନ ପାଇଥିଲେ।

ନୂଆଦିଲ୍ଲୀର କର୍ଣ୍ଣେଲ ସିଂ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ପଞ୍ଚମ ତଥା ଶେଷ ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ଭାରତ ୭ ୱିକେଟରେ ୨୨୭ ରନ୍ କରିଥିଲା। ନକୁଳଙ୍କ ୭୦ ରନ୍ ବ୍ୟତୀତ ଗୁଡାଡାପ୍ପା ୪୦ ଦୁର୍ଗା ରାଓ ୪୯ ରନ୍ କରିଥିଲେ। ଜବାବରେ ଶ୍ରୀଲଙ୍କା ୭ ୱିକେଟରେ ୧୩୭ ରନ୍ କରିବାକୁ ସମର୍ଥ ହୋଇଥିଲା। ଖେଳ ଶେଷରେ ସାଂସଦ ମିନାକ୍ଷୀ ଲେଖି, ପୂର୍ବତନ କ୍ରିକେଟର ମଦନ ଲାଲ ଶର୍ମା ଓ ପ୍ରବୀଣ କୁମାର ଅତିଥିଭାବେ ଯୋଗ ଦେଇଥିଲେ।




## ରାଜ୍ୟ ଶକ୍ତିଉତ୍ତୋଳନ ଉଦ୍‌ଘାଟିତ



ଭୁବନେଶ୍ୱର, ୧୫ ।୩ (ସମିସ): ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଶୁକ୍ରବାର ରାଜ୍ୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତାର ୩୦ତମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୮ ଜିଲ୍ଲାରୁ ପ୍ରାୟ ୨୫୦ ଜଣ ପ୍ରତିଯୋଗୀ ଭାଗନେଇଛନ୍ତି। ଏକକାଳୀନ ଦୁଇଟି ପ୍ଲାଟ୍‌ଫର୍ମରେ ଆୟୋଜିତ ଏହି ରାଜ୍ୟ ପ୍ରତିଯୋଗିତାର କନିଷ୍ଠ, ବରିଷ୍ଠ ଓ ମାଷ୍ଟର ପ୍ରତିଯୋଗୀମାନଙ୍କର ୫୩ କିଗ୍ରା, ୫୯ କିଗ୍ରା ଓ ୬୬ କିଗ୍ରା ପୁରୁଷ ବର୍ଗ ପ୍ରଥମ ଦିନରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ କଟକ ପ୍ରତିଯୋଗୀ ୩ଟି ସ୍ୱର୍ଣ୍ଣ ପଦକ ପାଇ ଆଗରେ ରହିଛନ୍ତି। ସେହିଭଳି ଖୋର୍ଦ୍ଧା ଓ ରାୟଗଡ଼ା ପ୍ରତିଯୋଗୀ ୨ଟି ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାକୁ ଇଂ ଚିତ୍ତରଞ୍ଜନ ସ୍ୱାଇଁ, ସମରେନ୍ଦ୍ର ରାଉତରାୟ, ଘାସିରାମ ମାଝି, ପ୍ରଦୀପ ପାତ୍ର, ପରିମଳ ସୋନା, ବ୍ରହ୍ମପଦ ବେହେରା, ସୁଜିତ ବିଶ୍ୱାଳ, ରାକେଶ ଶତପଥୀ, କୃଷ୍ଣଚନ୍ଦ୍ର ସାହୁ, ଅନୁପମା ସ୍ୱାଇଁ, ସ୍ୱାଗତିକା ଖଟେଇ, ତନୟା ପଣ୍ଡା, ଜାଭେଦ ଅଖତର୍, ଦୀପକ ନାୟକ, ରମେଶ ବିଡିକା, ଲଳିତ ସାହୁ. ଅବିନାଶ ପୁହିର, ସନ୍ଦୀପ ଦାଶ ଓ ସପନ ସ୍ୱାଇଁ ପରିଚାଳନା କରିଥିଲେ।

## ଅଲ୍ ଇଂଲଣ୍ଡ ସେମିରେ ଲକ୍ଷ୍ୟ ସେନ



ଲଣ୍ଡନ, ୧୫ ।୩ (ଏଜେନ୍ସି)

ଭାରତର ଉଦୀୟମାନ ତାରକା ଲକ୍ଷ୍ୟ ସେନ ଚଳିତ ଅଲ୍ ଇଂଲଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ର ପୁରୁଷ ଏକକ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଶୁକ୍ରବାର ରାତିରେ ଖେଳାଯାଇଥିବା ବିଶ୍ୱର ଏହି ଅନ୍ୟତମ ସମ୍ମାନଜନକ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ଲଢ଼େଇରେ ଲକ୍ଷ୍ୟ ୨୦-୨୨, ୨୧-୧୬, ୨୧-୧୯ ଗେମ୍‌ରେ ମାଲେସିଆର ଜେ. ଲି'ଙ୍କୁ ପରାସ୍ତ କରିଥିଲେ। ମ୍ୟାଚର ପ୍ରଥମ ଗେମ୍‌କୁ ଲି ୨୨-୨୦ରେ ଜିତି ୧-୦ରେ ଅଗ୍ରଣୀ ହାସଲ କରିଥିଲେ। ତେବେ ଲକ୍ଷ୍ୟ ପରବର୍ତ୍ତୀ ଦୁଇ ଗେମ୍‌କୁ ଯଥାକ୍ରମେ ୨୧-୧୬, ୨୧-୧୯ରେ ଜିତି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏଥିପୂର୍ବରୁ ଶୁକ୍ରବାର ଖେଳାଯାଇଥିବା ପୁରୁଷ ଯୁଗଳ ପ୍ରି-କ୍ୱାର୍ଟର ମୁକାବିଲାରେ ବିଶ୍ୱର ଏକ ନମ୍ବର ଯୋଡ଼ି ଭାରତର ଚିରାଗ ସେଟ୍ଟୀ ଓ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

ବଢ଼ିଲା କ୍ରୀଡ଼ା ସଂଘର ଅନୁଦାନ ରାଶି

# ସରକାରଙ୍କୁ କ୍ରୀଡ଼ା ସଂଗଠକଙ୍କ କୃତଜ୍ଞତା

କଟକ, ୧୫।୩(ସମିସ)

ରାଜ୍ୟରେ କ୍ରୀଡ଼ାର ବିକାଶ ଦିଗରେ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର। ତୃଣମୂଳସ୍ତରରୁ କ୍ରୀଡ଼ା ଭିତ୍ତିଭୂମିର ରୂପାନ୍ତରିକରଣ ସମେତ ପ୍ରତିଭାବାନ କ୍ରୀଡାବିତ ସୃଷ୍ଟି କରିବା ପାଇଁ ଉଦ୍ୟମ କରାଯାଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ସମସ୍ତ କ୍ରୀଡ଼ା ସଂଘକୁ ପ୍ରଦାନ କରାଯାଉଥିବା ଅନୁଦାନ ରାଶିକୁ ମଧ୍ୟ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ଶୁକ୍ରବାର ଏହା ଘୋଷଣା ହୋଇଛି। ଏହି ଘୋଷଣା ପରେ ରାଜ୍ୟର ସମସ୍ତ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ତଥା ଓଡ଼ିଶା ଆଥଲେଟିକ ସଂଘ ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ, ଓଡ଼ିଶା ଭଲିବଲ ସଂଘ ସମ୍ପାଦକ ଡଃ ଗଗନେନ୍ଦୁ ଦାସ ରାଜ୍ୟ ସରକାର, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ସଚିବ ଆର ଭିନୀଲ କ୍ରିଷ୍ଣା ଓ ରାଜ୍ୟ କ୍ରୀଡ଼ା ବିଭାଗକୁ କୃତଜ୍ଞତା ଜଣାଇଛନ୍ତି।

ପ୍ରକାଶଯୋଗ୍ୟ, ଗ୍ରେଡ୍ ଅନୁସାରେ କ୍ରୀଡ଼ା ସଂଘ ଗୁଡିକ ପୃଥକପୃଥକ ଭାବେ ଅନୁଦାନ ରାଶି ପାଇବେ। ଏ' ଗ୍ରେଡ୍ ଅନ୍ତର୍ଗତ କ୍ରୀଡ଼ା ସଂଘ(ଚେସ୍ ସଂଘ ବ୍ୟତୀତ) ଗୁଡିକୁ ବାର୍ଷିକ ୧୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଚେସ ସଂଘକୁ ୬ଲକ୍ଷ ଟଙ୍କା ମିଳିବ। ସେହିପରି ବି' ଗ୍ରେଡ୍ ଅନ୍ତର୍ଗତ କ୍ରୀଡ଼ା ସଂଘ ୮ଲକ୍ଷ ଟଙ୍କା, ସି' ଗ୍ରେଡ୍ ଅନ୍ତର୍ଗତ କ୍ରୀଡ଼ା ସଂଘ ୫ଲକ୍ଷ ଟଙ୍କା ଏବଂ ଡି' ଗ୍ରେଡ୍ ଅନ୍ତର୍ଗତ କ୍ରୀଡ଼ା ସଂଘ ବାର୍ଷିକ ୩ଲକ୍ଷ ଟଙ୍କାର ଅନୁଦାନ ରାଶି ପାଇବେ।

### କାହାକୁ କେତେ ବାର୍ଷିକ ଅନୁଦାନ

ବିଭିନ୍ନ ରାଜ୍ୟ କ୍ରୀଡ଼ା ସଂଘ

| କାଟେଗୋରୀ | ଅନୁଦାନ |
|---|---|
| ଗ୍ରେଡ୍-ଏ | ୧୨ ଲକ୍ଷ |
| ଗ୍ରେଡ୍-ବି | ୮ ଲକ୍ଷ |
| ଗ୍ରେଡ୍-ସି | ୫ ଲକ୍ଷ |
| ଗ୍ରେଡ୍-ଡି | ୩ ଲକ୍ଷ |
| ଚେସ୍ ସଂଘ | ୬ ଲକ୍ଷ |

ବିଭିନ୍ନ ଜିଲ୍ଲା ସଂଘ

| ବ୍ଲକ ସଂଖ୍ୟା | ଅନୁଦାନ |
|---|---|
| ୨୦ରୁ ଅଧିକ | ୪ ଲକ୍ଷ |
| ୧୫ରୁ ୨୦ | ୩ ଲକ୍ଷ |
| ୧୦ରୁ ୧୪ | ୨ ଲକ୍ଷ |
| ୧୦ରୁ କମ୍ | ୧.୫ ଲକ୍ଷ |

### କେଉଁ ଗ୍ରେଡ୍‌ରେ କେଉଁ କ୍ରୀଡ଼ା ସଂଘ

ଗ୍ରେଡ୍-ଏ: ଦୌଡ଼କୁଦ, ହକି, ଭାରୋତ୍ତୋଳନ, ତୀରନ୍ଦାଜୀ, ଫୁଟ୍‌ବଲ, କ୍ରିକେଟ୍, ବ୍ୟାଡ୍‌ମିଣ୍ଟନ।

ଗ୍ରେଡ୍-ବି: ବାସ୍କେଟବଲ୍, ବକ୍ସିଂ, ଚେସ୍, ସାଇକ୍ଲିଂ, ଜିମ୍ନାଷ୍ଟିକ୍ସ, ଜୁଡୋ, କବାଡ଼ି, ଖୋ-ଖୋ, କରାଟେ-ଡୋ, ସନ୍ତରଣ, ଟେନିସ, ଟେବଲ ଟେନିସ, ଟାଏକ୍ୱୋଣ୍ଡୋ, ଭଲିବଲ୍, କୁସ୍ତି ଓ ରଗ୍‌ବୀ।

ଗ୍ରେଡ୍-ସି: କାୟାକିଂ ଓ କାନୋଇଂ, ହ୍ୟାଣ୍ଡବଲ୍, ରାଇଫଲ୍ ସୁଟିଂ, ରୋଇଂ, ସିପକ୍‌ଟାକ୍ରୋ, ସଫ୍ଟ ବଲ୍, ୟେଟିଂ (ସେଲିଂ) ଓ ଫେନସିଂ।

ଗ୍ରେଡ୍-ଡି: ବ୍ୟାଡ୍‌ମିଣ୍ଟନ, ବଡି ବିଲ୍ଡିଂ, ରୋଲର୍ ସ୍କେଟିଂ, ନେଟ୍ ବଲ୍, ଟେନିକଏଟ୍, ପାୱାର ଥ୍ରୋ, ଥ୍ରୋ ବଲ୍ ଓ ପିଡବ୍ଲ୍ୟୁଡି କ୍ରୀଡ଼ା।

On the Eve of Padmashree Dr. Krutartha Acharya's Birth Anniversary
SPECIAL HANDLOOM EXPO
ପଦ୍ମଶ୍ରୀ ଡକ୍ଟର କୃତାର୍ଥ ଆଚାର୍ଯ୍ୟଙ୍କ ଜନ୍ମ ବାର୍ଷିକୀ ଉପଲକ୍ଷେ
ସ୍ୱତନ୍ତ୍ର ହସ୍ତତନ୍ତ୍ର ମେଳା
AT Ekamra Haat, Unit -III, Bhubaneswar
From : 15.03.2024 to 31.03.2024, Time : 11.00 AM to 9.00 PM
Inauguration on
16th March, 2024 at 11.30 AM
Organised by :
SAMBALPURI BASTRALAYA HANDLOOM CO-OPERATIVE SOCIETY LTD.
Sponsored by :
Directorate of Textiles, Government of Odisha
All are Cordially invited to the Inaugural Function
Sri Hrushikesh Mahali
Managing Director
Sri Sambit Kumar Acharya
President

## ୧୭ରୁ କଳାହାଣ୍ଡି କପ୍

ଏଥର ସମ୍ବଲପୁରରୁ ଭାଗ ନେବେ ଦୁଇ ଦଳ

କଟକ, ୧୫।୩(ସମିସ): ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ 'କଳାହାଣ୍ଡି କପ୍' ଆସନ୍ତା ୧୭ତାରିଖରୁ ଆରମ୍ଭ ହେବ। ଟୁର୍ଣ୍ଣାମେଣ୍ଟର ପ୍ରାଥମିକ ପର୍ଯ୍ୟାୟ ଏକଦିବସୀୟ ଫର୍ମାଟରେ ଖେଳାଯିବ। ମୋଟ ୩୮ ଟି ଦଳକୁ ନେଇ ୬ଟି ଗ୍ରୁପରେ ବିଭକ୍ତ କରାଯାଇଛି। ତେବେ ପ୍ରଥମ ପର୍ଯ୍ୟାୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ କେବଳ ଡାଏମଣ୍ଡ-ଏ' ଏବଂ ଡାଏମଣ୍ଡ ଗ୍ରୁପ-ବି'ର ମ୍ୟାଚ୍ ହେବ ବୋଲି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ପ୍ରେସବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ଚଳିତ ସଂସ୍କରଣ ଠାରୁ ସମ୍ବଲପୁର ଦୁଇଟି ଦଳରେ ବିଭକ୍ତ ହୋଇ ପ୍ରତିଯୋଗିତାରେ ଭାଗ ନେବ। ଓସିଏର ଗତ ସାଧାରଣ ପରିଷଦ ବୈଠକରେ ଏ ନେଇ ପୂର୍ବରୁ ଘୋଷଣା ହୋଇଥିଲା।

ବାରବାଟୀ ଷ୍ଟାଡିୟମ, ରେଭେନ୍ସା ଗ୍ରାଉଣ୍ଡ, ନିମପୁର ଗ୍ରାଉଣ୍ଡ, ସନସାଇନ ଗ୍ରାଉଣ୍ଡ, ଏମଜିଏମ ଗ୍ରାଉଣ୍ଡ ଏବଂ ଡ୍ରିମସ ଗ୍ରାଉଣ୍ଡରେ ମ୍ୟାଚ୍ ଖେଳାଯିବ। ଉଦ୍‌ଘାଟନୀ ଦିବସରେ ଭୁବନେଶ୍ୱର ଏ- ପୂର୍ବତଟ ରେଳବାଇ, କଟକ ବି- ଖୋର୍ଦ୍ଧା, ସୁନ୍ଦରଗଡ଼-ସମ୍ବଲପୁର ଏ, କଟକ ଏ-ଝାରସୁଗୁଡା, ଯାଜପୁର-ଢେଙ୍କାନାଳ, ରାଉରକେଲା ଏବଂ ବାଲେଶ୍ୱର ବିପକ୍ଷ ମ୍ୟାଚ୍ ରହିଛି। ୧୮ ତାରିଖରେ ଭୁବନେଶ୍ୱର-ଏ ଏବଂ କଟକ-ବି, ପୂର୍ବତଟ ରେଳବାଇ ଏବଂ ସୁନ୍ଦରଗଡ଼, ଖୋର୍ଦ୍ଧା ଏବଂ ସମ୍ବଲପୁର-ଏ, କଟକ-ଏ ଏବଂ ଯାଜପୁର, ଝାରସୁଗୁଡା ଏବଂ ରାଉରକେଲା, ଢେଙ୍କାନାଳ ଓ ବାଲେଶ୍ୱର, ୧୯ ତାରିଖରେ ଭୁବନେଶ୍ୱର-ଏ ଏବଂ ଖୋର୍ଦ୍ଧା, ପୂର୍ବତଟ ରେଳବାଇ ଏବଂ ସମ୍ବଲପୁର-ଏ, କଟକ-ବି ଏବଂ ସୁନ୍ଦରଗଡ଼, କଟକ-ଏ ଏବଂ ଢେଙ୍କାନାଳ, ଝାରସୁଗୁଡା ଏବଂ ବାଲେଶ୍ୱର, ଯାଜପୁର ଏବଂ ରାଉରକେଲା ମଧ୍ୟରେ ମ୍ୟାଚ୍ ରହିଛି। ୨୦ ତାରିଖରେ ବିଶ୍ରାମ ଦିବସ ରହିଛି। ସେହିପରି ୨୧ ତାରିଖରେ ଭୁବନେଶ୍ୱର-ଏ ଏବଂ ସମ୍ବଲପୁର-ଏ, ପୂର୍ବତଟ ରେଳବାଇ ଏବଂ କଟକ-ବି, ଖୋର୍ଦ୍ଧା ଏବଂ ସୁନ୍ଦରଗଡ଼, କଟକ-ଏ ଏବଂ ବାଲେଶ୍ୱର, ଝାରସୁଗୁଡା ଏବଂ ଯାଜପୁର, ଢେଙ୍କାନାଳ ଏବଂ ରାଉରକେଲା, ୨୨ ତାରିଖରେ ଭୁବନେଶ୍ୱର-ଏ ଏବଂ ସୁନ୍ଦରଗଡ଼, ପୂର୍ବତଟ ରେଳବାଇ ଏବଂ ଖୋର୍ଦ୍ଧା, କଟକ-ବି ଏବଂ ସମ୍ବଲପୁର-ଏ, କଟକ-ଏ ଏବଂ ରାଉରକେଲା, ଝାରସୁଗୁଡା ଏବଂ ଢେଙ୍କାନାଳ, ଯାଜପୁର ଏବଂ ବାଲେଶ୍ୱର ବିପକ୍ଷ ମ୍ୟାଚ୍ ରହିଛି।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଓଡିଶା ସରକାରଙ୍କ ଜଳସେଚନ ବିଭାଗର ଅବସର ପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଶ୍ରୀଯୁକ୍ତ ଅଚ୍ୟୁତା ନନ୍ଦ ଦାସଙ୍କର ଗତ ମଙ୍ଗଳବାର ତା. ୧୨.୦୩.୨୦୨୪ରେ ପରଲୋକ ହୋଇଯାଇଛି । ଶ୍ରୀଯୁକ୍ତ ଦାସ ଏହି ଅଞ୍ଚଳର ଏକ କର୍ମଠ, ବନ୍ଧୁବତ୍ସଳ ଓ ଏକ ପରୋପକାରୀ ବ୍ୟକ୍ତି ଥିଲେ । ତାଙ୍କରି ଉଦ୍ୟମରେ ଝାରପଡା ବରିଷ୍ଠ ନାଗରିକ ସଂଘ ପ୍ରତିଷ୍ଠା ହୋଇଥିଲା ଓ ସେ ତାର ପ୍ରତିଷ୍ଠାତା ସମ୍ପାଦକ ଥିଲେ । ମୃତ୍ୟୁ ସମୟରେ ତାଙ୍କ ବାସଭବନ ଜ୍ୟୋସ୍ନାନିବାସରେ ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ଜ୍ୟୋସ୍ନା ଦାସ୍ , ପୁତ୍ର ଅଭିଜିତ୍, ପୁତ୍ରବଧୂ ଉପସିତା, କନ୍ୟା ସ୍ୱାତୀ, ଜ୍ୱାଇଁ ଶିବ ଶଙ୍କର, ନାତୀ ଅଦ୍ୱାନ ଓ ନାତୁଣି ଯାତିଶାଙ୍କ ସହ ସମସ୍ତ ପରିବାର ବର୍ଗ ଉପସ୍ଥିତ ଥିଲେ ।

✓ ଅଚ୍ୟୁତା ନନ୍ଦ ଦାସ
ଆବିର୍ଭାବ: ୨୪.୦୪.୧୯୪୮
ତିରୋଧାନ: ୧୨.୦୩.୨୦୨୪
ଲିଭିଗଲା ତୁମ ପରାଣ ପ୍ରଦୀପ, ସରିଗଲା ତୁମ ଆୟୁ।
ସବୁକିଛି ଆମେ ହରାଇ ବସିଲୁ, ଫେରିବନି ତୁମେ କେବେ ବି ଆଉ।
ଶୋକସନ୍ତପ୍ତ:
ପରିବାର ଏବଂ ବନ୍ଧୁବାନ୍ଧବ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର